

ଜାମ୍ମୁ-କାଶ୍ମୀର ସୁରକ୍ଷା ସ୍ଥିତିର ସମୀକ୍ଷା କଲେ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ନୂଆ ଲୁକ୍‌ରେ ଭାଇଜାନ |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୩ Vol. 22 No-153 2 SEPTEMBER 2025 TUESDAY, BHUBANESWAR ମଙ୍ଗଳବାର, ୨ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ମହାନଦୀରେ ଭାସିଯାଇ ମହିଳା ନିଖୋଜ

ବାଙ୍କୀ, ୧।୯ (ଭାସ୍କର ନ୍ୟୁଜ): ସୋମବାର ସକାଳେ ଖୁଦୁରୁକୁଣି ବିସର୍ଜନ ସାରି ମହାନଦୀରେ ଗାଧୋଉଥିବାବେଳେ ଜଣେ ମହିଳା ଭାସିଯାଇ ନିଖୋଜ ହୋଇଥିବା ସୂଚନା ମିଳିଛି। ତାଙ୍କ ଘର ବାଙ୍କୀ ରତାଗଡ଼ ବୋଲି ପୋଲିସ ସୂଚନା ଦେଇଛି। ଅଗ୍ନିଶମବାହିନୀ ତାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଛନ୍ତି।

### ୪ ସୁଦ୍ଧା ଅଣଛାତ୍ର ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧।୯ (ଭାସ୍କର ନ୍ୟୁଜ): ବାଣୀବିହାର ଜେଣ୍ଟସ ହଷ୍ଟେଲରେ ରହୁଥିବା ଅଣଛାତ୍ରମାନେ ସେମାନଙ୍କ ଆସବାବପତ୍ର ସହ ଆସନ୍ତା ୪ ତାରିଖ ସୁଦ୍ଧା ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜେଣ୍ଟସ ହଷ୍ଟେଲର ୧, ୨, ୩ ଛାଡିବା ପରେ ପଞ୍ଜିକୃତ ଛାତ୍ରମାନଙ୍କୁ ଏହା ଯୋଗାଇ ଦିଆଯିବ ବୋଲି ୱାର୍ଡେନ କହିଛନ୍ତି।

### ଅକ୍ଟୋବର ୮ରୁ ଅମିନ, ଆରଆଇ ପରୀକ୍ଷା

ଭୁବନେଶ୍ୱର, ୧।୯ (ଭାସ୍କର ନ୍ୟୁଜ): ଆସନ୍ତା ଅକ୍ଟୋବର ୮ ତାରିଖରୁ ଅମିନ, ଆରଆଇ ଓ ଆଇସିଡିଏସ୍ ସୁପରଭାଇଜର ପଦବୀ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ନଭେମ୍ବର ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଏ ନେଇ ସୋମବାର ଓଏସଏସଏସସି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସବୁ ଜିଲ୍ଲାରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

### ଥାନାରେ ଫିନାଇଲ ପିଇଲେ ନାବାଳିକା


ବ୍ରହ୍ମପୁର, ୧।୯ (ଭାସ୍କର ନ୍ୟୁଜ): ଗୋପାଳପୁର ଥାନାକୁ ଅଭିଯୋଗ ନେଇ ଆସିଥିବା ଜଣେ ନାବାଳିକା ଫିନାଇଲ ପିଇ ଅସୁସ୍ଥ ହୋଇଛନ୍ତି। ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଛି।

ସେନ୍‌ସେକ୍ସ: ୮୦,୩୬୪.୪୯

ସର୍ବାଧିକ: ୩୨.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

### ୧।୯।୨୦୨୫ ର ମତାମତ

ମୋଦୀ-ଜିନପିଙ୍ଗ୍ ଆଲୋଚନା ଉଭୟ ରାଷ୍ଟ୍ରର ସଂପର୍କକୁ ସୁଦୃଢ କରିବ କି?




### ଆଜିର ପ୍ରସଙ୍ଗ

ଏସ୍‌ସିଓରେ ୩ ମହାଶକ୍ତିଙ୍କ ଅପୂର୍ବ ମିଳନ ବିଶ୍ୱକୁ ନୂଆବାର୍ତ୍ତା ଦେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଆଫଗାନିସ୍ତାନରେ ଭୂକମ୍ପର କରାଳ ରୂପ

# ୮୦୦ରୁ ଊର୍ଦ୍ଧ୍ୱ ମୃତ





- ୨୫୦୦ରୁ ଊର୍ଦ୍ଧ୍ୱ ଆହତ
- ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା
- ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ
- ସମସ୍ତ ସହାୟତା ପାଇଁ ପ୍ରସ୍ତୁତ: ମୋଦୀ

କାବୁଲ/ନୂଆଦିଲ୍ଲୀ, ୧।୯: ଭୟଙ୍କର ଭୂକମ୍ପ ଝଟ୍‌କାରେ ଥରିଲା ଭାରତର ପଡ଼ୋଶୀ ରାଷ୍ଟ୍ର ଆଫଗାନିସ୍ତାନ। ଶକ୍ତିଶାଳୀ ଭୂକମ୍ପରେ ଥରି ଉଠିଲା ନାଙ୍ଗରହାର ପ୍ରୋଭିନ୍ସର ଜଲାଲାବାଦ। ରିକ୍ଟର ସ୍କେଲରେ ତୀବ୍ରତା ୬.୦ ରେକର୍ଡ କରାଯାଇଛି। ଏହି ଭୂକମ୍ପରେ ୮୦୦ରୁ ଅଧିକଙ୍କର ଊର୍ଦ୍ଧ୍ୱଙ୍କର ମୃତ୍ୟୁ ଘଟିଥିବାବେଳେ ୨୫୦୦ରୁ ଅଧିକ ଆହତ ହୋଇଛନ୍ତି। କେତେକ ଘରର ଛାତ ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ଦିଲ୍ଲୀ-ଏନସିଆର ଓ ପାକିସ୍ତାନରେ ମଧ୍ୟ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିବା କୁହାଯାଇଛି। ଆମେରିକାର ଭୂତତ୍ତ୍ୱ ସର୍ଭେ ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ପାକିସ୍ତାନ ସୀମା ନିକଟରେ ଥିବା ପୂର୍ବ ଆଫଗାନିସ୍ତାନରେ ୬.୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର କେନ୍ଦ୍ରସ୍ଥଳ ନାଙ୍ଗରହାର ଜଲାଲାବାଦ ବୋଲି ଆଫଗାନ ସରକାର ସୂଚନା ଦେଇଛନ୍ତି। ଏହାର ଗଭୀରତା ୮ କିମି ପର୍ଯ୍ୟନ୍ତ ବ୍ୟାପ୍ତ ବୋଲି କୁହାଯାଇଛି। ନାଙ୍ଗରହାରରେ ମୃତ୍ୟୁସଂଖ୍ୟା ୮୦୦ ହୋଇଥିବାବେଳେ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଝଟ୍‌କା ଭାରତର ଅନେକ ସ୍ଥାନରେ ଅନୁଭୂତ ହୋଇଛି। ବିଶେଷକରି ଦିଲ୍ଲୀ-ଏନସିଆରରେ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ରବିବାର • ପୃଷ୍ଠା ୫ ଦେଖନ୍ତୁ



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ୨୦୦୦ ଏବଂ ୨୦୦୧ ବ୍ୟାଚ୍‌ର ଭାରତୀୟ ବୈଦେଶିକ ସେବା ଅଧିକାରୀ

## ଏସ୍‌ସିଓ ସମ୍ମିଳନୀରେ ଭାରତର ବଡ଼ କୂଟନୈତିକ ବିଜୟ

# ପହଲଗାମ ଆକ୍ରମଣକୁ ଦୃଢ ନିନ୍ଦା

ନୂଆଦିଲ୍ଲୀ, ୧।୯: ଚୀନ୍‌ର ତିଆନଜିନ୍‌ରେ ଅନୁଷ୍ଠିତ ସାଂଘାଇ କର୍ପୋରେସନ ଅର୍ଗାନାଇଜେସନ (ଏସସିଓ)ର ସଦସ୍ୟ ରାଷ୍ଟ୍ରମାନେ ପ୍ରଥମ ଥରପାଇଁ ଏପ୍ରିଲ ୨୨ର ପହଲଗାମ ନରସଂହାରକୁ ମିଳିତ ଭାବେ ଦୃଢ ନିନ୍ଦା କରିଛନ୍ତି। ଚୀନ୍‌ର • ପୃଷ୍ଠା ୫ ଦେଖନ୍ତୁ



## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ

# ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୧।୯ (ଭାସ୍କର ନ୍ୟୁଜ): ଶ୍ରୀମନ୍ଦିରର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟ ମାନେ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶ୍ରୀମନ୍ଦିର ପରିଚାଳନା ପାଇଁ ନୂତନ କମିଟି ଗଠନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପରିଚାଳନା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ଦିର ନୀତିକାନ୍ତି, ପର୍ବପର୍ବାଣୀ କିପରି ଶୃଙ୍ଖଳିତ ଭାବେ ପାଳିତ ହେବ ଏବଂ ପୁରୀ ସହରର ବିକାଶ କିପରି ତ୍ୱରାନ୍ୱିତ ହେବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ପରିଚାଳନା କମିଟି ସଦସ୍ୟ ମାନଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ • ପୃଷ୍ଠା ୫ ଦେଖନ୍ତୁ

## ଏସ୍‌ସିଓ ସମ୍ମିଳନୀରେ ମୋଦୀଙ୍କ ସମ୍ବୋଧନ

# ଶାନ୍ତି ରାସ୍ତାରେ ଆତଙ୍କବାଦ ବାଧକ

ନୂଆଦିଲ୍ଲୀ, ୧।୯: ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି ୩ ମହାଶକ୍ତି। ଚୀନ୍‌ର ତିଆନଜିନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସମ୍ମିଳନୀରେ ଏକାଠି ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଚୀନ ରାଷ୍ଟ୍ରପତି ଜିନପିଙ୍ଗ୍ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ବିଶ୍ୱ ଦେଖିଲା ଏହି ତିନି ମହାଶକ୍ତିଙ୍କ ମହାମିଳନ। ତିନି ନେତା ପରସ୍ପର ସହ ହାତ ମିଳାଇବା ସହିତ ଅଭିନନ୍ଦନ ଜଣାଇଥିଲେ। ସମ୍ମିଳନୀରେ ସମ୍ବୋଧନ କରି ମୋଦୀ ପାକିସ୍ତାନକୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ଶାନ୍ତି ପ୍ରତିଷ୍ଠା ଦିଗରେ ଆତଙ୍କବାଦ ହେଉଛି ସବୁଠାରୁ ବଡ଼ ପ୍ରତିବନ୍ଧକ। ଏସସିଓ ମଞ୍ଚରେ ପହଲଗାମ ଆତଙ୍କୀ ଆକ୍ରମଣ କଥା ଉଠାଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ କୌଣସି ଦେଶର ବିକାଶ ପାଇଁ ସୁରକ୍ଷା, ଶାନ୍ତି ଓ ସ୍ଥିରତା ଜରୁରି। କିନ୍ତୁ ଆତଙ୍କବାଦ ଏ ସବୁ ପାଇଁ ପ୍ରତିବନ୍ଧକ ସାଜିଛି। ଆତଙ୍କବାଦ ବିରୋଧରେ ଜିରୋ ଟଲେରାନ୍ସ ନୀତି ଆପଣାଇବାପାଇଁ ସେ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ଦୀର୍ଘ ଦଶନ୍ଧିରୁ ଭାରତ ଆତଙ୍କବାଦର ପୀଡ଼ା ସହି ଆସିଛି। ନିକଟରେ ପହଲଗାମ ହମଲା ଏହାର ଉଦାହରଣ। ପହଲଗାମ ଦେଖିଲା ଆତଙ୍କୀଙ୍କ ଜଘନ୍ୟ ରୂପ। ଅନେକ ମା' ନିଜର ସନ୍ତାନ ହରାଇଛନ୍ତି, ଆଉ ଅନେକ ଅନାଥ ମଧ୍ୟ ହୋଇଛନ୍ତି। ପହଲଗାମ ହମଲା ମାନବିକତା ଉପରେ ଆକ୍ରମଣ ଥିଲା। ଏଭଳି କଠିନ ସମୟରେ ଭାରତକୁ ସମର୍ଥନ କରିଥିବା ମିତ୍ର ଦେଶଗୁଡ଼ିକୁ ସେ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ, ଆମେ ଆତଙ୍କବାଦର ପ୍ରତ୍ୟେକ ସ୍ୱରୂପକୁ ବିରୋଧ କରୁଛୁ। • ପୃଷ୍ଠା ୫ ଦେଖନ୍ତୁ



## ଗଡ଼କରୀଙ୍କ ବୟାନକୁ ନେଇ ଚର୍ଚ୍ଚା

# ଭୋଟ୍ ପାଇଁ ନେତା ମିଛ କହନ୍ତି



ନୂଆଦିଲ୍ଲୀ, ୧।୯: ନିଜର ସ୍ପଷ୍ଟବାଦୀ ବକ୍ତବ୍ୟ ପାଇଁ ଜଣାଶୁଣା କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଆଉ ଏକ ବୟାନ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ନାଗପୁରରେ ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ଗଡ଼କରୀ କହିଛନ୍ତି ଯେ ରାଜନୀତିରେ ଭୋଟ ପାଇବା ପାଇଁ ପ୍ରାୟତଃ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥାଏ ଏବଂ ଜନସାଧାରଣଙ୍କୁ ଭ୍ରମିତ କରାଯାଇଥାଏ। ଯିଏ ଜନତାଙ୍କୁ ଯେତେ ବୋକା ବନାଇପାରିବ ସିଏ ସେତେ ସଫଳ ରାଜନେତା ହୋଇପାରିବ ବୋଲି ସେ କହିଥିଲେ। ସୋମବାର ନାଗପୁରରେ ଆୟୋଜିତ ଅଖିଳ ଭାରତୀୟ ମହାନୁଭବ ପରିଷଦର କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଗଡ଼କରୀ କହିଥିଲେ, ରାଜନୀତି ଏବଂ ନେତୃତ୍ୱ ବିଷୟରେ ଏପରି ସତ୍ୟ କହିଥିଲେ, ଯାହାକୁ ନେତାମାନେ ସାଧାରଣତଃ ସାର୍ବଜନୀନ ମଞ୍ଚରୁ କହିବା ପାଇଁ ଏଡ଼ାଇ ଦିଅନ୍ତି। ସେ କହିଥିଲେ, ଏହା କହିବା ସହଜ କିନ୍ତୁ କରିବା କଷ୍ଟକର। କାରଣ ମୁଁ ଯେଉଁ କ୍ଷେତ୍ରରେ କାମ କରେ ସେଠାରେ ହୃଦୟରୁ ସତ୍ୟ କହିବା ନିଷେଧ। ସେ ମରାଠୀ ପ୍ରବାଦକୁ ଉଦ୍ଧାର କରି କହିଥିଲେ ଯେ ହାଉସେ, ନଭାଷେ, ଗାଭସେ ଲୋକ ଅଛନ୍ତି। ଅର୍ଥାତ୍ ଯିଏ ଲୋକଙ୍କୁ ସବୁଠାରୁ ଭଲ ଭାବରେ ବୋକା ବନାଇପାରେ ସିଏ ସର୍ବୋତ୍ତମ ନେତା ହୋଇପାରେ। ଯଦିଓ ଗଡ଼କରୀ ସ୍ଥିତି ସମ୍ଭାଳିବାକୁ ଯାଇ ଏହା ବି କହିଛନ୍ତି, ଗୋଟିଏ କଥା ସତ୍ୟ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି- ଶେଷରେ କେବଳ ସତ୍ୟର ଜୟ ହୋଇଥାଏ। ଗଡ଼କରୀଙ୍କ ଏହି ମନ୍ତବ୍ୟ ରାଜନୈତିକ ମାହୋଲ ଓ ସୋସିଆଲ ମିଡିଆରେ ବିତର୍କ ସୃଷ୍ଟି କରିଛି।

## ଏଥର ଦୁର୍ଗାପୂଜାରେ ବାଜିବନି ଡିଜେ

# ଫୁଟିବନି ଆତସବାଜି




ଭୁବନେଶ୍ୱର, ୧।୯ (ଭାସ୍କର ନ୍ୟୁଜ): ଆଉ ଦିନ କେଇଟା ପରେ ଆସୁଛି ଶାରଦୀୟ ଦୁର୍ଗାପୂଜା। ରାଜଧାନୀର ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଯାଇଛି ଜୋରଦାର ପ୍ରସ୍ତୁତି। ତେବେ ଏଥର ଦୁର୍ଗାପୂଜାରେ ଡିଜେ ବାଜିବ ନାହିଁ କି ଆତସବାଜି ଫୁଟିବ ନାହିଁ। ଲୋକଙ୍କ ଉପରକୁ ଲେଜର ଲାଇଟ୍ ବି ପଡ଼ିବନି। ପୋଲିସ କମିଶନରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ୟୁପିଡିରେ ଅନୁଷ୍ଠିତ ୧୯୦ ମଣ୍ଡପର କର୍ମକର୍ତ୍ତାଙ୍କୁ ନେଇ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଭସାଣବେଳେ ଦେଖାଯାଉଥିବା ବିଭିନ୍ନ ଅସୁବିଧା ସଂପର୍କରେ ବିଭିନ୍ନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାମାନେ ପୋଲିସ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସହିତ ଭୁବନେଶ୍ୱର ୟୁପିଡିରେ ବାଣ ମଧ୍ୟ ଫୁଟିବନି। କେବଳ ରାବଣପୋଡ଼ିରେ ନିର୍ଦ୍ଦିଷ୍ଟ ଡେସିବେଲ୍‌ର ଆତସବାଜିକୁ ଅନୁମତି ଦିଆଯିବ। କୌଣସି ମେଢରେ ଲେଜର ଲାଇଟ୍ ଲଗାଯିବ ନାହିଁ। ଅନେକ ସମୟରେ ଲୋକଙ୍କ ଆଖିରେ ପଡୁଥିବା ଲେଜର ଲାଇଟ୍ ଯୋଗୁ ସାଧାରଣ ଲୋକ ଆଖି ହରାଉଛନ୍ତି। ସେହିପରି ଝାରପଡ଼ା ମଣ୍ଡପରେ ଏଥର ମା' ଦୁର୍ଗା ପୂଜା ପାଇବେନି। ଦୁଇଗୋଷ୍ଠୀ ମଧ୍ୟରେ କନ୍ଦଳ ଯୋଗୁ ଦୁଇ ପକ୍ଷଙ୍କୁ ଅନ୍ୟତ୍ର ଭିନ୍ନ ଭିନ୍ନ ସ୍ଥାନରେ ପୂଜା କରିବା ପାଇଁ ଅନୁମତି ଦିଆଯାଇଛି। ବୈଠକରେ କମିଟିର ସଦସ୍ୟମାନେ ଅଭିଯୋଗ କରିଥିଲେ ଯେ ବର୍ଷା ଯୋଗୁ ମଣ୍ଡପ ସାମ୍ନା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ମଣ୍ଡପ ନିକଟରେ ଥିବା ବଡ଼ବଡ଼ ଗଛ କଟାଯିବା ସହ ତୋରଣ ପାଇଁ ମଣ୍ଡପ ନିକଟରେ ଯାଇଥିବା ବିଦ୍ୟୁତ ତାରକୁ କାଢିବାର ବ୍ୟବସ୍ଥା କରାଯିବାକୁ ଦାବି ହୋଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପ୍ରତ୍ୟେକ ମଣ୍ଡପରେ • ପୃଷ୍ଠା ୫ ଦେଖନ୍ତୁ

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଶିକ୍ଷକମାନଙ୍କ ପାଇଁ ଟିଇଟି ପାସ୍ ବାଧ୍ୟତାମୂଳକ



ନୂଆଦିଲ୍ଲୀ, ୧।୯: ଶିକ୍ଷକମାନଙ୍କୁ ନେଇ ସୋମବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶିକ୍ଷକତା ସେବାରେ ଜାରି ରହିବା କିମ୍ବା ପଦୋନ୍ନତି ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ବାଧ୍ୟତାମୂଳକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ୍ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ ଯେଉଁ ଶିକ୍ଷକମାନଙ୍କର ଅବସର ପାଇଁ ୫ ବର୍ଷରୁ କମ୍ ସମୟ ବାକି ରହିଛି ସେମାନେ ସେବାରେ ଜାରି ରହିବେ। ସେମାନେ ଟିଇଟି ପରୀକ୍ଷା ଦେବା ବାଧ୍ୟତାମୂଳକ ନୁହେଁ। କିନ୍ତୁ ୫ ବର୍ଷରୁ ଅଧିକ ସେବା ଅବଧି ଥିବା ଶିକ୍ଷକମାନେ ସେବା ଜାରି ରଖିବାପାଇଁ ଟିଇଟିରେ ଉତ୍ତୀର୍ଣ୍ଣ ହେବା ଜରୁରି। ଅନ୍ୟଥା ସେମାନେ ନିଜ ଚାକିରିରୁ ଇସ୍ତଫା ଦେଇପାରିବେ କିମ୍ବା ଅବସର ସୁବିଧା ସହ ବାଧ୍ୟତାମୂଳକ ଅବସର ପାଇଁ ଆବେଦନ କରିପାରିବେ। ଏଥିସହିତ ଅଳ୍ପସଂଖ୍ୟକ ଶିକ୍ଷାନୁଷ୍ଠାନ ପାଇଁ ଟିଇଟି ବାଧ୍ୟତାମୂଳକ କରିବା ଏବଂ ଏହା ସେମାନଙ୍କ ଅଧିକାର ଉପରେ କିପରି ପ୍ରଭାବ ପକାଇବ ତାହା ଏକ ବୃହତ ଖଣ୍ଡପୀଠକୁ ପଠାଯାଇଛି। ଟିଇଟି ସଂପର୍କରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଶିକ୍ଷାବ୍ୟବସ୍ଥାରେ ଗୁଣବତ୍ତା ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା ଦିଗରେ ଏକ ବଡ଼ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପ୍ରାଇମେରୀ ଯେତେ ମାଷ୍ଟର, ମାଷ୍ଟ୍ରାଣୀ
ପଡିଗଲା ତାଙ୍କୁ ଚିନ୍ତା।
ଦି'ବର୍ଷରେ ଥରେ ପରୀକ୍ଷା ଦେଇକି
ଫେଲ୍ ହେଲେ ହେବ କେନ୍ତା !
ସୁରୁ ହୋଇଲାଣି କୁନ୍ଥା,
ଆଇନିଟା ଯଦି କଡାକଡି ହୁଏ
ଆନ୍ଦୋଳନ ଶେଷ ପନ୍ଥା !!

ଓଡ଼ିଶା ଭାସ୍କର
# ରାଜ୍ୟ ଖବର



ଟାଙ୍ଗୀ, (ଭାସ୍କର ନ୍ୟୁଜ୍) :ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ଏନ୍ଏସି ରୂପେ ମାନ୍ୟତା ପ୍ରଦାନ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ହୃଦୟରୁ ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି ଟାଙ୍ଗୀ ଅଞ୍ଚଳବାସୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ। ଏହି ଉପଲକ୍ଷେ ଟାଙ୍ଗୀ ଅଞ୍ଚଳରେ ଦେଖା ଦେଇଥିଲା ଉତ୍ସବର ମାହୋଲ। କେକ୍ କାଟିଲେ, ମିଠା ବାଣ୍ଟିଲେ ଓ ଖୁସି ମନାଇଲେ ଟାଙ୍ଗୀ ଅଞ୍ଚଳବାସୀ। ସେଥିପାଇଁ ସବୁଠି ଆରମ୍ଭ ହୋଇଛି ମିଷ୍ଟାନ୍ନ ବଣ୍ଟନ ସାଙ୍ଗକୁ ଆତସବାଜୀର ସେଲିବ୍ରେସନ୍। ସହରାଞ୍ଚଳ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଗ୍ରାମକୁ ସହରାଞ୍ଚଳ ଘୋଷଣା କରିଥିବାରୁ ଟାଙ୍ଗୀ ଅଞ୍ଚଳବାସୀଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ଟାଙ୍ଗୀ ବାସିନ୍ଦା। ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ରାଜନେତା ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ଆଇନଜୀବୀ ନକୁଳ କୁମାର ନାୟକ, ନରେନ୍ଦ୍ର କୁମାର ମହାପାତ୍ରଙ୍କ ସମେତ ଶତାଧିକ ଟାଙ୍ଗୀ ବାସିନ୍ଦା ଉପସ୍ଥିତ ରହି ଖୋର୍ଦ୍ଧା ବିଧାୟକଙ୍କ ସହିତ ସେଲିବ୍ରେସନ କରିଥିଲେ ।



## ଟ୍ରକ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ଜଣେ ୩୧ବର୍ଷର ଯୁବକ ଯାହାଙ୍କ ନାମ ପ୍ରକାଶ କୁମାର ଦାସ ଟ୍ରକ୍ କିଣିବା ଆଶା ରଖି ପାଞ୍ଚବର୍ଷ ତଳେ କେନ୍ଦ୍ରାପଡ଼ା କପାଳେଶ୍ୱର ପଞ୍ଚାୟତର କ୍ଷେତ୍ରବାସି ଜେନାଙ୍କ ଠୁ ଏକ ୧୪ ଚକିଆ ଟ୍ରକ ଯାହାର ନମ୍ବର ଓ.ଡି୨୯ଜି୩୦୪୯କୁ କିଣିଥିଲେ। କ୍ଷେତ୍ରବାସୀ ଜେନା ପ୍ରକାଶ ଦାସଙ୍କ ନାମରେ ଟ୍ରକ ମାଲିକାନା ପାଇଁ ଚୁକ୍ତି କଲା ପରେ ଟ୍ରକର ସମସ୍ତ ଲୋନ କିସ୍ତି ଶୁଝିଥିଲେ। ଟ୍ରକର ସମସ୍ତ କିସ୍ତି ଶୁଝିଲା ପରେ ଟ୍ରକ ମାଲିକାନା ହସ୍ତାନ୍ତର କରିବା ପରିବର୍ତ୍ତେ ଟ୍ରକ୍କୁ ଲୁଚାଇ କେଉଁଠି ପଠାଇ ଦେଇଛନ୍ତି ବୋଲି ଠକାମୀର ଅଭିଯୋଗ କରି



କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଅଭିଯୋଗ କରି ଏବେ ନିତିଦିନ ଥାନାକୁ ନ୍ୟାୟ ଆଶାରେ ଯାଉଛନ୍ତି। ହେଲେ ସମସ୍ତ ଚେଷ୍ଟା ସତ୍ତ୍ୱେ ପୋଲିସ କ୍ଷେତ୍ରବାସୀ ଜେନାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିନାହି।

## ୫ ପଞ୍ଚାୟତକୁ ନେଇ ଚଣ୍ଡିଖୋଲ ଏନ୍ଏସି ଗଠିତ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲକୁ ମିଳିଛି ଏନ୍ଏସିର ମାନ୍ୟତା। ରାଜ୍ୟ ସରକାରଙ୍କ ପକ୍ଷରୁ ଚଣ୍ଡିଖୋଲକୁ ଏନଏସି ଘୋଷଣା କରାଯିବା ପରେ ବଡ଼ଚଣାବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ତେବେ ଚଣ୍ଡିଖୋଲକୁ ଏନ୍ଏସି ମାନ୍ୟତା ମିଳିବା ପରେ ଏହି ଅଞ୍ଚଳର ଲୋକମାନେ ପୌର ଅଞ୍ଚଳର ସୁବିଧା ପାଇ ପାରିବେ। ତେବେ ଚଣ୍ଡିଖୋଲ ଏନଏସିରେ ବଡ଼ଚଣା, ସୁଙ୍ଗୁଡା ଓ ଧାନମଣ୍ଡଳ ଆଦି ତିନି ଗୋଟି ପଞ୍ଚାୟତର ସମସ୍ତ ଗ୍ରାମ ସାମିଲ ହେବା ସହିତ ଭୂଷଣ୍ଡପୁର ପଞ୍ଚାୟତର ଭୂଷଣ୍ଡପୁର, ଖଣ୍ଡିଆବନ୍ଧୀ, ରାଣୀବନ୍ଧୀ ଓ ଅକବରାବାଦ ଗ୍ରାମ ସାମିଲ ହେବା ନେଇ ସୂଚନା ମିଳିଛି। ସେହିପରି ଦର୍ପଣ ମୌଜାର ଦର୍ପଣଗଡ଼ ଗ୍ରାମ ମଧ୍ୟ ଏଥିରେ ସାମିଲ ହେବ। ଅପରପକ୍ଷରେ ୫ଟି ପଞ୍ଚାୟତକୁ ନେଇ ଚଣ୍ଡିଖୋଳେ ଏନ୍ଏସି ଗଠିତ ମାନ୍ୟତା ପାଇବାକୁ ଆବଶ୍ୟକ ଥିବା ଜନସଂଖ୍ୟା ଉପରୋକ୍ତ ଗ୍ରାମରେ ଥିବା ଜନସଂଖ୍ୟା ଠାରୁ ଢେର ଅଧିକ ଥିବା କୁହାଯାଉଛି। ତେବେ ୨୦୧୧ ଜନଗଣନା ଅନୁଯାୟୀ ଏହି ଜନସଂଖ୍ୟା ମଧ୍ୟରେ ସୁଙ୍ଗୁଡା ପଞ୍ଚାୟତର ସୁଙ୍ଗୁଡା ଗ୍ରାମର ଜନସଂଖ୍ୟା ୫୧୪୦ ଥିବା ବେଳେ ନିଶିମଳା ଗ୍ରାମର ୧୪୫୬, ନଅଣପୁର ୩୬, ଖୋଶାଲିପୁର ୯୬୬ ଓ ବେଦିପୁର ଗ୍ରାମର ୨୬ ଜନସଂଖ୍ୟା ଥିବାବେଳେ ବଡ଼ଚଣା ଗ୍ରାମର ୧୬୪୭, ବଡ଼ଚଣା ବଜାର ୨୨୫, ଦେଉଳକୁର ୧୬୬୬, ହସିନବାଦ ୧୯, ହସିନବାଦ ବଡ଼ଚଣା ୯୫, ଶାସନ ପୁରୁଷୋତ୍ତମପୁର ୩୬୧, କାଞ୍ଚିଆ ୧୩୩, ଧାନମଣ୍ଡଳ ଗ୍ରାମରେ ୧୧୮୪, ଦେବତା ସାହି ୧୦୯୯, ଶାସନସିମା ୨୦୧୫, ରାମଚନ୍ଦ୍ରପୁର ଗ୍ରାମରେ ୬୧୩ ଲୋକସଂଖ୍ୟା ରହିଥିବା ବେଳେ ଦର୍ପଣଗଡ଼ରେ ୫୦୬୮, ଭୂଷଣ୍ଡପୁର ୯୫୧, ଅକବରାବାଦ ୫୫୨, ରାଣୀବନ୍ଧୀ ୧୦୮୧, ଖଣ୍ଡିଆବନ୍ଧୀ ୫୦୫ ଲୋକ ସଂଖ୍ୟା ରହିଛି। ସେହିପରି ଚଣ୍ଡିଖୋଲ ଅଞ୍ଚଳ ମଧ୍ୟରେ କୋର୍ଟ, ବ୍ଲକ କାର୍ଯ୍ୟାଳୟ ସହିତ ଜଳ ସମ୍ପଦ ବିଭାଗ, ବିଦ୍ୟୁତ ବିଭାଗ, ଜଳ ଓ ପରିମଳ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ, ଉପ ନିବନ୍ଧକ କାର୍ଯ୍ୟାଳୟ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ତହସିଲ ଓ ଟ୍ରେଜେରୀ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ଅଗ୍ନିଶମ ବିଭାଗ, ଡାକଘର, ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ଭାରତ ସରକାରଙ୍କ ଦୂର ସଂଚାର ବିଭାଗ କାର୍ଯ୍ୟାଳୟ ଓ ୧୫ରୁ ଅଧିକ ବ୍ୟାଙ୍କ କାର୍ଯ୍ୟାଳୟ, ଦୁଇଟି ମହାବିଦ୍ୟାଳୟ, ଆଇଟିଆଇ ସ୍କୁଲ ଓ ୧୦ରୁ ଅଧିକ ସରକାରୀ ବିଦ୍ୟାଳୟ ରହିଥିବା ଜଣାଯାଇଛି। ଅପରପକ୍ଷରେ ସମଗ୍ର ଦେଶରେ ଚଣ୍ଡିଖୋଲର ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ଚଣ୍ଡିଖୋଲ ଛକ ଦେଇ ଦୈନିକ ହଜାର ହଜାର ଗାଡି ରାଜ୍ୟ ତଥା ରାଜ୍ୟ ବାହାରକୁ ଯାତାୟାତ କରିଥାଏ। ତେବେ ବହୁ ବର୍ଷ ପୂର୍ବରୁ ଚଣ୍ଡିଖୋଲକୁ ଉତ୍ତର କଟକ ଜିଲ୍ଲାର ମାନ୍ୟତା ପ୍ରଦାନ ପାଇଁ ଘୋଷଣା କରାଯାଇଥିବା ବେଳେ ଏହାକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ମଧ୍ୟ ପୂର୍ବ ସରକାରରେ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଚଣ୍ଡିଖୋଲକୁ କୌଣସି ମାନ୍ୟତା ପ୍ରଦାନ କରାଯାଇନଥିଲା। ଏଥିପାଇଁ ବଡ଼ଚଣାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗିରହିଥିଲା। ତେବେ ଚଣ୍ଡିଖୋଲକୁ ତା'ର ହକ୍ ଭାବେ ଏନ୍ଏସି ମାନ୍ୟତା ପ୍ରଦାନ କରାଯାଇଥିବାରୁ ବଡ଼ଚଣାବାସୀଙ୍କ ମଧ୍ୟରେ ନାହିଁନଥିବା ଆନନ୍ଦ ପ୍ରକାଶ ପାଇଛି।

## ବ୍ୟାସନଗର ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



ବ୍ୟାସନଗର (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ଭଳି ଚଳିତ ବର୍ଷ ସାରା ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଯାଜପୁର ଜିଲ୍ଲା ବ୍ୟାସନଗର ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ ଏବଂ ୪୧ ତମ ବାର୍ଷିକ ପ୍ରତିଭା ପୂଜା ପାଳିତ ହୋଇଯାଇଛି। ରବିବାର ସକାଳ ୫ ଘଟିକା ସମୟରେ ରାମଧୂନ ଗାନ କରାଯିବା ସହିତ କାର୍ଯ୍ୟାଳୟ ପରିସର ମଧ୍ୟରେ ରହିଥିବା ମହାପୁରୁଷ ଏବଂ ବ୍ୟାସନଗର ସହର ଯାହାଙ୍କ ନାମରେ ନାମିତ ମହାମୁନି ବ୍ୟାସଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସକାଳ ୭ ଘଟିକା ସମୟରେ ପ୍ରଭାତ ଫେରି କାର୍ଯ୍ୟକ୍ରମ କରାଯିବା ପରେ ୮.୩୦ ମିନିଟ୍ ସମୟରେ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରିଥିଲେ। ତେବେ ଦୀର୍ଘଦିନ ହେବ ଟେଣ୍ଡରକୁ ନେଇ ଲାଗିରହିଥିବା ଛକାପଞ୍ଝା ଏବଂ ରାଜନୈତିକ ଚାପରେ ଚଳିତବର୍ଷର ସ୍ୱାୟତ୍ତ ଶାସନ ଦିବସ ଏକପ୍ରକାର ଫିକା ପଡ଼ିଯାଇଛି। ଯାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ନିର୍ଦ୍ଦେଶନାରେ ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ ଏବଂ ସୁଚାରୁରୂପେ ସମ୍ପାଦିତ ହେବାର ରହିଥିଲା ସେ ବ୍ୟାସନଗର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀ ସକାଳର ସମସ୍ତ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ସହିତ ଏନେଇ ନିଜ କାର୍ଯ୍ୟ ବ୍ୟସ୍ତତା ଥିବା ଦର୍ଶାଇବାରୁ କାର୍ଯ୍ୟକ୍ରମ ପାଣିଚିଆ ହୋଇଯାଇଥିଲା। ତେବେ ତାଙ୍କର ଅପରିପକ୍ୱ ମନୋଭାବ ପୋଷଣ ଏବଂ ସମସ୍ତଙ୍କୁ ନେଇ ଚାଲିବା ପ୍ରତି ଅନାଗ୍ରହ ଯୋଗୁଁ ରବିବାର ସକାଳର ସମସ୍ତ କାର୍ଯ୍ୟକ୍ରମରେ ଅନେକ ପାରିଷଦ ଅନୁପସ୍ଥିତି ରହିବା ସହିତ ନିଜେ ଅଧିକାରୀ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରୁ ନିଜକୁ ବିରତ ରଖିଲେ। ତେବେ ଦୁର୍ଭାଗ୍ୟଜନକ ଭାବେ ଅଧିକାରୀ ପତାକା ଉତ୍ତୋଳନର କିଛିକ୍ଷଣ ପରେ ପହଞ୍ଚି ନିଜ କାର୍ଯ୍ୟ ବ୍ୟସ୍ତତା ଜଣାଇବା ପରେ ତାଙ୍କର ଏଭଳି କାର୍ଯ୍ୟକୁ ପାରିଷଦବର୍ଗଙ୍କ ସମେତ ସହରର ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ସହରର ମାନ ସମ୍ମାନ, ବିକାଶ ଆଦି ଦିଗରେ ତାଙ୍କର ନିଘା ଅଛି ତ ଏନେଇ ସହରର ବୁଦ୍ଧିଜୀବୀମାନେ ପ୍ରଶ୍ନ କରୁଥିବା ବେଳେ ଏବେ ଅନ୍ୟମାନେ ମଧ୍ୟ ସମାନ ପ୍ରଶ୍ନ ଦୋହରାଇଛନ୍ତି। ତେବେ ଅଧିକାରୀ ପ୍ରଦୀପ କୁମାର ପାଢୀ କାହିଁକି ପୌର କାର୍ଯ୍ୟରେ ଏଭଳି ଅବହେଳା କରୁଛନ୍ତି ତାହାର ତଦନ୍ତ ହେବା ଜରୁରି ହୋଇପଡିଛି। ସନ୍ଧ୍ୟାରେ ସଂସ୍କୃତି ଭବନରେ ଅନୁଷ୍ଠିତ ପ୍ରତିଭା ପୂଜା କାର୍ଯ୍ୟକ୍ରମରେ ମଧ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀ ଅନୁପସ୍ଥିତ ଥିଲେ। ଯେତେବେଳେ ବ୍ୟାସନଗର ସହର ସ୍ୱାୟତ୍ତ ଶାସନ ଦିବସ ପାଳନ କରୁଛି ସେ ସମୟରେ ଅଧିକାରୀ କାହା ଚାପରେ ଏଭଳି ନିଷ୍ପତ୍ତି ନେଉଛନ୍ତି। ଯାହା ତଦନ୍ତ ସାପେକ୍ଷ। ତେବେ ଏହାରି ମଧ୍ୟରେ ସନ୍ଧ୍ୟାରେ ସଂସ୍କୃତି ଭବନ ପରିସରରେ ପ୍ରତିଭା ପୂଜା କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ଅନ୍ୟତମ ଅତିଥି ଭାବେ କାଉନସିଲର ଶିବାନନ୍ଦ ନାୟକ, ପାର୍ଥସାରଥୀ ନାୟକ, ଦିଲ୍ଲିପ ସେଠୀ, ସନ୍ତୋଷ ବରାଳ, ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସାପଗଡିଆ ୟୁଜିସି ସ୍କୁଲର ପ୍ରଧାନଶିକ୍ଷକ ରଂଜିତ କୁମାର ମହାପାତ୍ର ଉତ୍ସବର ସଂଚାଳନ କରିବା ସହିତ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶେଷରେ ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ ପ୍ରତିଭା ପୂଜା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସାବିତ୍ରୀ ସାହୁ, ସ୍ୱର୍ଣ୍ଣଲତା ସାହୁ, ଶାନ୍ତିଲତା ବେହେରା, ଭାନୁମତୀ ସାହୁ, ସୁପ୍ରଭା ସେଠୀ, ସସ୍ମିତା ଦାସ, ପ୍ରଭାତୀ ମିଶ୍ର, ଶିକ୍ଷକ ମଧୁସୂଦନ ଜେନା, ପୌର କର୍ମଚାରୀ ରତ୍ନାକର ରାଉତ, ସୁଶାନ୍ତ କୁମାର ରାଉତ, ଅର୍ଜୁନ ମୁଖୀ , ଶୁଭଶ୍ରୀ ସାମଲ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥିମାନେ ଉପଢୌକନ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀରୁ ଚୋରି ଅଭିଯୋଗ

କଣ୍ଟାପଡା, (ଭାସ୍କର ନ୍ୟୁଜ୍) : ଗୋବିନ୍ଦ ପୁର ଥାନା ଅଧିନସ୍ତ ବ୍ରାହ୍ମଣ ସାଇଲୋ ପଂଚାୟତ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀରୁ କେତେକ ଦୁର୍ବୃତ୍ତ ଗ୍ରିଲ ତାଲା ଭାଙ୍ଗି ପାଇଖାନା ପ୍ୟାନ ଓ ଗାଧୁଆ ଘରେ ଲାଗିଥିବା ୨୮ ଗୋଟି ଫିଟିଂ, ଜୀନିଷ ଓ ତିନି ଗୋଟି ପଙ୍ଖା ଚୋରି ହୋଇଥିବା ଗୋବିନ୍ଦ ପୁର ଥାନାରେ ବ୍ରାହ୍ମଣ ସାଇଲୋ ସରପଞ୍ଚ ତୃପ୍ତି ରଂଜନ ରାଉତରାୟ ଅଭିଯୋଗ କରିଛନ୍ତି। ଏ ସବୁ ସାମଗ୍ରୀର ମୂଲ୍ୟ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଇଣ୍ଡିଆ ବୈଠକ

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳପଡା ପଞ୍ଚାୟତର ରାହାମା ସ୍ଥିତ ଗୁଣ୍ଡିଚା ମନ୍ଦିର ପରିସରରେ ଅଖିଳ ଭାରତ ଗ୍ରାହକ ପଞ୍ଚାୟତର ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ବେହୁରା ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଆବଶ୍ୟକତା ଥିବା ମତ ରଖିଥିଲେ। ବିଦ୍ୟୁତ ବିଭାଗ ଏବଂ ଘରୋଇ ଟେଲିକମ ସଂସ୍ଥା କିଭଳି ଗ୍ରାହକମାନଙ୍କୁ ଶୋଷଣ କରୁଛନ୍ତି ସେ ସମ୍ପର୍କରେ ନିଜର



ବକ୍ତବ୍ୟ ରଖି ଆଇନଗତ ଏହାର ମୁକାବିଲା ପାଇଁ ପ୍ରତ୍ୟେକ ଗ୍ରାହକ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ନୃସିଂହ ଚରଣ ବାରିକଙ୍କ ଆହ୍ୱାନ କ୍ରମେ ଏହି ବୈଠକରେ ରାଷ୍ଟ୍ରବାଦୀ ଯୁବସଂଗଠକ ତଥା ସମାଜ ସୁଧାରକ ଡକ୍ଟର ଅରୁଣ ପାଣି, ଗୌରାଙ୍ଗ ଚରଣ ସ୍ୱାଇଁ,ଏନସିଟିସି ଅଧ୍ୟକ୍ଷ କ୍ଷୀରୋଜ ଦାସ, ଶିକ୍ଷାବିତ ବିଷ୍ଣୁ ପ୍ରସାଦ ସେଠୀ, କବି କାଶୀନାଥ ସାହୁ, ସାମ୍ବାଦିକ ସ୍ମୃତି ରଞ୍ଜନ ଦାସ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପ୍ରମୋଦ ମଲ୍ଲିକ୍, ସାରଦା ପ୍ରସନ୍ନ ପରିଜା, ଜଗନ୍ନାଥ ସାହୁ, ନୃସିଂହ ଚରଣ ଦାସ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ୍ ଓ ଶରତ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଜିଲ୍ଲାର ପ୍ରତି ବ୍ଲକରେ ଏକ କର୍ମଶାଳା କରାଯାଇ ଜନ ସଚେତନତା କରାଯିବ ବୋଲି ନେତୃମଣ୍ଡଳୀ ପକ୍ଷରୁ ସୂଚନା ଦିଆଯାଇଥିଲା। ସର୍ବଶେଷରେ ଶେଷରେ ତିର୍ତ୍ତୋଲ ପ୍ରେସ କ୍ଲବର ଉପାଧ୍ୟକ୍ଷ ପଦ୍ମଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଦୁର୍ଘଟଣାଗ୍ରସ୍ତ ଅଳ୍ପକେ ବର୍ତ୍ତିଲେ ପରିବାର

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଜାତୀୟ ରାଜପଥ-୪୯ର ବେଲପାହାଡ଼-ଗାନ୍ଧୀଛକ ମଧ୍ୟରେ ଥିବା ଆମଦର ନିକଟରେ ରବିବାର ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ସିଜି ୦୪ କେଆର୍ ୭୭୭୪ କାର୍‌ଟି ଦ୍ରୁତଗତିରେ ବନହରପାଲି ପଟୁ ଝାରସୁଗୁଡ଼ା ଆଡ଼କୁ ଯାଉଥିଲା। ତେବେ ଆମଦର ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ଗାନ୍ଧୀଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ କାର୍ ଭିତରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କର କୌଣସି କ୍ଷୟକ୍ଷତି ହୋଇ ନଥିବା ବେଳେ ସମସ୍ତେ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ପୋଲିସ କାର୍‌ଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଅର୍ଦ୍ଧଦଗ୍ଧ ଅଜଣା ମୃତଦେହ ଉଦ୍ଧାର

କୋଇଡା (ଭାସ୍କର ନ୍ୟୁଜ୍) : କୋଇଡା ଥାନା ଅନ୍ତର୍ଗତ କାଶିରା ଗ୍ରାମ ନିକଟରେ ଅବସ୍ଥିତଥିବା ଜେଏସଡବ୍ଲ୍ୟୁ ଖଣିର ତିନି ନମ୍ବର ଗେଟ୍ ସନ୍ନିକଟ ଜଙ୍ଗଲରୁ ରବିବାର ସକାଳୁ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ଅନୁଯାଇ ଗ୍ରାମବାସୀ ଜଙ୍ଗଲରୁ ଛତୁ ଗୋଟାଇବା ପାଇଁ ଯିବା ବେଳେ ଏକ ମୃତଦେହ ପଡିଥିବାର ଦେଖି ପୋଲିସକୁ ଜଣାଇଥିଲେ। ମୃତଦେହ ପଡ଼ିଥିବା ସ୍ଥାନରେ ଘାସ, ଛୋଟ ଗଛ ପୋଡି ଯାଇଥିବା ଓ ନିକଟରେ ଦିଆସିଲି, ଖାଲି ବୋତଲ ଓ ଚପଲ ପଡ଼ିଥିବା ବେଳେ ପରିଚୟ ନଷ୍ଟ ପାଇଁ ମୃତଦେହ ଟିକୁ କେହି ପୋଡି ଦେଇଥିବା ଅନୁମାନ କରାଯାଇଛି। କୋଇଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଫୋରେନସିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ମୃତଦେହଟି ଜଣେ ପୁରୁଷଙ୍କର ବୋଲି ସ୍ପଷ୍ଟ ହୋଇଥିବା ବେଳେ ପାଞ୍ଚରୁ ସାତଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। କୋଇଡା ପୋଲିସ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ସହିତ ୟୁଡ଼ି କେସ ନଂ ୧୫/ ୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଜିଲ୍ଲାସ୍ତରୀୟ ଉଷୁ ପ୍ରତିଯୋଗିତା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ବଡବିଲଠାରେ ଅବସ୍ଥିତ ଉଷୁ ଷ୍ଟାଡିୟମଠାରେ କେନ୍ଦୁଝର ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଉଷୁ ପ୍ରତିଯୋଗୀ ଚୟନ ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇ ବିଭିନ୍ନ ବିଭାଗ ନିମନ୍ତେ ପ୍ରତିଯୋଗୀ ଚୟନ କରାଯାଇଛି। ଶାରିରୀକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା ମୁଖ୍ୟ ଅତିଥି, ଏବିଇଓ ଦିଲ୍ଲିପ ବେହେରା, ସିଆରସିସି ଦୁଃଖବନ୍ଧୁ ମିଶ୍ର ଓ ଦେବାଶିଷ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।



ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶିକ୍ଷକ ପଙ୍କଜ କୁମାର ମହାନ୍ତ, ସାବିତ୍ରୀ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶ୍ରୀଧର ମାଝୀ, ନଳିନୀ ମହାନ୍ତ ତଥା ଯୋଡା ବ୍ଲକର ଶାରିରୀକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀଗଣ ସହଯୋଗ କରିଥିଲେ। ଏଥିରେ ଚୟନ ହୋଇଥିବା ପ୍ରତିଯୋଗୀ କେନ୍ଦୁଝରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ଟାଙ୍ଗୀରେ ୩୨, ଚାନ୍ଦପୁରରେ ୨୨ ଗଜାନନ ମେଢ଼ଙ୍କ ଭସାଣି ସମ୍ପନ୍ନ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ପ୍ରଭୁ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ପାଇଁ ଚାରିଆଡେ ଉତ୍ସାହ ଦେଖିବାକୁ ମିଳିଥିଲା। ସ୍କୁଲ, କଲେଜ, କାର୍ଯ୍ୟାଳୟ ଓ ଦୋକାନ ବଜାରରେ ଗଣେଶ ପୂଜାର ଆୟୋଜନ ହୋଇଥିଲା। ଆଜି ଧୁମଧାମରେ ଭଷାଣି ଉତ୍ସବ ପାଳନ ହୋଇଛି। ସ୍କୁଲ-କଲେଜ ଓ ଶିକ୍ଷା ଅନୁଷ୍ଠାନ ଏବଂ ବିଭିନ୍ନ କ୍ଲବ, ଯୁବଗୋଷ୍ଠୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଟାଙ୍ଗୀ ଓ ଚାନ୍ଦପୁର ଅଞ୍ଚଳରେ ପ୍ରତିଯୋଗିତା ମୂଳକ ସାଜସଜ୍ଜା କରାଯାଇ ଅସ୍ଥାୟୀ ମଣ୍ଡପରେ ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା କରାଯାଉଥିଲା। ଆଲୋକ ତୋରଣରେ ଦୁଲୁକୁଥିଲା ଟାଙ୍ଗୀ-ଚାନ୍ଦପୁର ଅଞ୍ଚଳ।



ଟାଙ୍ଗୀ ଅଞ୍ଚଳରେ ୩୨ ଟି ଓ ଚାନ୍ଦପୁର ଅଞ୍ଚଳରେ ୨୨ ଟି ମେଢ଼ କରାଯାଇଥିଲା ଏବଂ ଆଜି ଅସ୍ଥାୟୀ ପୂଜା ମଣ୍ଡପରୁ ବିଦାୟ ନେଇ ବିସର୍ଜନ ହୋଇଛନ୍ତି ପ୍ରଭୁ ଗଜାନନ। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ସହଯୋଗ କରିଥିଲା। ଭାଦ୍ରବ ମାସ ଶୁକ୍ଲପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଇଥିଲା। ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା। ଧରାପୃଷ୍ଠରେ ବିରାଜିଥିଲେ ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶ ଏବଂ ଆଜି ଟାଙ୍ଗୀ-ଚାନ୍ଦପୁର ଅଞ୍ଚଳରୁ ବିଦାୟ ନେଇଛନ୍ତି। ଗଜାନନଙ୍କ ଆବାହନ ପାଇଁ ଟାଙ୍ଗୀ-ଚାନ୍ଦପୁର ଅଞ୍ଚଳରେ ଯେପରି ଚଳଚଞ୍ଚଳ ହୋଇଥିଲା ଠିକ୍ ସେହିପରି ଭଷାଣି ଉତ୍ସବ ନେଇ ଚଳଚଞ୍ଚଳ ହୋଇଥିଲା ଟାଙ୍ଗୀ-ଚାନ୍ଦପୁର ଅଞ୍ଚଳର ଯୁବଗୋଷ୍ଠୀ। ଡି.ଜେ. ଗାଡ଼ିର ତାଳେ ତାଳେ ଯୁବଗୋଷ୍ଠୀ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ମୃଣ୍ମୟ ମୂର୍ତ୍ତି ଗୁଡିକୁ ବିସର୍ଜନ କରିଥିଲେ। ଉଚ୍ଚ କୁଟୀର ସାଜସଜ୍ଜା ପାଇଁ ବିଭିନ୍ନ ପୂଜା ମଣ୍ଡପକୁ ପୁରସ୍କୃତ କରାଯାଇଥିଲା।

## ନିଶାମୁକ୍ତ ଭସାଣି, ଡିଜେ ମୁକ୍ତ ରୋଶଣି ପାଇଁ ଦାବି

ଖୋର୍ଦ୍ଧା, (ଭାସ୍କର ନ୍ୟୁଜ୍) : ପାର୍ବଣ ଋତୁରେ ଦେବା ଦେବୀଙ୍କ ବିସର୍ଜନ ଏବଂ ବିବାହ ଉତ୍ସବର ବରଯାତ୍ରୀଙ୍କ ଶୋଭାଯାତ୍ରାକୁ ଆନନ୍ଦମୟ କରିବାକୁ ସଙ୍ଗୀତ, ନୃତ୍ୟ, ରୋଷଣୀ ଆମ ସାମାଜିକ ଜୀବନର ଅଂଶ ବିଶେଷ। କିନ୍ତୁ ବର୍ତ୍ତମାନ ଏଥିରେ ଦେଖାଦେଇଥିବା ସ୍ଖଳନ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି। ଏହାର ପ୍ରତିକାର ଦିଗରେ ସମାଜର ପ୍ରତ୍ୟେକ ବର୍ଗ ଆଗେଇ ଆସିବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି। ନିଶାମୁକ୍ତ ଭଷାଣୀ ଓ ପ୍ରାଣଘାତୀ ଡିଜେ ମୁକ୍ତ ରୋଷଣୀ ଦାବି କରିଛି ମଞ୍ଚ । ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ମଞ୍ଚର ସଭାଗୃହରେ ଅନୁଷ୍ଠିତ ବୈଠକରେ ଦେବପ୍ରସାଦ ମଜୁମଦାର ପୌରହିତ କରିଥିଲେ।



ସହସମ୍ପାଦକ ସନ୍ତୋଷ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କେଦାରନାଥ ରାୟ, ଦୁର୍ଗାପ୍ରସାଦ ମିଶ୍ର, ମନୋରଞ୍ଜନ ଜେନା, ଅଖିଳ କୁମାର ପ୍ରଧାନ, ଡାକ୍ତର ବାସୁଦେବ ପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆମର ଆନନ୍ଦ ଅନ୍ୟମାନଙ୍କ ଦୁଃଖର କାରଣ ହେବା ଉଚିତ ନୁହେଁ। ଏବେ ମଧ୍ୟ ଓଡ଼ିଶାର ପାରମ୍ପାରିକ ବାଦ୍ୟର ତାଳେ ତାଳେ ଆନନ୍ଦ ଉଲ୍ଲାସର ସହିତ ବିଭିନ୍ନ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ପ୍ରାଣଘାତୀ ଶବ୍ଦ ସୃଷ୍ଟିକାରୀ ଡିଜେ ଗାଡି ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଅବସ୍ଥିତ ଗୃହରେ ବୟସ୍କ ବ୍ୟକ୍ତି, ଅସୁସ୍ଥ ରୋଗୀ, ଗର୍ଭବତୀ ମହିଳା, ଶିଶୁମାନଙ୍କ ଯନ୍ତ୍ରଣାଦାୟକ ଅବସ୍ଥାକୁ ବିଚାର କରିବା ଉଚିତ ବୋଲି ସଭାରେ ମତ ପ୍ରକାଶ କରାଯାଇ ଅଛି। ନିଶା ମୁକ୍ତ ଭଷାଣୀ ସହିତ ଡିଜେ ମୁକ୍ତ ରୋଷଣୀକୁ ବିଚାର କରି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପୂଜା କମିଟିର କର୍ମକର୍ତ୍ତା ଏବଂ ବିବାହ ଶୋଭାଯାତ୍ରାରେ ବରଯାତ୍ରୀ ଦଳଙ୍କୁ ବରିଷ୍ଠ ନାଗରିକ ମଞ୍ଚ ନିବେଦନ କରିଅଛି । ମଞ୍ଚ ପକ୍ଷରୁ ଆୟୋଜିତ ବୈଠକରେ ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ସାମ୍ବାଦିକ ରଞ୍ଜିତ କେ.ଏନ୍. ସାମନ୍ତରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚର ଦେଢଶହରୁ ଉର୍ଦ୍ଧ୍ୱ ସଦସ୍ୟ/ସଦସ୍ୟା ସାମିଲ ଥିଲେ। ଶେଷରେ ମଞ୍ଚର ସମ୍ପାଦକ ରାମଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ କ୍ରୀଡା ଦିବସ ଅବସରରେ ସାଇକେଲ ଶୋଭାଯାତ୍ରା

ଆଳି, (ଭାସ୍କର ନ୍ୟୁଜ୍) : କ୍ରୀଡାର ଯାଦୁଗର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ଜିଲ୍ଲା ପ୍ରଶାସନ(କ୍ରୀଡା ବିଭାଗ) ତରଫରୁ ସାଇକେଲ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୂଆ ବସଷ୍ଟାଣ୍ଡରୁ ସାଇକେଲ ଶୋଭାଯାତ୍ରା ବାହାରି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମାପ୍ତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସାଇକେଲ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ )ରବୀନ୍ଦ୍ର କୁମାର ମଲ୍ଲିକ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ରାଲିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ୟୁଥ ଏଥଲେଟିକ ଏକାଡେମୀର କ୍ରୀଡ଼ାବିତ ସମେତ ପ୍ରାୟ ୨ ଶହ



ଛାତ୍ରଛାତ୍ରୀ ସାମିଲ ଥିଲେ। ରାଲିରେ ନିଜେ ଜିଲ୍ଲାପାଳ ସାଇକେଲ ଚଳାଇ କଲେଜ ପର୍ଯ୍ୟନ୍ତ ଯାଇଥିଲେ। ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ଅଟେ। ସାଇକେଲ ଚଳାଇବା ଦ୍ୱାରା ନିଜ ଶରୀର ଫିଟ ରହିବା ସହିତ ମାନସିକ ସ୍ଥିତି ଭଲ ରହିଥାଏ, ସେଥିପାଇଁ ସମସ୍ତେ ସାଇକେଲ ଚଳାଇବା ଉଚିତ। ଏହା ଛଡା ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜିକରଣ ପ୍ରକ୍ରିୟା ଜାରୀ ରହୁଥିବାରୁ, ସମସ୍ତେ ଏହି ମହୋତ୍ସବରେ ଅଧିକ ମାତ୍ରାରେ ସାମିଲ ହୋଇ ପଞ୍ଜିକରଣ କରିବାପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

## ୩ ଓ ୪ରେ ହେବ କନିଷ୍ଠ ରାଜ୍ୟସ୍ତରୀୟ ଖେଳକୁଦ ପାଇଁ ଖେଳାଳି ଚୟନ ପ୍ରକ୍ରିୟା

ବାରିପଦା, (ଭାସ୍କର ନ୍ୟୁଜ୍) : ସେପ୍ଟେମ୍ବର ମାସ ୨୨ ରୁ ୨୪ ତାରିଖ ମଧ୍ୟରେ କନିଷ୍ଠ ପୂର୍ବାଞ୍ଚଳ ଖେଳକୁଦ ଖେଳକୁଦ ଚାମ୍ପିୟାନସିପ ପାଇଁ କଟକରେ ୬ ଓ ୭ ତାରିଖରେ କନିଷ୍ଠ ବର୍ଗ ଓଡିଶା ଦଳ ପାଇଁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ ଓ ଏହି ଅବସରରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ସେପ୍ଟେମ୍ବର ୩ ଓ ୪ ତାରିଖ ଦିନ ବାରିପଦା ଷ୍ଟାଡିୟମରେ ଜିଲ୍ଲା ପାଇଁ ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ଓ ଏହି ଚୟନ ପ୍ରକ୍ରିୟାରେ ୧୪, ୧୬, ୧୮ ଓ ୨୦ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ମାନେ ଅଂଶଗ୍ରହଣ କରିପାରିବେ ଓ ଇଚ୍ଛୁକ ଖେଳାଳି ମାନେ ନିଜନିଜର ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ ଓ ଗୋଟିଏ ପାସପୋର୍ଟ ଫୋଟୋ ଦାଖଲ କରି ସେପ୍ଟେମ୍ବର ୩ ତାରିଖ ପୂର୍ବାହ୍ନ ସୁଦ୍ଧା ବାରିପଦା ଷ୍ଟାଡିୟମ ଅଫିସରେ ନାମ ପଞ୍ଜିକରଣ କରିପାରିବେ ବୋଲି ଏଥଲେଟିକ ସମ୍ପାଦକ ଅମ୍ବିକା ରାଉତଙ୍କ ସୂତ୍ରରୁ ପ୍ରକାଶ ଓ ବିଶେଷ ବିବରଣୀ ଜାଣିବା ପାଇଁ ୯୪୩୮୭୮୮୦୮୮/ ୯୪୩୭୧୦୪୦୭୨ ରେ ଯୋଗାଯୋଗ କରିବାକୁ ସାଧାରଣ ସମ୍ପାଦକ ଶ୍ରୀ ଦାସ ଅନୁରୋଧ କରିଛନ୍ତି।

## ଗୋଟିଏ ସ୍ଥାନରେ ୩ ବର୍ଷରୁ ଉର୍ଦ୍ଧ୍ୱ କାମ କରିଥିବା କର୍ମଚାରୀଙ୍କୁ ବଦଳି ନିର୍ଦ୍ଦେଶ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏଣିକି ୩ ବର୍ଷରୁ ଅଧିକ କାର୍ଯ୍ୟ କର୍ମଚାରୀ କାମ କରିପାରିବେ ନାହିଁ । କାର୍ଯ୍ୟାଳୟରେ ସ୍ୱଚ୍ଛତା ପାଇଁ ସରକାର ଦୃଢ ପଦକ୍ଷେପ ସ୍ୱରୂପ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶାନାମା ଜାରୀ କରିଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଚିଠି ସଂଖ୍ୟା ୨୨୦୬୯ ତା ୨୦/୦୮/ ୨୦୨୫ରେ ଏହି ସଂକ୍ରାନ୍ତରେ ନିର୍ଦ୍ଦେଶାନାମ ପ୍ରକାଶ ପାଇଛି। ସାଧାରଣ ପ୍ରଶାସନ ବିଭାଗର ୦୧/ ୦୭/୧୯୯୨ର ନିୟମାବଳୀ ଅନୁସାରେ ୩ ବର୍ଷ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ଅନ୍ୟ ସ୍ଥାନକୁ ବଦଳି କରାଯିବ। ଏହି ନିୟମାବଳି ଅନୁସାରେ ଅଧିକ ଦିନ କାର୍ଯ୍ୟ କରିଥିବା ୫୦ ଶତକଡା କର୍ମଚାରୀଙ୍କୁ ପ୍ରଥମ ବର୍ଷ ବଦଳି କରାଯିବ ଏବଂ ତା' ପରବର୍ଷ ଅନ୍ୟ ୫୦ଶତକଡା କର୍ମଚାରୀଙ୍କୁ ବଦଳି କରାଯିବ। ଏହି ନିୟମ ଅନୁସରଣ କରି ରାଜ୍ୟର ବିଭିନ୍ନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ତୁରନ୍ତ ବଦଳି କରାଯିବ। ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି କର୍ମଚାରୀମାନେ ରହିଲେ ସେମାନଙ୍କର ସ୍ୱେଚ୍ଛାଚାରିତା ବୃଦ୍ଧି ସହ ଦୁର୍ନୀତି ବୃଦ୍ଧି ପାଉଥିଲା। ସବୁବେଳେ ଏହି ବଦଳି ନିୟମିତ ବ୍ୟବଧାନରେ ହେଲେ କାର୍ଯ୍ୟାଳୟ ଗୁଡିକରେ ସ୍ୱଚ୍ଛତା ବଜାୟ ରହିବ। ପ୍ରକାଶ ଥାଉକି ବିଭିନ୍ନ କାର୍ଯ୍ୟାଳୟରେ ବହୁ ବର୍ଷ ଧରି କାର୍ଯ୍ୟକରୁଥିବା କର୍ମଚାରୀଙ୍କ ବଦଳି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନେକ ବ୍ୟକ୍ତି ଅଭିଯୋଗ କରିବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହି ଭଳି ନିଷ୍ପତ୍ତି ନେଇଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିଭିନ୍ନ ଶିକ୍ଷକ ସଂଗଠନ ସ୍ୱାଗତ କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ): ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତର ରଖିଛନ୍ତି । ମାମଲାର ଶୁଣାଣିବେଳେ ଗତ ଜୁଲାଇ ୨୮ରେ ସିବିଆଇ ରବିନ୍ଦ୍ରଙ୍କୁ ଜେରା କରିଥିବା ନେଇ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି । ସୂଚନାଥାଉକି ଏହି ମାମଲାରେ ସିବିଆଇ ପୂର୍ବରୁ ତାଙ୍କୁ ନୋଟିସ୍ ଜାରି କରି ହାଜର ହେବାକୁ ଆଦେଶ ଦେବା ସହ ତଦନ୍ତକାରୀ ସଂସ୍ଥା ନିକଟରେ ହାଜର ହୋଇ ପକ୍ଷ ରଖିବାକୁ ଆଦେଶ ଦେଇଥିଲେ । ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ରେକର୍ଡପତ୍ର ଯୋଗାଇବାକୁ ସେ ହାଇକୋର୍ଟରେ ଆବେଦନ କରିଥିଲେ । ତେବେ ମାମଲାର ପରବର୍ତ୍ତୀ ଶୁଣାଣିଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ଆଦେଶ ଦେଇଛନ୍ତି । ଆସନ୍ତା ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ପୂର୍ବରୁ ମଧ୍ୟ ହାଇକୋର୍ଟ ବିଜେଡିର ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ସିବିଆଇ ମାମଲା ରଦ୍ଦ ଆବେଦନକୁ ଖାରଜ କରିଥିଲେ । ସିସୋର ଚିଟଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ରଦ୍ଦ ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।



ବିଡିଏର ୪୩ତମ ପ୍ରତିଷ୍ଠା ଦିବସ

# ‘ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ଲକ୍ଷ୍ୟ’



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୩ତମ ପ୍ରତିଷ୍ଠା ଦିବସ ସୋମବାର ଜୟଦେବ ଭବନରେ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ, ବିଡିଏ ଉପାଧ୍ୟକ୍ଷ ଡା.ଏନ୍ ତିରୁମାଲା ନାୟକ, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ମହାପାତ୍ର ତାଙ୍କ ଅଭିଭାଷଣରେ ଭୁବନେଶ୍ୱରର ଦ୍ରୁତ ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ନଜରରେ ରଖି ସହରୀ ଯୋଜନାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ସେ ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତରିତ କରିବାର ସ୍ୱପ୍ନ ସହିତ, ସହରର ଅଭିବୃଦ୍ଧି, ରାଜଧାନୀରେ ନିଜର ସ୍ୱପ୍ନର ଘର ଗଢ଼ିବା ପାଇଁ ଚାହୁଁଥିବା ଲୋକଙ୍କ ସ୍ୱପ୍ନକୁ ସଫଳ କରିବା ଦିଗରେ ବିଡିଏର ପ୍ରତିବଦ୍ଧତା ବିଷୟରେ ସେ କହିଥିଲେ । ମେୟର ଭୁବନେଶ୍ୱରକୁ ସମସ୍ତଙ୍କ ପାଇଁ ଉପଯୁକ୍ତ ସହରରେ ଗଢ଼ିବାରେ ବିଡିଏର ମୁଖ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ । ବିଡିଏ ଉପାଧ୍ୟକ୍ଷ ସହରର ବ୍ୟାପକ ବିକାଶ ଓ ବାସିନ୍ଦାଙ୍କ ଜୀବନଧାରଣ ମାନ ବୃଦ୍ଧି ଦିଗରେ କର୍ତ୍ତୃପକ୍ଷଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ବିଡିଏ କର୍ମଚାରୀଙ୍କ ପାଇଁ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି ଦୋହରାଇଛନ୍ତି । ଏହି ଅବସରରେ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ ।



ନିରଙ୍କରୀ ନଗର ସାଲିଆ ସାହି ଭୁବନେଶ୍ୱରସ୍ଥ ଯୁବ ବସ୍ତି ବିକାଶ ପରିଷଦର ଗଣେଶ ପୂଜା

# ଚାଷୀଙ୍କୁ ଚାଷ ପଦ୍ଧତି ପ୍ରଶିକ୍ଷଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ମହାବିଦ୍ୟାଳୟର ୪ର୍ଥ ବର୍ଷ ଛାତ୍ରୀମାନେ ଚାଷୀମାନଙ୍କୁ ଜୈବିକ ପ୍ରଣାଳୀରେ ଚାଷ ପଦ୍ଧତି ପ୍ରଶିକ୍ଷଣ ଦେଇଛନ୍ତି । ବାଲିଅନ୍ତା ବ୍ଲକ ଶିଙ୍ଗିରିଶାସନ ଗ୍ରାମଠାରେ ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ଚାଷରେ ପୋକ, କୀଟ-ପତଙ୍ଗ ଲାଗିଲେ ଜୈବିକ ପଦ୍ଧତିରେ ଫସଲ ସୁରକ୍ଷିତ ରଖିବା କୌଶଳ ନେଇ ଚାଷୀମାନଙ୍କ ସହ ଆଲୋଚନା ହୋଇଥିଲା । ଚାଷୀମାନଙ୍କ ସହ ପ୍ରତ୍ୟକ୍ଷ ଭାବ ବିନିମୟ କାର୍ଯ୍ୟକ୍ରମ କୃଷିବିଜ୍ଞାନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଶ୍ରୀକୁମାର ସମ୍ଭବ ଓ ଡଃ ଶୁଭଶ୍ରୀ ସରକାରଙ୍କ ତତ୍ତ୍ୱାବଧାନରେ ହୋଇଥିଲା । କ୍ଷେତ୍ର ପ୍ରଦର୍ଶନ ସହିତ ଚାଷୀମାନଙ୍କୁ ବିଭିନ୍ନ କୌଶଳ ଶିଖାଇବା ସହ ଆଲୋଚନା କାର୍ଯ୍ୟକ୍ରମରେ ଛାତ୍ରୀ କୁମାରୀ ସିମରନ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ, ସ୍ନେହାଶୀଷ ସାମଲ, ଅନୀଷା ସେଠୀ, ଆସ୍ଥା ତ୍ରିପାଠୀ, ସୁହାସିନୀ ସିଂ, ଶ୍ୱେତାମେଘା ବାର୍ଷିନୀ, ଲୋପାମୁଦ୍ରା ପ୍ରଧାନ, ଅଭିପ୍ସା ଶତପଥୀ, ସ୍ମୃତିଶ୍ରୀ ତ୍ରିପାଠୀ, ନିହାରିକା ସ୍ୱାଇଁ, କୀର୍ତ୍ତିପୂର୍ଣ୍ଣା ତରାଇ, ଶାଶ୍ୱତୀ ସେନାପତି, ନୀଲାନା ସଂେଷ, ଯଶସ୍ୱୀ ସିଂ, ସାଗରିକା ନାୟକ, ସାଇ ତମନ୍ନା, ସୌମ୍ୟାଶ୍ରୀ ମାଇତି, ଦେବାଂଶୀ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବଛାହେବେ ନୂତନ ଜିଲ୍ଲା କଂଗ୍ରେସ ସଭାପତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ହେଉଛି । ଏହି ଗଣତାନ୍ତ୍ରିକ ପ୍ରକ୍ରିୟା ରାଜ୍ୟବ୍ୟାପୀ ଅଗଣିତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ସୃଷ୍ଟି କରିଛି ବୋଲି ଆଜି ମଧ୍ୟାହ୍ନରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ଶ୍ରୀ ଦାସ କହିଛନ୍ତି, ଗତକାଲି ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ସାଂସଦ ଶ୍ରେୟାସ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରି ଦଳୀୟ ନେତା ଓ କର୍ମୀଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି । ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ଯଥାକ୍ରମେ ମୁମ୍ବାଇ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ଚରଣ ସିଂହ ସାପ୍ରା, ପୂର୍ବତନ ମନ୍ତ୍ରୀ ବିମଳ ଶାହା, ବିଧାୟକ ରାଘବେନ୍ଦ୍ର ସିଂହ, ଏଆଇସିସି କୃଷକ ବିଭାଗର ଅଖିଳେଶ ଶୁକ୍ଳା, ପିସିସି ପୂର୍ବତନ କାର୍ଯ୍ୟକାରୀ ସଭାପତି ଜେଟି କୁସୁମ କୁମାର, ପୂର୍ବତନ ପିସିସି ସଭାପତି ମହେଶ ଶର୍ମା ଓ ଏଆଇସିସି ସମ୍ପାଦକ ମନୋଜ ଚୌହାନ ପ୍ରମୁଖ ଆସି ଓଡ଼ିଶାରେ ପହଞ୍ଚିଛନ୍ତି । ସୂଚନାଯୋଗ୍ୟ ପ୍ରତ୍ୟେକ ଜିଲ୍ଲାର ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀ ସେମାନଙ୍କ ସହ ସଂପୃକ୍ତ ଜିଲ୍ଲା ଗସ୍ତ କରିଛନ୍ତି । ତିନିଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀରେ ଜଣେ ଲେଖାଏଁ ବରିଷ୍ଠ କଂଗ୍ରେସ ନେତା ସାମିଲ ଅଛନ୍ତି । ପର୍ଯ୍ୟବେକ୍ଷକ ମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୁନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଆଲୋଚନା କରି ଏକ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ । ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଏହି ପ୍ରକ୍ରିୟା ଆସନ୍ତା ୧୪ରେ ସରିବ ବୋଲି ଶ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପ୍ରେସବାର୍ତ୍ତାରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସୃଜନ ଅଭିଯାନର ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଏଆଇସିସି ୱାର ରୁମ୍ ଓଡ଼ିଶା ସଂଯୋଜକ ହିତେଶ ମତ୍ୱାନି, ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ଓଡ଼ିଶା ୱାର ରୁମ୍ ଅଧ୍ୟକ୍ଷ ମନୋରଞ୍ଜନ ଦାଶ, ଭିତ୍ତିଭୂମି ଉପାଧ୍ୟକ୍ଷ ପ୍ରଦୀପ ମହାପାତ୍ର, ୱାର ରୁମ୍ ସଦସ୍ୟ ତରୁଣ ମିଶ୍ର, ବାଙ୍କନିଧି ବେହେରା, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଅରଣ୍ୟ ଭବନ ସମ୍ମୁଖରେ ବନ ବିଭାଗ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅରଣ୍ୟ ଭବନ ସାମ୍ନାରେ ଆନ୍ଦୋଳନ କରୁଛନ୍ତି ବନ ବିଭାଗ ଅସ୍ଥାୟୀ କର୍ମଚାରୀ । ୭ ଦଫା ଦାବି ନେଇ ଆନ୍ଦୋଳନ କରୁଛି ସଂଘ । ଆଉଟ ସୋର୍ସିଂରେ ୭୦୦୦ କର୍ମଚାରୀ ପାଖାପାଖି ବିଭାଗ ଅଧୀନରେ କାମ କରୁଛନ୍ତି । ସଂଘ କହିଛି ଥାର୍ଡ ପାର୍ଟି ଦ୍ୱାରା ଆମେ କରୁଛୁ, କିନ୍ତୁ ବେତନ ଠିକ୍ ଭାବେ ମିଳିନାହିଁ । ପ୍ରତିଦିନ କାମ କରୁଛୁ ବିଭାଗ ପାଇଁ, ଜଙ୍ଗଲରେ କାମ କରୁଛୁ ଜୀବନକୁ ବାଜି ଲଗାଇ, କିନ୍ତୁ ସୁବିଧା ମିଳିପାରୁନାହିଁ । ପ୍ରତିଦିନ ୧୨ରୁ ୧୫ ଘଣ୍ଟା କାମ କଲେ ମଧ୍ୟ ମଜୁରିଆଠୁ ଦରମା କମ ମିଳୁଛି । କାଠମାଫିଆ, ପଶୁ ଶିକାରୀ, ହାତୀ, ବାଘ, ଭାଲୁ ବା ଅନ୍ୟ ଜୀବଜନ୍ତୁଙ୍କ ଦ୍ୱାରା ମୃତ୍ୟୁ ହେଲେ କୌଣସି ସ୍ୱତନ୍ତ୍ର ସହାୟତା ମଧ୍ୟ ନଥିବା କହିଛନ୍ତି । ତେଣୁ ବରମ୍ବାର ବିଭାଗୀୟ ମୁଖ୍ୟ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସହାୟତା ମିଳିନାହିଁ, କିମ୍ବା ପ୍ରତିଶ୍ରୁତି ମିଳିନାହିଁ । ଫଳରେ ଆଜିଠୁ ଅନିର୍ଦ୍ଦିଷ୍ଟ କାଳ କାମ ବନ୍ଦ ଓ ଆନ୍ଦୋଳନ ଡାକରା ଦେଇଛି ସଂଘ ।

# ସ୍ୱାୟତ୍ତ ଶାସନ ଦିବସ ଅବସରରେ ସମ୍ବର୍ଦ୍ଧନା



କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଦନ୍ତ ଚିକିତ୍ସକ ରବି ରଞ୍ଜନ ସାହୁଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୨ ଜଣ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉତ୍ସବରେ ନଗର ଉନ୍ନୟନ, ଗୃହନିର୍ମାଣ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥଲେ । ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ସଦର ବିଧାୟକପ ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ମହାନଗର ନିଗମ ମେୟର ସୁବାସ ସିଂ, କଟକ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡ଼ି.ସି.ପି, କଟକ ମହାନଗର ନିଗମ କମିଶନର, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ପୂଜା ବେଳେ ସେଫ୍‌ଟିକୁ ଗୁରୁତ୍ୱ ଦିଆଯିବ: ପୋଲିସ କମିଶନର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁର୍ଗା ପୂଜା ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ପୂଜା ବେଳେ ସେଫଟିକୁ ଗୁରୁତ୍ୱ ଦିଆଯିବ । ମହିଳା ସୁରକ୍ଷା ଓ ଟ୍ରାଫିକକୁ ଅଧିକ ଗୁରୁତ୍ୱ ଦିଆଯିବ । ଫାୟାର ସେଫଟି ଓ ବିଦ୍ୟୁତ ସେଫଟି ପାଇଁ ଆୟୋଜକ ବିଭାଗରୁ ଅନୁମତି ଆଣିବେ । ପ୍ରତି ପେଣ୍ଡାଲରେ ଏମର୍ଜେନ୍ସି ଏକ୍‌ଜିଟ ବ୍ୟବସ୍ଥା ରହିବ । ସିସିଟିଭି ଲଗାଇବାକୁ ପୂଜା କମିଟିକୁ କୁହାଯାଇଛି । ଭସାଣିରେ ଡିଜେ ବାଜିବନି । ଏୟାର ପୋର୍ଟ ଅଞ୍ଚଳରେ ଭସାଣି ବେଳେ ଲାଇଟ ଲଗାଇବା ନେଇ କଟକଣା ଜାରି କରାଯାଇଛି । ପୂଜା ଓ ଭସାଣି ବେଳେ ଅପସଂସ୍କୃତି ନ ରହିବା ନେଇ ପୂଜା କମିଟି ରାଜି ହୋଇଛନ୍ତି । ପୂଜା ବେଳେ ଅପରାଧୀଙ୍କ ଉପରେ କଡା ନଜର ରଖାଯିବ ବୋଲି କହିଛନ୍ତି ପୋଲିସ କମିଶନର ।

## ବିଶ୍ୱସ୍ତରୀୟ ହେବ ଭୁବନେଶ୍ୱର: ଉଷା ପାଢ଼ୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରକୁ ଗୋଟିଏ ବିଶ୍ୱସ୍ତରୀୟ ସହର କରିବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କ୍ୱାଡ଼ ସିଟି ପ୍ରୋଗ୍ରାମ ଜରିଆରେ ଭୁବନେଶ୍ୱର, ପୁରୀ, କଟକ, ଏବଂ ପାରାଦ୍ୱୀପକୁ ମିଶାଇ ଏକ ଅର୍ଥନୈତିକ ଜୋନ ପାଇଁ ସରକାର ପ୍ଲାନ ରଖିଛନ୍ତି । ସୁନାବେଡା, କୋରାପୁଟ, ବରଗଡ଼, ସମ୍ବଲପୁରକୁ ନେଇ ଅନ୍ୟ ଏକ ଅର୍ଥନୈତିକ ଜୋନ ହେବ । ରାଉରକେଲା, ବଡ଼ବିଲକୁ ନେଇ ଅନ୍ୟ ଏକ ଅର୍ଥନୈତିକ ଜୋନ କରାଯିବ । ଯେଉଁ ସହରଗୁଡ଼ିକ ରାଜ୍ୟର ଜିଡିପି ପ୍ରମୁଖ ଦାୟିତ୍ୱ ନେଉଛନ୍ତି ସେହି ସହରକୁ ଅର୍ଥନୀତିକ ଜୋନ ପ୍ରସ୍ତୁତ ହେଉଛି । କେବଳ ସହରାଞ୍ଚଳ ବୃଦ୍ଧି ନୁହେଁ ବରଂ ରାଜ୍ୟର ଅର୍ଥନୀତିକ କାରବାର ବୃଦ୍ଧି ସରକାରଙ୍କ ଲକ୍ଷ୍ୟ ରହିଛି । ରାଜ୍ୟ ସରକାରଙ୍କ ଏକ ଅନ୍ତରିଣ କମିଟି ଏବଂ ନୀତି ଆୟୋଗ ସମନ୍ୱୟରେ କ୍ୱାଡ଼ ସିଟି ଯୋଜନା ଆଗକୁ ବଢୁଛି ।

## ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଆବେଦନ ତାରିଖ ବୃଦ୍ଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଆବେଦନର ଶେଷ ତାରିଖ ଅଗଷ୍ଟ ୩୦ ତାରିଖ ରହିଥିଲା । ସାମ୍ବାଦିକମାନଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଏହି ଆବେଦନର ଶେଷ ତାରିଖକୁ ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପୂର୍ବରୁ ମଧ୍ୟ ଏହି ଆବେଦନ ସମୟସୀମା ବୃଦ୍ଧି କରାଯାଇଥିଲା । କର୍ମଜୀବୀ ସାମ୍ବାଦିକଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି । ଏହା ଦ୍ୱାରା ବହୁ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ବିଭିନ୍ନ ଅନୁବନ୍ଧିତ ଡାକ୍ତରଖାନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି । ଚଳିତ ବର୍ଷ ମଧ୍ୟ ଉଭୟ ନୂତନ ଏବଂ ନବୀକରଣ ନିମନ୍ତେ ସାମ୍ବାଦିକଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି ।

# ଜନତାଙ୍କ ସମସ୍ୟା ସହ ଜଡ଼ିତ ହୋଇ ରାଜ୍ୟବାସୀଙ୍କ ସ୍ୱର ହୁଅ: ନବୀନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳର ମାନ୍ୟବର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ରାଜ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରି ବିଧାୟକ ତଥା ଦଳର ଉପସଭାପତି ଡ଼ ଅରୁଣ ସାହୁ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ନେଇ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବା ସହ ରାଜ୍ୟବାସୀଙ୍କ ସ୍ୱର ହିସାବରେ ତୀବ୍ର ଲଢ଼େଇ କରିବ । ଅପରାହ୍ନରେ ଡ଼ ଅରୁଣ ସାହୁଙ୍କ ସହିତ ଦଳର ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ, ଭୃଗୁ ବକ୍ସିପାତ୍ର, ଡ଼ ଲେନିନ ମହାନ୍ତି, ପ୍ରଫୁଲ୍ଲ ସିଂ, ରଘୁନାଥ ସାହୁ, ମହମ୍ମଦ ସକିଲ, ଲୋରା ମହାପାତ୍ର, ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସହ ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ଓ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ନିଜକୁ ଲୋକଙ୍କ ସରକାର କହୁଥିବା ବିଜେପି କ୍ଷମତାକୁ ଆସିବା ପରଠାରୁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଆଗାମୀ ଦିନରେ ରାଜ୍ୟବାସୀଙ୍କ ସ୍ୱର ହିସାବରେ ବିଜୁ ଜନତା ଦଳ ବିଜେପି ସରକାରଙ୍କ ପ୍ରତ୍ୟେକ ଜନବିରୋଧୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବ ବୋଲି ଡ଼ ସାହୁ କହିଥିଲେ । ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ୨୦୨୭ ପଞ୍ଚାୟତ ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନରେ ଦଳ ନିଶ୍ଚିତ ବିଜୟ ହାସଲ କରିବ ।

## ଓଡ଼ିଶା ଯାତ୍ରୀ ଆପ୍ ସହାୟତାରେ କିଣି ହେବ ଆମ ବସ୍ ଏବଂ ଚିଲିକା ବୋଟିଂ ଟିକେଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଯାତ୍ରୀ ଆପ୍ ର କଳେବର ବଢ଼ାଇଛି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ । ଏଣିକି ଏହି ଆପ୍ ମାଧ୍ୟମରେ ଆମ ବସ୍ ଏବଂ ସାତପଡ଼ାରେ ଚିଲିକା ବୋଟିଂ ନିମନ୍ତେ ଟିକେଟ୍ କିଣିପାରିବେ । ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି । ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକେଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ପାଇପାରିବେ । ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ା ଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ । ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଞ୍ଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ । ସମସ୍ତ ଆଣ୍ଡରୋଏଡ୍ ପ୍ଲାଟଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବା ବେଳେ ଆଇଓଏସ୍ ରେ ନିକଟରେ ଭବିଷ୍ୟତରେ ଉପଲବ୍ଧ ହେବ । ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତିକରି ଟିକେଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ । ଓଡ଼ିଶା ଯାତ୍ରୀ କେବଳ ଏକ ଡିଜିଟାଲ ସେବା ନୁହଁ, ଯାତ୍ରୀଙ୍କୁ ସାର୍ବଜନୀନ, ଟେକ୍ନୋଲୋଜି ଭିତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇ ଦେବାର ସଂକଳ୍ପ ବୋଲି କହିଛନ୍ତି ଉଷା ପାଢ଼ୀ ପ୍ରମୁଖ ଶାସନ ସଚିବ, ଗୃହନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ । ଏହି ଡିଜିଟାଲ ପ୍ଲାଟଫର୍ମ ସହାୟତାରେ ବସ୍ ସେବା ଏବଂ ବୋଟିଂ ଗୋଟିଏ କ୍ଲିକ୍ ରେ ଉପଲବ୍ଧ ହୋଇପାରିବ ।

ଏନ୍‌ଏସି ଘୋଷଣାରେ ସରକାରଙ୍କ ପାତରଅନ୍ତର ଅଭିଯୋଗ

# ପୂର୍ବ ସରକାରଙ୍କ ଘୋଷଣା କାର୍ଯ୍ୟକାରୀ ନକଲେ ରାଜରାସ୍ତାକୁ ଓହ୍ଲାଇବୁ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୧୬ ନୂଆ ଏନଏସି ଓ ୭ଟି ମ୍ୟୁନିସିପାଲିଟି ଭାବେ ଘୋଷଣା କରାଯାଇଥିବା ବେଳେ ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନଏସି ମଧ୍ୟରୁ ୩୯ଟି ଅଞ୍ଚଳକୁ କାର୍ଯ୍ୟକାରୀ ନକରିବା ଦୁର୍ଭାଗ୍ୟଜନକ ବୋଲି ବିଜୁ ଜନତା ଦଳ କହିଛି । ବିଜେଡି ସରକାରଙ୍କ ଦ୍ୱାରା ଏନଏସି ଭାବେ ଘୋଷିତ ହୋଇଥିବା ଅଞ୍ଚଳ ଗୁଡ଼ିକୁ ପାତର ଅନ୍ତର କରି ସରକାର ଏପରି ନିଷ୍ପତ୍ତି ନେଉଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପାତର ଅନ୍ତର ନୀତି ପାଇଁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଶ୍ରୀ ମିଶ୍ର କହିଥିଲେ, ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ, ୨୦୨୪ ଫେବୃଆରୀ ଓ ମାର୍ଚ୍ଚ ମାସରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୫୭ ଅଞ୍ଚଳକୁ ଏନଏସି ଘୋଷଣା କରାଯାଇଥିଲା । ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା ହେବା ସହ ଜିଲ୍ଲାପାଳଙ୍କ ପାଖକୁ ଆବଶ୍ୟକ ରିପୋର୍ଟ ପାଇଁ ପଠାଯାଇଥିଲା । କିନ୍ତୁ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ପୂର୍ବରୁ ଘୋଷିତ ହୋଇଥିବା ଅଞ୍ଚଳ ଗୁଡ଼ିକ ମଧ୍ୟରୁ କିଛି ଅଞ୍ଚଳକୁ ପୁନଃ ଘୋଷଣା କରୁଛନ୍ତି ଓ ନୂତନ ଅଞ୍ଚଳକୁ ଏଥିରେ ସାମିଲ କରିଛନ୍ତି । ରାଜ୍ୟରେ ବିଜେପି ସରକାରଙ୍କ ୧୫ ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ବି ଅଞ୍ଚଳ ପାଇଁ ଗେଜେଟ ନୋଟିଫିକେସନ ହୋଇପାରି ନାହିଁ । ପ୍ରତାପ ଜେନା କହିଥିଲେ, ସରକାର ଏକ ନିରନ୍ତର ପ୍ରକ୍ରିୟା । ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇସାରିଥିବା ଅଞ୍ଚଳ ଗୁଡ଼ିକୁ ରାଜ୍ୟ ସରକାର ପୁଣିଥରେ ଘୋଷଣା କରିବା ଓ ଏଥିରେ ପାତର ଅନ୍ତର କରି ଅଧିକାଂଶ ଘୋଷିତ ଅଞ୍ଚଳକୁ ସାମିଲ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପ୍ରମିଳା ମଲ୍ଲିକ କହିଥିଲେ, ଗ୍ରାମାଞ୍ଚଳର ବାସିନ୍ଦାଙ୍କୁ ସହରାଞ୍ଚଳରେ ମିଳୁଥିବା ସୁବିଧା ପ୍ରଦାନ ଲକ୍ଷ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୭ଟି ଅଞ୍ଚଳକୁ ଏନଏସି ଘୋଷଣା କରିଥିଲେ । କିନ୍ତୁ ବିଜେପି ସରକାର ଏହା ମଧ୍ୟରୁ ଅଧିକାଂଶ ଅଞ୍ଚଳକୁ ବାଦ୍ ଦେଇଛନ୍ତି, ଯେଉଁଥିପାଇଁ ବାଦ୍ ପଡ଼ିଥିବା ଅଞ୍ଚଳ ଗୁଡ଼ିକରେ ଜନଅସନ୍ତୋଷ ଦେଖା ଦେଇଛି । ବାଦ୍ ପଡ଼ିଥିବା ୩୯ଟି ଅଞ୍ଚଳକୁ ତୁରନ୍ତ ଏନଏସି ମାନ୍ୟତା ନଦେଲେ ବିଜୁ ଜନତା ଦଳ ନୀରବଦ୍ରଷ୍ଟା ସାଜିବ ନାହିଁ, ରାଜରାସ୍ତାକୁ ଓହ୍ଲାଇବ ।


## ୨୦୨୫ର ନୂଆ ସିଡିପି ଆଣିବ ବିଡ଼ିଏ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୨୦୨୫ ର ନୂଆ ସିଡିପି ଆଣିବ ବିଡ଼ିଏ । ଏଥିପାଇଁ ୫୬୦ ଗାଁକୁ ସାମିଲ କରାଯାଇଛି । ୫୬୦ ଗାଁ କୁ ବାଦ୍ ଦେଲେ ଆହୁରି ୧୪୩ ଗାଁ କୁ ସାମିଲ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛି ବିଡ଼ିଏ । ଏହି କାମ ୭ ପ୍ରୋସେସରେ ଅଛି । ଏବେ ୫୬୦ ଗାଁ ୧୧୨୨ ଶହ ବର୍ଗ କିଲୋମିଟର ପର୍ଯ୍ୟନ୍ତ ରହିଛି । ୨୦୧୪ ସିଡିପିରେ ୨୬୦ ଗାଁ ଥିଲା, ୫୬୦ ଗାଁରେ ସର୍ଭେ କରିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଯେଉଁ ସଂସ୍ଥା ନେବ ସିଏ ସର୍ଭେ କରିବେ । ଏବେ ଅନେକ ଗାଁରେ ଜନ ଶୁଣାଣି ସରିଛି । ଆଉ କିଛି ବାକି ଅଛି । ସେଠାରେ ଆପତି ଶୁଣାଣି ହେବାର ଯୋଜନା ରହିଛି । ୨୦୧୪ ସିଡିପି ରେ ଥିବା ୨୬୦ ଗାଁର ଯୋଜନାକୁ ମୋଡ଼ିଫାଏ କରାଯାଉଛି ଯାହାଦ୍ୱାରା ଅନେକ ସୁବିଧା ସୁଯୋଗ କରାଯାଇପାରିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରୁ ସେବା ପକ୍ଷ ପାଳନ କରିବ ବିଜେପି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ପ୍ରତିବର୍ଷ ସେବା ଦିବସ ଭାବେ ପାଳନ କରଯିବା ସହ ଉକ୍ତ ଦିନରୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନ ସେବା ପକ୍ଷ ଭାବେ ପାଳନ କରା ଯାଏ । ଚଳିତବର୍ଷ ମୋଦିଜୀଙ୍କ ୭୫ତମ ଜନ୍ମଦିନ ପଡୁଥିବାରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦଳ ପକ୍ଷରୁ ଉତ୍ସାହର ସହ ସେବା ପକ୍ଷ ପାଳନ କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ସୂଚନା ଦେଇଛନ୍ତି । ଡ. ମହାନ୍ତି କହିଛନ୍ତି ଯେ, ସେବାପକ୍ଷ ଉପଲକ୍ଷେ ୧୭ରେ ରାଜ୍ୟସ୍ତରୀୟ, ୧୮ରେ ଜିଲ୍ଲାସ୍ତରୀୟ ଓ ୧୯ରୁ ସେପଟ୍ମେର ୨୭ ପର୍ଯ୍ୟନ୍ତ ମଣ୍ଡଳସ୍ତରରେ ସ୍ୱଚ୍ଛତା ଅଭିଯାନ ଓ ରକ୍ତଦାନ ଶିବିର ଆୟୋଜନ କରାଯିବ । ଏହି ଅବସରରେ ବିଭିନ୍ନ ପିଏଚ୍‌ସି, ସିଏଚ୍‌?ସି, ମେଡିକାଲ କଲେଜ ଓ ଘରୋଇ ଡାକ୍ତରଖାନାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ । ୧୭ରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ୧୮ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ କରାଯିବ । ଏହି ପ୍ରଦର୍ଶନୀ ସାଙ୍ଗରେ ଭୋକାଲ ଫର ଲୋକାଲର ପ୍ରଚାର କରାଯିବ । ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୯ ଓ ୨୦ ସେପ୍ଟେମ୍ବରରେ ଜିଲ୍ଲାସ୍ତରୀୟ ପ୍ରବୁଦ୍ଧ ବର୍ଗ ସମ୍ବାଦ, ମୋଦିଜୀଙ୍କ ଜୀବନୀ ଉପରେ ଫିଲ୍ମ ପ୍ରଦର୍ଶନ କରାଯିବ । ୧୯ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ପାଠାଗାର ଓ ପଞ୍ଚାୟତ ଭବନରେ ମୋଦିଜୀଙ୍କ ଜୀବନୀ ଉପରେ ପୁସ୍ତକ ବଂଟନ କରାଯିବ । ଜାତୀୟ ଉପକୂଳ ଦିବସ ଅର୍ଥାତ୍ ସେପଟ୍ମେର ୨୦ରେ ସମୁଦ୍ର ଉପକୂଳଠାରେ ସ୍ୱଚ୍ଛତା ଅଭିଯାନ କରାଯିବ । ୨୧ ସେପ୍ଟେମ୍ବରରେ ମୋଦି ବିକାଶ ମାରାଥନ କାର୍ଯ୍ୟକ୍ରମ କରାଯିବ । ସେପଟ୍ମେର ୨୫ରେ ବିଜେପିର ବିଚାର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ଜୟନ୍ତୀ ରାଜ୍ୟ, ଜିଲ୍ଲା ଓ ବୁଥ୍ ସ୍ତରରେ ଆୟୋଜନ କରାଯିବ । ସେପ୍ଟେମ୍ବର ୨୫ ଓ ୨୬ରେ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତି ଓ ଦିବ୍ୟାଙ୍ଗଜନମାନଙ୍କୁ ସମ୍ମାନିତ କରାଯିବ । ଅକ୍ଟୋବର ୨ରେ ମହାତ୍ମାଗାନ୍ଧୀ ଓ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅନୁଷ୍ଠିତ ହେବ । ଏଥିସହ ସାଂସଦ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି । ଏନେଇ ଆଜି ରାଜ୍ୟ କାର୍ଯ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ସମ୍ପାଦକ ଅରବିନ୍ଦ ମେନନ୍, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ଓ ପ୍ରକୋଷ୍ଠ ସଂଯୋଜକ, ସମସ୍ତ ଜିଲ୍ଲା ସଭାପତି, ଜିଲ୍ଲା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । ସେବା ପକ୍ଷକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଆଗାମୀ ଦିନରେ ଜିଲ୍ଲା ଓ ମଣ୍ଡଳସ୍ତରରେ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ଡ. ମହାନ୍ତି କହିଛନ୍ତି ।



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



## ବିଶ୍ୱ କୂଟନୀତିରେ ନୂଆ ଅଧ୍ୟାୟ

# ତ୍ରି-ଶକ୍ତିଙ୍କ ମହାମିଳନ

ବିଶ୍ୱର ବିଭିନ୍ନ ରାଷ୍ଟ୍ର ବିରୋଧରେ ଶୁଳ୍କ (ଟାରିଫ୍) ଯୁଦ୍ଧ ଆରମ୍ଭ କରି ଦାଦାଗିରି ଦେଖାଉଥିବା ଆମେରିକାକୁ ଉଚିତ୍ ଜବାବ୍ ଦେବାକୁ ଦୁଇ ପାରମ୍ପରିକ ଶତ୍ରୁ ଚୀନ୍ ଓ ଭାରତ ହାତ ମିଳାଇଛନ୍ତି। ଅନ୍ୟତମ ମହାଶକ୍ତି ରୁଷ୍ ଏହି ଦୁଇ ଦେଶକୁ ସହଯୋଗର ହାତ ବଢ଼ାଇବା ଫଳରେ ବିଶ୍ୱ କୂଟନୀତିରେ ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ ହୋଇଛି। ଚୀନ୍‌ର ତିଆନ୍‌ଜିନ୍ ଠାରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍.ସି.ଓ)ର ସମ୍ମିଳନୀର ଗୋଟିଏ ମଞ୍ଚରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରୁଷ୍ ରାଷ୍ଟ୍ରପତି ପୁଟିନ୍ ଓ ଚୀନ୍ ରାଷ୍ଟ୍ରପତି ସିଜିନ୍‌ପିଙ୍ଗ୍ ଏକତ୍ର ହେବା ସାରା ଦୁନିଆକୁ ଏକ ବଡ଼ ବାର୍ତ୍ତା ଦେବା ସଙ୍ଗେ ସଙ୍ଗେ ଏସିଆ ମହାଦେଶର ରାଜନୀତି ଓ ଅର୍ଥନୀତିରେ ବଡ଼ ପରିବର୍ତ୍ତନର ସଙ୍କେତ ଦେଇଛି। ସମ୍ମିଳନୀରେ ଯୋଗ ଦେଇଥିବା ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆଣିବାକୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିବା ବେଳେ ପରବର୍ତ୍ତୀ ସମୟରେ ରୁଷ୍ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ମିଳିତ ହୋଇଥିଲେ। ସାତ ବର୍ଷର ବ୍ୟବଧାନରେ ମୋଦିଙ୍କର ଏହି ଚୀନ୍ ଗସ୍ତ ବିଭିନ୍ନ ଦିଗରୁ ଯଥେଷ୍ଟ ଗୁରୁତ୍ୱ ବହନ କରିଛି। ବିଶେଷ କରି ଗତ ୨୦୨୦ ମସିହାରେ ଗଲୱାନ୍ ଘାଟିରେ ଦୁଇଦେଶର ରକ୍ତାକ୍ତ ସଂଘର୍ଷ ପରେ ଚୀନ୍ ନେତାଙ୍କ ସହ ମୋଦିଙ୍କର ଏହା ଥିଲା ପ୍ରଥମ ସାକ୍ଷାତ ଆଲୋଚନା। ଏହି ଦ୍ୱିପାକ୍ଷିକ ବୈଠକ ପରେ ଭାରତ ଓ ଚୀନ୍ ମିଳିତ ରଣନୀତିରେ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଦ୍ୱାରା ଲାଗୁ କରାଯାଇଥିବା କଠୋର ଶୁଳ୍କ ବୋଝର ମୁକାବିଲା କରିବାକୁ ଦୁଇ ରାଷ୍ଟ୍ରନେତାଙ୍କ ଶକ୍ତିଶାଳୀ ବାର୍ତ୍ତା ଆଗାମୀ ଦିନରେ ବିଶ୍ୱରେ ନୂଆ ସମୀକରଣର ରାସ୍ତା ଖୋଲି ଦେଇଛି। ଦୁଇ ନେତାଙ୍କ ମଧ୍ୟରେ ପ୍ରାୟ ୫୦ ମିନିଟ୍ ଧରି ଆଲୋଚନା ଚାଲିଥିଲା। ଭାରତ ଓ ଚୀନ୍ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ, କୈଳାସ ମାନସରୋବର ଯାତ୍ରା, ସୀମାପାର ବାଣିଜ୍ୟ କାରବାର ପୁଣିଥରେ ଆରମ୍ଭ କରିବା ଲାଗି ବୈଠକରେ ସହମତି ପ୍ରକାଶ ପାଇଥିବା ଜଣାପଡିଛି। ଏହି ଆଲୋଚନା ବେଳେ ମୋଦି ଆତଙ୍କବାଦ ପ୍ରସଙ୍ଗ ଉଠାଇ ଏହାକୁ ବିଶ୍ୱର ବଡ଼ ସମସ୍ୟା ବୋଲି ଉଲ୍ଲେଖ କରିଥିଲେ। ଏହାର ମୁକାବିଲା ନିମନ୍ତେ ସେ ଜିନ୍‌ପିଙ୍ଗ୍‌ଙ୍କ ସହଯୋଗ ଲୋଡିଥିବା ବେଳେ ଚୀନ୍ ରାଷ୍ଟ୍ରପତି ମଧ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ବର୍ଷ (୨୦୨୬) ଭାରତରେ ଆୟୋଜିତ ହେଉଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଜିନ୍‌ପିଙ୍ଗ୍‌ଙ୍କୁ ମୋଦି ନିମନ୍ତ୍ରଣ କରିଥିଲେ। ଭାରତ-ଚୀନ୍ ସମ୍ପର୍କ କେବଳ ଦୁଇଦେଶ ନୁହେଁ, ବରଂ ସମଗ୍ର ମାନବ ଜାତି ପାଇଁ ଆବଶ୍ୟକ ବୋଲି ମୋଦି ମତ ଦେଇଥିଲେ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଓ ସମ୍ବେଦନଶୀଳତାକୁ ଆଧାର କରି ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜବୁତ୍ କରିବା ଲାଗି ଭାରତ ଓ ଚୀନ୍ ଉଭୟେ ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଚୀନ୍ ସହ ବାଣିଜ୍ୟିକ ଓ ଅନ୍ୟ କେତେକ ପ୍ରସଙ୍ଗରେ ସହଯୋଗ ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ସୀମା ବିବାଦ ଓ ଜଳ ସମସ୍ୟାର ସମାଧାନ ଏଯାଏ ସମ୍ଭବପର ହୋଇନାହିଁ। ଭବିଷ୍ୟତରେ ଏ ଦିଗରେ ଅଧିକ ଆଲୋଚନା କରାଗଲେ ହୁଏତ ସମାଧାନର କିଛି ପନ୍ଥା ବାହାରିବା ସମ୍ଭବପର ହୋଇପାରେ। ତେବେ ତିଆନ୍‌ଜିଙ୍ଗ୍ ଆଲୋଚନା ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଜିଦ୍‌ଖୋର ମନୋଭାବକୁ ଯେ କଡ଼ା ଟକ୍କର ଦେବା ସହ ଏସିଆର ତିନି ବୃହତ୍ ଶକ୍ତିଙ୍କୁ ଏକାଠି କରିବାରେ ସହାୟକ ହୋଇଛି, ଏଥିରେ ସନ୍ଦେହ ନାହିଁ।

# ମୋଦି କିପରି ଭାବରେ ପ୍ରଭାବ ବିସ୍ତାର କରିପାରିବେ ?




ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦


ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନର ସାଂଘାଇ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ଯୋଗଦେବାକୁ ତାଞ୍ଜିନ ଯାଉଛନ୍ତି। ଅତୀତରେ ସେ ୨୦୧୮ରେ ସେଠାକୁ ଯାଇଥିଲେ ଯାହା ଉହାନ ଠାରେ ଅନୁଷ୍ଠିତ ହେଉଥିଲା। ଏହା ଏକ ଅଣଆନୁଷ୍ଠାନିକ ଶୀର୍ଷ ସମ୍ମିଳନୀ ଥିଲା। ଯେଉଁଥିରେ ଚୀନର ରାଷ୍ଟ୍ରପତି ଏବଂ ପରବର୍ତ୍ତୀ କାଳରେ କ୍ୱିନଡାଓଠାରେ ଏହି ଏସ୍‌ସିଓ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ ନଈରେ ଅନେକ ପାଣି ବହିଗଲାଣି ଏ ଧରଣର ଗସ୍ତ ପରେ ଭାରତ ଚୀନର ସମ୍ପର୍କ ଗୋଟିଏ ପାହାଡ଼ିଆ ପଥଦେଇ ଓ ସମୟ ଦେଇ ଯାଇଛି। ଇତିମଧ୍ୟରେ ଗାଲୱାନର ସଂକଟ ସୃଷ୍ଟି ହୋଇଛି। ବର୍ତ୍ତମାନ ଦିଲ୍ଲୀ ଏହାକୁ କ୍ଷମା କରିପାରେ କିନ୍ତୁ ଦିଲ୍ଲୀ ଏକଥା ମଧ୍ୟ ଭୁଲିବ ନାହିଁ ଯେ, ଗାଲୱାନରେ ଚୀନର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକଳାପ ଅନୁସାରେ ଏହାର ସେନାବାହିନୀ ବାସ୍ତବ ନିୟନ୍ତ୍ରଣ ରେଖା ଉପରେ ସ୍ଥିତାବସ୍ଥାକୁ ବଦଳାଇବା ପାଇଁ ଚେଷ୍ଟା କରିଥିଲା।

### ଶାନ୍ତି ରକ୍ଷା କରିବା

ଆନ୍ତର୍ଜାତିକ ନିୟମ ଅନୁସାରେ ଏହା ଅଲଗା ହୋଇଛି ଅତୀତରେ ଗତ କେତେ ବର୍ଷ ଦ୍ୱାରା। ଟ୍ରମ୍ପ୍‌ଙ୍କର ଆକ୍ରମଣାତ୍ମକ ଓ ଶୁଳ୍କର କାର୍ଯ୍ୟାନୁଷ୍ଠାନ ଭାରତ ବିରୁଦ୍ଧରେ ଲାଗିଛି। ସବୁ କଥାକୁ ବିଚାର କଲେ ସି ଜିନ୍‌ପିଙ୍ଗଙ୍କର କ୍ଷମତା ଉପରେ ନିୟନ୍ତ୍ରଣ ତାଙ୍କ ନିଜ ଦେଶରେ ଏତେ ନିରଙ୍କୁଶ ନୁହେଁ। ଚୀନ କମ୍ୟୁନିଷ୍ଟ ପାର୍ଟି ତରଫରୁ ତାଙ୍କର କର୍ତ୍ତୃତ୍ୱ ଉପରେ ବଡ଼ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ମାନ ରହିଛି ଏବେ ଭାରତ ଚୀନ ସୀମାରେ ଅବସ୍ଥା ଶାନ୍ତ ପଡ଼ିଛି ଏବଂ ସୀମାରୁ ଦୁଇପକ୍ଷର ସୈନ୍ୟମାନେ ପଛକୁ ଫେରିଯାଇଛନ୍ତି। କିନ୍ତୁ ସେଠାରେ କୌଣସି ସୈନ୍ୟ ସଂଖ୍ୟା କମିନାହିଁ ଦୁଇପକ୍ଷ ମଧ୍ୟରୁ। ସେମାନେ ଶାନ୍ତି ଥିବା ସମୟର ସ୍ଥାନକୁ ଏ ଯାଏଁ ଫେରିନାହାନ୍ତି। ଇତିମଧ୍ୟରେ ସୀମାନ୍ତ ପରିଚାଳନାକୁ ସମ୍ପୂର୍ଣ୍ଣ ଭାବରେ ନୂଆକରି ସଂଗଠିତ କରାଯାଇଛି ଯେଉଁଥିରେ ସେଇ ସୀମାନ୍ତ ଅଞ୍ଚଳକୁ ଉଭୟ ପକ୍ଷ ସେଠାରେ ପାଟ୍ରୋଲିଂ କରି ସେ ଅଞ୍ଚଳକୁ ରକ୍ଷା କରିପାରିବେ। ସେଠାରେ ମଧ୍ୟ ଦୁଇପକ୍ଷ ମଧ୍ୟରେ ଗୋଟିଏ ସ୍ଥାନ ରହିବ ଯେଉଁଠି ଉଭୟ ପକ୍ଷ ପ୍ରବେଶ କରିବେ ନାହିଁ। ସେଠାରେ କିଛି ସମାଲୋଚନା ମଧ୍ୟ ହେଉଛି ଏହି ଉଭୟ ପକ୍ଷର ଫାଙ୍କା ସ୍ଥାନ(ବଫର ଜୋନ୍) ସମ୍ପର୍କରେ। ଭାରତ ଏହି ବଫର ଜୋନ୍‌ରେ ରହିବା ଉଚିତ୍ ନୁହେଁ ବୋଲି ଅନେକ କହୁଛନ୍ତି। ଚୀନ ପକ୍ଷ କହୁଛି ଯେ, ସେଠାରେ ଗୋଟିଏ ସୀମାର ସମସ୍ୟା ରହିଛି। ଉଦାହରଣ ସ୍ୱରୂପ ପାଙ୍ଗଗଙ୍ଗ ସୋ ହେଉଛି ଗୋଟିଏ ଘଟଣାର ଅଧ୍ୟୟନ। ଏଥିରେ ସମସ୍ତେ ଏକମତ ହୋଇଛନ୍ତି ଯେ, ଚୀନର ସେନାମାନେ ଫିଙ୍ଗର ଆର୍ଟରେ ରହିବେ ଯେତେବେଳେ ଚୀନର ସୈନ୍ୟମାନେ ଫିଙ୍ଗର-୪ରେ ରହିବେ। ଏହା ହେଉଛି ଏକ ଅତ୍ୟନ୍ତ ଯୁକ୍ତି ସଂଗତ ଘଟଣା। ଉଭୟ ପକ୍ଷ ଦାବି କରନ୍ତି ଯେ, ଏହି ଦୁଇ ଫିଙ୍ଗର ମଧ୍ୟରେ (ଫିଙ୍ଗର ମାନେ ହେଉଛି ସ୍ଥାନ) ଉଭୟ ପକ୍ଷ ସୈନ୍ୟମାନେ ରହିବେ। ଏହି ଚୁକ୍ତି ସହିତ ଦୁଇପକ୍ଷର ସେନାମାନେ ଏପରି ଏକ ସ୍ଥାନରେ ନାହାନ୍ତି ସେମାନଙ୍କର ସିଧାସଳଖ ଲଢ଼େଇ ପାଇଁ। ଯେପରି ଅତୀତରେ ଘଟିଥିଲା। ସେତେବେଳେ ଉଭୟ ପକ୍ଷର ସୈନ୍ୟମାନେ ହାତାହାତି ଲଢ଼େଇ କରିଥିଲେ ପରସ୍ପରକୁ ଠେଲାପେଲା କରି। ଯେତେବେଳେ ଏହା ହେଉଛି ଗୋଟିଏ ବାଟ ଯାହାଫଳରେ ସୀମାନ୍ତକୁ ରକ୍ଷା କରାଯାଇପାରିବ।

### ବାଣିଜ୍ୟ କଥାବାର୍ତ୍ତା

ଚୀନର ବିଦେଶମନ୍ତ୍ରୀ ୱାଙ୍ଗ ୟିଙ୍କର ବର୍ତ୍ତମାନ ଭାରତ ଗସ୍ତ ହୋଇଛି। ଏହା ମଧ୍ୟ ସଂକେତ ଦେଉଛି ଯେ, ଚୀନାମାନେ ସେମାନଙ୍କର ପରିବର୍ତ୍ତିତ ରାଜନୈତିକ, ଭୌଗଳିକ ପରିସ୍ଥିତିର ଅବସ୍ଥାକୁ ନିୟନ୍ତ୍ରଣ କରୁଛନ୍ତି। ସେମାନେ ଭାରତର ପ୍ରସଙ୍ଗକୁ ବାଣିଜ୍ୟ, ବ୍ୟବସାୟ, ରାଜନୀତି, ସାମରିକ ଏବଂ ସୀମାନ୍ତବର୍ତ୍ତୀ ବିଷୟ ସମ୍ପର୍କରେ ଆଲୋଚନା କରିବେ। ଭାରତ ମଧ୍ୟ ସେ ଧରଣର ଆଗ୍ରହ ପ୍ରକାଶ କରିଛି। ଯାହା ହେଉ ବେଜିଂ ଏ ସମ୍ପର୍କରେ ଜାଣିବା ଦରକାର ଯେ, ଭାରତ କେମିତି ଏହାକୁ ବିଚାର କରୁଛି ଏବଂ ଏହାର କାର୍ଯ୍ୟାନୁଷ୍ଠାନକୁ କେମିତି ଗ୍ରହଣ କରୁଛି। କେବଳ କଥାରେ ନୁହେଁ କାମରେ। ଯଦି ଭାରତ ବିରଳ ମୃର୍ତ୍ତିକା ଚୁମ୍ବକ ସୁଡ଼ଙ୍ଗ ଖୋଳିବା ଯନ୍ତ୍ର ଓ ବିଶେଷକରି ସାରର ଆମଦାନୀ ଆବଶ୍ୟକ କରେ ତେବେ ତାହା ଚୀନରୁ କରିବ। ନୂଆଦିଲ୍ଲୀ ପରିଷ୍କାର ଭାବରେ ଦେଖୁଛି ଯେ, କ'ଣ ଚାରିଆଡ଼େ କଥା ଆସୁଛି। ଭାରତୀୟ ଶିଳ୍ପ ଏ ସବୁ ସମ୍ପର୍କରେ ଚିନ୍ତା କରିବା ଦରକାର ଯେ, ଚୀନ ସହଜରେ ଏହି ରପ୍ତାନୀକୁ ବନ୍ଦ କରିଦେଇପାରେ ଏବଂ ଯୋଗାଣ ମଧ୍ୟ ବନ୍ଦ ହୋଇଯାଇପାରେ। କିନ୍ତୁ ଚୀନ ଚାହିଁଲେ ଏହି ଯୋଗାଣକୁ ପୁଣି ଯୋଗାଇପାରେ। ଶିଳ୍ପମାନେ ସେଥିପାଇଁ ସବୁପ୍ରକାର ପଦକ୍ଷେପ ନେବା ଉଚିତ ଏବଂ ଯୋଗାଣମାଳାକୁ ବଞ୍ଚାଇ ରଖିବା ଦରକାର। ଯେହେତୁ ଆମେ ଚୀନରୁ ଏ ସବୁ ପଦାର୍ଥ ଆଣିବା ଆବଶ୍ୟକ କରୁଛି। ଏ ଅବସ୍ଥାକୁ ଲକ୍ଷ୍ୟ କଲେ ସାଂଘାଇରେ ଏସିଓ ଶୀର୍ଷ ସମ୍ମିଳନୀରେ ମୋଦିଙ୍କର ଉପସ୍ଥିତି ହେଉଛି ଏକ ବଡ଼ ଯଥାର୍ଥ କଥା ଏବଂ ଏଠାରେ କେନ୍ଦ୍ର ଏସିଆର ଅନ୍ୟ ନେତାଙ୍କ ସହ ସାକ୍ଷାତ ହୋଇପାରିବ। ଭାରତ ମଧ୍ୟ ଏଠାରେ ତାହାର ବାଣିଜ୍ୟ ଓ ପ୍ରିଲଗାଣକୁ କେନ୍ଦ୍ର ଏସିଆରେ ବୃଦ୍ଧି କରିପାରିବ। ତେଣୁ ଦୁଇଦେଶରେ ବାଣିଜ୍ୟ ବ୍ୟବସାୟ ଏକ ବଡ଼ ସମସ୍ୟା ହୋଇରହିବ।

### ସିଙ୍କୁ ସାକ୍ଷାତ

ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ମୋଦି ଦେଖାକରିବେ କାଜାନଠାରେ ଅନୁଷ୍ଠିତ ସମ୍ମେଳନ ପରେ। ଏହାପରେ ଏହି ପରସ୍ପର ଦେଣନେଣ ପଦ୍ଧତି ଓ ଆନ୍ତଃ ସରକାର ସାକ୍ଷାତକୁ ପୁଣି ବିଭିନ୍ନ ସ୍ତରକୁ ଅଣାଯାଇପାରିବ। ଏହାକୁ ଅତି ଶାନ୍ତିପୂର୍ଣ୍ଣ ଭାବରେ କରାଯାଇପାରିବ। ସେଥିପାଇଁ ଏ ସମ୍ପର୍କରେ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ଚୀନର ବ୍ୟାପକ, ମୌଖିକ ବର୍ଣ୍ଣନା ଯାହା ଡ୍ରାଗନ ଏବଂ ହାତୀ ନାଚ କରୁଛନ୍ତି ଏହି ସଂକେତ ଦିଆଯାଇଥାଏ। ଚୀନର ପ୍ରତୀକ ଡ୍ରାଗନ ହୋଇଥିଲା ବେଳେ ଭାରତର ପ୍ରତୀକ ହାତୀ ଅଟେ। ଭାରତ ଏହାକୁ ଆଖି ବୁଜି ଦେଇପାରିବେ ନାହିଁ ଯେ, ଚୀନ ପୃଥିବୀରେ ଏକ ବହୁତ ଧ୍ରୁବୀୟ ବ୍ୟବସ୍ଥା ସୃଷ୍ଟି କରିବାକୁ ଯାଉଛି। କିନ୍ତୁ ଏସିଆରେ ଚୀନ ଏକନାୟକତ୍ୱ ପ୍ରତିଷ୍ଠା କରିବାକୁ ଚାହୁଁଛି। ଏହି ଦୁଇଦେଶ ମଧ୍ୟରେ ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ଭିସା ପ୍ରଦାନ ଏବଂ ପର୍ଯ୍ୟଟନର ବୃଦ୍ଧି ବଡ଼ କାମ ହେବ। ଏହା ଭାରତ ଓ ଚୀନ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରିପାରିବ। ଏହା କୈଳାସ ମାନ ସରୋବର ଯାତ୍ରାକୁ ମଧ୍ୟ ଆରମ୍ଭ କରିପାରିବ। ଯଦି ଚୀନ ଭାରତକୁ କିଛି ଦ୍ରବ୍ୟ ରପ୍ତାନୀ କରିବାକୁ ଚାହେଁ ଯାହାକୁ ବର୍ତ୍ତମାନ ରୋକାଯାଇଛି ତେବେ ଭାରତକୁ ଦେଖିବାକୁ ହେବ ଯେ, ଚୀନର ବିଦେଶୀପୁଞ୍ଜି କେମିତି ଭାରତକୁ ଆସିବ ସେ କଥା ଦେଖିବା ଦରକାର। ଆଗାମୀ ୬ମାସ ମଧ୍ୟରେ ଆମେ ମନ୍ତ୍ରିସ୍ତରୀୟ ଆଲୋଚନା ଏ ସମ୍ପର୍କରେ କରିପାରିବୁ ଓ ଦୁଇଦେଶ ମଧ୍ୟରେ ମନ୍ତ୍ରିସ୍ତରୀୟ ଆଦାନପ୍ରଦାନ ହୋଇପାରିବ।

### ୮% ଲକ୍ଷ୍ୟ

ଏ ଧରଣର ଜଟିଳ ପରିସର ମଧ୍ୟରେ ଏବଂ ଧୃତବେଗରେ ବଦଳୁଥିବା ରାଜନୈତିକ ଏବଂ ଅର୍ଥନୈତିକ ଚିତ୍ରପଟରେ ଯାହା ବର୍ତ୍ତମାନ ପାଇଁ ଦେଖାଯାଉଛି ତାହା ଭବିଷ୍ୟତରେ ରହିବ। ଏହା ଚୀନ ସହିତ ଭାରତର ସମ୍ପର୍କକୁ ସମାନ ଭାବରେ ରଖିବ। ଆମେ ଏ କଥାକୁ ଆଖିବୁଜି ଦେଇପାରିବା ନାହିଁ ଯେ, ଆତ୍ମନିର୍ଭରତା ଭାରତର ଗୋଟିଏ ବଡ଼ ଅସ୍ତ୍ର। ଭାରତର ଏହା ଗୋଟିଏ ବଡ଼ ସଂକେତ ହୋଇରହିବ। ଯେତେବେଳେ ସମ୍ଭବ ଆମକୁ ଦେଖିବାକୁ ହେବ ଯେ, ଗୁରୁତ୍ୱପୂର୍ଣ୍ଣ ଓ ନିଜର ଅବିଚ୍ଛେଦ୍ୟ ଘଟଣା ହେଉଛି ଯୋଗାଣମାଳା ଯାହା ଭାରତ ମଧ୍ୟ ଦେଇ ଯାଉଛି। ଆମକୁ ଅନେକ ଜିନିଷ ଉତ୍ପାଦନ କରିବାକୁ ହେବ ଏବଂ ପ୍ରତିଟି ଦ୍ରବ୍ୟକୁ ଆମେ ତାହା ଉପରେ ନିର୍ଭର ନକରି ନିଜେ ଉତ୍ପାଦନ କରିବା। ଅନ୍ୟଦେଶ ମାନଙ୍କୁ ଆମେ ଯାହା ପଠେଇବୁ ତାହାକୁ ବାଣିଜ୍ୟର ଏକ ଅସ୍ତ୍ର ହିସାବରେ ବ୍ୟବହାର କରିବାକୁ ପଡ଼ିବ। ଏହାଦ୍ୱାରା ଅର୍ଥନୈତିକ ଶକ୍ତିକୁ ପ୍ରମାଣ କରିହେବ। ଯେହେତୁ ମୋଦି ଚୀନକୁ ଯାଉଛନ୍ତି ସେତେବେଳେ ଭାରତ ଦୀର୍ଘକାଳ ଧରି ପ୍ରତ୍ୟେକ ବର୍ଷ ୮-୯ ପ୍ରତିଶତ ହାରରେ ବୃଦ୍ଧି ପାଇବା ଆବଶ୍ୟକ।

# କେବଳ ଶୁଦ୍ଧ ଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି ଭଗବାନ




କିଶୋର କୁମାର ଜେନା
ଆଇନଜୀବୀ, ବଙ୍ଗାଳିସାହି, କଟକ
ମୋ : ୭୩୭୭୪୩୯୦୭୭


କାଳ ହେଉଚି ଈଶ୍ୱରଙ୍କ ମୂର୍ତ୍ତି। ଏହି କାଳବଶତଃ ବୃକ୍ଷରେ ଯେପରି ଫଳ ଜନ୍ମେ, ରହେ, ବଢ଼େ, ପାଚେ, ଶୁଖିଯାଏ ଓ ଝଡ଼ିପଡ଼େ, ସେହିପରି ଶରୀରରେ ମଧ ଛ'ଟି ଅବସ୍ଥା ଦେଖାଯାଏ। ଯଥା- ଜନ୍ମ, ସ୍ଥିତି, ବୃଦ୍ଧି, ପରିଣତି, କ୍ଷୟ ଓ ବିନାଶ। ଆତ୍ମା ସହିତ ଏହାର କୌଣସି ସମ୍ପର୍କ ନଥାଏ। ଆତ୍ମା ନିତ୍ୟ, ଅବିବାଶୀ, ଶୁଦ୍ଧ, ଅଦ୍ୱିତୀୟ ସମସ୍ତ ବସ୍ତୁର ଜ୍ଞାତା ଓ ଆଶ୍ରୟ, ନିର୍ବିକାର, ସ୍ୱୟଂ ପ୍ରକାଶ, ସବୁର କାରଣ, ବ୍ୟାପକ, ଅନାସକ୍ତ ଓ ଆବରଣ ରହିତ। ବିଦ୍ୱାନ ବ୍ୟକ୍ତି ଆତ୍ମାର ଏହି ଦ୍ୱାଦଶ ଲକ୍ଷଣକୁ ଜାଣି 'ମୁଁ ଏବଂ ମୋର' ବୋଲି ଯେଉଁ ମୋହବୁଦ୍ଧି ଜାତ ହେଉଛି, ତାହା ପରିତ୍ୟାଗ କରିବା ଉଚିତ୍। ସୁନାଖଣିରୁ ବାହାରିଥିବା ପଥରରୁ ଚକ ଚକ କରୁଥିବା ସୁନାକୁ ଅଭିଜ୍ଞ ସୁନାରି ଯେପରି ଯନ୍ତ୍ର ସାହାଯ୍ୟରେ ବାହାର କରିଆଣେ, ସେହିପରି ଅଧ୍ୟାତ୍ମ ତତ୍ତ୍ୱ ଜାଣିଥିବା ପୁରୁଷ ଆତ୍ମପ୍ରାପ୍ତି ପାଇଁ ଯୋଗସାଧନା ଦ୍ୱାରା ଶରୀରରୂପ କ୍ଷେତ୍ରରେ ବ୍ରହ୍ମଗତି ଲାଭ କରେ।

ଆଚାର୍ଯ୍ୟଗଣ, ଅଷ୍ଟପ୍ରକୃତି (ମୂଳ ପ୍ରକୃତି, ପଞ୍ଚତନ୍ମାତ୍ର, ମହତତ୍ତ୍ୱ ଓ ଅହଙ୍କାର), ତିନିଗୁଣ (ସତ୍ତ୍ୱ, ରଜ ଓ ତମ) ଓ ତାର ଷୋଳ ବିକାର (ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚମହାଭୂତ ଏବଂ ମନ) ଏ ସବୁର ସାକ୍ଷୀରୂପେ ଏକ ପୁରୁଷଙ୍କୁ ନିରୂପଣ କରିଛନ୍ତି। ଏ ସମସ୍ତର ସମନ୍ୱୟରେ ଦେହ ହୋଇଛି। ଏହା ପୁଣି ଦୁଇ ପ୍ରକାର ସ୍ଥାବର ଓ ଜଙ୍ଗମ। ଏଥିରେ ଆତ୍ମା ଠାରୁ ଅଲଗା ସମସ୍ତ ବସ୍ତୁକୁ ଏହା ଆତ୍ମା ନୁହେଁ, ଏହା ଆତ୍ମା ନୁହେଁ ନେତି ନେତି ବୋଲି କହି ଅସଲ ଆତ୍ମାକୁ ଖୋଜି ବାହାର କରିବା ଆବଶ୍ୟକ।

ମଣିମାନଙ୍କ ମଧ୍ୟରେ ସୂତ୍ର ପ୍ରବେଶ କରି ବାହାରିଯିବା ପରି ପୁରୁଷ ବା ଆତ୍ମା ଦେହ ମଧରେ ପ୍ରବେଶ କରେ ଓ ବାହାରିଯାଏ। ସେହି ଶୁଦ୍ଧ ବିବେକବୁଦ୍ଧିରେ ସୃଷ୍ଟି ଓ ସଂହାର ବିଷୟ ଧୀର ଭାବରେ ବିଚାର କରିବା ଉଚିତ। ଗାଢ଼ ନିଦ୍ରା, ସ୍ୱପ୍ନ ଓ ଜାଗରଣ ଏ ତିନୋଟି ହେଉଛନ୍ତି ବୁଦ୍ଧିର ବୃତ୍ତି। ଯାହାଙ୍କ ଦ୍ୱାରା ଏହା ଅନୁଭୂତ ହୁଏ, ସେ ହେଉଛନ୍ତି ଦେହାଦିର ସ୍ରଷ୍ଟା ପରମ ପୁରୁଷ, ପରମାତ୍ମା। ଜାଗରଣ, ସ୍ୱପ୍ନ ଏବଂ ସୁଷୁପ୍ତି ହେଉଛି ବୁଦ୍ଧିର ପରିଣତି। ଏହାର ଆତ୍ମାର ଧର୍ମ ନୁହେଁ। କର୍ମଜନିତ ହୋଇଥିବାରୁ ଏହା ତ୍ରିଗୁଣାତ୍ମକ। ଯେପରି କୌଣସି ଗନ୍ଧର ସ୍ପର୍ଶରେ ବାୟୁ ଗନ୍ଧଯୁକ୍ତ ହୁଏ, ସେହିପରି ନିର୍ଗୁଣ ବ୍ରହ୍ମ ବୁଦ୍ଧିଯୋଗରେ ଗୁଣଯୁକ୍ତ ବୋଲି ମନେହୁଏ। ଏହି ବୁଦ୍ଧି ହେଉଛି ଗୁଣ ଓ କର୍ମର ବନ୍ଧନରୂପ ସଂସାରର ଦ୍ୱାର। ଏହା ଅଜ୍ଞାନମୂଳକ ଓ ମିଥ୍ୟା ହେଲେ ମଧ ସ୍ୱପ୍ନ ପରି ଜୀବକୁ ପ୍ରତୀତ ହୋଇଥାଏ। ସେଥିପାଇଁ ତୁମମାନଙ୍କୁ ପ୍ରଥମେ ଏହି ଗୁଣମାନଙ୍କ ଯୋଗୁଁ ହେଉଥିବା କର୍ମର ବୀଜକୁ ନଷ୍ଟ କରି ଦେବାକୁ ହେବ। ଏହାଦ୍ୱାରା ବୁଦ୍ଧିର ବୃତ୍ତିମାନଙ୍କର ପ୍ରବାହ ବନ୍ଦ ହୋଇଯିବ। ଅନ୍ୟ ଅର୍ଥରେ ଏହାକୁ ଯୋଗ କୁହାଯିବ। ଏହି ବୁଦ୍ଧିର ପ୍ରବାହ ବା ଜନ୍ମ ମରଣ ରୂପ ସଂସାରଚକ୍ରର ବୀଜ ବିନାଶ ପାଇଁ ସହସ୍ର ଉପାୟ ଶାସ୍ତ୍ରରେ କୁହାଯାଇଛି। ତାହା ମଧରୁ ମହର୍ଷି ନାରଦ ଭକ୍ତଯୋଗାତ୍ମକ ଏହି ଉପାୟକୁ ଶ୍ରେଷ୍ଠ ବୋଲି କହିଛନ୍ତି। କାରଣ ଭକ୍ତିଯୋଗ ଦ୍ୱାରା ଭଗବାନଙ୍କ ଠାରେ ନିଷ୍କାମ ପ୍ରେମ ଜାତ ହୁଏ।

ଗୁରୁସେବା, ଭଗବଦ୍‌ଭକ୍ତି, ସମସ୍ତ ଲବ୍ଧ ଦ୍ରବ୍ୟକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପଣ, ସାଧୁ ଭକ୍ତମାନଙ୍କର ସଙ୍ଗ, ଈଶ୍ୱରଙ୍କର ଆରାଧନା, ଶ୍ରଦ୍ଧାପୂର୍ବକ ଶ୍ରୀହରିଙ୍କ କଥା ଗୁଣ ଓ କର୍ମର ଶ୍ରବଣ କୀର୍ତ୍ତନ, ଶ୍ରୀଗୋବିନ୍ଦଙ୍କ ପାଦପଦ୍ମର ଧ୍ୟାନ, ଶ୍ରୀହରିଙ୍କ ମୂର୍ତ୍ତିର ଦର୍ଶନ ଓ ପୂଜନ, ସମସ୍ତ ପ୍ରାଣୀଙ୍କ ମଧରେ ସର୍ବଶକ୍ତିମାନ ଭଗବାନ ଶ୍ରୀହରି ବିରାଜମାନ ବୋଲି ମନେ କରି ସମସ୍ତ ପ୍ରାଣୀଙ୍କୁ ସମ୍ମାନ ପ୍ରଦାନ ଏବଂ କାମ, କ୍ରୋଧ, ଲୋଭ, ମୋହ ମଦ ଓ ମାତ୍ସର୍ଯ୍ୟ ଇତ୍ୟାଦି ଏହି ଷଡ଼ରିପୁଙ୍କୁ ଜୟ କରି ଯେଉଁ ବ୍ୟକ୍ତି ଭଗବାନ ବାସୁଦେବଙ୍କୁ ଭକ୍ତି କରେ ସେ ଭଗବାନଙ୍କର ଅନନ୍ତ ପ୍ରେମ ଲାଭ କରିବା ପାଇଁ ସମର୍ଥ ହୁଏ।

# ସଶକ୍ତିକରଣର ଅର୍ଥ କଣ ?




ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭


ସେମାନେ ମାଆଙ୍କ ଶରୀରରେ କିଛି ଢାଳି ତାଙ୍କୁ ଚାପୁଡ଼ା ମାରିଲେ ଏବଂ ଲାଇଟରରେ ନିଆଁ ଲଗାଇ ଦେଲେ। ଏହି ଘଟଣା କିଛି ଲୋକଙ୍କୁ ଭୟଙ୍କର ଲାଗି ନପାରେ କିନ୍ତୁ ଛଅ ବର୍ଷ ପିଲାର ଏହି କଥାଗୁଡ଼ିକ ସମସ୍ତଙ୍କୁ କଷ୍ଟ ଦେବ ନିଶ୍ଚୟ। ନିକି ଭାଟି ନାମକ ମହିଳାଙ୍କ ଛଅ ବର୍ଷର ପିଲାଟି ମନେ ରଖିଛି ଶେଷ ଥର ପାଇଁ ତାଙ୍କ ମାଆଙ୍କୁ କେବେ ଦେଖିଥିଲା। ଦେଶର ରାଜଧାନୀରୁ ମାତ୍ର କିଛି କିଲୋମିଟର ଦୂରରେ ଗ୍ରେଟର ନୋଏଡାର ଏକ ବ୍ୟସ୍ତବହୁଳ ଅଞ୍ଚଳରେ ମଧରାତ୍ରିରେ ଏହି ଭୟଙ୍କର ଅପରାଧ ଘଟିଥିଲା। ଏହା ଏକ ମଧ୍ୟବିତ୍ତ ପରିବାରର ଘଟଣା। ଯେଉଁଠାରେ ଦୁଇ ଭାଇ ଦୁଇ ଭଉଣୀଙ୍କୁ ବିବାହ କରି ସେମାନଙ୍କ ପିତାମାତାଙ୍କ ସହିତ ରହୁଥିଲେ। ନଅ ବର୍ଷର ବିବାହ ପରେ ଯୁବ ଦମ୍ପତି ନିକି ଏବଂ ବିପିନଙ୍କ ସମ୍ପର୍କ ମଜଭୁତ ହେବା କଥା। ଯଦିଓ ବିବାହର ଉତ୍ସାହ ଫିକା ପଡ଼ିଯାଇଥାନ୍ତା କିନ୍ତୁ ଘର ଏବଂ ପିଲାମାନଙ୍କ ପାଳନ ପୋଷଣ ସେମାନଙ୍କ ପ୍ରାଥମିକତା ହୋଇଥାନ୍ତା। ୨୮ ବର୍ଷୀୟା ନିକି ସୁନ୍ଦରୀ ଥିଲେ। କିଶୋର ବୟସରେ ବିବାହିତା ନିକି ଇନଷ୍ଟାଗ୍ରାମରେ ସକ୍ରିୟ ଥିଲେ ଏବଂ ତାଙ୍କ ବଡ଼ ଭଉଣୀ କାଞ୍ଚନଙ୍କ ସହିତ ଏକ ବ୍ୟୁଟି ପାର୍ଲର ମଧ ଚଳାଉଥିଲେ। ତାଙ୍କ ଇନଷ୍ଟାଗ୍ରାମ ପୋଷ୍ଟରୁ ବାରିହୁଏ ଭଉଣୀମାନେ ଶୀଘ୍ର ପ୍ରଭାବଶାଳୀ ହୋଇଥିଲେ। ସେମାନଙ୍କର କାମ ମୁଖ୍ୟତଃ ବଧୂମାନଙ୍କୁ ସଜାଇବା ଥିଲା। ସୁସ୍ଥ, ଉତ୍ସାହୀ ଭଉଣୀ ମାନେ ଏକ ଉନ୍ନତ ଜୀବନ, ଟିକିଏ ଆର୍ଥିକ ସ୍ୱଚ୍ଛଳତା ପାଇଁ ଏକ ପଥ ତିଆରି କରିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଏହି ସ୍ୱପ୍ନ ଏକ ଦୁଃସ୍ୱପ୍ନ ପାଲଟିଗଲା। ନିକିଙ୍କ ଶେଷ ରିଲ୍ ଯାହା ବିଶ୍ୱ ଦେଖିଲା ତାହା ହେଉଛି ସେ ନିଆଁରେ ଛଟପଟ ହୋଇ ସିଡ଼ି ଦେଇ ତଳକୁ ଦୌଡ଼ିବା, ତାଙ୍କ ସ୍ୱାମୀ ଏବଂ ଶାଶୂ ତାଙ୍କୁ ପିଛା କରିବା। କ୍ୟାମେରା ପଛରେ ତାଙ୍କ ବଡ଼ ଭଉଣୀ କାଞ୍ଚନ ଅଚେତ ହେବା ପୂର୍ବରୁ ଏହି ମୁହୂର୍ତ୍ତଗୁଡ଼ିକୁ ରେକର୍ଡ କରୁଥିଲେ। ଯେତେବେଳେ ସେ ଚେତା ଫେରିଲେ ତାଙ୍କ ଭଉଣୀ ପୋଡ଼ି ପାଉଁଶ ହୋଇଯାଇଥିଲେ। ଏହା ଯୌତୁକ ହତ୍ୟାର ଜଣାଶୁଣା ଅପରାଧର ଆଉ ଏକ ଉଦାହରଣ। କ୍ୟାମେରାରେ କଏଦ ହୋଇଥିବା ଏହି ଘୃଣ୍ୟ କାର୍ଯ୍ୟ ପଛରେ ଥିବା ନୀରବତା ଏବଂ ନଗ୍ନ ଲୋଭ ଏବେ ବିଶ୍ୱ ସମ୍ମୁଖରେ। ବହୁତ ଦିନ ଧରି ମହିଳା ନିଜ ବୈବାହିକ ସମ୍ପର୍କର ସାମାଜିକ ସମ୍ମାନ ପାଇଁ ନୀରବତା ବାଛିଛନ୍ତି। ଯାହାର ମୂଲ୍ୟ ଦେବାକୁ ପଡୁଛି।

ବହୁ ପୂର୍ବରୁ ମହିଳା ଧୈର୍ଯ୍ୟର ସହିତ ବିଶ୍ୱର ଅନ୍ୟାୟକୁ ସହ୍ୟ କରି ଆସୁଛନ୍ତି କାରଣ ସଶକ୍ତ ମହିଳାମାନେ ଏହା କରନ୍ତି। ସେମାନେ ସବୁକିଛି ଦେଖନ୍ତି ଏବଂ ଶୁଣନ୍ତି କିନ୍ତୁ ଆଗକୁ ବଢ଼ି ଚାଲିଥାନ୍ତି। ଏହା କେବଳ ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗରେ ଘଟେ ବୋଲି ଭାବିବା ସମ୍ପୂର୍ଣ୍ଣ ଭୁଲ୍। କୋଟିପତି ଶ୍ରେଣୀ ସହିତ ମଧ ଏପରି ପରିସ୍ଥିତି ସୃଷ୍ଟି ହୋଇଛି।

ଚାଞ୍ଚଲ୍ୟକର ଖବରର ଚକ୍ରରେ ଆମେ ନିକିଙ୍କ ପରି ଦୁଃଖଦ ଘଟଣା ଭିତରକୁ ଟାଣି ହୋଇ ନ୍ୟାୟ ଦାବି କରୁଛନ୍ତି। ସୌଭାଗ୍ୟବଶତଃ ଯୋଗୀ ଆଦିତ୍ୟନାଥ ଉତ୍ତର ପ୍ରଦେଶରେ ମୁଖ୍ୟମନ୍ତ୍ରୀ ତେଣୁ ଆଶା କରାଯାଉଛି ଯେ ନ୍ୟାୟ ଶୀଘ୍ର ମିଳିବ।

ଆମେ ଏପରି ଏକ ସ୍ଥାନରେ ପହଞ୍ଚିଛେ ଯେଉଁଠାରେ ନ୍ୟାୟ ଯଥେଷ୍ଟ ନୁହେଁ। ସାରା ଦେଶରେ ହଜାର ନୁହେଁ ଲକ୍ଷ ଲକ୍ଷ ନିକି ସମାନ ଭାଗ୍ୟ ଅପେକ୍ଷା କରିଛନ୍ତି। କେତେକ ବଞ୍ଚିଯାଆନ୍ତି ଏବଂ କେତେକ...। କେତେକ ଦଣ୍ଡିତ ହୁଅନ୍ତି ତଥାପି ଅନେକ କ୍ଷେତ୍ରରେ ଅପରାଧୀ ଖସିଯାଆନ୍ତି ଏବଂ ଦୋଷୀ ସାବ୍ୟସ୍ତ ହେବାର ହାର ଅତ୍ୟନ୍ତ କମ୍। ଯୌତୁକ କେବଳ ହିନ୍ଦୁ ପରିବାରର ଏକ ବ୍ୟବସ୍ଥାଗତ ସମସ୍ୟା ନୁହେଁ ବରଂ ଏକ ଅପବିତ୍ର ସାଂସ୍କୃତିକ କୁପ୍ରଥା। ସରକାର ଏହି କୁପ୍ରଥା ପ୍ରଚଳନକୁ ସ୍ୱୀକାର କରିଛନ୍ତି ଏବଂ ଉତ୍ତର ପ୍ରଦେଶରେ ମୁଖ୍ୟମନ୍ତ୍ରୀ ସମ୍ମିଳନୀ ବିବାହ ଯୋଜନା ଆରମ୍ଭ କରିଛନ୍ତି। ଯାହା ଅଧୀନରେ କନ୍ୟା ଏବଂ ତାଙ୍କ ପରିବାର ପାଇଁ ଆର୍ଥିକ ସହାୟତାକୁ ଦୁଇଗୁଣ କରି ୧ଲକ୍ଷ ଟଙ୍କା କରାଯାଇଛି। ଯାହା ମଧ୍ୟରୁ ୬୦୦୦୦ ଟଙ୍କା କନ୍ୟାଙ୍କ ଆକାଉଣ୍ଟକୁ ଯାଏ।

ଏହି ପଦକ୍ଷେପଗୁଡ଼ିକ ଠିକ୍ ଅଛି କିନ୍ତୁ ସମାଜ କେବେ ନିଜ ଦାୟିତ୍ୱ ଗ୍ରହଣ କରିବ? ପ୍ରକୃତରେ ଲୋଭର କୌଣସି ସୀମା ନାହିଁ। ସରକାର ସାହାଯ୍ୟ କରିପାରିବେ ଝିଅର ପରିବାର ବିବାହ ପାଇଁ ସେମାନଙ୍କର ସମ୍ପତ୍ତି ବିକ୍ରି କରିପାରିବେ କିନ୍ତୁ ଯଦି ବରର ପରିବାର ଲୋଭୀ ତେବେ ଏହା କେବେ ପୂରଣ ହୋଇପାରିବ ନାହିଁ। ଏହି ପରିସ୍ଥିତିରେ ଝିଅଟି ଫସି ରହିଯାଏ ଯେଉଁଠାରୁ ବାହାରିବାର କୌଣସି ଉପାୟ ନାହିଁ। ଛାଡପତ୍ର ଏକ ସାମାଜିକ କଳଙ୍କ ମନବୃତ୍ତି ଯୋଗୁଁ ସେ ପରିବାର ସମ୍ପର୍କ ଜାରି ରଖିବାକୁ ଚାହାଁନ୍ତି। ଅନ୍ୟପକ୍ଷରେ ସ୍ୱାମୀର ପରିବାର ଆର୍ଥିକ ଲାଭ ପାଇବା ପାଇଁ ଏକ ଦଳ ଭାବରେ କାମ କରନ୍ତି। ତେଣୁ ସମାଜରେ ଏହା ଗୁରୁତ୍ୱପୂର୍ଣ୍ଣ ଯେ କେତେକ କ୍ଷେତ୍ରରେ ଛାଡପତ୍ରକୁ ସକାରାତ୍ମକ ଦୃଷ୍ଟିରେ ଦେଖିବା ଆବଶ୍ୟକ। ଯଦିଓ ଛାଡପତ୍ର ସମ୍ପର୍କ ପାଇଁ ଏକ ଇଚ୍ଛାଯୋଗ୍ୟ ପରିଣାମ ନୁହେଁ ହେଲେ ଏହା ମୃତ୍ୟୁ ଅପେକ୍ଷା ବହୁତ ଭଲ। ଏବଂ ନିକିଙ୍କ ଭଳି ପରିସ୍ଥିତିରେ ଛାଡପତ୍ର ବିଫଳତା ନୁହେଁ ବରଂ ବଞ୍ଚିବା ପାଇଁ ଏକ ଉପାୟ।

ମହିଳା ସଶକ୍ତିକରଣ କେବଳ ଶିକ୍ଷା କିମ୍ବା ଆର୍ଥିକ ବିଷୟ ନୁହେଁ ବରଂ ସମାଜ ଦ୍ୱାରା ସୃଷ୍ଟି ହୋଇଥିବା ପ୍ରତିବନ୍ଧକକୁ ପରାସ୍ତ କରିବା ପାଇଁ ମହିଳାମାନଙ୍କୁ ମାନସିକ ଭାବରେ ସଶକ୍ତ କରିବା ବିଷୟରେ। ମହିଳାମାନଙ୍କୁ ଖରାପ ସମ୍ପର୍କରୁ ବାହାରି ଆସିବା ପାଇଁ ସଶକ୍ତ ଅନୁଭବ କରିବା ଆବଶ୍ୟକ। ଏଥିପାଇଁ ଏକ ମାନସିକତା ପରିବର୍ତ୍ତନ ଜରୁରି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ପ୍ରତିବର୍ଷ ହଜାର ହଜାର ଯୌତୁକ ମୃତ୍ୟୁ ରେକର୍ଡ କରେ। ନିକି ଏବଂ ତାଙ୍କ ଭଉଣୀ କାଞ୍ଚନ ପ୍ରାୟ ଏକ ଦଶନ୍ଧି ଧରି ଶାରୀରିକ ଏବଂ ମାନସିକ ନିର୍ଯାତନା ସହିଥିଲେ ତଥାପି ସେମାନେ ନିଜ ଜୀବନ ଗଢ଼ିବାକୁ ଏବଂ ନିଜର ପରିଚୟ ତିଆରି କରିବାକୁ ଚେଷ୍ଟା କରିଥିଲେ। ଶେଷରେ ଅତିରିକ୍ତ ଯୌତୁକର ଲୋଭରେ ନିକିଙ୍କୁ ହତ୍ୟା କରାଯାଇଥିଲା। ଏହା କ'ଣ ଜଣେ ମହିଳା, ଜଣେ ମା, ଜଣେ ସ୍ତ୍ରୀଙ୍କ ଜୀବନର ଏକମାତ୍ର ମୂଲ୍ୟ ? ଅତୃପ୍ତ ଲୋଭରେ ବୁଡ଼ି ରହିଥିବା ବିପିନଙ୍କ ପରି ହତ୍ୟାକାରୀମାନେ କେତେଦିନ ପରମ୍ପରାର ମୁଖା ପିନ୍ଧି ନିର୍ଭୀକ ଭାବରେ ବୁଲିବେ ? ତାଙ୍କ ମା'ଙ୍କୁ କିଏ ପଚରିବ ଜଣେ ମହିଳା ହୋଇ ଅନ୍ୟ ଜଣେ ମହିଳା ହତ୍ୟାରେ ସାହାଯ୍ୟ କରିଥିଲେ କିପରି ? ଆଇନ ତା'ର କାମ କରିବ ଏବଂ ଉତ୍ତର ପ୍ରଦେଶ ପୋଲିସ କାର୍ଯ୍ୟାନୁଷ୍ଠାନ। କିନ୍ତୁ ସମାଜକୁ ଅନେକ ପ୍ରଶ୍ନର ଉତ୍ତର ଦେବାକୁ ହେବ। ମହିଳାଙ୍କ ପ୍ରକୃତ ସଶକ୍ତିକରଣର ଅର୍ଥ କଣ ?

# ଉତ୍ତମ ଜୀବନ ପାଇଁ ଠିକ୍ ଖାଆନ୍ତୁ




ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ମୋ: ୯୪୩୭୧୨୪୦୭୪
E-mail: drjyotiranjanchampatray123@gmail.com


ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତା ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଚଳିତ ବର୍ଷର ଏହି ଜାତୀୟସ୍ତରର ପୁଷ୍ଟି ସପ୍ତାହ ଅବସର ପାଇଁ ସ୍ଲୋଗାନ ରହିଛି 'ଉତ୍ତମ ଜୀବନ ପାଇଁ ଠିକ ଖାଆନ୍ତୁ' ('Eat Right for a Better Life')। ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣଦେଖା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତ୍ୟାନ୍ତ ଅପରିହାର୍ଯ୍ୟ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍। କୁହାଯାଏ ଆଜିର ଶିଶୁଟି ହେଉଛି ଆସନ୍ତା କାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତା'ହେଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରି କଥା ହେଉଛି ନବଜାତ ଶିଶୁପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟପାଇଁ ଏକ ଦିବ୍ୟ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁ ପାଇଁ ଏହା ଏକପ୍ରକାର ଈଶ୍ୱରପ୍ରଦତ୍ତ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରି। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇ ବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରି। କେହି କେହି ମାଆ କ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନଯୁକ୍ତ ଲୁଣ ଯେପରି ସାମିଲ ହେବ। ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆ ମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ନିହାତି ଜରୁରି କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ।

ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ବେଳେ ପରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ। ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇ ପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷା ଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେଲାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିନ୍ତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାଶିଂମେସିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି। ଗାଜର ବିଟ ବି ଭଲ। ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ। ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତୀ ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡ଼ିନଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁପାଇଁ ସଠିକ୍ ଓ ନିର୍ଦ୍ଧାରିତ ସମୟର ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେ କୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତି ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଓ ଔଷଧ ପ୍ରଦାନ କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ିକର୍ମୀ ମାନେ ଘରେ ଘରେ ପହଞ୍ଚି ଏହି ସୁଯୋଗ ଆପଣମାନଙ୍କ ହାତ ପାହାନ୍ତାରେ ପ୍ରଦାନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିହାତି ନିଅନ୍ତୁ। ଗୁଣୀଟୁଣି ବା କାହାର କାନକୁହା କଥା ଶୁଣି ପିଲାଟିକୁ ଡଉଲଡାଉଲ ଓ ମୋଟା କରିଦେବା ପାଇଁ ନିଜେ କୌଣସି ଖାଦ୍ୟ ବା ଔଷଧ ଦେବା ପୂର୍ବରୁ ଶିଶୁ ବିଶେଷଜ୍ଞଙ୍କ ନିହାତି ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରୀକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବ୍ରହ୍ମପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ରାଜ୍ୟ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନ୍ତିମ ଦିବସରେ ସମାପନ ହୋଇଛି । ପ୍ରଥମ ଦିବସରେ ସାଙ୍ଗଠନିକ ସ୍ଥିତି ଓ ସୁଦୃଢ଼ୀକରଣ ଉପରେ ଆଲୋଚନା ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ, ଆୟାମ ଗତିବିଧି ଉପରେ ଆଲୋଚନା ହୋଇଥିଲା । ବୈଠକରେ ଓଡ଼ିଶାର ପୂର୍ବ ପ୍ରାନ୍ତରୁ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି । ସତ୍ରରେ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ, କ୍ଷେତ୍ରୀୟ ସହ ସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ, ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ, ପୂର୍ବ ପ୍ରାନ୍ତର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ, ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ଉପସ୍ଥିତ ଥିଲେ । ଶିକ୍ଷା ସ୍ଥିତି ପ୍ରସ୍ତାବରେ ଅଧ୍ୟାପକ ନିଯୁକ୍ତି, ଲାଇବ୍ରେରୀ, ଅନ୍ତରୀଣ ପ୍ରାଥମିକ ପରିଚାଳନା କମିଟିରେ ଛାତ୍ରଙ୍କୁ ସଦସ୍ୟ ରୂପେ ଅଂଶଗ୍ରହଣ, ସଠିକ୍ ସମୟରେ କଲେଜରେ ପ୍ରବେଶ ଓ ପରୀକ୍ଷା ଓ ପ୍ରସ୍ଥାନର ସମୟ ସୀମା ସଠିକ୍ ରୂପେ କଲେଜ୍ କର୍ତ୍ତୃପକ୍ଷଙ୍କ ପରିଚାଳନା ଉପରେ ପ୍ରସ୍ତାବ ରଖାଯାଇଥିଲା । ସାମାଜିକ ସ୍ଥିତି ପ୍ରସ୍ତାବରେ ବିଭିନ୍ନ ମେଡ଼ିକାଲ୍ କଲେଜରେ ଡାକ୍ତର ଓ ନର୍ସର ମରୁଡ଼ି ଅଭାବ, ଆଧୁନିକ ଯନ୍ତ୍ରପାତ ର ଘୋର ଅଭାବ ଆଦି ବିଷୟ ଉପରେ ପ୍ରସ୍ତାବ ପାରିତ ହୋଇଥିଲା । ସମାରୋପ ସତ୍ରରେ କ୍ଷେତ୍ରୀୟ ସହ ସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ ଆଗାମୀ କାର୍ଯ୍ୟକ୍ରମ ଉପରେ ବିଦ୍ୟାର୍ଥୀଙ୍କୁ ସୂଚନା ଦେଇଥିଲେ । ରାଜ୍ୟ ସଭାପତି ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ସର୍ବବିଧ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ । ଶେଷରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ସହ ପ୍ରମୁଖ ପ୍ରତ୍ୟୁଷ ରଞ୍ଜନ ଦାଶ ବିଷୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଶଭଦ୍ରା ବଞ୍ଚାଅ ଅଭିଯାନ ବୈଠକ, ଉପ-ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ନିମାପଡ଼ା(ଭାସ୍କର ନ୍ୟୁଜ): ପୁରାଣ କିମ୍ବଦନ୍ତୀ କୁଶଭଦ୍ରା ନଦୀ ଅବହେଳିତ ଅବସ୍ଥାରେ ପଡ଼ିଥିବା ବେଳେ ନଦୀକୁ ପାଣି ଆସୁନାହିଁ । ନଦୀକୂଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ନଦୀ ପଠାରେ ଚାଷ କରୁଥିବା ଚାଷୀମାନେ ପାଣି ବିନା ଚାଷ କରିପାରୁ ନାହାନ୍ତି । କୁଶଭଦ୍ରା ନଦୀକୁ ବନ୍ୟା ପାଣି ନ ଆସିବା ଦ୍ୱାରା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । କୁଶଭଦ୍ରା ବଞ୍ଚାଅ ନାରା ଦୀର୍ଘଦିନରୁ ଦିଆଯାଉଥିବା ବେଳେ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡ଼ି ନାହିଁ । ନିମାପଡ଼ାରେ କୁଶଭଦ୍ରା ପରିବାର ପକ୍ଷରୁ ଏକ ସାଧାରଣ ସମ୍ମିଳନୀ ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସମାଜସେବୀ ଚନ୍ଦ୍ରକାନ୍ତ ବରାଳ, ଯୁବ ସମାଜସେବୀ ବିକାଶ ଚନ୍ଦ୍ର ବାରିକ, ନିରଞ୍ଜନ ସାହୁ, ନିଗମାନନ୍ଦ ସାହୁ, ନିମାପଡ଼ା କଲେଜର ପ୍ରାକ୍ତନ ଅଧକ୍ଷ ଯୋଗେଶ ଚନ୍ଦ୍ର ମିଶ୍ର, ଅଧ୍ୟାପକ ମାନସ ରଂଜନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଶରତ ସେନାପତି, ଯୁବ ସମାଜସେବୀ ଦୀପକ ସାହୁ ପ୍ରମୁଖ କୁଶଭଦ୍ରା ବଞ୍ଚାଅ ବୋଲି କହିଥିବା ବେଳେ ବାଲିଅନ୍ତାରୁ ନିଆଳିଆ ବ୍ରିଜ୍ ପର୍ଯ୍ୟନ୍ତ କୁଶଭଦ୍ରା ନଦୀ ପୋତି ହୋଇପଡ଼ିଛି । ନଦୀ ଭିତରେ ଲଟା ଝଟାରେ ପରିପୂର୍ଣ୍ଣ ହୋଇଥିବା ବେଳେ ବାଲିଅନ୍ତା ଠାରୁ କିଛି ଦୂରରେ କୁଶଭଦ୍ରା ମୁହାଣରେ ୧୫ ଫୁଟରୁ ଉର୍ଦ୍ଧ୍ୱ ବାଲି ଜମା ହୋଇ ଯାଇଥିବାରୁ ବନ୍ୟା ଜଳ ପ୍ରବାହିତ ହେବା ପାଇଁ ସମସ୍ୟା ସୃଷ୍ଟି ହେଉଛି । ଯାହାଦ୍ୱାରା ଦୀର୍ଘବର୍ଷ ହେବ କୁଶଭଦ୍ରାକୁ ବନ୍ୟା ଜଳ ନ ଆସିବା ହେତୁ ନଦୀ ପଠା ଜମିରେ ପଟୁ ପଡୁ ନାହିଁ କିମ୍ବା ବାଲି ନଦୀରୁ ବାହାରୁ ନାହିଁ । କେତେକ ବାଲି ମାଫିଆ ଓ ମାଟି ମାଫିଆ ଜେସିବି ମେସିନ୍ ସାହାଯ୍ୟରେ କୁଶଭଦ୍ରା ନଦୀକୁ ଖନନ କରୁଛନ୍ତି । ଯାହାକୁ ନେଇ ଆଗାମୀ ଦିନରେ ବନ୍ୟା ଜଳ ନ ଆସିବା ହେତୁ ସେମାନଙ୍କ ପୁଷମାସ ପାଳିଛନ୍ତି । ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ କୁଶଭଦ୍ରା ମୁହାଣ ଖନନ କରିବା ପାଇଁ କୁଶଭଦ୍ରା କାନ୍ଦୁଛି, ପରିବାର ପକ୍ଷରୁ ଦାବି ହୋଇଛି । ୨୫ ହଜାରରୁ ଉର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ କରାଯାଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବ ବୋଲି କୁଶଭଦ୍ରା ପରିବାରର ସଦସ୍ୟ ମତ ପ୍ରକାଶ କରିଛନ୍ତି । ସେହିପରି ନିମାପଡ଼ା କୁଶଭଦ୍ରା ନଦୀକୂଳ ପାଠ ସିଦ୍ଧେଶ୍ୱର ଦେବଙ୍କ ପୀଠରେ କୁଶଭଦ୍ରା ବଞ୍ଚାଅ ଅଭିଯାନ ଏକ ବୈଠକ ସୋମବାର ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା । କୁଶଭଦ୍ରା ନଦୀକୁ ପୂର୍ଣ୍ଣ ଚିରସ୍ରୋତା କରାଇବା ଲାଗି ବାଲିଅନ୍ତାରେ ନଦୀର ଉତ୍ପତ୍ତିସ୍ଥଳ ଖନନ, ବାଲିଅନ୍ତାରୁ ନିଆଳିଆ ପର୍ଯ୍ୟନ୍ତ ଜଳର ଅବାଧ ପ୍ରବାହ ସୁନିଶ୍ଚିତ କରିବା ସହିତ ଭୂତଳ ଜଳସ୍ତର ହ୍ରାସ ଭଳି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ଏକ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି । କାର୍ଯ୍ୟକ୍ରମରେ ପ୍ରଭାକର ନନ୍ଦ, ଦିଲ୍ଲୀପ କୁମାର ସେନାପତି, କୃଷ୍ଣଚନ୍ଦ୍ର ପାତ୍ର, ବିଶ୍ୱଜିତ ବେହେରା, ଅଭିଜିତ ମହାପାତ୍ର, ଦେବାଶିଷ ଦାସ, ଅନୁକୂଳ ସ୍ୱାଇଁ, ସମୀର ରଂଜନ ରାଉତରାୟ, ଆଦର୍ଶ ଦାସ ସମେତ ଶତାଧିକ ନାଗରିକ କୁଶଭଦ୍ରାର ସୁରକ୍ଷା ସଂପର୍କରେ ମତ ରଖିଥିଲେ ।

# ପାରାଦୀପରେ କୋର୍ଟ ପ୍ରତିଷ୍ଠା ଦାବି ପୂରଣ ହେଲା: ଶିଳ୍ପ ମନ୍ତ୍ରୀଙ୍କୁ କୃତଜ୍ଞତା



ପାରାଦୀପ(ଭାସ୍କର ନ୍ୟୁଜ): ଗୁରୁତ୍ୱପୂର୍ଣ୍ଣ ବନ୍ଦର ଓ ଶିଳ୍ପ ଭିତ୍ତିକ ସହର ପାରାଦୀପର ଆବଶ୍ୟକତା ଦୃଷ୍ଟିରୁ ଏଠାରେ ଏକ କୋର୍ଟ ପ୍ରତିଷ୍ଠା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଥିବା ବେଳେ କିଛି ସଂଗଠନ ଏହା ଉପରେ ମଧ୍ୟ ଦାବୀ ଉପସ୍ଥାପନା କରିଥିଲେ । ତେବେ ଦୀର୍ଘଦିନ ହେବ ଏଥିରେ ଶିଥିଳତା ଲାଗି ରହିଥିବା ବେଳେ ବର୍ତ୍ତମାନ ର ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉଦ୍ୟମ ଯୋଗୁଁ ପାରାଦୀପରେ ଅଡ଼ିସିନାଲ ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଏବଂ କେଏମଏଫସି ପ୍ରଥମ ଶ୍ରେଣୀ କୋର୍ଟ ପ୍ରତିଷ୍ଠା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ସ୍ୱୀକୃତି ପ୍ରଦାନ କରି ପ୍ରକ୍ରିୟା ଆରମ୍ଭ କରିଛନ୍ତି । ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇଦେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସ୍ପଷ୍ଟ କରିଛନ୍ତି । ଏବାବଦରେ ସମସ୍ତ ସହାୟତା ଯୋଗାଇ ଦେବାକୁ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି । ତେବେ ଏହି ସଫଳତା ପାଇଁ ପାରାଦୀପ ବାର ଆସୋସିଏସନ ସଭାପତି ତଥା ଓଡିଶା ହାଇକୋର୍ଟରେ ରାଜ୍ୟ ସରକାରଙ୍କ ଅଡ଼ିସିନାଲ ଗଭର୍ଣ୍ଣମେଣ୍ଟ ଆଡ଼ଭୋକେଟ ତପନ କୁମାର ଦାଶ, ଉପସଭାପତି ତଥା ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ସମ୍ପାଦକ ରବିନ୍ଦ୍ର କୁମାର ଜେନା, କୋଷାଧକ୍ଷ ଗୋଲକ ବିହାରୀ ସୁତାର, କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ମିଶ୍ର ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଗତ ରବିବାର ଭେଟି ତାଙ୍କୁ ପ୍ରଶଂସା କରିଥିଲେ । ତେବେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ପଦ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସମ୍ପଦ ସ୍ୱାଇଁ ନିରନ୍ତର ଭାବେ ନିର୍ବାଚନ କ୍ଷେତ୍ରରେ ବୁଲି ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହେବା ସହ ପାରାଦୀପର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଉଥିବାର ଦେଖିବାକୁ ମିଳୁଛି । ତାଙ୍କ ଉଦ୍ୟମରେ ତିର୍ତ୍ତୋଲ ସୂତାକଳ ପୁନଃଉଦ୍ଧାର, ଜିଲ୍ଲାରେ ହାଇଟେକ ମେଡିକାଲ ସ୍ଥାପନ ନିମନ୍ତେ ମଞ୍ଜୁରୀ, ପାରାଦୀପରେ କୋର୍ଟ ପ୍ରତିଷ୍ଠା ଇତ୍ୟାଦି ଅନେକ ଦୃଷ୍ଟାନ୍ତମୂଳକ ଉନ୍ନୟନମୂଳକ କାର୍ଯ୍ୟ ସମ୍ଭବ ହୋଇପାରିଛି ।

## ଖଣିନିଗମରେ ଡ୍ରାଇଭରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କାଳିଆପାଣି(ଭାସ୍କର ନ୍ୟୁଜ): ଓଡିଶା ଖଣିନିଗମ ଯାଜପୁର ଆଞ୍ଚଳିକ କ୍ରୋମ ଜୋନରେ ଠିକା ସଂସ୍ଥା ଦ୍ୱାରା ଚାଲୁଥିବା ଛୋଟ ଗାଡି ବୋଲେରୋ, କ୍ୟାମ୍ପର ଡ୍ରାଇଭର ସୋମବାର କାର୍ଯ୍ୟବନ୍ଦ କରିବା ସହ ସମସ୍ତ ମାଇନ୍ସ ସୁକୁରଙ୍ଗି, ସାଉଥ କାଳିଆପାଣି, ସିଭିଲ ଅଫିସ, ଚିରୁଗୁଣିଆ କ୍ୟାମ୍ପ ଅଫିସରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଗଷ୍ଟରୁ ନୂତନ ଭାବେ ଛୋଟ ଗାଡି ଯୋଗାଇବା ପାଇଁ ଠିକା ନେଇଥିବା ଠିକା ସଂସ୍ଥା ଓଁମ ଗାୟତ୍ରୀ, ସରସ୍ୱତୀ ଓ ଦୈତାରୀ ଟୁର ଟ୍ରାଭେଲସ ଡ୍ରାଇଭରଙ୍କୁ ଆକାଉଣ୍ଟରେ ପେମେଣ୍ଟ ଦେଇଥାନ୍ତି । ଅଗଷ୍ଟ ମାସର ପେମେଣ୍ଟ ଦେଇସାରି ଡ୍ରାଇଭରଙ୍କୁ ୫ ହଜାର ଲେଖାଏଁ ଫେରସ୍ତ ଦେବାକୁ କହୁଛନ୍ତି ଏବଂ ଫେରସ୍ତ ନଦେଲେ ଡ୍ୟୁଟିରୁ ବାହାର କରିଦେବାକୁ ଧମକ ଦେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ସୋମବାର ସମସ୍ତ ଡ୍ରାଇଭର ଏକତ୍ରିତ ହୋଇ କାର୍ଯ୍ୟ ବନ୍ଦ କରିବା ଦ୍ୱାରା ଖଣିକୁ ଅଫିସର କିମ୍ବା ଖଣି କର୍ମଚାରୀ ଯାଇପାରିନାହାନ୍ତି । ଏହାର ସ୍ଥାୟୀ ସମାଧାନ କରାଯିବାକୁ ସମସ୍ତ ଡ୍ରାଇଭର ଖଣି ନିଗମ ସ୍ଥାନୀୟ ଅଫିସରଙ୍କୁ ନିବେଦନ କରିଥିବା ଜଣାପଡିଛି ।

## ଘରୋଇ ଆମ୍ବୁଲାନ୍ସରେ ଅବ୍ୟବସ୍ଥା, ଅକ୍ସିଜେନ ଅଭାବରୁ ରୋଗୀ ମୃତ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଗତକାଲି ବିଳମ୍ବିତ ରାତିରେ ଜଗତସିଂହପୁର ଥାନା ଅଧିନ ବ୍ରାହ୍ମଣଖଣ୍ଡ ଗ୍ରାମର ଆଡଭୋକେଟ ପିତାମ୍ବର ପଣ୍ଡାଙ୍କ ସ୍ତ୍ରୀଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଅଣା ଯାଇଥିଲା ଓ ଡାକ୍ତର ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତର ଖାନାକୁ ରେଫର କରିଥିଲେ । ହସ୍ପିଟାଲରେ ୧୦୮ ଆମ୍ବୁଲାନ୍ସ ବିଳମ୍ବ ଘଟିବାରୁ ଏକ ଘରୋଇ ଆମ୍ବୁଲାନ୍ସରେ କମଳା ପଣ୍ଡାକୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । ରୋଗୀ ମାତ୍ର ୧୦ କିଲୋମିଟର ଯିବା ପରେ ଅକ୍ସିଜେନ ଆବଶ୍ୟକତା ପଡିଥିଲା ମାତ୍ର ଘରୋଇ ଆମ୍ବୁଲାନ୍ସର ଡ୍ରାଇଭର ତାଙ୍କ ନାକରେ ମାସ ଲଗାଇଥିଲେ ମାତ୍ର ଅକ୍ସିଜେନ ସିଲିଣ୍ଡରରେ ଅକ୍ସିଜେନ ନଥିବାରୁ ବାଡେଇପିଟି ହୋଇ ରୋଗୀର ମୃତ୍ୟୁ ଘଟିଥିଲା । ଘରୋଇ ଆମ୍ବୁଲାନ୍ସ ନଂ ଓଡ଼ି ୩୩ଆର ୩୧୩୦ର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି ଓ ଆମ୍ବୁଲାନ୍ସ ମାଲିକ ମଧ୍ୟ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ପୋଲିସ ଆମ୍ବୁଲାନ୍ସ ଡ୍ରାଇଭର ଓ ମାଲିକଙ୍କୁ ଖୋଜୁଥିଲେ ମଧ୍ୟ ଧରାପଡି ନାହାନ୍ତି । ଉତ୍ୟକ୍ତ ଲୋକମାନେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିବା ସହିତ ଘଟଣା ସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା । ତେବେ ଘରୋଇ ଆମ୍ବୁଲାନ୍ସରେ ଡ୍ରାଇଭର ବ୍ୟତୀତ ଅନ୍ୟ କୌଣସି କର୍ମଚାରୀ ନଥିବା ସାଙ୍ଗକୁ ଜରୁରି ଆବଶ୍ୟକୀୟ ଉପକରଣ ନଥାଇ କିଭଳି ଆମ୍ବୁଲାନ୍ସ ଚାଲିଛି । ଦୁର୍ଭାଗ୍ୟର ପ୍ରସଙ୍ଗ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଠାରୁ ଅନୁମତି ନପାଇ ବିନା ଫିଟିନେସ ଓ ଆବଶ୍ୟକୀୟ ମେଡ଼ିକାଲ ଉପକରଣ ନଥାଇ ରୋଗୀଙ୍କ ଜୀବନ ସହ ଘରୋଇ ଆମ୍ବୁଲାନ୍ସ ଗୁଡିକ ଖେଳି ଚାଲିଛନ୍ତି । ଏଭଳି ସ୍ଥିତିରେ ବେଆଇନ ଆମ୍ବୁଲାନ୍ସ ସେବା ଗୁଡିକରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି ।

## ଚାରିଛକ ବଜାରରେ ଟ୍ରାଫିକ୍ ସମସ୍ୟା ଉକ୍ରଟ

ନିମାପଡ଼ା(ଭାସ୍କର ନ୍ୟୁଜ): ଚାରିଛକ ବଜାରରେ ଜବର ଦଖଲ ବଢ଼ିଥିବା ବେଳେ ଉଚ୍ଛେଦ ପାଇଁ ପ୍ରଶାସନ ନିକଟରେ ଦାବି ହୋଇଥିଲା । ସ୍ଥାନୀୟ ତହସିଲଦାର ରାଜସ୍ୱ ନିରୀକ୍ଷକ ଅମିନଙ୍କ ଦ୍ୱାରା ଏକ ବର୍ଷ ତଳୁ ମାପଚୁପ କରାଯାଇ ରାଜସ୍ୱ ନିରୀକ୍ଷକଙ୍କୁ ରିପୋର୍ଟ ତଲବ କରାଯାଇଥିଲା । ମାତ୍ର ରାଜସ୍ୱ ନିରୀକ୍ଷକ କାହା ଚାପରେ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରୁନାହାନ୍ତି ତାକୁ ନେଇ ଅସନ୍ତୋଷ ବଢ଼ି ଚାଲିଥିବା ବେଳେ ଚାରିଛକ ବଜାରରେ ଗହଳି ଲାଗି ରହିଥିବାରୁ ଦୁର୍ଘଟଣା ଘଟୁଛି । ବଜାର ଦେଇ କଟକ, ନିଆଳି, କାକଟପୁର, ଅସ୍ତରଙ୍ଗ, ଗୋପ, ନିମାପଡ଼ା, ଭୁବନେଶ୍ୱର, ପୁରୀକୁ ଶହ ଶହ ଯାତ୍ରୀବାହୀ ବସ୍ ଚାଲୁଥିବା ବେଳେ ଗାଡ଼ି ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି । ଯାହାକୁ ନେଇ ସଚେତନ ନାଗରିକ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ସୂଚନା ଅନୁଯାୟୀ, ଚାରିଛକ ବଜାରରେ ପ୍ରତ୍ୟେକ ଦିନ ଅହେତୁକ ଗହଳି ଲାଗି ରହିଥିବାରୁ ବସ୍ ଚଳାଚଳ ସମେତ ଅନ୍ୟାନ୍ୟ ଚାରିଚକିଆ ଯାନ ଚଳାଚଳ ପାଇଁ ସମସ୍ୟା ସୃଷ୍ଟି ହେଉଛି । ପୂର୍ବତନ ତହସିଲଦାର ଚାରିଛକ ବଜାରରେ ମାପଚୁପ କରିଥିଲେ । ଅନେକ ବ୍ୟକ୍ତି ରାସ୍ତାକୁ ମଡ଼ାଇ ଦୋକାନ କରିଥିବାରୁ ଉଚ୍ଛେଦ ପାଇଁ ପୂର୍ବତନ ତହସିଲଦାର ବ୍ରହ୍ମକୁଣ୍ଡି ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେଉଁମାନେ ରାସ୍ତା ଓ ସରକାରୀ ଜମି ଜବରଦଖଲ କରିଛନ୍ତି ସେ ସଂପର୍କରେ ତୁରନ୍ତ ରିପୋର୍ଟ ପ୍ରଦାନ କର । ମାତ୍ର ରାଜସ୍ୱ ନିରୀକ୍ଷକ ଆଦେଶକୁ ଅବମାନନା କରି ବର୍ତ୍ତମାନର ତହସିଲଦାରଙ୍କୁ ମଧ୍ୟ ରିପୋର୍ଟ ପ୍ରଦାନ କରିନାହାନ୍ତି । ଯାହାକୁ ନେଇ ସମାଜସେବୀ ଉଚ୍ଚ ନ୍ୟାୟାଳୟରେ ମାମଲା ଆଗତ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ସଂପର୍କରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଛନ୍ତି । ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି ।

**ହିଞ୍ଜିଳି ବିଜେଡିରେ ରାଜନୈତିକ ଝଡ଼**

## ବ୍ଲକ୍ ସଭାପତିଙ୍କ ଗୋଷ୍ଠୀକନ୍ଦଳ ରାଜନୀତି, ବିଦ୍ରୋହୀ ମୁହାଁ କର୍ମୀ

ହିଞ୍ଜିଳି(ଭାସ୍କର ନ୍ୟୁଜ): ହିଞ୍ଜିଳି ବିଜେଡିରେ ଏବେ ଅସନ୍ତୋଷର ନିଆଁ ଦିନକୁଦିନ ତୀବ୍ର ହୋଇବାରୁ ଦଳରେ ଆଭ୍ୟନ୍ତରୀଣ ସଂକଟ ସ୍ପଷ୍ଟ ହେଉଛି । ବିଶେଷକରି, ଯେତେବେଳେ ନବୀନ ପଟ୍ଟନାୟକ ସାରା ଓଡିଶା ରେ ଦଳକୁ ସୁଦୃଢ଼ କରିବାରେ ବ୍ୟସ୍ତ, ସେତେବେଳେ ହିଞ୍ଜିଳି ବ୍ଲକ ସଭାପତି ଓ ତାଙ୍କର ସହଯୋଗୀ ନେତାମାନଙ୍କ ସାଗଠନିକ ଅକ୍ଷମତା ଲଗି ହିଞ୍ଜିଳି ବିଜେଡି ରେ ଫାଟ ସ୍ପଷ୍ଟ ହୋଇପାରିଛି । ଏହି କାରଣରୁ ନିର୍ବାଚିତ ନେତା, ବରିଷ୍ଠ ନେତା ଓ ଅଗ୍ରଧାଡି ର କର୍ମୀ କୌଣସି ସଭା ସମିତି କୁ ଆସୁନାହାନ୍ତି । ସ୍ଥାନୀୟ କର୍ମୀଙ୍କ ଅଭିଯୋଗ ହିଞ୍ଜିଳି ବ୍ଲକ ସଭାପତି ଦିନରେ ବିଜେଡିର ପତାକା ତଳେ ଘୁରୁଥାନ୍ତି, କିନ୍ତୁ ରାତିରେ ବିପକ୍ଷୀୟ ନେତାଙ୍କ ସହିତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ କାମ ପାଇବା ପାଇଁ ଗୁପ୍ତ ସାକ୍ଷାତ କରୁଛନ୍ତି । ସେଥିପାଇଁ କର୍ମୀମାନେ ଦିନରେ ବସନ୍ତ, ରାତିରେ ବାସନ୍ତି ବୋଲି ବ୍ୟଙ୍ଗ କରି, ବ୍ଲକ ସଭାପତିଙ୍କ ନିଷ୍ଠା ଓ ନୈତିକତା ପ୍ରତି ପ୍ରଶ୍ନ ଉଠାଉଛନ୍ତି । ବିଜେଡିର ସର୍ବୋଚ୍ଚ ନେତୃତ୍ୱ ଶ୍ରୀ ପଟ୍ଟନାୟକ ଯେତେବେଳେ ଭରସା ଓ ବିଶ୍ୱାସ କରି ହିଞ୍ଜିଳି ବ୍ଲକ ସଭାପତି ଓ ପ୍ରତିନିଧି ନିଯୁକ୍ତି କରିଥିଲେ, ସେହି ଭରସା ଓ ବିଶ୍ୱାସକୁ ଏହିମାନେ ସଠିକ ରୂପେ ଆଗକୁ ନେବାପାଇଁ ବିଫଳ ହେଉଛନ୍ତି ବୋଲି କର୍ମୀ ମହଲରେ ଚର୍ଚ୍ଚା ହେଉଛି । ଏହିମାନେ ନିଜର ପଦବୀକୁ ଦୁରୁପଯୋଗ କରୀ ବ୍ୟକ୍ତିଗତ ଫାଇଦା ଉଠାଇବାରେ ଲାଗିଛନ୍ତି ବୋଲି କର୍ମୀମାନେ ବିଦ୍ରୋହିମୁହାଁ ହୋଇପଡିଛନ୍ତି, ସେଥିପାଇଁ ସ୍ଥାନୀୟ କର୍ମୀମାନେ ସ୍ପଷ୍ଟ ଦାବି କରୁଛନ୍ତି ଯେପର୍ଯ୍ୟନ୍ତ ଏମାନଙ୍କୁ ପଦରୁ ହଟାଯାଇନି ସେପର୍ଯ୍ୟନ୍ତ ଆମେମାନେ କୌଣସି କାର୍ଯ୍ୟକ୍ରମରେ ଯୋଗ ଦେବୁନାହିଁ । ଏଥିପାଇଁ ହିଞ୍ଜିଳି ବ୍ଲକର ପ୍ରାୟ ସବୁ ଛକ, ବଜାର ଓ ହାଟରେ ଏବେ ସ୍ଥାନୀୟ ସ୍ତରରେ ଦଳରେ ନେତୃତ୍ୱ ସଙ୍କଟ ବୋଲି କର୍ମୀ ମହଲରେ ଚର୍ଚ୍ଚା ଜୋର ଧରିବାରେ ଲାଗିଛି ।

## ସରକାରୀ ବିଦ୍ୟାଳୟ ଜମିରେ ଦୋକାନ ଗୃହ ନିର୍ମାଣ, ଉଚ୍ଚସ୍ତରୀୟ ତଦନ୍ତ ଦାବି



ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବିରଞ୍ଜନ ତ୍ରିପାଠୀଙ୍କ କରକମଳରେ ଆନୁଷ୍ଠାନିକ ଭାବେ ଉଦ୍ଘାଟନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଏନ୍ଏସି ଅଧିକାରୀ ପ୍ରଫୁଲ୍ଲ ବେହେରା, ନଗରପାଳ, ଉପ ନଗରପାଳ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ପ୍ରକଳ୍ପ ଉଦ୍ଘାଟନ ହୋଇଥିବା ବେଳେ ବହୁ ପୁରାତନ ଶତାୟୁ ସରକାରୀ ବରେନ୍ଦ୍ର କୃଷ୍ଣ ବିଦ୍ୟାଳୟର ଜମିରେ ଏନ୍ଏସି ପକ୍ଷରୁ ଦୋକାନ ଗୃହ (ଭେଣ୍ଡିଂ ଜୋନ) ନିର୍ମାଣ କରାଯାଇଥିଲା । ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ଜମି ମାପଚୁପ ନିର୍ଦ୍ଧାରଣ ପରେ ଖୁଣ୍ଟ ପୋତି ତାର ଜାଲି ବୁଲାଯାଇଥିଲା । ଫଳରେ ଭେଣ୍ଡି ଜୋନ ଦୋକାନ ଗୃହ ନିର୍ମାଣକୁ ନେଇ ବାଙ୍କୀ ଏନ୍ଏସି ଏବଂ ବିଦ୍ୟାଳୟ ପରିଚାଳନା କମିଟି ଲୋକେ ବିରୋଧ କରିଥିଲେ । ଫଳରେ ଉକ୍ତ ଭେଣ୍ଡି ଜୋନ ଦୋକାନ ଗୃହ ଉଦ୍ଘାଟନ ହୋଇପାରିନଥିଲା । ଅନ୍ୟପଟେ ନିର୍ମାଣ ଧୀନ ଦୋକାନ ଗୃହ କେଉଁ ଅର୍ଥରେ ନିର୍ମାଣ କରାଯାଇଛି ତାହାର ସୂଚନା ଫଳକ ଲଗା ଯାଇନଥିଲା । ବିନା ସୂଚନା ଫଳକରେ କେମିତି ସରକାରୀ ଗୃହ ନିର୍ମାଣ କରାଗଲା ଏବଂ ଏହି ଗୃହ ନିର୍ମାଣ ରେ କେତେ ଟଙ୍କା ବିଲ କରାଯାଇଛି ଯାହାକୁ ନେଇ ଜନସାଧାରଣର ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ ଏନ୍ଏସି ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ଏବେ ପଦାରେ ପଡିଛି । ସୂଚନାଥାଉ କି ୨୦୨୩ ମସିହା ଅଗଷ୍ଟ ମାସ ୩୧ ତାରିଖ ୫୭ ତମ ସ୍ୱାୟତ୍ତ ଶାସନ ଦିବସରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ ପ୍ରମୁଖ ଭିତି ପ୍ରସ୍ତର ସ୍ଥାପନ କରିଥିବା ଫଳକ ଲଗାଯାଇଥିବା ଦେଖିବାକୁ ମିଳିଛି । ପ୍ରଥମେ ଜମି ଚିହ୍ନଟ ନକରି ଗୃହ ନିର୍ମାଣ କରିବା ଏବଂ ଅନ୍ୟପଟେ ବିନା ସୂଚନା ଫଳକାରେ ଗୃହ ନିର୍ମାଣ କରି କନିଷ୍ଠ ଯନ୍ତ୍ରୀ ବିଲ ପାସ କେମିତି କଲେ ତାହା ଏବେ ଜନ ମାନସରେ ପ୍ରଶ୍ନ ଉଠୁଛି । ତେବେ ଏହି ଗୃହ ନିର୍ମାଣରେ ଏନ୍ଏସି କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ବିନିଯୋଗ କରାଯାଇ ଗୃହ ନିର୍ମାଣ କରାଯାଇଛି ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଏବଂ ଖର୍ଚ୍ଚ ହୋଇଥିବା ଅର୍ଥ ରିକୋଭାରି କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି । ଘଟଣା ସମ୍ପର୍କରେ ବାଙ୍କୀ ଏନ୍ଏସି ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରୁ କହିଲେ ମୁଁ ଏ ସମ୍ପର୍କରେ କିଛି ଜାଣିନି । ବିନା ସୂଚନା ଫଳକରେ କାର୍ଯ୍ୟ ନିର୍ମାଣ କରିବା ସରକାରୀ ନିୟମକୁ ଉଲଂଘନ କରାଯାଇଛି । ଏହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ଏନ୍ଏସି ଅଧିକାରୀ ବେହେରା କହିଛନ୍ତି ।

## ସୁକୁରଙ୍ଗି ଖଣିରୁ ମାଟି ଡ଼ମ୍ପ ଧସି ଘରେ ପଶିଲା କାଦୁଅ ପାଣି

କାଳିଆପାଣି(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା କାଳିଆପାଣି ଖଣି ଅଞ୍ଚଳରେ ଥିବା ଓଡିଶା ଖଣିନିଗମ ସୁକୁରଙ୍ଗି ଖଣି ମାଟି ଡ଼ମ୍ପ ରବିବାର ସନ୍ଧ୍ୟାରେ ଧସି ଏକାଧିକ ଘରେ ନିକେଲ ମାଟି ଓ ପାଣି ପଶିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଲୋକଙ୍କ ଜୀବନ ଅଳ୍ପକେ ରକ୍ଷା ପାଇଥିବା ଜଣାପଡିଛି । ସୂଚନା ଥାଉକି ରବିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସାଙ୍ଗକୁ ଘଡଘଡି ହୋଇଥିଲା । ବର୍ଷାର ପରିମାଣ ଅଧିକ ଥିବାରୁ ସୁକୁରଙ୍ଗି ଖଣିର ମାଟି ଡମ୍ପଟି ଧସି ଯାଇଥିଲା ଫଳରେ ନିକେଲ ପାଣି ଓ ମାଟି ଚିରୁଗୁଡା ବସ୍ତିକୁ ମାଡିଆସି ଏକାଧିକ ଘରେ ପଶିଯାଇଥିଲା । ସନ୍ଧ୍ୟା ସମୟ ହୋଇଥିବାରୁ ଲୋକେ ଶୋଇ ନଥିଲେ । ଘରେ ୩ ଫୁଟରୁ ଅଧିକ ପାଣି ଓ ମାଟି ପଶି ଥିବା ଦେଖିବାକୁ ମିଳିଛି । ଖଣି ନିଗମ ନିୟମ ଅନୁଯାଇ ଡମ୍ପର ପ୍ରତିକାର କରିନଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ପ୍ରଦୂଷଣ ବିଭାଗର ନିରବତା ପ୍ରଶ୍ନ ବାଚି ସୃଷ୍ଟି କରିଛି । ଖଣିରୁ ନିର୍ଗତ ହେକ୍ସାଭାଲଣ୍ଟ ଓ ନିକେଲ ମିଶା ଜଳକୁ ବିଶୋଧନ ନକରି ସିଧା ସଳଖ ଡମଶାଳ ନଦୀକୁ ଛାଡୁଥିବା ଅଭିଯୋଗ ହୋଇଛି ।

## ବାୟାବାବାଙ୍କ ସେବାଶ୍ରମରେ ଭାଗବତ ସପ୍ତାହ ପାଳିତ

ପାରାଦ୍ୱୀପ/କୁଜଙ୍ଗ(ଭାସ୍କର ନ୍ୟୁଜ): ଚଳିତ ବର୍ଷ କୁଜଙ୍ଗ ଶ୍ରୀ ଶ୍ରୀ ଅନନ୍ତ କଳ୍ପତରୁ ବାୟାବାବାଙ୍କ ସେବାଶ୍ରମରେ ସ୍ୱର୍ଗୀୟ ମହନ୍ତ ପ୍ରତାପ ନାରାୟଣ ଦାସଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ୩୭ତମ ଭାଗବତ ସପ୍ତାହ ପାଳିତ ହେଉଛି । ପ୍ରତ୍ୟୁଷରୁ କଳସ ଯାତ୍ରା, ହୋମାଦି ଯଜ୍ଞକର୍ମ ସମାପନ ପରେ ସାତଦିନ ବ୍ୟାପି ଭାଗବତ ପଠନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି । ଆଶ୍ରମର ବାବା ପୁରସ୍ତମ ଦାସ ଓ ପ୍ରକାଶ ନାରାୟଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ସମ୍ମିଳିତ ପ୍ରଚେଷ୍ଟା ଦ୍ୱାରା ଏଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଚାଲୁଛି । ପ୍ରାରମ୍ଭିକ ଦିବସରେ ଶ୍ରଦ୍ଧାଳୁ ଭକ୍ତ ନିଶାକର ପଣ୍ଡା, ସୁଶାନ୍ତ ଶେଖର ସ୍ୱାଇଁ, ଟିପୁ ବାବା, ବିଜୟ ଦାସ, ଅଶୋକ ନାଥ, ପରୀକ୍ଷିତ ଦାସ, ବୈରାଗୀ ବାରିକ, ପବିତ୍ର ନାୟକ, କାର୍ତ୍ତିକ ସାହୁ, ରଶ୍ମୀକାନ୍ତ ଶତପତି, ଭାଗବତ ପାଠକ କାହ୍ନୁ ବାବା, ହରେକୃଷ୍ଣ ତ୍ରିପାଠୀ, କବିନ୍ଦ୍ର ବାରିକ, ଗୁଡୁ, କୁନାବାବା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । ପ୍ରତିଦିନ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ।

**ପ୍ରତୀକ୍ଷାର ଅନ୍ତ ଘଟିଲା**

## ଗଁଦିଆକୁ ନୂତନ ଏନ୍ଏସି ଘୋଷଣା ପରେ ଖୁସିର ମହୋଲ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଗଁଦିଆକୁ ନୂତନ ଏନ୍ଏସି ଘୋଷଣା ଫଳରେ ଗଁଦିଆବାସୀଙ୍କ ଯେଉଁ ଦୀର୍ଘଦିନର ସ୍ୱପ୍ନ ସତରେ ପରିଣତ ହୋଇଥିବାରୁ ସମଗ୍ର ଗଁଦିଆରେ ଆନନ୍ଦ ଉଲ୍ଲାସ ଓ ଖୁସିର ଲହରୀ ଦେଖିବାକୁ ମିଳିଛି , ସତେ ଯେପରି ସେମାନଙ୍କୁ ଆଜି କୋଟିନିଧି ମିଳିଯାଇଛି । ଯେତେବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭାସି ମାଧ୍ୟମରେ ଢେଙ୍କାନାଳ ଜିଲ୍ଲାର ଗଁଦିଆ କୁ ନୂତନ ଏନ୍ଏସି ଭାବରେ ଘୋଷଣା କଲେ ତତ୍କ୍ଷଣାତ ସମଗ୍ର ଗଁଦିଆରେ ଆନନ୍ଦ ଉଲ୍ଲାସ ଖେଳିଯିବା ସହିତ ଆତସ ବାଜିରେ ସମଗ୍ର ଅଞ୍ଚଳ ପ୍ରାକମ୍ପିତ ହୋଇ ଉଠିଥିଲା । ଏହି ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ପୋରହଖୋଜର ପାଲା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଭବ୍ୟ ସ୍ୱାଗତ କରାଯାଇ ଏକ ବିରାଟ ପଟୁଆର ଶୋଭାଯାତ୍ରାରେ ସଭା ମଣ୍ଡପକୁ ପାଛୋଟି ଅଣାଯାଇଥିଲା । ପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନାମ ଘୋଷଣା ପରେ ତାଙ୍କୁ ଗଁଦିଆବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିଜର ମତ ବ୍ୟକ୍ତ କରି ଶ୍ରୀ ପାତ୍ର ଗଁଦିଆବାସିଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଗଁଦିଆବାସୀଙ୍କ ତରଫରୁ କୃତଜ୍ଞତା ଦେବା ସହିତ କେବଳ ଏନ୍ଏସି କାହିଁକି ଆଗାମୀ ଦିନରେ ସବୁ ସମସ୍ୟା ଗୁଡିକର ତୁରନ୍ତ ସମାଧାନ ପାଇଁ ବ୍ୟକ୍ତିଗତ ଭାବରେ ସେ ନିଜେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ସଭାରେ ଗଁଦିଆ ପଂଚାୟତ ସମିତି ଅଧକ୍ଷା ରୀନାରାଣୀ ଖଟୁଆ, ପୋରହଖୋଜ ଗ୍ରାମ ପଂଚାୟତ ସରପଞ୍ଚ ରତିକାନ୍ତ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ କୋଦଣ୍ଡ ଧର ସାହୁ, ପୂର୍ବତନ ରାଜ୍ୟ ସମବାୟ ସମିତିର ସଭାପତି ଅକ୍ଷୟ କୁମାର ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଜିଲ୍ଲା ମିଡ଼ିଆ ସେଲ ଅଧକ୍ଷ ନବ କିଶୋର ଗୁରୁ, ଗଁଦିଆ ବ୍ଲକର ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ।ଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଗଁଦିଆବାସୀଙ୍କ ତରଫରୁ କୃତଜ୍ଞତା ପ୍ରଦାନ କରିବା ସହିତ ସନ୍ଧ୍ୟା ସମୟରେ କମିଟି ପକ୍ଷରୁ ଏକ ଧନ୍ୟବାଦ ଉତ୍ସବ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରାରେ ଡିଜେ ବଜାଇ ଗଁଦିଆ ବାସି ଆତସ ବାଜି ଫୁଟାଇ, ବିଭିନ୍ନ ସ୍ଲୋଗାନ ମାନ ଦେଇ ପରସ୍ପର ମଧ୍ୟରେ ମିଷ୍ଟାନ ବଣ୍ଟନ କରି ଉତ୍ସବ ପାଳନ କରିଥିଲେ । କମିଟି ସଭାପତି ମଙ୍ଗରାଜ ବାରିକି, ଗଁଦିଆ ଓକିଲ ସଙ୍ଘ ସଭାପତି ପ୍ରଦୀପ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂହ, ଗଁଦିଆ ଅଂଚଳର ବରିଷ୍ଠ ନାଗରିକ ସଚ୍ଚିଦାନନ୍ଦ ବେହେରା, ବିପିନି ବିହାରୀ ସିଂହ, ଗୋପାଳ ସାହୁଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦାନ କରିଥିଲେ ।

# ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଉଛି ବେଦାନ୍ତ ଲାଞ୍ଜିଗଡ଼




ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର ସିଏସ୍ଆର୍ ସ୍ୱାସ୍ଥ୍ୟସେବା ପଦକ୍ଷେପ ପ୍ରକଳ୍ପ ଆରୋଗ୍ୟ ଅଂଶ ଭାବରେ ସମ୍ପ୍ରତି ଲାଞ୍ଜିଗଡ଼ ବ୍ଲକର ୧୩ଟି ଗ୍ରାମକୁ କଭର କରି କାନକୁଟ୍ରୁ ଗ୍ରାମପଞ୍ଚାୟତରେ ଏକ ମେଗା ସ୍ୱାସ୍ଥ୍ୟଶିବିର ଆୟୋଜନ କରିଥିଲା । ଶିବିରରେ ପ୍ରାୟ ୪୦୦ ହିତାଧିକାରୀଙ୍କୁ ମାଗଣା ପରାମର୍ଶ, ରୋଗ ଚିହ୍ନଟ ଏବଂ ଔଷଧ ପ୍ରଦାନ କରାଯାଇଥିଲା, ଯାହା ସିଧାସଳଖ ଗ୍ରାମୀଣ ସମ୍ପ୍ରଦାୟକୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲା । ଶିବିର ସମୟରେ, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଏକ ଉତ୍ସର୍ଗୀକୃତ ଦଳ ମାଗଣା ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ପ୍ରଦାନ କରିଥିଲେ ଏବଂ ପ୍ରତିରୋଧକ ଯତ୍ନ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରିଥିଲେ, ଯାହା ଦୂରଦୂରାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ସାହାଯ୍ୟ କରିଥିଲା । ସାମୁଦାୟିକ କଲ୍ୟାଣ ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାର ଅଂଶ ଭାବରେ, କମ୍ପାନୀ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ନିୟମିତ ଅତ୍ୟାବଶ୍ୟକ ଚିକିତ୍ସାସେବା ସୁନିଶ୍ଚିତ କରିବା ପାଇଁ ମାସିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥାଏ । ଏହି ପଦକ୍ଷେପ ନିରନ୍ତର ପ୍ରସାର ମାଧ୍ୟମରେ ସ୍ୱାସ୍ଥ୍ୟସେବା ଅଭାବକୁ ପୂରଣ କରିବା ଉପରେ କମ୍ପାନୀର ଧ୍ୟାନକୁ ପ୍ରତିଫଳିତ କରେ ଏବଂ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ, ବିଶେଷକରି ଏସଡିଜି ୩ -ଉତ୍ତମସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତା ସହିତ ସମନ୍ୱୟ ରଖେ । ବେଦାନ୍ତର ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: ସ୍ୱାସ୍ଥ୍ୟସେବା ଏକ ମୌଳିକ ଅଧିକାର, ତଥାପି ଅନେକ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏହାର ପ୍ରାପ୍ୟତା ଏକ ଚ୍ୟାଲେଞ୍ଜ ହୋଇ ରହିଛି । କଳାହାଣ୍ଡି ଜିଲ୍ଲାରେ, ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ, ଆମେ ବାର୍ଷିକ ୬୦,୦୦୦ରୁ ଅଧିକ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରୁ । ମେଗା ସ୍ୱାସ୍ଥ୍ୟ ଶିବିର ଭଳି ପଦକ୍ଷେପ ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ସମ୍ପ୍ରଦାୟ କଲ୍ୟାଣ ହେଉଛି ସ୍ଥାୟୀ ଅଭିବୃଦ୍ଧିର ମୂଳଦୁଆ । ବେଦାନ୍ତ ଲାଞ୍ଜିଗଡ଼ର ପ୍ରମୁଖ ସ୍ୱାସ୍ଥ୍ୟସେବା ପଦକ୍ଷେପ, ପ୍ରୋଜେକ୍ଟ ଆରୋଗ୍ୟ, ଏହି ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି । କେବଳ ଆର୍ଥିକ ବର୍ଷରେ, ୬୬୦ରୁ ଅଧିକ ମୋବାଇଲ୍ ହେଲ୍ଥ ୟୁନିଟ ପରିଦର୍ଶନ କରାଯାଇ ଥିଲା, ଯାହା ଦୂରଦୂରାନ୍ତ ଗ୍ରାମ ଗୁଡିକରେ ୨୦,୫୦୦ରୁ ଅଧିକ ବ୍ୟକ୍ତିଙ୍କୁ ଦ୍ୱାରଦେଶ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲା । ଏହା ସହିତ, ୬୮୦ରୁ ଅଧିକ ସାମୁଦାୟିକ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା, ଯାହା ୧୫,୦୦୦ରୁ ଅଧିକ ଲୋକଙ୍କୁ ପରିଷ୍କାର ପରିଚ୍ଛନ୍ନତା, ସୁସ୍ଥତା ଏବଂ ରୋଗ ନିବାରଣ ବିଷୟରେ ଜରୁରି ସୂଚନା ପ୍ରଦାନ କରିଥିଲା । ବେଦାନ୍ତ ଲାଞ୍ଜିଗଡ଼ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏକ ଦାୟିତ୍ୱପୂର୍ଣ୍ଣ ବିକାଶ ସହଯୋଗୀ ଭାବରେ ନିଜର ଭୂମିକାକୁ ସୁଦୃଢ଼ କରି ଶେଷ ମାଇଲ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଏହାର ମିଶନରେ ଅଟଳ ରହିଛି ।

# ସ୍ୱାୟତ୍ତ ଶାସନ ଦିବସରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅଗଷ୍ଟ ୩୧ ତାରିଖ ରବିବାର ଦିନ ୧୦ କୋଟି ରୁ ଉର୍ଦ୍ଧ ଅର୍ଥ ବିନିଯୋଗରେ ଅନେକ ପ୍ରକଳ୍ପ ଉଦଘାଟନ ସହ ମହା ସମାରୋହରେ ପାଳିତ ହୋଇଯାଇଛି । ଉଦଯାପନୀ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ, ସିଆଇଏସଏଫ କମାଣ୍ଡାଣ୍ଟ ସନତ କୁମାର ପଟେଲ, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଏବଂ ଉପାଧକ୍ଷା ଓ ନିର୍ବାହୀ ଅଧିକାରୀ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ଅନୁଷ୍ଠାନ, ସଂଗଠନ, ବ୍ୟକ୍ତିବିଶେଷ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କ୍ରମରେ ପାରାଦୀପ ବନ୍ଦର ୧୫୦.୪୦ ମିଲିୟନ ମେଟ୍ରିକ ଟନ ପଣ୍ୟ ପରିଚାଳନା କରି ରେକର୍ଡ ସୃଷ୍ଟି କରିବା ସହ ସର୍ବଭାରତୀୟ ସ୍ତରରେ ଏକ ନମ୍ବର ବନ୍ଦର ମାନ୍ୟତା ହାସଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବନ୍ଦରାଧକ୍ଷ ପି.ଏଲ.ହରନାଦଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉତ୍ତରୀୟ ଓ ସିଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଏନ.ଏମ.ଡି.ସି ହାଇଦ୍ରାବାଦ ମାରାଥନରେ ସଫଳତା ପାଇଁ ସିଆଇଏସଏଫ କମାଣ୍ଡାଣ୍ଟ ସନତ କୁମାର ପଟେଲ, ସଠିକ ସମୟରେ ପୌରପାଳିକାରେ ଟ୍ୟାକ୍ସ ପ୍ରଦାନ ପାଇଁ ଆଇଓସିଏଲ ପାରାଦୀପ ଟର୍ମୀନାଲ ଏବଂ ଜେଏସପିଏଲକୁ ପୌରପାଳିକା ପକ୍ଷରୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିବା ବେଳେ ସ୍ୱଚ୍ଛତା ତଥା ବୃକ୍ଷ ରୋପଣ ପାଇଁ ପୌରପାଳିକାର ସ୍ୱଚ୍ଛତା ଆମ୍ବାସଡ଼ର ତଥା ପରିବେଷବିତ ଅମରେଶ ନରେଶ ସାମନ୍ତ, ପରିବେଶ ସୁରକ୍ଷା ପାଇଁ ଅନନ୍ତ ବଳିଆ ସେବା ସଙ୍ଘ, ସ୍ୱଚ୍ଛ ପରିବେଶ ପାଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିୟମିତ ଘରୋଇ ଗୃହ ଟିକସ ଦାତା ଭାବେ ପ୍ରହଲ୍ଲାଦ ଚନ୍ଦ୍ର ସାହୁ ଓ ଦୋକାନ ଟିକସ ଦାତା ଭାବେ ସପନ କୁମାର ମାଇତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଉମେଶ ଦାସ, ଡମ୍ବରୁ ଗୋଛାୟତଙ୍କୁ ପୌର ପରିଷଦର ପ୍ରମୁଖ ପରିମଳ କର୍ମଚାରୀ ଆୱାର୍ଡ ପ୍ରଦାନ କରାଯାଇଥିବା ବେଳେ ଉତ୍ସର୍ଗୀକୃତ ସ୍ୱଚ୍ଛ କର୍ମୀ ଭାବେ ଏମସିସିର ମିନତୀ ମଣ୍ଡଳ, ଏମଆରଏଫ ର ଜ୍ୟୋତ୍ସ୍ନାରାଣୀ ଦାସ, ଅପରେଟର ସବିତା ଘଡେଇ ଓ ବବିତା ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକଳା, ଗ୍ରାଫିକ ଡିଜାଇନ, ପ୍ରିଣ୍ଟିଂ ଓ ବିଜ୍ଞାପନ କ୍ଷେତ୍ରରେ ସୁଧାଂଶୁ ଆର୍ଟ୍ସ, ସ୍ୱଚ୍ଛତା, ସବୁଜିମା ଓ ବିଭିନ୍ନ ପର୍ବାଣୀରେ ଜଳସେବା ଯୋଗାଣ କ୍ଷେତ୍ରରେ ଗ୍ରୀନ ପାରାଦୀପ ଟ୍ରଷ୍ଟ, ସମାଜ ସେବା, ଅସହାୟ ମହିଳା /ବାଳଶ୍ରମିକଙ୍କୁ ଉଦ୍ଧାର ଓ ଥଇଥାନ, ନାବାଳିକା ବିବାହ ପ୍ରତିବାଦ, ନିଃଶୁଳ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବ୍ୟାସ ଫାଉଣ୍ଡେସନ, ବେଳାଭୂମି ସଫେଇ, ବୃକ୍ଷରୋପଣ, ରକ୍ତଦାନ ଓ ଜନସଚେତନତା କ୍ଷେତ୍ରରେ ପାରାଦୀପ ମହାବିଦ୍ୟାଳୟର ଏନସିସି ଆଲୁମିନି ଆସୋସିଏସନ, ଲୁଣା ଜଙ୍ଗଲ ପୁନଃରୁଦ୍ଧାର, ହେନ୍ତାଳ ବଣ ସୁରକ୍ଷା ଓ ବନିକରଣ, ତଟ ସଫେଇ, ପ୍ଲାଷ୍ଟିକ ସଚେତନତା କ୍ଷେତ୍ରରେ ସାତ୍ତ୍ୱିକ ସୋଲ ଫାଉଣ୍ଡେସନ, ବନିକରଣ ଓ ଏହାର ସୁରକ୍ଷା ତଥା ଓଡ଼ିଆ ଭାଷାର ଉନ୍ନତି ପାଇଁ ଆମ ବର୍ଣ୍ଣବୋଧ କାର୍ଯ୍ୟକ୍ରମ ଓ ରକ୍ତଦାନ କ୍ଷେତ୍ରରେ ବିବେକାନନ୍ଦ ୟୁଥ କ୍ଲବ, ପରିବେଶ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ ଆଦର୍ଶ ପ୍ରୟାସ, ମନସା ଚାରିଟେବୁଲ ଟ୍ରଷ୍ଟ, ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ, କ୍ୟାନମାସ, ନୀଳଚକ୍ର ୟୁଥ କ୍ଲବ, ଆହ୍ୱାନ ଫାଉଣ୍ଡେସନ, କଳିଙ୍ଗ ମହିଳା ଶକ୍ତି, ପରିବେଶ ସୁରକ୍ଷା ଟ୍ରଷ୍ଟ, ଅସହାୟ କଲ୍ୟାଣ ଟ୍ରଷ୍ଟ ସଂଗଠନ ଗୁଡିକୁ ପୌରପାଳିକା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସ୍କୁଲ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ପୋର୍ଟ ଟ୍ରଷ୍ଟ ୟୁପି ସ୍କୁଲ, ସଞ୍ଜୟ ଗାନ୍ଧୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଗଣପତି ଶିଶୁ ବିଦ୍ୟା ମନ୍ଦିର, ପୋର୍ଟ ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ, ଏନ.ଏ.ସି ସରକାରୀ ଉଚ୍ଚ ବିଦ୍ୟାଳୟ ନବ ପ୍ରଭାତ ଶିଶୁ ବିଦ୍ୟା ମନ୍ଦିର, ଷଣ୍ଢକୁଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାରାଦୀପ ମହାବିଦ୍ୟାଳୟ ଏନସିସି ୟୁନିଟ ର ଛାତ୍ରଛାତ୍ରୀ ମାନେ ସଫଳତା ହାସଲ କରି ସମ୍ବର୍ଦ୍ଧିତ ହୋଇଥିଲେ । ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ପିପିଏଲ ଡିଏଭି ପବ୍ଲିକ ସ୍କୁଲ ଓ ହକି ଗ୍ରାସରୁଟ ହାଇ ପ୍ରଫରମାନ୍ସ ସେଣ୍ଟର, କେନ୍ଦ୍ରୀୟ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରଛାତ୍ରୀ ମାନେ ସଫଳତା ହାସଲ କରି ପୁରସ୍କୃତ ହୋଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଆନୁଷ୍ଠାନିକରଣ ଯୋଜନାରେ ତେଜସ୍ୱିନୀ ମହାସଂଘ କୁ ୧ ଲକ୍ଷ ୨୦ ହଜାର, ବସୁଧା ମହାସଂଘକୁ ୭ ଲକ୍ଷ ୬୦ ହଜାର, ଉତ୍କଳ ଜନନୀ ମହାସଂଘ ୪ ଲକ୍ଷ, ଲକ୍ଷ୍ମୀବାଇ ମହାସଂଘ ୮୦ ହଜାର ଓ ସୁରଭି ମହାସଂଘକୁ ୧୭ ଲକ୍ଷ ୨୦ ହଜାର ପୁଞ୍ଜି ପ୍ରଦାନ କରାଯାଇଥିଲା ।



ଧାମନଗର, (ଭାସ୍କର ନ୍ୟୁଜ): ଧାମନଗର ବ୍ଲକରେ ବିଭିନ୍ନ ଅଞ୍ଚଳରୁ ବେଆଇନିଭାବେ ଦୈନିକ ଗୋ ଚାଲାଣ ହେଉଛି । ଯାହାକି ଅତି ନୃଶଂସ ଭାବରେ ଗୋମାତା ଗୋଡ଼ ବାନ୍ଧି ଗାଡ଼ିରେ ବାହାର ରାଜ୍ୟକୁ ଚାଲାଣ ହେଉଛି ଯାହାକୁ ହିନ୍ଦୁ ସମାଜକୁ ଦୁଃଖ ଦେଉଛି । ପ୍ରଶାସନଙ୍କୁ ବାରମ୍ବାର ମଧ ବଜରଙ୍ଗ ସେନା ସୂଚନା ଦେବା ପରେ ଗୋଚାଲାଣ ବନ୍ଦ ହେଉନାହିଁ । ତେବେ ସୋମବାର ଦିନ ଭଦ୍ରକ ଜିଲ୍ଲା ବଜରଙ୍ଗ ସେନାର ସଭାପତି ଅଶ୍ୱିନୀ ପାଢ଼ୀ, ଜିଲ୍ଲା ସମ୍ପାଦକ ଓ ଚାନ୍ଦ ମୋହନ ନାୟକଙ୍କ ନେତୃତ୍ୱରେ ବଳରାମ ଜେନା, ହରିହର ଚାନ୍ଦ, ରଶ୍ମୀ ରଞ୍ଜନ ମଲ୍ଲିକ, ବ୍ରଜକିଶୋର ସାହୁ, ମହେନ୍ଦ୍ର ସାହୁ ପ୍ରମୁଖ ଧାମନଗର ଥାନା ଅଧିକାରୀଙ୍କୁ ଭେଟି ଗୋଚାଲାଣ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ନିଶ୍ଚିତ ଭାବରେ ଧାମନଗରରେ ବେଆଇନ ଗୋଚାଲାଣ ବନ୍ଦ ହେବ ସେ ନେଇ ସମସ୍ତଙ୍କର ସହଯୋଗ ଆବଶ୍ୟକତା ରହିଛି । ଗୋ ଚାଲାଣ ସହ ବେଆଇନି ମଦ ଓ ଚୋରାକାରବାର ଯୋଗିଆ ବୋଲି ନୂଆ ଥାନା ଅଧିକାରୀ ରଞ୍ଜନ ସେଠି କହିଥିଲେ । ତେବେ ଯଦି ଗୋ ଚାଲାଣ ହେଉଛି ତୁରନ୍ତ ଥାନାକୁ ସୂଚନା ଦେବେ ଆଇନକୁ ହାତକୁ ନ ନେବାକୁ ଥାନା ଅଧିକାରୀ ସେଠି ପରାମର୍ଶ ଦେଇଥିଲେ ।

### ମରଣାସ୍ତ୍ର ଦେଖାଇ ଲୁଟ୍ ଅଭିଯୋଗ

# ଦୁଇ ନାବାଳକଙ୍କ ସମେତ ୫ଗିରଫ



କେନ୍ଦୁଝର, (ଭାସ୍କର ନ୍ୟୁଜ): ରବିବାର ଅଗଷ୍ଟ ୩୧ ତାରିଖ ସକାଳ ୧୧.୧୦ ସମୟରେ ଗୌରାଙ୍ଗ ଗିରି (୬୨), ପୁଅ-ସୀତାନାଥ ଗିରି, ଗ୍ରାମର କୁସନପୁର, ଥାନା: ରରୁଆଁ, ଜିଲ୍ଲା-ମୟୂରଭଞ୍ଜ କେନ୍ଦୁଝର ସଦର ଥାନାରେ ହାଜର ହୋଇ ଅଭିଯୋଗ କରିଥିଲେ ଯେ ୨୯ ଅଗଷ୍ଟରେ ସେ ହରିଚନ୍ଦନପୁର ବଜାର (ହାଟ) ଯାଇଥିଲେ ଏବଂ ଦୁଇଟି ବାଛୁରୀ କିଣି ତାଙ୍କ ସହଯୋଗୀଙ୍କ ସହିତ ତାଙ୍କ ଘରକୁ ଫେରିଥିଲେ । ୩୦ ଅଗଷ୍ଟ ସମୟରେ ସେ ଝାଡାବେଲଡା ହାଟ ନିକଟରେ ନିଜ ଜନ୍ମସ୍ଥାନକୁ ଫେରୁଥିବା ସମୟରେ ସେ ରାତ୍ରୀ ଭୋଜନ କରି ସେଠାରେ ବିଶ୍ରାମ ନେଉଥିଲେ । ତାଙ୍କ ସହିତ ଥିବା ସହଯୋଗୀ ମାନେ ତାଙ୍କ ଜନ୍ମସ୍ଥାନକୁ ଚାଲିଗଲେ । ଅଭିଯୋଗକାରୀଙ୍କ ଏକାକୀତାର ସୁଯୋଗ ନେଇ ୭ ରୁ ୮ ଜଣ ଯୁବକ ଏକ ଧଳା ରଙ୍ଗର ସ୍ୱିଫ୍ଟ ଡିଜାୟାର କାର ଏବଂ ଏକ ମୋଟର ସାଇକେଲରେ ତାଙ୍କ ପାଖକୁ ଆସିଲେ । ତା'ପରେ ସେମାନେ ତାଙ୍କଠାରୁ ଜୋର ଜବରଦସ୍ତି ୨୦,୦୦୦ ଟଙ୍କା ଦାବି କରିଥିଲେ, କିନ୍ତୁ ତାଙ୍କ ପାଖରେ ଏତେ ଟଙ୍କା ନଥିବାରୁ ସେ ସେମାନଙ୍କୁ ମନା କରି ଦେଇଥିଲେ । ଏହା ପରେ ସେମାନେ ଭୁଜାଲି ଏବଂ ଛୁରୀ ଦେଖାଇ ତାଙ୍କ ପକେଟରୁ ଜୋରଜବରଦସ୍ତ ୫୫୦୦ ଟଙ୍କା ଛଡ଼ାଇ ନେଇଥିଲେ । ତାଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନେ ତାଙ୍କଠାରୁ ବଳପୂର୍ବକ ତାଙ୍କର ଦୁଇଟି ବାଛୁରୀ ମଧ୍ୟ ଛଡ଼ାଇ ନେଇଥିଲେ । ସେ ଭୟଭୀତ ହୋଇ ଚୁପ୍ ରହିଥିଲେ । ଏହି ଘଟଣାରେ ସଦର ପୋଲିସ ନେଲୁଙ୍ଗ ଗ୍ରାମର କୁନାଲ ପାତ୍ର(୧୯), ସଦର ଥାନା ଅନ୍ତର୍ଗତ ମହୁଲଡିହା ଗ୍ରାମର ମନୋଜ ଜେନା(୨୫), ଶିବପ୍ରସାଦ ବାରିକ(୨୫) ଓ ଦୁଇଜଣ ନାବାଳକଙ୍କୁ ସଦର ପୋଲିସ ଗିରଫ କରାଯାଇଛି ବୋଲି ସଦର ପୋଲିସ ଇନ୍ସପେକ୍ଟର ଅମିତ କୁମାର ଭୂୟାଁ ସୂଚନା ଦେଇଛନ୍ତି । ଏହା ସହିତ ସେମାନଙ୍କ ନିକଟରୁ ଏକ ଧଳା ରଙ୍ଗର ସ୍ୱିଫ୍ଟ ଡିଜାଇର କାର ଓ ଏକ ମୋଟର ସାଇକେଲ ଜବତ କରାଯାଇଛି ।

# ମୃତଦେହ ଉଦ୍ଧାରର ୧୯ଦିନ ପରେ ବି ପୋଲିସ ହାତ ଖାଲି



ଗୋପ, (ଭାସ୍କର ନ୍ୟୁଜ): ଗତ ଅଗଷ୍ଟ ୧୪ ତାରିଖରେ ଗୋପ ଥାନା ଅର୍ନ୍ତଗତ ଖଡିଶ ଗ୍ରାମ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟସ୍ଥ ଏକ ଆମ୍ବ ଗଛରୁ ଉକ୍ତ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା ଅଭିଯୋଗର ୧୯ ଦିନ ପରେ ବି ଅଭିଯୁକ୍ତ କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି । ପୋଲିସର ନିଷ୍କ୍ରିୟତାକୁ ନେଇ ଆଜି ଉକ୍ତ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗୋପ ଥାନା ଘେରଉ କରିବା ସହିତ ଥାନା ସମ୍ମୁଖରେ ଧାରଣରେ ବସିଥିଲେ । ପ୍ରାୟ ୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧାରଣାରେ ବସିବା ପରେ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ଏବଂ ଥାନା ଅଧିକାରୀଙ୍କୁ ପ୍ରଶାନ୍ତ କୁମାର ପଢିହାରୀ ସେମାନଙ୍କ ନିକଟରେ ପହଞ୍ଚି ବୁଝାସୁଝା କରିବା ସହିତ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକମାନେ ଧାରଣାରୁ ହଟିଥିଲେ । ଅଭିଯୋଗ ଅନୁଯାୟୀ ଗୋପ ଥାନା ଖଡ଼ିସ ଗ୍ରାମର ବିପିନି କୁମାର ଭୋଇଙ୍କ ପୁଅ ତ୍ରିନାଥ ଭୋଇ (୨୨)ଙ୍କ ସହ ଉକ୍ତ ଗ୍ରାମର ଜଣେ ଯୁବକଙ୍କ ସହ ଅଗଷ୍ଟ ୧୩ ତାରିଖ ରାତିରେ ମାରପିଟ ସହିତ ଗଣ୍ଡଗୋଳ କରିଥିଲେ । ମାତ୍ର ୧୪ ତାରିଖ ସକାଳୁ ତ୍ରିନାଥ ଭୋଇ ଗ୍ରାମ ନିକଟରେ ଥିବା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ସକାଳୁ ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେବାରେ ପରିବାର ଲୋକେ ଉଦ୍ଧାର କରି ଗୋପ ମେଡିକାଲ ନେଇଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୃତକ ପିତା ବିପିନ ଭୋଇ ପୁଅକୁ ହତ୍ୟା କରି ଗଛରେ ଟାଙ୍ଗୀ ଦେଇଥିବା ନେଇ ଗୋପ ଥାନାରେ ଅଭିଯୋଗ କରିଥିଲେ । ମାତ୍ର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତରେ କୌଣସି ପ୍ରକାର ସକ୍ରିୟତା ଦେଖାଇ ନଥିଲେ । ଯୁବକର ପିତା ବାରମ୍ବାର ଥାନାକୁ ଦୌଡିବା ପରେ ନିରାଶ ହୋଇଥିଲେ । ଦୀର୍ଘ ୧୯ଦିନ ପରେ ବି କୌଣସି ସୁଫଳ ନମିଳିବାରୁ ଆଜି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗୋପ ଥାନା ଘେରଉ କରିଥିଲେ । ନ୍ୟାୟ ନମିଳିଲେ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି ।

## ବସରୁ ଖସି ଯୁବକଙ୍କ ମୃତ୍ୟୁ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ସାମନ୍ତରାୟପୁର ଛକ ନିକଟରେ ସୋମବାର ପୂର୍ବାହ୍ନରେ ବସ୍‌ରୁ ଖସି ପଡ଼ିବା ପରେ ଚକାତଳେ ଚାପି ହୋଇ ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି । ପ୍ରକାଶ ଯେ, ସାହାପୁର ପଞ୍ଚାୟତ ଅଧୀନ ତାରାଚାନ୍ଦବିନ୍ଧା ଗ୍ରାମର ଜଗନ୍ନାଥ ସାହୁ (୨୮) ନାମକ ଜଣେ ଯୁବକ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ବସ୍‌ରେ ସାମନ୍ତରାୟପୁରର ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ । ସାମନ୍ତରାୟପୁର ଛକ ନିକଟରେ ବସ୍‌ଟି ରହିବା ପରେ କିଛି ଲୋକ ତଳକୁ ଓହ୍ଲାଇ ଥିଲେ । ତେବେ ଜଗନ୍ନାଥ ବସ୍‌ରୁ ତଳକୁ ଓହ୍ଲାଉ ଥିବା ବେଳେ ବସ୍ ଛାଡ଼ିଦେଇଥିଲା । ଯାହାଫଳରେ ସେ ରାସ୍ତା ଉପରେ ପଡ଼ିଯିବା ପରେ ବସ୍ ତାଙ୍କ ଉପରେ ଚଢ଼ି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ମୃତ ଯୁବକ ଜଗନ୍ନାଥର ଶବ ବ୍ୟବଚ୍ଛେଦ ହୋଇ ଫେରିଲା ପରେ ତାଙ୍କର ଗ୍ରାମବାସୀ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ସାମନ୍ତରାୟପୁର ଛକଠାରେ ଶବ ରଖି ରାସ୍ତାରୋକ କରିଥିବା ଜଣାପଡ଼ିଛି ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ଼, (ଭାସ୍କର ନ୍ୟୁଜ): ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକାର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ, ଖଣ୍ଡିୟ ବନ ଅଧିକାରୀ, ସଚିନ ଅହ୍ନା ସାହେବ ଓହଲେ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଉପ ଜିଲ୍ଲାପାଳ, ରାୟଗଡ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଏହି ଶିବିରରେ ମୋଟ ୭୭ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୮ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ୬ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା ସେମାନଙ୍କୁ ଜିଲ୍ଲାପାଳ ୭୦ହଜାର ଟଙ୍କା ଜିଲ୍ଲା ରେଡକ୍ରସ ଫଣ୍ଡରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ ।

# ଡିଜେ ବାଜିବାକୁ ନେଇ ଗୋଷ୍ଠୀ ସଂଘର୍ଷ



ଭାପୁର, (ଭାସ୍କର ନ୍ୟୁଜ): ଡିଜେ ବାଜିବାକୁ ନେଇ ଭାପୁର ଅଞ୍ଚଳରେ ଗୋଷ୍ଠୀ ସଙ୍ଘର୍ଷ ଘଟି ଜଣଙ୍କର ମୃତ ଘଟିଛି । ରବିବାର ବିଳମ୍ବିତ ରାତିରେ ଭାପୁର ବ୍ଲକ ଗୋଳାପୋଖରି ପଞ୍ଚାୟତ ପାଥପୁର ଗ୍ରାମର କିଛି ଯୁବକ ନିକଟସ୍ଥ କରଡ଼ାପଲ୍ଲୀ ଗାଁ'ରେ ଜୋରରେ ଡିଜେ ଶବ୍ଦ କରି ଗଣେଶ ମେଢ଼ ପ୍ରସେସନ କରୁଥିଲେ । କରଡ଼ାପଲ୍ଲୀ ଗ୍ରାମର ଜନସାଧାରଣ ଡିଜେ ଶବ୍ଦକୁ ବିରୋଧ କରିଥିବାବେଳେ ପାଥପୁର ଗାଁ'ର ଯୁବକ ମାନଙ୍କ ସହିତ ଗଣ୍ଡୋଗଳ ଆରମ୍ଭ କରିଥିଲେ ଫଳରେ, ଦୁଇ ଗ୍ରାମ ଯୁବକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ଏହି ଗୋଷ୍ଠୀ ସଂଘର୍ଷରେ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକ ଜଣଙ୍କ କରଡ଼ାପଲ୍ଲୀ ଗାଁର ହରିହର ସ୍ୱାଇଁ ହୋଇଥିବାବେଳେ ନିଜ ପୁଅଙ୍କୁ ଆକ୍ରମଣକାରୀଙ୍କ ଠାରୁ ବଞ୍ଚାଇବାକୁ ଯାଇ ମୃତ୍ୟୁବରଣ କରିଥିଲେ । ଆକ୍ରମଣକାରିଙ୍କୁ ତୁରନ୍ତ ଗିରଫ କରିବା ଦାବିରେ କରଡ଼ାପଲ୍ଲୀ ଗାଁ ଲୋକେ ସୋମବାର ସକାଳେ ରାସ୍ତାରେ ଶବରଖି ଟାୟାର ଜାଳି ଧାରଣା ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝାସୁଝା କରିବାରେ ରାସ୍ତା ରୋକ ହଟିଥିଲା । ଅନ୍ୟପଟେ ପୋଲିସ ପକ୍ଷରୁ ତଦନ୍ତ କରିବାସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ମଧ୍ୟରୁ ୪ଜଣଙ୍କୁ ଅଟକ ରଖିଥିବା ନୟାଗଡ଼ ଏସ.ପି. ଜଣାଇଛନ୍ତି । ପୋଲିସର ଏକ ଟିମ ଘଟଣାସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କୁ ପଚରା ଉଚରା କରିବାସହ ବିଭିନ୍ନ ଦିଗରୁ ତଦନ୍ତ କରୁଥିବା ଜଣାପଡିଛି ।

## ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ମାଲକାନଗିରି, (ଭାସ୍କର ନ୍ୟୁଜ): ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୩ ତାରିଖ ଶନିବାର ଦିନ ଜିଲ୍ଲା ଆଇନସେବା ପ୍ରାଧିକରଣ, ମାଲକାନଗିରି ସମେତ ମୋଟୁ, କୁଡୁମୁଲୁ ଗୁମ୍ମା, ମାଥିଲି କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ (ଧୀନ ମକଦ୍ଦମା ଯଥା ଦେଓ୍ୱାନୀ, ଫୌଜଦାରୀ, ଚେକ ବାଉନ୍ସ ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁ ହ୍ୟତ, ଜଳ ଓ ଅନ୍ୟାନ୍ୟ ବିଲ ଜନିତ ମାମଲା, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ମାମଲା ସଙ୍ଗେ ସଙ୍ଗେ ପ୍ରାକ-ମକଦ୍ଦମା ସ୍ତରୀୟ ବିବାଦର ମଧ ଅପୋଷ ସହମତିରେ ଏବଂ ବିନା ଆର୍ଥିକ ବ୍ୟୟ ରେ ସମାଧାନ କରାଯାଇ ପାରିବ । ତେଣୁ ଏହି ଲୋକଅଦାଲତ ଉପରୋକ୍ତ ଜଡିତ ମାମଲାର ଶୀଘ୍ର ଏବଂ ବିନା କୌଣସି ଆର୍ଥି କ ବ୍ୟୟରେ ସମାଧାନ ନିମନ୍ତେ ଭାଗ ନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନସେବା କମିଟି, ମୋଟୁ ପକ୍ଷରୁ ସୂଚନା ଦିଆଯାଇଛି । ଜିଲ୍ଲା ଦୌରା ଜଜ ଡାଃ ପ୍ରସନ୍ନ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ଲୋକ ଅଦାଲତ ହେବ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣର ମାଧମରେ ସଚିବ ସୁଶ୍ରୀ ସଂଗୀତା ପାତ୍ର ସୂଚନା ଦେଇଛନ୍ତି ।

# ନାବାଳିକାକୁ ଅସଦାଚରଣ ଅଭିଯୋଗ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଝାଡ଼ପିମ୍ପଳ ଗ୍ରାମର ଜଣେ ୧୧ବର୍ଷର ନାବାଳିକା ସ୍କୁଲ ଯିବା ରାସ୍ତାରେ ଜୈନିକ ବ୍ୟକ୍ତିଙ୍କ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହେବା ସହ ଜୈନିକ ବ୍ୟକ୍ତିଙ୍କୁ ଲୋକେ ଅଟକାଇ ଥାନାରେ ଜିମା ଦେଇଛନ୍ତି । ସୂଚନା ଅନୁସାରେ ଝାଡ଼ପିମ୍ପଳ ଗ୍ରାମର ମାଳତୀ ପଣ୍ଡାଙ୍କ ୧୧ବର୍ଷୀୟ ନାତୁଣୀ ତାଙ୍କ ଘରେ ରହି ନିକଟସ୍ଥ ଦେବ କୁମାର ମଙ୍ଗଳାମାତା ମାଧ୍ୟମିକ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ବେଳେ ଆଜି ସକାଳ ପ୍ରାୟ ୯ ଘଟିକା ସମୟରେ ସାଇକେଲରେ ସ୍କୁଲକୁ ଯାଉଥିଲା । ଯିବା ରାସ୍ତାରେ ଘର ଠାରୁ ଅଳ୍ପ ଦୂରରେ ଏକ ପାନ ଦୋକାନ ପାଖରେ ଛୋଟଖାନପୁର ଗ୍ରାମର ପରେଶ ସାହୁ ନାମକ ଜଣେ ବ୍ୟକ୍ତି ନାତୁଣୀର ସାଇକେଲକୁ ଅଟକାଇ ତାକୁ ଓହ୍ଲାଇବା ପାଇଁ କହି ଜୋରଜବରଦସ୍ତ ଭିଡ଼ି ଧରି ଶରୀରରେ ବିଭିନ୍ନ ଗୁପ୍ତ ଅଂଶରେ ହାତ ମାରିବା ସମୟରେ ସେ ଚିତ୍କାର କରିଥିଲା । ଚିତ୍କାର ଶୁଣି ପାଖପଡ଼ୋଶୀ ଓ ରାସ୍ତାରେ ଯାଉଥିବା ଲୋକେ ଦୌଡ଼ି ଆସି ନା ବାଳିକାକୁ ଉଦ୍ଧାର କରି ଅଭିଯୁକ୍ତକୁ କାବୁକରି ଥାନରେ ଜିମା ଦେଇଛନ୍ତି । ଉକ୍ତ ବ୍ୟକ୍ତି ଏଭଳି କାର୍ଯ୍ୟକଳାପରେ ନାବାଳିକା ଜଣଙ୍କ ମାନସିକ ଯନ୍ତ୍ରଣା ପାଇବା ସହ ଭାରସାମ୍ୟ ହରାଇ ଅଛି ବୋଲି ଅଭିଯୋଗ ହେବା ସହିତ ଉକ୍ତ ପରେଶ ସାହୁଙ୍କ ଏଭଳି ଘୃର୍ଣ୍ଣ୍ୟ କାର୍ଯ୍ୟ ପାଇଁ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରିଣୀ ମାଳତୀ ପଣ୍ଡା ଅଭିଯୋଗ କରିଛନ୍ତି ।

## ସଟସର୍କିଟରୁ ଅଗ୍ନିକାଣ୍ଡ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): କୋରୁକୋଣ୍ଡା ବ୍ଲକ ସଦର ନିକଟ ସ୍ଥିତ ଦୋରାଗୁଡା ଗ୍ରାମରେ ସଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା । ସୂଚନା ଅନୁସାରେ, ଆଜି ଅପରାହ୍ନରେ ସୁବାଷ ଗୌଡ଼ଙ୍କ ଘରୁ ହଠାତ୍ ନିଆଁ ଓ ଧୂଆଁ ବାହାରିବାରୁ ତାଙ୍କ ପତ୍ନୀ ଭୟଭୀତ ହୋଇ ପଡ଼ୋଶୀଙ୍କୁ ଡାକିଥିଲେ । ପଡ଼ୋଶୀମାନେ ତୁରନ୍ତ କୋରୁକୋଣ୍ଡା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ସୂଚନା ପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ କୁ ନିୟନ୍ତ୍ରଣରେ ଆଣିଥିଲେ । ପ୍ରାଥମିକ ତଥ୍ୟ ଅନୁଯାୟୀ, ସଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି । ଘରର ବିଦ୍ୟୁତ ଯୋଗୁଁ ଉପକରଣ ସହିତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି ।

# ବୃକ୍ଷ ଗଙ୍ଗା ଅଭିଯାନ ଓ ଦୀପଯଜ୍ଞ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଗ୍ରାମପଂଚାୟତ ଉର୍ଜଙ୍ଗ ରାଜସ୍ୱ ଗ୍ରାମ୍ୟ ଉନ୍ନୟନ କମିଟି ଓ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାରା ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷ ଗଙ୍ଗା ଅଭିଯାନ ଓ ଦୀପ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ସ୍ଥାନୀୟ ଶ୍ରୀ ଶ୍ରୀ ଭୋଳେଶ୍ୱର ମହାଦେବ ମନ୍ଦିର ଉର୍ଜଙ୍ଗ ପରିସରରେ ଆୟୋଜିତ ଉତ୍ସବରେ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତି କୁଞ୍ଜ ହରିଦ୍ୱାରର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦାନ କରି ଆଜିର ଅବକ୍ଷୟମୁଖି ସମାଜରେ ପରିବେଶର ସୁରକ୍ଷା ନିମନ୍ତେ ଚାରାରୋପଣ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ସ୍ଥାନୀୟ ମନ୍ଦିର ପରିସରରେ ଶତାଧିକ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଉର୍ଜଙ୍ଗ ରାଜସ୍ୱ ଗ୍ରାମ୍ୟ ଉନ୍ନୟନ କମିଟିର ସମ୍ପାଦକ ଉତ୍କଳରଞ୍ଜନ ବରାଳ, ପ୍ରକୃତିବନ୍ଧୁ ତଥା ସଂଯୋଜକ ଅଭୟ କୁମାର ଜେନା, କୋଷାଧକ୍ଷ ଜିତେନ୍ଦ୍ର କୁମାର ସ୍ୱାଇଁ, ଶ୍ରୀକାନ୍ତ ବାରିକ ପ୍ରମୁଖ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ ।

## କିଡନୀ ଅଚଳରୁ ଯୁବକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମ ପଞ୍ଚାୟତ ବୋଧଙ୍ଗ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । କିଡନୀ ଅଚଳ ହୋଇଯିବାରୁ ଜଣେ ଯୁବକଙ୍କର ଅକାଳ ବିୟୋଗ ଘଟିଛି । ବୋଧଙ୍ଗ ଗ୍ରାମର ପ୍ୟାରିମୋହନ ସ୍ୱାଇଁଙ୍କ ଅବିବାହିତ ପୁତ୍ର ବିଭୂତି ଭୂଷଣ ସ୍ୱାଇଁ(୨୪) ଗତ କିଛିଦିନ ହେଲା କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିଲେ । ଆଜି ଆକସ୍ମିକ ଭାବେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ତୁରନ୍ତ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ବାଟରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । ଏହି ଘଟଣାଟି ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ଆଦିଶକ୍ତି ଟ୍ରଷ୍ଟ ପକ୍ଷରୁ ୮୫ ଜଣଙ୍କ ନୟାଗଡ଼ ପରିକ୍ରମା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଆଦିଶକ୍ତି ଟ୍ରଷ୍ଟ ପକ୍ଷରୁ ଡ଼ ନାରାୟଣ ମହାପାତ୍ର ସୁରେଶ ମିଶ୍ର ତ୍ରିଲୋଚନ ନାୟକ ଭଗବାନ ଦାସ ବଂଶୀଧର ନାୟକ ବିଜୟ କୁମାର ପଣ୍ଡା ଅଜୟ ଦାସ ଚକ୍ରଧର ମାଝୀଙ୍କ ସଂଯୋଜନାରେ ଆୟୋଜିତ ଏକ ପରିଦର୍ଶନ କାର୍ଯ୍ୟକ୍ରମରେ ପ୍ରାୟ ୮୫ ଜଣ ରବିବାର ଦିନ ନୟାଗଡରେ ହୋଇଥିବା ରାମ ମନ୍ଦିର, ନୂଆ ବୈଷ୍ଣବ ଦେବି ମନ୍ଦିର ଶରଣ କୂଳରେ ଲଡୁବାବା ମନ୍ଦିର ପରିଦର୍ଶନ କରିଥିଲେ । ପ୍ରଥମେ ଫତେଗଡ ରାମ ମନ୍ଦିରରେ ହରେ ରାମ ସଂକୀର୍ତ୍ତନ, ମହାମନ୍ତ୍ର ଜଗନ୍ନାଥ ଜଗନ୍ନାଥ ପାହିମାମ.. ଜଗନ୍ନାଥ ସହସ୍ର ନାମ ମହାଲକ୍ଷ୍ମୀ ଅଷ୍ଟକମ ଓ ଶେଷରେ ଗୀତ ଗୋବିନ୍ଦର ଶ୍ରୀତ କମଳା.. ଭଜନ ଗାଇ ଥିଲେ । ପ୍ରାକୃତିକ ପରିବେଶ ଭିତରେ କରାଯାଇ ଥିବା ଏହି ମନ୍ଦିର ସବୁ ବହୁତ ସୁନ୍ଦର ଓ ଆକର୍ଷଣୀୟ ହୋଇଛି । ଫତେଗଡ ରାମ ମନ୍ଦିର, ଲଡୁବାବା ମନ୍ଦିର, ମା ବୈଷ୍ଣୋ ମଧ ବହୁ ସୁନ୍ଦର ଲାଗୁଛନ୍ତି, ମନ୍ଦିରର ପୂଜକ ମାନେ କିପରି ଏହି ମନ୍ଦିରର ପୂର୍ବ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ଓ ଏହି ମନ୍ଦିର ଗୁଡିକ କିପରି ତିଆରି ହେଲା ସେ ବିଷୟରେ ସମସ୍ତଙ୍କୁ କହିଥିଲେ । ମନ୍ଦିରର ପୂଜକ ମାଙ୍କ ବିଷୟରେ ସମସ୍ତଙ୍କୁ ଜଣାଇ ଥିଲେ । ପ୍ରାକୃତିକ ପରିବେଶରେ ଏହି ମନ୍ଦିର ସବୁ ଅତି ସୁନ୍ଦର ହୋଇଛି । ସମସ୍ତେ ପ୍ରଭୁ ରାମ ଲଡୁବାବା ଓ ମାଙ୍କ ସାନିଧ ପାଇ ଅତି ଆନନ୍ଦିତ ହୋଇଥିଲେ । ଯେଉଁମାନେ ଯିବାକୁ ଇଚ୍ଛା କରୁଛନ୍ତି ମନ୍ଦିର ପ୍ରସାଦ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଆଗରୁ ଖବର ଦେଲେ ଯାତ୍ରୀ ମାନଙ୍କ ପାଇଁ ପ୍ରସାଦର ସମସ୍ତ ବ୍ୟବସ୍ଥା କରାଯାଇ ପାରିବ ରାମ ମନ୍ଦିରରେ ମୂର୍ତ୍ତି ଓ ମା'କାଳୀ ମା'ସରସ୍ୱତୀ ମା'ଦୁର୍ଗାଙ୍କ ମୂର୍ତ୍ତି ଅତି ସୁନ୍ଦର ଓ ଆକର୍ଷଣିୟ ହୋଉଛି । ମା' ଆଦିଶକ୍ତିଙ୍କ ବିନା ସୃଷ୍ଟି ର କଳ୍ପନା ହୋଇ ପାରିବ ନାହିଁ । ମନ୍ଦିର ପରିସରରେ ସମସ୍ତେ ସାତ୍ତ୍ୱିକ ଭୋଜନ କରିଥିଲେ ।


# ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ବ୍ଲକ୍ ପଦ୍ମଗିରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଏଥିରେ ମୋଟ ୪୫ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥିମଧ୍ୟରୁ ୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୦ ଗୋଟି ସାମୂହିକ ଅଭିଯୋଗ ରହିଥିଲା । ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ଜଙ୍ଗଲ ଜମି ପଟ୍ଟା, ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା । ଆଜିର ଶିବିରରେ ୩୬ଜଣ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ନୂତନ ଭାବେ ୪୫ଜଣ ଶ୍ରମିକ ନାମ ପଞ୍ଜିକରଣ କରିଥିଲେ । ସେହିପରି ୮ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଜୀକୃତ ହୋଇଛନ୍ତି । ନୂତନ ଭାବେ ୭ ଜଣ ହିତାଧୀକାରୀଙ୍କର ରାସନ୍ କାର୍ଡ ନିମନ୍ତେ ନାମ ପଞ୍ଜିକରଣ କରାଯାଇଛି । ସେହିପରି ୩ ଜଣ କୃଷକଙ୍କ ନାମ ପଞ୍ଜିକରଣ ହୋଇଛି । ଆଠ ଜଣ ବ୍ୟକ୍ତିଙ୍କର ଆଧାର କାର୍ଡ ଅପଡେଟ କରାଯାଇଛି । ଜିଲ୍ଲାପାଳଙ୍କ ଏହି ଅଭିନବ ପ୍ରୟାସ ଯୋଗୁଁ ଅନେକ ଗ୍ରାମାଞ୍ଚଳ ହିତାଧୀକାରୀ ତୁରନ୍ତ ଅନଲାଇନ୍ ସେବା ପାଇ ଉପକୃତ ହୋଇ ପାରୁଛନ୍ତି । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଉପ ଜିଲ୍ଲାପାଳ ଅଶ୍ୱିନି ଏ ଏଲ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଡିଓ, ତହସିଲଦାର, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।


## କଳାକାର ଦୟାନିଧି ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମହରମପୁର ଗ୍ରାମର କଳାକାର ଦୟାନିଧି ସାହୁଙ୍କୁ ଏକାଦଶାହ ଅବସରରେ ସୋମବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଅବସରରେ ଶିକ୍ଷକ ଦୀନରଂଜନ ପାଢ଼ୀଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କବି ଗୋଲକ ପ୍ରସାଦ ବୟାରୀ, ସାମ୍ବାଦିକ ରାମନାରାୟଣ ନାୟକ, କବି ଅମୂଲ୍ୟ କୁମାର ସେନାପତି, ଶିକ୍ଷକ ଅଶୋକ କୁମାର ସାହୁ, ସମାଜସେବୀ ଅଦିକନ୍ଦ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦୟାନିଧି ଏକାଧାରରେ ଜଣେ ସଂଗୀତଜ୍ଞ, କାରିଗର ଓ ଶ୍ରମିକ ସଂଗଠକ ଭାବେ ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ମହରମପୁର ଗ୍ରାମର ମହାଦେବ ମନ୍ଦିର, ହନୁମାନ ମନ୍ଦିର କାରିଗର ଭାବେ ନିର୍ମାଣ କରି ସୁନାମ ଅର୍ଜନ କରିଥିଲେ । ସେ ବହୁ ଶ୍ରମିକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା କରୁଥିଲେ



ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କବି ବିଶ୍ୱନାଥ କିଂକର ରାଉତ, ପ୍ରଶାନ୍ତ କୁମାର ସାହୁ, ଦୋଳଗୋବିନ୍ଦ ଶତପଥି, ଅଲେଖ ବେହେରା, ବିଜୟ ସାହୁ, ସଂଯୁକ୍ତା ସାହୁ ପ୍ରମୁଖଙ୍କ ସମେତ ବହୁ ଦୟାନିଧି ପ୍ରେମୀ ସ୍ମୃତିଚାରଣ କରିଥିଲେ । ପୁତ୍ର ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ କୃତଜ୍ଞତା ଜଣାଇଥିଲେ । ବୋହୂ ପ୍ରତିଭା ବିଶ୍ୱାଳ, ଗ୍ରାମବାସୀ ମଦନ ବେହେରା, ମାଧବ ଚନ୍ଦ୍ର ପଶୁପାଳକ, ପୂର୍ଣ୍ଣଚନ୍ଦ୍ର ପଶୁପାଳକ, ପତ୍ନୀ ମାଧବୀଲତା ସାହୁ, ନାତୁଣୀ ଅଭିସ୍ମିତା ସାହୁ ପ୍ରମୁଖଙ୍କ ସହିତ ଗ୍ରାମବାସୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ନିରାଶ ଆଶାକର୍ମୀ



ଭଦ୍ରକ, (ଭାସ୍କର ନ୍ୟୁଜ): ଆଶାକର୍ମୀଙ୍କୁ ଅଣଦେଖା କରିବା ସହ ଉଚିତ ସମୟରେ ପ୍ରାପ୍ୟ ନ ମିଳିବା ଏବଂ ସମ୍ମାନ ନ ମିଳିବା ପରି ଅଭିଯୋଗ ପହଁଚିଛି ଜିଲ୍ଲାପାଳ ଭଦ୍ରକଙ୍କ ଜନଶୁଣାଣି ଅଭିଯୋଗରେ । ରୋଗୀ ସେବାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଆମେ ସର୍ବଦା ତତ୍ପର । ହେଲେ ଆମକୁ ପ୍ରତିକ୍ଷେତ୍ରରେ ଅଣଦେଖା କରାଯାଉଛି । ନା ସଠିକ ସମୟରେ ପ୍ରାପ୍ୟ ମିଳୁଛି ସମ୍ମାନ, ଓଲଟା ଉଚ୍ଚ ପଦସ୍ଥ କର୍ମଚାରୀ ମାନେ ଆମକୁ ଦୁର୍ବ୍ୟବହାର କରୁଛନ୍ତି । ଏପରି ଅଭିଯୋଗ ଆଣିବା ସହିତ ୧୬ ଦଫା ଦାବି ନେଇ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାନି ପ୍ରକୋଷ୍ଠରେ ପହଞ୍ଚିଛନ୍ତି ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟରତା ଆଶା କର୍ମୀମାନେ । ଅଭିଯୋଗ ଅନୁଯାୟୀ ବିଗତ ୧୫ ବର୍ଷ ହେବ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୫୩ ଜଣ ଆଶାକର୍ମୀ ନିରନ୍ତର ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି । ତେବେ ବିଗତ କିଛି ମାସ ହେବ ସେମାନଙ୍କୁ ସଠିକ ସମୟରେ ସେମାନଙ୍କ ପ୍ରାପ୍ୟ ସହିତ ଅନ୍ୟାନ୍ୟ ଇନସେନଟିଭ ଯୋଗାଇ ଦିଆଯାଉ ନଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ଏହାଛଡା ଭଣ୍ଡାରିପୋଖରୀ ମେଡିକାଲ ବିପିଏମ ମଧ୍ୟ ଅନେକ ସମୟରେ ସେମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଆଣିଛନ୍ତି । ଘଟଣାକୁ ନେଇ ଆଶାକର୍ମୀ ମାନେ ଆଜି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସିଡିଏମଓଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି । ଘଟଣାର ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ଆଶା କର୍ମୀମାନେ କାର୍ଯ୍ୟ ବନ୍ଦ କରିବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି ନିରାଶ ଆଶକର୍ମୀମାନେ । ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟରତା ଆଶାକର୍ମୀ ମାନେ ପଦ୍ମିନୀ ପଣ୍ଡା, ସ୍ମୃତିରେଖା ମହାରଣାଙ୍କ ନେତୃତ୍ୱରେ ଦ୍ୱାରସ୍ଥ ହୋଇଛନ୍ତି ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ।

## ନୂତନ କୁଳପତିଙ୍କ ଯୋଗଦାନ

କେନ୍ଦୁଝର, (ଭାସ୍କର ନ୍ୟୁଜ): ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ଆଜି ପୂର୍ବାହ୍ନରେ ଯୋଗ ଦେଇଛନ୍ତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ । ସେ ଆଜିଠାରୁ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ନେଇଛନ୍ତି । ସେ ବର୍ତ୍ତମାନ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଭାବରେ କାର୍ଯ୍ୟଭାର ତୁଲାଉଛନ୍ତି । ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ତାଙ୍କୁ ଆଗାମୀ ଛଅ ମାସ ଅବା ନୂତନ କୁଳପତିଙ୍କ ଯୋଗଦାନ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ରାଜଭବନ ପକ୍ଷରୁ ପ୍ରଦାନ କରାଯାଇଛି । ସେ ଜଣେ ସୁଦକ୍ଷ ଇଞ୍ଜିନିୟର ସହିତ ଜଣେ ପ୍ରତିଷ୍ଠିତ ଏକାଡ଼େମୀସିଆନ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ । ତାଙ୍କର ଯୋଗ ଦାନରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ବନ୍ୟାଜଳରେ ହେକ୍ଟର ହେକ୍ଟର ଚାଷ ଜମି

କଣାସ, (ଭାସ୍କର ନ୍ୟୁଜ): ମଲାଗୁଣି ନଦୀ ହିଁ ଏହି ଅଞ୍ଚଳର ଚାଷୀମାନଙ୍କର ମେରୁଦଣ୍ଡ । ମରୁଡି ସମୟରେ ଏହି ମଲାଗୁଣି ନଦୀରୁ ପାଣିଆସେ ଶହଶହ ଚାଷୀମାନଙ୍କର ଧାନ ଫସଲ ମରୁଡିରୁ ରକ୍ଷାପାଏ । ଏହି ମଲାଗୁଣି ନଦୀର ପାଣି ଉପରେ ଏ ଅଞ୍ଚଳର ବାସୀ ନିର୍ଭର କରିଥାନ୍ତି । ଏହିବର୍ଷ ତୋଟାପଡା ଓ ରତନପୁରକୁ ଯାଇଥିବା ନଦୀବନ୍ଧରେ (ଏମ.ଆଇ.)ଖୋର୍ଦ୍ଧା ଡିଭିଜନର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଠିକାଦାର ବ୍ରିଜ କାମ କରି ତରବରିଆ ଭାବରେ ସଟର ନ'ଲଗାଇ ପଳାଇଗଲେ । ଫଳରେ ଶଙ୍ଖ ମୁହଁ ମୁକୁଳା ପଡିରହିଛି । ମଲାଗୁଣିରେ ବନ୍ୟା ଆସିଲେ ଗଡବରପଦା, ରତନପୁର, ଗୋପାଳପୁର, ତୋଟାପଡା, ତରତୁଆ, ବକୁ, ଅଭୟପୁର, ବରାଗଡ ଆଦି ଗ୍ରାମର ଚାଷୀ ବର୍ଷକର ଫସଲ ହରାଇଥାଏ । ନଦୀରେ ଦୁଇଦୁଇ ଥର ବନ୍ୟାପାଣି ଆସି ୪/୫ ଦିନ ରହିଯିବାରୁ ଶହ ଶହ ହେକ୍ଟର ରୁଆ ଧାନ ନଷ୍ଟ ହେବାକୁ ବସିଲାଣି । ବିଭାଗିୟ ଅଧିକାରୀମାନେ ଏଭଳି ଖାମଖିଆଲିଆ ଭାବରେ ଅଧାପନ୍ତରିଆ ଭାବରେ ପକାଇ ଦେଇ ଯିବାକୁ ନେଇ ଏହି ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଜରୁରୀକାଳୀନ ପରିସ୍ଥିତିରେ ଏହି ମୁକେଲା ପୋତାଖମା ଶଙ୍ଗରେ(ସଟର)ଲଗାଇବାପାଇଁ ଅଞ୍ଚଳର ଚାଷୀମାନେ ଦାବିକରିଛନ୍ତି । ନଚେତ ଆଗାମି ଦିନରେ ଶହଶହ ଚାଷି ବିଭାଗୀୟ ଅଧିକାରିଙ୍କ ଅଫିସ ଘୋରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି ।



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ , ଡ଼ମୋଳ ଗ୍ରାମ ସମେତ ବିଭିନ୍ନ ଗାଁ ଓ ସାହି ମାନଙ୍କରେ ଖୁବ୍ ଆଡମ୍ବର ସହକାରେ ପାଳିତ ହୋଇଯାଇଛି ଖୁଦୁରୁକୁଣୀ ଓଷା । ଏହି ପୂଜା ଅବସରରେ ପରଜଙ୍ଗ ଗ୍ରାମର ସୁବାହୁସିଂହସାହି, ବାଲିଚତୁରୀସାହି, ହାଇସ୍କୁଲଛକ, ବଜାରଛକ, ଥାନାଛକ ଆଦି ପ୍ରତ୍ୟେକ ସାହିରେ ପୂଜା ମଣ୍ଡପ କରାଯାଇ ସୁସଜ୍ଜିତ ସାଜସଜ୍ଜା ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ଆକର୍ଷଣୀୟ ତୋରଣ ସହ ବହୁ ଆଡମ୍ବରରେ ପାଳିତ ହୋଇଛି ଖୁଦୁରୁକୁଣୀ ଓଷା । ଝିଅ ବୋହୂମାନଙ୍କ ଦ୍ୱାରା ଏହି ନିଆରା ଓଷା ଭାଦ୍ରବ ମାସ ପ୍ରଥମ ରବିବାରରୁ ଆରମ୍ଭ ହୋଇ ମାସର ଶେଷ ରବିବାର ସମାପନ ହୋଇଥାଏ । ପୂର୍ବ ପରମ୍ପରାକୁ ବଜାୟ ରଖି ବ୍ରତଧାରୀମାନେ ଚଳିତ ବର୍ଷ ମା' ମଙ୍ଗଳା ଠାକୁରାଣୀଙ୍କୁ ପୂଜା ମଣ୍ଡପ ଆସ୍ଥାନରେ ରଖି ଦିନ ବ୍ୟାପୀ ନିଷ୍ଠାରେ ରହି ସନ୍ଧ୍ୟା ସମୟରେ ଭୋଗ ସାମଗ୍ରୀ ଧରି ରୀତିନୀତି ଅନୁସାରେ ପୂଜା କରିଥିଲେ । ରବିବାର ସନ୍ଧ୍ୟା ସମୟରେ ମା' ଠାକୁରାଣୀଙ୍କ ନିକଟରେ ଘଣ୍ଟଘଣ୍ଟା ବାଦ୍ୟ ସାଙ୍ଗକୁ ହୁଳହୁଳିରେ ମା'ଙ୍କ ଆସ୍ଥାନସ୍ଥଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପରଜଙ୍ଗ ଗଡଭିତର ସାହିର ବ୍ରତଧାରୀ ଝିଅ ବୋହୂମାନେ ପୂର୍ବ ପରମ୍ପରାକୁ ବଜାୟ ରଖି ଶେଷ ରବିବାର ଦିନ ତଅପୋଇ ବିବାହ ଉତ୍ସବ ଆଡମ୍ବର ସହକାରେ ପାଳିତ କରିଥିଲେ । ସେହିପରି ଡମୋଳ ଗ୍ରାମର ସର୍ବ ମା ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟି ପକ୍ଷରୁ ଲଡୁ ବଣ୍ଟନ କରାଯାଇଥିବା ବେଳେ ପୂଜା ମଣ୍ଡପ ସମ୍ମୁଖରେ ଭଜନ ସମାରୋହ ପରିବେଷଣ କରାଯାଇଥିଲା ।

## ବେଆଇନ ଗାଡି ପାର୍କିଂକୁ ନେଇ ରାସ୍ତାରୋକ



କାଳିଆପାଣି (ଭାସ୍କର ନ୍ୟୁଜ୍) : କାଳିଆପାଣି ଖଣି ଅଞ୍ଚଳ ରାଁସୋଲ ପଞ୍ଚାୟତ ଅନ୍ତର୍ଗତ ସୌରିକ ଦୁର୍ଗାପୂଜା ପଡିଆରେ ବେଆଇନ ଟ୍ରକ ପାର୍କିଂକୁ ନେଇ ସୋମବାର ଦିନ ମାଙ୍କେଡିଆ ବସ୍ତି ବାସିନ୍ଦାଙ୍କ ରାସ୍ତାରୋକ କରାଯାଇଥିଲା । ଟାଟାଷ୍ଟିଲ କ୍ରୋମାଇଟି ମାଇନ୍ସ ସମ୍ମୁଖରେ ଥିବା ସୌରିକ ଦୁର୍ଗାପୂଜା ପଡିଆରେ ବେଆଇନ ଭାବେ ୧୨ ଓ ୧୪ ଚକିଆ ଟ୍ରକ ପାର୍କିଂ କରୁଥିବାରୁ ଟ୍ରକ ଡ୍ରାଇଭର ମାନେ ଖୋଲାରେ ମଳତ୍ୟାଗ କରିବା, ବସ୍ତି ମଧ୍ୟରେ ଗାଡିଭର୍ତ୍ତି କରି ଘର ଭାଙ୍ଗିବାରୁ ବସ୍ତିରେ ଥିବା ମହିଳାମାନେ ଏକତ୍ରିତ ହୋଇ ଟ୍ରକ ପାର୍କିଂ କରୁଥିବା ଯାତ୍ରା ପଡିଆ ସମ୍ମୁଖ ମଙ୍ଗଳପୁର ଟମକା ରାସ୍ତାକୁ ଅବରୋଧ କରିଥିଲେ । ସେମାନେ ରାସ୍ତା ଉପରେ ବସି ରହି ନାରାବାଜି କରୁଥିବା ଦେଖିବାକୁ ମିଳିଥିଲା । ବେଆଇନ ଟ୍ରକ ପାର୍କିଂ ଉଚ୍ଛେଦ ଦାବିରେ ମହିଳାମାନେ ନାରାବାଜି କରୁଥିଲେ । ସକାଳ ୭ ଟାରୁ ୧୦ଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ, ଯାତ୍ରୀବାହି ବସ୍, ଖଣି କର୍ମଚାରୀମାନେ ଅଟକି ରହିଥିଲେ । କାଳିଆପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ତୁରନ୍ତ ଟ୍ରକ ପାର୍କିଂକୁ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ରାସ୍ତାରୁ ଉଠିଥିଲେ ଏବଂ ସ୍ୱାଭାବିକ ଭାବେ ଗାଡି ଚଳାଚଳ ହୋଇଥିଲା ।

## ଜାତୀୟ ରାଜପଥ ପାଲଟିଛି ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥରେ ବର୍ଷ ତମାମ ଦିନବେଳେ ଖାଦ୍ୟ ଅନ୍ୱେଷଣ ପାଇଁ ଓ ରାତି ହେଲେ ବାସସ୍ଥାନ ପାଇଁ ପାଲଟିଛି ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ । କେତେବେଳେ ନିରୀହ ଗୋରୁଙ୍କର ତ କେତେବେଳେ ପଥଚାରୀଙ୍କ ଅକାଳରେ ଯାଉଛି ଜୀବନ । ମୁଖ୍ୟ ବଜାର, ବାହାଦୁରପଡା ରାସ୍ତା, ତାରିଣୀ ମନ୍ଦିର ଛକ, ମଙ୍ଗଳା ମନ୍ଦିର ରାସ୍ତା, ଇକୋ ପାର୍କ ସମ୍ମୁଖ ରାସ୍ତା, ଖଲିଆକାନୀ ଛକ, ଶନି ମନ୍ଦିର ରାସ୍ତା, ଗାନ୍ଧୀଛକ ୪୯ ଜାତୀୟ ରାଜପଥରେ ନା ଦିନ ନା ରାତି ସଦାବେଳେ ଖୁଲମଖୁଲା ଚଲାବୁଲା କରିବା ସହିତ ରାଜପଥ ଉପରେ ବିଶ୍ରାମ ନେଉଛନ୍ତି । ଯାହାଫଳରେ ଜାତୀୟ ରାଜପଥରେ ଯାଉଥିବା ବାଇକ, କାର୍ ଠାରୁ ଆରମ୍ଭ କରି ଭାରୀଯାନ ପାଇଁ ବିପଦ ସୃଷ୍ଟି କରୁଛନ୍ତି । ରାଜପଥ ପାର୍ଶ୍ୱ ଗ୍ରାମ ମାନଙ୍କରେ କିଛିକିଛି ଲୋକ ନିଜର ସ୍ୱାର୍ଥ ସାଧନ ପାଇଁ ଗାଈ ଗୋରୁଙ୍କୁ ଗୃହ ପାଳିତ ପଶୁ ଭାବରେ ରଖି ସେମାନଙ୍କ ଠାରୁ କ୍ଷୀର ସଂଗ୍ରହ ଓ ଚାଷ କାର୍ଯ୍ୟରେ ବ୍ୟବହାର କରିବା ପରେ ସେମାନଙ୍କୁ ନିଜ ଘରେ ଘାସ, ପାଳ, ଚୋକଡ଼ ଦେବା ପରିବର୍ତ୍ତେ ବାହାରକୁ ଛାଡି ଦେଉଛନ୍ତି । ନିରୀହ ପଶୁମାନେ ଖାଦ୍ୟ ଅନ୍ୱେଷଣରେ ଜାତୀୟ ରାଜପଥ କଡ଼କୁ ଚାଲି ଆସୁଛନ୍ତି । ଯାହା ଫଳରେ ନିଜେ ମୃତ୍ୟୁମୁଖରେ ପଡିବା ସହିତ ପଥଚାରୀଙ୍କୁ ମଧ୍ୟ ମୃତ୍ୟୁମୁଖକୁ ଟାଣି ଆଣୁଛନ୍ତି । ଏହାର ମୁଖ୍ୟ କାରଣ ପୂର୍ବପରି ପଞ୍ଚାୟତ ମାନଙ୍କରେ ଥିବା କାଞ୍ଜିଆହୁଦା ବ୍ୟବସ୍ଥା ଆଉ ନାହିଁ କି ଗୋ-ସୁରକ୍ଷା ସେବାକେନ୍ଦ୍ର ନାହିଁ । ସ୍ଥାନୀୟ ଅଞ୍ଚଳର କିଛିକିଛି ଯୁବଗୋଷ୍ଠୀଙ୍କ ନିଜସ୍ୱ ଉଦ୍ୟମରେ ଦୁର୍ଘଟଣାଗ୍ରସ୍ତ ଗୋରୁଗାଈମାନଙ୍କୁ ଚିକିତ୍ସା କରାଇବା ସହିତ ତାର ଖାଦ୍ୟପେୟର ବନ୍ଦବସ୍ତ କରୁଥିବାରୁ କିଛି ମାତ୍ରାରେ ସୁଫଳ ମିଳୁଛି । କିନ୍ତୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା କଥା କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି ଜନସାଧାରଣଙ୍କ ହିତ ସାଧନ ପାଇଁ, କିନ୍ତୁ ଆଜି ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରାଧିକରଣ କି ସରକାରଙ୍କ ପକ୍ଷରୁ କୌଣସି ସେଭଳି କିଛି ଠୋସ ପଦକ୍ଷେପ ନନେବା ଦୁଃଖ ଓ ପରିତାପର ବିଷୟ । ଏଣୁ ସରକାର ଓ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ତୁରନ୍ତ ଏଭଳି ହୃଦୟ ବିଦାରକ ବିଷୟକୁ ଉପଲବ୍ଧି କରି ଧନଜୀବନର ସୁରକ୍ଷା ଉଦ୍ଦେଶ୍ୟରେ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଦୁର୍ଗା ମା'ଙ୍କ ମାଟି ଉଠାଣ ପାଇଁ ମୃତ୍ତିକା ପୂଜା



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ବାଲିତୁଠ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ରବିବାର ରାଧାଷ୍ଟମୀ ତିଥିରେ ବେଲଗଛ ମୂଳରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ପୂଜନ କରାଯାଇଥିଲା । ଏଠାରେ ଦୀର୍ଘ ୩୪ ବର୍ଷ ଧରି ଦୁର୍ଗାପୂଜା ହୋଇଆସୁଛି । ଦୁର୍ଗାପୂଜାର କର୍ତ୍ତା ଭାବେ ବିଜୟ କୁମାର ଦାସ ବାଲିତୁଠ ବେଲଗଛ ମୂଳରେ ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ଦାଶ , ପ୍ରଭାକର ଦାଶ, ପୂଜାର୍ଚ୍ଚନା କରିସାରିବା ପରେ ମା' ଦୁର୍ଗାଙ୍କ ମାଟି ବାଲିତୁଠ ବିଶ୍ୱନାଥଙ୍କ ମନ୍ଦିରରେ ଦୁର୍ଗାଙ୍କର ମାଟି ପୂଜା ଦୁର୍ଗା ସପ୍ତମୀ ପର୍ଯ୍ୟନ୍ତ ପୂଜା କରିଥାନ୍ତି । ମା' ଦୁର୍ଗାପୂଜା ମାଟି ପୂଜା କାର୍ଯ୍ୟକ୍ରମକୁ ବାଲିତୁଠ ଦୁର୍ଗୋତ୍ସବ କମିଟିର ସଭାପତି ବଂଶୀଧର ଦାଶ, ସଂପାଦକ ଶିଶିର ରଂଜନ ଦାଶ, କୋଷାଧ୍ୟକ୍ଷ ପ୍ରଶାନ୍ତ ପଲ୍ଲାଇ, ବରିଷ୍ଠ ସଭ୍ୟ ପ୍ରଭାତ ଚରଣ ଦାଶ, ବାଲିତୁଠ ପୂର୍ବତନ ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ପରିଡ଼ା, ଓମ୍ ପ୍ରକାଶ ଦାସ, ମିହିର ରଞ୍ଜନ ଦାଶ, ବଟକୃଷ୍ଣ ସାହୁ, ରାଜନ ଖଣ୍ଡୁଆଳ, ଜିତେନ୍ଦ୍ର ଗିରି ଓ ରମେଶ ଚନ୍ଦ୍ର ମୁଦୁଲି ପ୍ରମୁଖଙ୍କ ସମେତ ବାଲିତୁଠ ଦୁର୍ଗାପୂଜା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ ।

## ହାଇୱା ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

କୋଇଡା (ଭାସ୍କର ନ୍ୟୁଜ୍) : କୋଇଡା ଥାନା ଅନ୍ତର୍ଗତ ନାରାୟଣପୋଷି ଜେଏସଡବ୍ଲ୍ୟୁ ଖଣିର ଫାଟକ ନିକଟରେ ହାଇୱା ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ ମୃତକ ହେଲେ ଫ୍ରାନସିସ ସୋରେନ(୪୦) ଓ ତାଙ୍କ ଘର ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଅଞ୍ଚଳରେ ବୋଲି ଜଣାପଡିଛି । ସେ ବଡ଼ବିଲ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ରବିବାର ଦିନ ସ୍କୁଟି ନମ୍ବର ଓଡି୧୬ଡି ୯୨୩୧ ଯୋଗେ ବଡ଼ବିଲରୁ କୁତ୍ରା ଅଭିମୁଖେ ଯାଉଥିବା ସମୟରେ ଅପରାହ୍ନ ପାଞ୍ଚଟା ସମୟରେ ୫୨୦ନଂ ଜାତୀୟ ରାଜପଥ ନାରାୟଣପୋଷି ଜେଏସଡବ୍ଲ୍ୟୁ ଖଣି ଗେଟ୍ ନିକଟରେ ଓଡି ୧୪ଏଇ ୭୭୮୩ ନମ୍ବର ହାଇୱା ସ୍କୁଟିକୁ ପଛରୁ ଧକ୍କାଦେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । କୌଣସି ସୂତ୍ରରୁ ଖବର ପାଇ କୋଇଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା । ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଦ୍ରୁତଗତିରେ ଘଟଣାସ୍ଥଳରୁ ଗାଡି ନେଇ ଫେରାର ହେବା ପାଇଁ ଚେଷ୍ଟା କରି ଆଗରେ ଥିବା ଅନ୍ୟ ଏକ ହାଇୱାକୁ ପଛପଟୁ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟାଇ ଥିବା ହାଇୱା ଚାଳକ ବସନ୍ତ କୁମାର କେବିନ ଭିତରେ ଚାପି ହୋଇ ରହିଥିଲେ । କୋଇଡା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ କେବିନକୁ କାଟି ହାଇୱା ଚାଳକ ବସନ୍ତଙ୍କୁ ଉଦ୍ଧାର କରି କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରିଥିଲେ । କୋଇଡା ପୋଲିସ କେସ ନମ୍ବର ୧୬୨/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି । ସୋମବାର ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

### ସାରର କଳା ବଜାରକୁ ନେଇ ଆନ୍ଦୋଳନକୁ ଓହ୍ଲାଇଲା ବିଜେଡ଼ି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାରେ ସାରର ଘୋର ଅଭାବ ଓ ସାରର କଳା ବଜାରକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛି ବିଜେଡ଼ି । ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଗଞ୍ଜାମ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଛତ୍ରପୁର ବିଜୁ ପଟ୍ଟନାୟକ ଛକରୁ ଜିଲ୍ଲା ବିଜେଡ଼ିର ଆଗଧାଡ଼ିର ନେତା ଓ କର୍ମୀ ମାନେ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ରାଜ୍ୟରେ ବିଜେପି ସରକାର ଆସିବା ପରେ ଚାଷୀମାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ଚାଷୀମାନେ ଆବଶ୍ୟକ ପରିମାଣର ସାର ପାଉନଥିବା ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ସରକାର ଚାଷୀଙ୍କୁ ଆବଶ୍ୟକତା ଅନୁସାରେ ସାର ଯୋଗାଇବାରେ ବିଫଳ ହୋଇଛନ୍ତି । ଏହାର ସୁଯୋଗ ପାଇ ମୁନାଫାଖୋର ବ୍ୟବସାୟୀମାନେ ଚାଷୀଙ୍କୁ ଚଢା ଦରରେ ସାର ବିକ୍ରୀ କରୁଛନ୍ତି । ବହୁ ଚାଷୀ ଚଢା ଦରରେ ସାର କିଣିବା ପାଇଁ ସକ୍ଷମ ହେଉନଥିବା ଯୋଗୁଁ ଚାଷ କାର୍ଯ୍ୟ ମଧ୍ୟ ଆରମ୍ଭ କରିନାହାନ୍ତି । ପୂର୍ବରୁ ଏଭଳି ସାରର ଅଭାବ କେବେ ମଧ୍ୟ ଦେଖିବାକୁ ମିଳୁନଥିଲା । ମେ ମାସରେ ଚାଷୀମାନେ ସାର ପାଇବା କଥା କିନ୍ତୁ ସେପ୍ଟେମ୍ବର ମାସ ଆସିଲାଣି ତଥାପି ମଧ୍ୟ ସାର ପାଇପାରିନାହାନ୍ତି ଚାଷୀମାନେ । ତେଣୁ ସରକାର ଖୁବଶୀଘ୍ର ଜିଲ୍ଲାରେ ଆବଶ୍ୟକ ପରିମାଣର ସାର ଯୋଗାଇଦେବା ଆବଶ୍ୟକ ? ଯଦି ଏଥିରେ ବିଫଳ ହୁଅନ୍ତି ତେବେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛି ଗଞ୍ଜାମ ଜିଲ୍ଲା ବିଜେଡ଼ି । ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବ୍ରହ୍ମପୁରର ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ବିଜେଡ଼ି ନେତା ଭୃଗୁ ବକ୍ସିପାତ୍ର, ଜିଲ୍ଲାର ବହୁ ପୂର୍ବତନ ବିଧାୟକ, ବିଧାୟିକାଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀମାନେ ସାମିଲ ହୋଇଥିଲେ ।

## କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବିଞ୍ଝାରପୁର (ଭାସ୍କର ନ୍ୟୁଜ୍) : ବିଂଝାରପୁର ବ୍ଲକ୍ର କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ କୁମାର ତ୍ରିପାଠୀଙ୍କୁ ବିଭିନ୍ନ ସ୍ଥାନରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ ବିହାରୀ ଜେନା ସେବା ନିବୃତ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଶ୍ରୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ପ୍ରଭୁ ଗଣେଶଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରିଥିଲେ । ତାଙ୍କ ଅବଶିଷ୍ଟ ଜୀବନ ସୁଖଦ, ନିରାମୟ ହେଉ ଓ ସେ ଦୀର୍ଘାୟୁ ହୁଅନ୍ତୁ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ କାମନା କରିଥିଲେ ।

## ଆନ୍ତଃ କ୍ଲବ ନାଟକ ମହୋତ୍ସବରେ ଇଫ୍କୋ ଲେଡ଼ିଜ କ୍ଲବର ବଡ଼ ସଫଳତା



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପର ଜୟଦେବ ସଦନ ଠାରେ ଗତ ଅଗଷ୍ଟ ୩୧ରୁ ତାରିଖରେ ମାନନୀୟ ମହିଳା ସମାନତା ଦିବସ ନାଟକ ମହୋତ୍ସବ ଦ୍ୱାରା ଆୟୋଜିତ ଆନ୍ତଃ କ୍ଲବ ନାଟକ ପ୍ରତିଯୋଗିତାରେ ଇଫ୍କୋର ଜ୍ୟୋତି ଲେଡ଼ିଜ କ୍ଲବ ଉଚ୍ଚ କୋଟିର ପ୍ରତିଭା ପ୍ରଦର୍ଶନ କରି ସଫଳତା ଅର୍ଜନ କରିଛି । ସୃଜନଶୀଳତା ଓ ଦଳଗତ ଭାବେ ଚମତ୍କାର ନାଟକ ପ୍ରଦର୍ଶନରେ କ୍ଲବ ଅନେକ ପୁରସ୍କାର ହାସଲ କରିଛି । ଶ୍ରେଷ୍ଠ ନାଟକ, ପୋଷାକ, ଅଭିନେତ୍ରୀରେ ଦୁଇଟି, ସହାୟକ ଅଭିନେତା ପୁରସ୍କାର ସହ, କ୍ରୀଡା ଚମ୍ପିୟନ ଟ୍ରଫି ଏବଂ ମାନନି ଚମ୍ପିୟନ ଟ୍ରଫି ହାସଲ କରି ଜ୍ୟୋତି ଲେଡ଼ିଜ କ୍ଲବ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି । ଏହି ସଫଳତା କ୍ଲବର କଳାତ୍ମକ ପ୍ରତିଭାକୁ ପ୍ରକାଶ କରିବା ସହିତ ସେମାନଙ୍କର କ୍ରୀଡା ମନୋଭାବ ଏବଂ ଦଳଗତ କାର୍ଯ୍ୟକୁ ପ୍ରକାଶ କରେ । କ୍ଲବର ସଭାନେତ୍ରୀ ସନ୍ଦୀପା ସୁଚରିତା ରଥ ଓ ସମ୍ପାଦିକା ଲିପିକା ଦଳାଇଙ୍କ ଦକ୍ଷ ନେତୃତ୍ୱ ଏବଂ ସମସ୍ତଙ୍କ ପୂର୍ଣ୍ଣ ସମର୍ଥନରେ ଏହି ସଫଳତା ସମ୍ଭବ ହୋଇପାରିଛି ।

## ପ୍ରହସନ ପାଲଟିଛି ସ୍ମାର୍ଟ ସ୍କୁଲ ଶିକ୍ଷା

### ନାହାନ୍ତି ଶିକ୍ଷକ, ଖତ ଖାଉଛି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର ମାଳ ମାଳ ଯୋଜନା କାର୍ଯ୍ୟକାରୀ କରିଛନ୍ତି । କିନ୍ତୁ ସବୁ ଯୋଜନା ବିଗିଡି ଯାଇଛି । ଛାତ୍ର ଛାତ୍ରୀଙ୍କୁ ସ୍ମାର୍ଟ ଶିକ୍ଷା ପ୍ରଦାନ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ସ୍ମାର୍ଟ କ୍ଲାସରୁମ୍ ପ୍ରତିଷ୍ଠା କଲେ । ସ୍ମାର୍ଟ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ୫ଟି ଯୋଜନାରେ ବିଭିନ୍ନ ସ୍କୁଲରେ କମ୍ପ୍ୟୁଟର ଲାଗିଲା । ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏହି ଯୋଜନା ପ୍ରହସନ ପାଲଟିଥିବା ପରି ଲାଗୁଛି । କାରଣ ଏହି ବ୍ଲକର କମ୍ପ୍ୟୁଟର ଥିବା ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନାହାନ୍ତି । କମ୍ପ୍ୟୁଟର ଶିକ୍ଷକ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ହାଇସ୍କୁଲକୁ କମ୍ପ୍ୟୁଟର କିଣିବା ପାଇଁ ଅନୁଦାନ ଦେବା ସହ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ସରକାର ବାହାର କରି ଦେଇଥିଲେ । ଫଳରେ ଚାକିରୀ ପାଇବା ଆଶାରେ ଶହ ଶହ ଶିକ୍ଷକଙ୍କ ଭାଗ୍ୟ ସହିତ ସରକାର ଖେଳ ଖେଳିଥିଲେ । ଚାକିରି ଆଶାରେ ୫ବର୍ଷ ଶିକ୍ଷକ ନିଯୁକ୍ତି ପାଇବା ପରେ ସେମାନଙ୍କୁ ବାହାର କରିବା ଯୋଗୁଁ ଅଧିକାଂଶ ପରିବାର ଦରିଦ୍ରତା ଆଡକୁ ଗତି କରିଥିଲା । ଏହା ପରେ ସରକାର ପ୍ରତ୍ୟେକ ସ୍କୁଲକୁ ଫାଇଭ୍-ଟିରେ ସାମିଲ କରି ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ ବୋଲି ଘୋଷଣା କରିଥିଲେ । ସ୍କୁଲକୁ ୧୫ଟି କମ୍ପ୍ୟୁଟର ଯୋଗାଇବା ପରେ ଚୁପ୍ ବସିଥିଲେ ସରକାର । କେବଳ ଧର୍ମକୁ ଆଖିଠାର ନ୍ୟାୟରେ କମ୍ପ୍ୟୁଟର ଯୋଗାଣ କରି କାମ ସାରି ଦିଆଯାଇଛି । ନାଁ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କଲେ କି ଛାତ୍ରଛାତ୍ରୀ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଲେ । ଏବେ କମ୍ପ୍ୟୁଟର ସବୁ ପଡି ପଡି ଖତ ହେଉଛି । ଏ ନେଇ ଛାତ୍ରଛାତ୍ରୀ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ କିଛି ହାଇସ୍କୁଲ ସହ କିଛି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପାଇଁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା । ବିଭିନ୍ନ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ବ୍ୟୟ କରାଯାଇ କମ୍ପ୍ୟୁଟର ଶିକ୍ଷା ଆରମ୍ଭ ହୋଇଥିଲା । କିଛିବର୍ଷ ପୂର୍ବେ ଆଇସିଟି ସ୍କୁଲ କୋର୍ଡିନେଟର ବା କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା । ହେଲେ ଏହି କମ୍ପ୍ୟୁଟର ଶିକ୍ଷକ ମାନଙ୍କୁ ୨୦୧୯ ଜାନୁଆରୀରେ ୨ଟି ପର୍ଯ୍ୟାୟରେ ଛଟେଇ କରି ଦିଆଗଲା । ଆଜି ପର୍ଯ୍ୟନ୍ତ ଉକ୍ତ ଶିକ୍ଷକମାନଙ୍କୁ କିମ୍ବା ତାଙ୍କ ବଦଳରେ ଅନ୍ୟ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା ନାହିଁ । ଫଳରେ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର, ଜେନେରେଟର ଆଦି ବିଭିନ୍ନ ସରଞ୍ଜାମ ଖତ ଖାଉଥିବା ଦେଖିବାକୁ ମିଳିଛି । କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ । କମ୍ପ୍ୟୁଟର ଶିକ୍ଷକ ନଥିବାରୁ ସ୍କୁଲର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ପାରୁନାହିଁ । ଅନେକସ୍କୁଲରେ ଏଭଳି ପରିସ୍ଥିତି ଦେଖା ଦେଇଥିଲେ ମଧ୍ୟ ସବୁ ଜାଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଶିକ୍ଷା ବିଭାଗ । କେବଳ ସେତିକି ନୁହେଁ ଫାଇଭି -ଟିରେ ସ୍କୁଲକୁ ଦିଆଯାଇଥିବା ସ୍ମାର୍ଟ ବୋର୍ଡ ମଧ୍ୟ ଅନେକ ବିଦ୍ୟାଳୟରେ କାମ କରୁନି । ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କିଛି ଶିକ୍ଷକ ଗୁପ୍ତ ଭାବେ ସୂଚନା ଦେଇ କହିଛନ୍ତି । ସରକାରୀ ଯୋଜନା କାହା ପାଇଁ ବୋଲି ଅଭିଭାବକମାନେ ସ୍ୱର ଉଠାଇଛନ୍ତି । ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଲକ୍ଷ୍ୟ କରି ସମସ୍ତ ଅଚଳ କମ୍ପ୍ୟୁଟରକୁ ସଜାଡ଼ିବା ସହିତ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କରିବାକୁ ଦାବି ହୋଇଛି । ନଚେତ ସରକାରଙ୍କ କମ୍ପ୍ୟୁଟର ଶିକ୍ଷା କେବଳ ଘୋଷଣାରେ ରହିଯିବ ବୋଲି ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆଲୋଚନା ହେଉଛି । ସରକାର ଘଟଣାକୁ ଗୁରୁତର ସହ ନେବାକୁ ଦାବି ଉଠିଛି ।


## ମଧ୍ୟାହ୍ନ ଭୋଜନର ମାନ ପରଖିଲେ ଜିଲ୍ଲାପାଳ




ମାଲକାନଗିରି (ଭାସ୍କର ନ୍ୟୁଜ୍) : ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାରେ ମଧ୍ୟାହ୍ନ ଭୋଜନରେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ନିଜେ ପଦ୍ମଗିରି ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଏହି ଅବସରରେ ପାଠପଢା କେମିତି ଚାଲିଛି ପଚାରି ବୁଝିଥିଲେ ଜିଲ୍ଲାପାଳ । ପିଲାଙ୍କ ସୁବିଧା ଅସୁବିଧା ବୁଝିଥିଲେ । ସେହିପରି ଉକ୍ତ ସ୍କୁଲର ଭିତ୍ତିଭୂମି ପରିଦର୍ଶନ କରିବା ସହ ଉନ୍ନୟନ କାମ ବୁଲି ଦେଖିଥିଲେ ଜିଲ୍ଲାପାଳ । ଛାତ୍ରଛାତ୍ରୀଙ୍କୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଖାଦ୍ୟ ପରଷିବା ପାଇଁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏବେ ଜିଲ୍ଲାପାଳଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀମାନେ ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ମାନ ଓ ସ୍ୱାଦ ଚାଖିବେ । ମୁଖ୍ୟତଃ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ପରେ ନିକଟସ୍ଥ ସମସ୍ତ ବିଦ୍ୟାଳୟ ରେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିବେ ଅଧିକାରୀ ମାନେ । ଆଜି ପଦ୍ମଗିରି ପଞ୍ଚାୟତରେ ଅଭିଯୋଗ ଶୁଣାଣି ପରେ ସମସ୍ତ ଅଧିକାରୀ ମାନେ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପିଲା ମାନଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନର ମାନ ପରଖି ଥିଲେ । ଆରକ୍ଷୀ ଅଧିକ୍ଷକ ଖଇରାପଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉପ ଜିଲ୍ଲାପାଳ ତଳସାହି ବିଦ୍ୟାଳୟ ରେ ମଧ୍ୟାହ୍ନ ଭୋଜନ ଚାଖି ଥିଲେ । ପଞ୍ଚାୟତର ନିକଟସ୍ଥ ଅନ୍ୟାନ୍ୟ ବିଦ୍ୟାଳୟ ଯଥା ସିନ୍ଧରୀମାଲ, ବାଂଟିଗୁଡା, ଜଦୁଗୁଡା, ବଇଲାପାରି ଇତ୍ୟାଦି ବିଦ୍ୟାଳୟରେ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିଥିଲେ । ଆଗାମୀ ଦିନ ଗୁଡିକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନର ସ୍ୱାଦ ଓ ମାନ ସୁନିଶ୍ଚିତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣଗ୍ରାହୀ ସୂଚନା ଦେଇଛନ୍ତି ।

## ରାଶିଫଳ

**ମଙ୍ଗଳବାର, ୦୨ ସେପ୍ଟେମ୍ବର ୨୦୨୫**



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ । ପରିବାର ସହିତ ଦିନଟି ଖୁସିରେ ବିତାଇବେ । ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ । ବ୍ୟବସାୟ ଭଲ ହେବ । ଖର୍ଚ୍ଚ ବୃଦ୍ଧି ପାଇବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଦୁଷ୍ଟମାନଙ୍କ ଠାରୁ ସତର୍କତା ଆବଶ୍ୟକ । କ୍ରନିକ ରୋଗ ଦେଖାଦେଇପାରେ ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ । ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି । ଏହା ବହୁତ ଲାଭଦାୟକ ହୋଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ପ୍ରଗତିର ରାସ୍ତା ଖୋଲିଯିବ ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି । ବ୍ୟବସାୟ ଯାତ୍ରା ସଫଳ ହେବ । ରାଜନୈତିକ ସମର୍ଥନ ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ଟଙ୍କା ପାଇବା ସହଜ ହେବ । ସେଠାରେ ଭୟ ଏବଂ ସନ୍ଦେହ ରହିବ ।




**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ । ବ୍ୟବସାୟ ଅନୁକୂଳ ଲାଭ ଦେବ । ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ଦିନଟି ଭଲ ରହିବ । କାରବାରକୁ ଶୀଘ୍ର କର ନାହିଁ । ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗରେ ପ୍ରବେଶ କରନ୍ତୁ ।



**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ତୁମେ ସମ୍ମାନ ପାଇବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ । ସେଠାରେ ଖର୍ଚ୍ଚ ହେବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ ରହିବ । କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ ।




**ତୁଳା:** ଉପହାର ଗ୍ରହଣ କରାଯାଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । କିଛି ବଡ ଘଟଣା ହୋଇପାରେ । ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ବ୍ୟବସାୟ ଅନୁକୂଳ ଲାଭ ଦେବ ।




**ବିଛା:** କିଛି ବଡ ଅସୁବିଧା ଆସିପାରେ । ତାହା ଅଧିକ ଦ୍ରୁତ ଗତିରେ ଆସିବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ । ଆୟ ହେବ । ବ୍ୟବସାୟ ଭଲ ହେବ । ଚାକିରିରେ କାର୍ଯ୍ୟଭାର ରହିବ । କ୍ରନିକ ରୋଗ ଦେଖାଦେଇପାରେ । ଆପଣଙ୍କର ଗୁରୁଙ୍କଠାରୁ ଆଶୀର୍ବାଦ ନିଅନ୍ତୁ, ପାରିବାରିକ ଜୀବନ ସୁଖଦ ହେବ ।




**ଧନୁ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ । ପିକନିକ୍ ଉପଭୋଗ କରାଯିବ । ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ । ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ । ବ୍ୟବସାୟ ଭଲ ହେବ । ସହଭାଗୀମାନେ ସମର୍ଥନ ପାଇବେ । ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ । ସୁଖ ମିଳିବ ।



**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ । ଦ୍ୱନ୍ଦ୍ୱ ଆସିପାରେ । ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ । ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ । କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଅନେକ ଲୋକଙ୍କ ପାଇଁ ଆଜିର ରୋମାଣ୍ଟିକ୍ ସନ୍ଧ୍ୟା ସୁନ୍ଦର ଉପହାର ଏବଂ ଫୁଲରେ ପରିପୂର୍ଣ୍ଣ ହେବ ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ଲାଭଦାୟକ ହେବ । ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ । ବିନିଯୋଗ ଲାଭଦାୟକ ହେବ । ଘର ବାହାରେ ସୁଖ ମିଳିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ । ସିଷ୍ଟମ୍ ଉନ୍ନତି କରିବ । ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଆୟ ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ପ୍ରତିଷ୍ଠା ବୃଦ୍ଧି ପାଇବ ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଇଣ୍ଡୋର ଷ୍ଟାଡିୟମ୍ ଠାରେ ଚାଲିଥିବା ତ୍ରିଦିବସିୟ ଜାତୀୟ କ୍ରୀଡ଼ା କାର୍ଯ୍ୟକ୍ରମ ସମାପ୍ତ ହୋଇଛି । ଗତ ୨୯ ତାରିଖ ରୁ କିମ୍ବଦନ୍ତି ହକି ତାରକା ମେଜର ଧ୍ୟାନଚାନ୍ଦ ଙ୍କ ଜନ୍ମ ଦିବସ ଠାରୁ ୩୧ ଅଗଷ୍ଟ ଯାଏ ତିନି ଦିନ ଧରି ଏହି କ୍ରୀଡା କାର୍ଯ୍ୟକ୍ରମ ଚାଲିଥିଲା । ପ୍ରଥମ ଦିନରେ ସ୍ଥାନିୟ ଗାନ୍ଧୀ ଛକ ଠାରୁ ଏକ ମିନି ମାରାଥନ ବାହାରି ବିଜୁ ପଟନାୟକ ମିନି ଷ୍ଟାଡିୟମରେ ରେ ପହଞ୍ଚିଥିଲା । ଏଥିରେ ଗଟଙ୍ଗ ଏକାଡେମୀ ର ବହୁ ଖେଳାଳି ଯୋଗ ଦେଇଥିଲେ ।ନିଜେ ଫିଟ୍ ରହିବା ସହ ସମସ୍ତ ଙ୍କୁ ଫିଟ୍ ରଖିବାକୁ ଶପଥ ନେଇଥିଲେ । ପରେ ଅପରାହ୍ନରେ ଏକ ଫୁଟବଲ ମ୍ୟାଚ ର ଆୟୋଜନ କରାଯାଇଥିଲା । ଏଥିସହ ଦୌଡ଼ି ଟଣା ବା ଟଗ ଅଫ ୱାର ଏବଂ ଜୁନିଅର ବେଡ ମିଣ୍ଟନ୍ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରେ ଅତିଥି ଭାବରେ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମ ନାୟକ , ଜିଲ୍ଲା କ୍ରୀଡ଼ା ସଙ୍ଘର ମହିଳା ସଂଯୋଜିକା ଇଂ ଚନ୍ଦନା ମଲିକ, ଜିଲ୍ଲା କ୍ରୀଡ଼ା ସଙ୍ଘ ଇଣ୍ଡୋର ଗେମ୍ ସମ୍ପାଦକ କୃଷ୍ଣ ପ୍ରସାଦ ପଟନାୟକ , କ୍ରୀଡା ଶିକ୍ଷକ ଏମ ବିଜୟ କୁମାର ଯୋଗ ଦେଇଥିଲେ । ଦ୍ବିତୀୟ ଦିନରେ ଜୁନିଅର ବେଡ ମିଣ୍ଟନ୍ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ତୃତୀୟ ଦିନ ରେ ସ୍ଥାନୀୟ ଗୋପବନ୍ଧୁ ଛକ ଠାରୁ ଏକ ସାଇକେଲ ର ।ଲି ବାହାରି ଇଣ୍ଡର ଷ୍ଟାଡିୟମ୍ ରେ ପହଞ୍ଚିଥିଲା । ପରେ ପୁରସ୍କାର ବିତରଣ ଉତ୍ସବରେ ସମସ୍ତ ବିବାହର ବିଜେତା, ଉପ ବିଜେତା ଓ କ୍ରୀଡା ରେ ଭାଗ ନେଇଥିବା ସମସ୍ତ ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା ।

# ଆଭାସୀ ମାଧ୍ୟମରେ ୪ ବହୁମୁଖୀ ଭବନର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନାଗିରି ସଦର ମହକୁମାରେ ବହୁମୁଖୀ ଭବନ ତଥା ମଲ୍ଟି ପୋରପୋଜ୍ ହଲ୍‌ର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଭାସି ମାଧ୍ୟମରେ ୩ ଗୋଟି ବହୁମୁଖୀ ହଲ୍ ଓ ଗୋଟିଏ ଟାଉନ୍ ହଲ୍ ଅର୍ଥାତ୍ ଚାରି ଗୋଟି ହଲ୍ ର ଲୋକାର୍ପଣ କରିଛନ୍ତି । ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ମାଲକାନଗିରି ଦ୍ୱାରା ଜିଲ୍ଲା ସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ ଓ ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତଙ୍କ ସମେତ ପୌର ପରିଷଦ ର ୧୯ ଜଣ କାଉନସିଲର ଯୋଗଦେଇ ଥିଲେ । ମାଲକାନଗିରି ସୁକୁମା ରୋଡ ପାର୍ଶ୍ୱ ଚାର୍କିଗୁଡ଼ା ଠାରେ ୩୦୦ ସିଟ୍ ବିଶିଷ୍ଟ, ତାରିଣୀ ମନ୍ଦିର ପଛ ପାର୍ଶ୍ୱ ସ୍ଥିତ ୫୦୦ ସିଟ୍ ବିଶିଷ୍ଟ ଓ ସ୍ୱଧାର ଗୃହ ନିକଟବର୍ତ୍ତୀ ୫୦୦ ସିଟ୍ ବିଶିଷ୍ଟ ମଲ୍ଟି ପୋର୍ପୋଜ ହଲ୍ ଏବଂ ୩୦୦ ସିଟ୍ ବିଶିଷ୍ଟ ମାଲକାନଗିରି ଟାଉନ୍ ହଲ୍ ର ଲୋକାର୍ପଣ ଦ୍ୱାରା ମାଲକାନଗିରି ଜିଲ୍ଲାବାସୀ ଉପକୃତ ହେବେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ମୁଖ୍ୟମନ୍ତ୍ରୀଙ୍କୁ ଆଭାସି ମାଧ୍ୟମରେ ଧନ୍ୟବାଦ୍ ଜଣାଇଥିଲେ । ସେ କହିଥିଲେ ଯେ ଜିଲ୍ଲାରେ ମାଲକାନଗିରି ଓ ବାଲିମେଳା ଦୁଇ ଗୋଟି ନଗରାଞ୍ଚଳରେ ୬ ଗୋଟି ମଲ୍ଟି ପୋରପୋଜ୍ ହଲ୍ କରାଯାଇଛି । ଏହା ଦ୍ୱାରା ବିଶେଷ ଭାବେ ସୁଲଭ ଦରରେ ମାଙ୍ଗଳିକ କାର୍ଯ୍ୟ, ସଭା ସମିତି ଇତ୍ୟାଦି ହୋଇପାରିବ । ତତ୍ ସଙ୍ଗେ ସଙ୍ଗେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବନ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି । ସେହିପରି ମାଲକାନଗିରି ପୌରାଞ୍ଚଳ ର ଦୁଇ ଜଣ ମହିଳା ସ୍ନେହଲତା ମହାନ୍ତି ଓ ପ୍ରମିଳା କଟିମ୍ ମୁଖ୍ୟମନ୍ତ୍ରୀଙ୍କ ସହ ନିଜର ଅଭିଜ୍ଞତା ବାଣ୍ଟିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଏବଂ ଜିଲ୍ଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ ପରିଚାଳନା କରିଥିବା ବେଳେ ପୌର ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ । ସୂଚନା ଯୋଗ୍ୟ ଏବଂ ଜିଲ୍ଲା ପାଇଁ ଖୁସିର ବିଷୟ ଖଇରପୁଟ ବ୍ଲକ ଆଦିମ ବଣ୍ଡା ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ବିଡ୍ ୱର୍କ୍ ଫ୍ରେମ୍ କୁ ରାଜ୍ୟ ସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥି ମାନଙ୍କୁ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ଆଦିମ ବଣ୍ଡା ଜନଜାତିଙ୍କ ଉତ୍ପାଦ କୁ ଲୋକଲୋଚନକୁ ଆଣିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱତନ୍ତ୍ର ଭାବେ ଅର୍ଡର ଦେଇ ଏହି ବିଡ୍ ୱର୍କ କୁ ଆଜିର ଦିନରେ ଉପଯୋଗ କରିଛନ୍ତି ।

# ଅଧପନ୍ତରିଆ ନେହେନା ଗହଟିଆପଡା-ତ୍ରିନାଥ ମନ୍ଦିର ରାସ୍ତା



ଖଡ଼ିଆଳ, ( ଭାସ୍କର ନ୍ୟୁଜ୍): ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କ ସୁବିଧା ପାଇଁ ରାସ୍ତା ଚକାଚକ କରିବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି । ସେହି ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ଠିକ ସେହିଭଳି ଗ୍ରାମପଞ୍ଚାୟତ ସ୍ତରରେ ମଧ୍ୟ ଲୋକେ ସୁବିଧାରେ ଯିବାଆସିବା କରିବା ପାଇଁ ଲକ୍ଷ ଲକ୍ଷଟଙ୍କା ଖର୍ଚ୍ଚ କରିଛନ୍ତି । ହେଲେ କାମକୁ ଅଧାରେ ଛାଡି ଦେଉଥିବା ଦେଖିବାକୁ ମିଳିଛି । ଏଭଳି ଦୃଶ୍ୟ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମ ପଞ୍ଚାୟତ ନେହେନା ଗାଁ ର ଗହଟିଆ ପଡ଼ାଠାରୁ ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ନିର୍ମାଣ ରାସ୍ତା କାମ ଅଧପନ୍ତିଆ । ରାସ୍ତାରେ ପ୍ରାୟ ପଚାଶ ଫୁଟ ରୁ ଉର୍ଦ୍ଧ ହେବ ଛଡ଼ ବିଛେଇ ଛାଡି ଦିଆଯାଇଛି । ଫଳରେ ଲୋକେ ଛଡ ହାବୁଡ଼ି ହୋଇ ପଡି ହାତ ଗୋଡ ଖଣ୍ଡିଆ ଖାବରା ହେବା ଅଭିଯୋଗ ହେଉଛି । କୁନି କୁନି ପିଲାଛୁଆମାନେ ମଧ ପାଠ ପଡି ଯାଉଥିବା ବେଳେ ସାଇକେଲରୁ ପଡି ହାତ ଗୋଡ ଭାଙ୍ଗି ଯାଉଥିବା ଅଭିଯୋଗ ହେଉଛି । ଗାଁର ଲୋକେ ସରପଞ୍ଚଙ୍କ ପୁଅ ନାମକରା ସରପଞ୍ଚଙ୍କୁ ବାରମ୍ବାର କହିଲେ ମଧ୍ୟ କର୍ଣ୍ଣପାତ କରୁନଥିବା ଲୋକେ କହୁଛନ୍ତି । ଏତେ ନିମନ୍ନ ମାନର ସୂଚନା ଫଳକ ଲିଗିଥିଲା ଯେ କାମକୁ ଛଅ ମାସ ହେଇନି ସୂଚନା ଫଳକ ଭାଙ୍ଗି ମାଟିରେ ମିଶିଲାଣି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ରାସ୍ତା କାମ ଅଟେ । ରାସ୍ତାର ଅଟକଳ ପରିମାଣ ୯୯୯. ୯୦୦ ଟଙ୍କା ଅଟେ । କାର୍ଯ୍ୟକାରୀ ସଂସ୍ଥା ନେହେନା ଗ୍ରାମପଞ୍ଚାୟତ । ଶ୍ରମିକଙ୍କ ଦୈନିକ ମଜୁରୀ ୩୫୨ ଟଙ୍କା ଭଙ୍ଗା ବୋର୍ଡ଼ ରେ ଲେଖାହେଛି । ଭଙ୍ଗା ବୋର୍ଡ଼ରେ କାର୍ଯ୍ୟ ଆରମ୍ଭ ହେଲା ତାରିଖ ନାହିଁ, ଅଣ କୁଶଳୀ ଶ୍ରମିକ ଅଂଶ ଟଙ୍କା, ସାମଗ୍ରୀ ଅଂଶ ଟଙ୍କା, ଅଣ କୁଶଳୀ ଶ୍ରମ ଦିବସ ଅଟକଳ ପରିମାଣ ବୋର୍ଡ଼ରେ ଲେକାଯାଇନାହିଁ । ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକୁ ସ୍ଥାନୀୟ ଗ୍ରାମର ଶ୍ରମିକ ବା ପଞ୍ଚାୟତ ର ଶ୍ରମିକ କାର୍ଯ୍ୟ କରିବାର ନିୟମ ଥିବା ବେଳେ ନାମକରା ସରପଞ୍ଚ ସହରର ଲୋକକୁ ଠିକା ଦେଇ ଗାଁ ରାସ୍ତା କଂକ୍ରିଟ କାମ କରିଥିବା ବେଳେ ଗାଁର ଶ୍ରମିକଙ୍କ ଖାତାରେ ଟଙ୍କା ପଡୁଥିବା ଅଭିଯୋଗ ହେଉଛି । ଯେଉଁମାନେ କାମ କରି ନାହାନ୍ତି ସେମାନଙ୍କ ନାମରେ ଟଙ୍କା ପଡୁଥିବା କହୁଛନ୍ତି ଲୋକେ । ଗ୍ରାମବାସୀଙ୍କ ଅଭିଯୋଗ ହେଉଛି ଯେ

## ଦୁର୍ଘଟଣାର ଶିକାର ହେଉଛନ୍ତି ଯାତ୍ରୀ

ଅନେକ ଲୋକେ ଅଧପନ୍ତିଆ ରାସ୍ତାର ଛଡ଼ରେ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏନେଇ ଖଡ଼ିଆଳ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର କହରଙ୍କୁ ପଚାରିବାରୁ ମୁଁ ନୂଆ ଆସିଛି କିଏ କାମ କରିଛି କ'ଣ ହୋଇଛି ମୁଁ ବୁଝୁନୁ ବୋଲି କହିଥିଲେ । ନେହେନା ସରପଞ୍ଚଙ୍କ ପୁଅଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ଫୋନ୍ ଉଠାଇ ନାହାନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅଧପନ୍ତିଆ ରାସ୍ତାକୁ ସଂପୂର୍ଣ୍ଣ କରିବାକୁ ଲୋକେ ଦାବି କରିଛନ୍ତି ।

# ବିଭିନ୍ନ ସ୍ଥାନରେ ସ୍ୱାୟତ୍ତ ଶାସନ ଦିବସ ପାଳିତ




କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ମ୍ୟୁନିସିପାଲଟିରେ ନିଖିଲ ଭାରତ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ପୌରପାଳିକା ଅଡିଟୋରିୟମରେ ମ୍ୟୁନିସିପାଲଟି ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇ କୋରାପୁଟ ମ୍ୟୁନିସିପାଲଟିର ସାମଗ୍ରିକ ବିକାଶ ପାଇଁ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ସମସ୍ତ କାଉନସିଲର ଏକଜୁଟ ହେବାକୁ ପରାମର୍ଶ ଦେଇଥିଲେ । ପୌରପାଳିକାକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଅଚଂଳର ମହିଳାମାନଙ୍କୁ ଶାଢୀ, ପୁରୁଷମାନଙ୍କୁ କମ୍ବଳ ପ୍ରଦାନ କରିଥିଲେ । ଉଲ୍ଲେଖନିୟ କାର୍ଯ୍ୟ ପାଇଁ ମ୍ୟୁନିସିପାଲଟିର କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୌର ଉପାଧ୍ୟକ୍ଷ ସବିତା ପଣ୍ଡା ଓ ସମସ୍ତ କାଉନସିଲରମାନେ ସହରର ବିଭିନ୍ନ ଛକରେ ସ୍ଥାପିତ ବରପୁତ୍ରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମ୍ୟୁନିସିପାଲଟି କାର୍ଯ୍ୟାଳୟ ପରିସରରେ ଉପାଧ୍ୟକ୍ଷ ଜାତୀୟ ପତାକା ଉତୋଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ସ୍ଥାନିୟ ଦୃଷ୍ଟିହୀନ ବିଦ୍ୟାଳୟରେ ପିଲାମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା ।



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୌରପରିଷଦ ପକ୍ଷରୁ ଆଜି ସ୍ୱାୟତ୍ତ ଶାସନ ଦିବସ ମହା ସମାରୋହରେ ପାଳିତ ହେଇଛି । ଆଜି ବୋଡ଼ି ଭୋରୁ ପରିଷଦ ର କର୍ମଚାରୀ ମାନେ ସହରରେ ରାମ ଧୁନ ସଙ୍ଗୀତ ବଜେଇ ସହର ପରିକ୍ରମା କରିଥିଲେ ।ପରେ ପୌରଦକ୍ଷା ରାଧା ଭତ୍ର ।, ଉପ ।ଦକ୍ଷ ସୁଧାଂଶୁ ଦାସ, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ୧୪ ଟି ୱାର୍ଡ ର କାଉନସିଲର, ବରିଷ୍ଠ ଆଇନଜୀବି ଶ୍ରୀନିବାସ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀ ମାନେ ସହରରେ ଥିବା ସମସ୍ତ ଜାତୀୟ ବର ପୁତ୍ର ମାନଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଏହା ପରେ ଅଫିସ ପ୍ର ।ଙ୍ଗଣରେ ଜାତୀୟ ପତକା କୁ ପୌରଦକ୍ଷା ରାଧା ଭତ୍ର । ଉତଳନ କରିଥିଲେ ।ଏହା ପରେ ରାମ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପ ଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ସ୍ୱାୟତ୍ତ ଶାସନ ଦିବସ ଉପ ଲକ୍ଷେ ପ୍ରଦାନ କରିଥିବା ସିଧା ପ୍ରସାରଣ କୁ ଟିଭି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ପରେ ଅନୁଷ୍ଠିତ କାର୍ଯକ୍ରମ ରେ ଅଧକ୍ଷ । ରାଧା ଭତ୍ର ।ଉପ ।ଦକ୍ଷ ସୁଧାଂଶୁ ଦାସ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ସମସ୍ତ ୧୪ ୱାର୍ଡ଼ର କାଉନସିଲର , ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ପ୍ରମୁଖ ଉପସ୍ଥିତ ରହି ଆଜିର ଦିବସର ତ ।ତ୍ପର୍ଯ୍ୟ ଉପରେ ଉଲ୍ଲେଖ କରିଥିଲେ । ମଞ୍ଚ ପରିଚ ।ଳନ । ଇଂଜିନିୟର ଚନ୍ଦନ । ମଲ୍ଲିକ ପରିଚାଳନା କରିଥିଲେ । ଏହି ଅବସରରେ କୌନ ବନେଗା କୋରଡ ପତି ରେ ଅଂଶ ଗ୍ରହଣ କରି ସମଗ୍ର ଓଡ଼ିଶାରେ ଚହଳ ସୃଷ୍ଟି କରିଥିବା ଓଡ଼ିଆ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶାଶ୍ୱତ କୁମାର ପଟ୍ଟନାୟକଙ୍କୁ ପୌର ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସହରର ସମସ୍ତ ପୌର ପରିଷଦର ପୂର୍ବତନ ଅଧକ୍ଷ ଓ ଅଧକ୍ଷା ଓ ପୂର୍ବତନ ସମସ୍ତ କାଉନସିଲର ମାନଙ୍କୁ ଫୁଲ୍ ତୋଡ । ପ୍ରଦାନ କରାଯାଇ ସମ୍ବର୍ଧନା ଜ୍ଞାପନ କରାଯାଇଥିଲା ।ଏଥି ସହ ୩୦ ତାରିଖ ଦିନ ଉମରକୋଟ ସହରରେ ଥିବା ସମସ୍ତ ସ୍କୁଲ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ହେଇ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସଫଳତ । ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା । ଏଥି ସହ ଆଜି ସଭା ମଞ୍ଚ ରେ କିଛି ସ୍କୁଲର ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ସେମାନଙ୍କୁ ମଧ ପୌରପରିଷଦ ପକ୍ଷରୁ ସମ୍ବର୍ଧନା ଜ୍ଞାପନ କରାଯାଇଥିଲା ।




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ପାରଳା ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ରବିବାର ସକାଳ ୫ ଘଣ୍ଟା ସମୟ ରେ ରାମ ଧୂନ୍ ଡାକ ବାଜି ଯନ୍ତ୍ରରେ ବଜାଯାଇ ସହର ପରିକ୍ରମା କରାଯାଇଥିଲା । ୬.୩୦ ସମୟରେ ସହର ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ୮.୩୦ ସମୟ ରେ ଜାତୀୟ ପତକା ଉତ୍ତଳ କରାଯାଇଥିଲା । ଏଥିରେ ଅଧକ୍ଷା ନିମାଳା ସେଠୀ ଓ ଉପଧକ୍ଷା ଲେଙ୍କା ମଧୁ ଓ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷଣ କୁମାର ମୁର୍ମୁଙ୍କ ସହ ସମସ୍ତ କାଉନସିଲର ସହ କର୍ମଚାରୀ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ପାରଳା ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପରିଷଦର ଅଧକ୍ଷା ଜି ତ୍ରିପତି ରାଓ ,ଅତିରିକ୍ତ ଜିଲ୍ଲାପାଳ ପାଲୁ ଗଣ ମାଝି, ଜିଲ୍ଲା ଆରକ୍ଷୀ ଅଧକ୍ଷ ଯତୀନ୍ଦ୍ର ପଣ୍ଡା ଓ ଉପଜିଲ୍ଲାପାଳ ଅନୁପମ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ । ପୌରପରିଷଦ ତରଫରୁ ଛାତ୍ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ର ପରିବେଷଣ କରାଯାଇଥିଲା ।



କନ୍ଧମାଳ , (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ – ୨୦୨୫ ଉତ୍ସାହପୂର୍ଣ୍ଣ ପରିବେଶରେ ପାଳନ କରାଯାଇଥିଲା । ପ୍ରଭାତ ୪ଟାରେ ପରିଷଦ କାର୍ଯ୍ୟାଳୟରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପ୍ରସାରଣ କରାଗଲା । ସକାଳ ୭.୩୦ରେ ପରିଷଦ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ ଜାତୀୟ ପତାକା ଉତ୍ତୋଳନ କରି, ସମସ୍ତ କର୍ମଚାରୀଙ୍କୁ ସମ୍ବୋଧିତ କରିଥିଲେ ଓ ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମହାତ୍ମା ଗାନ୍ଧୀ, ଚକରା ବିଷୋୟୀ ଓ ସହିଦ ବବ୍ରୁବାହନଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପାଞ୍ଜଳି ଅର୍ପଣ କରାଗଲା । ପରେ ଉପକାରାଗାରରେ ଅନ୍ତେବାସୀମାନଙ୍କୁ ଓ ସ୍ଥାନୀୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପରିମଳ କର୍ମଚାରୀଙ୍କୁ ପୋଷାକ ବଣ୍ଟନ ସହ, ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀମାନଙ୍କୁ କାର୍ଯ୍ୟଦକ୍ଷତା ଅନୁଯାୟୀ ପୁରସ୍କୃତ କରାଗଲା । କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ସାହୁ ପରିଷଦର କାର୍ଯ୍ୟକଳାପ ବିଷୟରେ ଅବଗତ କରାଇ, କର୍ମଚାରୀମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ ।ସନ୍ଧ୍ୟାରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମା.ବି.ର ଅଧ୍ୟକ୍ଷ ଶିବରାମ ସାହୁ ମୁଖ୍ୟ ବକ୍ତା ଭାବେ ବକ୍ତବ୍ୟ ରଖିଥିଲେ ।ସଭାରେ ସ୍ଥାନୀୟ ତହସିଲଦାର, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲରମାନେ – ଜାକେଶ ପ୍ରଧାନ, ଦୀପକ କୁମାର ନାୟକ, ଭାରତୀ ବେହେରା, କୁନ୍ତିମା ମଲ୍ଲିକ, ସଙ୍ଗୀତା ନାୟକ, ମୋନାଲିସା ଦଳବେହେରା, ନିଶାରାଣୀ ନାୟକ, ନନ୍ଦିତା ପ୍ରଧାନ ସହ ବିଭିନ୍ନ କର୍ମଚାରୀମାନେ ଉପସ୍ଥିତ ଥିଲେ । ପ୍ରଦୀପ ପ୍ରଜ୍ୱଳନ ସହିତ ସଭାର ଆରମ୍ଭ ହୋଇଥିଲା ଓ ସୁଧୀର କୁମାର ସାହୁ ସଭାର ସଂଚାଳନା କରିଥିଲେ । ସମସ୍ତ ଅତିଥିମାନେ ସ୍ୱାୟତ୍ତ ଶାସନର ଆବଶ୍ୟକତା ଓ ଲକ୍ଷ୍ୟ ବିଷୟରେ ମତ ରଖିଥିଲେ । ସଭାରେ ବିଭିନ୍ନ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କୃତ କରାଗଲା । ବହୁ ସଂଖ୍ୟକ ପୁରୁଷ, ମହିଳା ଓ ଯୁବ ପୀଢ଼ି ଉପସ୍ଥିତ ହୋଇଥିଲେ । ଶେଷରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାହିତ୍ୟ-ସାହିତ୍ୟିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

କାଶୀନଗର, (ଭାସ୍କର ନ୍ୟୁଜ୍): କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ପଚାଶ ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପରିଷଦ ଅଧ୍ୟକ୍ଷା ଏମ.ସୁବ୍ବାରାଣୀଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଗଜପତି ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ତହସିଲଦାର ସୁଧୀର କୁମାର ନନ୍ଦ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗବତ ସାହୁ ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା, ଉପାଧ୍ୟକ୍ଷ ରଘୁ ରାମ ସାହୁ ମଂଚାସୀନ ହୋଇଥିଲେ । ଏହି କାର୍ଯ୍ୟକ୍ରମ ରେ ପରିଷଦ ମଧ୍ୟରେ ରହୁଥିବା ବରିଷ୍ଠ ନାଗରିକ, ଅବସର ପ୍ରାପ୍ତ ଶିକ୍ଷକ,ପ୍ରଧାନଶିକ୍ଷକ, ପୂର୍ବରୁ ହୋଇଥିବା ଅଧ୍ୟକ୍ଷ, ୱାର୍ଡ ସଭ୍ୟ, ସାମ୍ବାଦିକ ମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ ।

# ଜାତୀୟ କ୍ରୀଡା ଦିବସ ପାଳିତ

ନୂଆପଡା , (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାରେ ଜାତୀୟ କ୍ରୀଡା ଦିବସ ମହାସମାରୋହ ପାଳିତ ହୋଇଯାଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍ ଡୋର୍ ଷ୍ଟାଡିୟମ ଠାରେ ଶତାଧିକ କ୍ରୀଡ଼ାବିତ, ବୁଦ୍ଧିଜୀବୀ, କ୍ରୀଡା ସଂଗଠନ ଉପସ୍ଥିତିରେ ପ୍ରଖ୍ୟାତ ହକି ତାରକା ତଥା ହକି ଖେଳର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଏହି ତିନି ଦିବସୀୟ ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରକାରର କ୍ରୀଡା ଆୟୋଜନ ସହିତ ବହୁବିଧ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ । ନୂଆପଡା ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଉଦ୍ଘାଟନ ସମାରୋହରେ ସୁବାଷ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟ ଅତିଥି, ବିଶିଷ୍ଟ କ୍ରୀଡ଼ାବିତ ଓ କ୍ରୀଡା ସଂଗଠକ ସରୋଜ କୁମାର ସାହୁ, ପ୍ରକାଶ କୁମାର ସାହୁ, ଅମିତ ଗୋହିଲ ଆଦି ସମ୍ମାନିତ ଅଥିତି ଭାବରେ ଯୋଗଦେଇଥିଲେ । ଆୟୋଜକ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ଓ ଅତିଥି ମାନେ ଦିବସର ଆଭିମୁଖ୍ୟ ଓ କ୍ରୀଡାର ବିକାଶ ଉପରେ ପଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ସର୍ବପ୍ରଥମେ କନିଷ୍ଠ ବର୍ଗରେ ଏକ ବ୍ୟାଡ୍ ମିଣ୍ଟନ ମେଚ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ଅମିତ କୁମାର ସାହୁ ଓ ମୋହିତ ଜୈନ ଚମ୍ପିୟାନ ହୋଇଥିବା ବେଳେ ତୁଷାର ନିଆଲ ଓ ରୁଦ୍ର ପ୍ରସାଦ ସାହୁ ରନର୍ସ ଅପ ହୋଇଥିଲେ । ସେହିପରି ୫ଏଁଏ ଗ୍ରୁପ ମହିଳା ମାନଙ୍କ ମଧ୍ୟରେ ଏକ ମ୍ୟୁଜିକଲ୍ ଚେୟାର ପ୍ରତିଯୋଗିତା ସ୍ଥାନୀୟ ପୋଲିସ ପଡିଆ ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ହୋଇଥିଲା । ୫୨ ଜଣ ମହିଳା ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ । ଯାଜ୍ଞସେନି ମହାପାତ୍ର ପ୍ରଥମ , ଚୁମା ପଟେଲ ଦ୍ୱତୀୟ ଓ ସୁମତି ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହେଇଥିବା ମ୍ୟୁଜିକାଲ ଚେୟାର ଖେଳରେ ରାଣୀ ଦଣ୍ଡସେନା ପ୍ରଥମ, ଚୁନେରୀ ସାହୁ ଦ୍ୱିତୀୟ ଓ ଝରଣା ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅପରାହ୍ନ କ୍ରୀଡ଼ା କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରୂପେ ନୂଆପଡା ଉପଜିଲ୍ଲାପାଳ ସୁର୍ମି ସୋରେନ ଯୋଗଦେଇ କୃତି ଖେଳାଳି ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ହୋଇଥିବା ଡବଲ ବ୍ୟାଡ଼ ମିଣ୍ଟନ ପ୍ରତିଯୋଗିତାରେ ପ୍ରକାଶ କୁମାର ସାହୁ ଓ ଅମିତ ଗୋହିଲ ଚମ୍ପିୟାନ ହୋଇଥିବା ବେଳେ ବିଦେଶୀ ଘୋଷ ଓ ରୋହନ ପାଢ଼ିଙ୍କ ଯୋଡି ରନର୍ସ ଅପ ହୋଇଥିଲେ । ଟେବୁଲ ଟେନିସ ଏକକ ପ୍ରତିଯୋଗିତାରେ ରାଜେନ୍ଦ୍ର ପ୍ରସାଦ ବଢ଼େଇ ଚମ୍ପିଆନ ଓ ବିଦେଶ ଘୋଷ ରାନର୍ସ ଅପ ହେଇଥିଲେ । ସେହିପରି ୨୮ ତାରିଖ ଦିନ ଖରିଆର ଠାରେ କ୍ରୀଡା ଦିବସ ଅବସରରେ ବକ୍ତୃତା, ସଟପୁଟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ସ୍କୁଲ ଛାତ୍ର ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ରତନ ସିଂ ବାରିକ ଆଇପି ଆୟୋଜନ କରିଥିଲେ । ୩୧ ତାରିଖ ସକାଳ ୮ ଘଣ୍ଟା ସମୟରେ ନୂଆପଡାରେ ଏକ ବିଶାଳ ସାଇକେଲ ରେଲି ଆୟୋଜିତ ହେଇଥିଲା । ଦିବା ୧୧ ଘଣ୍ଟା ସମୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କ୍ରୀଡା ସମ୍ବନ୍ଧୀୟ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା କ୍ଷସନ୍ଧ୍ୟା ୬ ଘଣ୍ଟା ସମୟରେ ନୂଆପଡା ଏବଂ ଖରିଆର ରୋଡ ସ୍ଥିତ ଇଣ୍ଡୋର ଷ୍ଟାଡିୟମ ରେ ଖେଳାଳି ମାନଙ୍କ ମଧ୍ୟରେ ବ୍ୟାଡ଼ମୀଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଥଲା । ସେହିପରି ଖରିଆର ଇଣ୍ଡୋର ଷ୍ଟାଡିୟମରେ ଜିଲ୍ଲା ବ୍ୟାଡ଼ମୀଣ୍ଟନ ଆସୋସିଏସନ ତରଫରୁ କ୍ରୀଡାର ବିକାଶ ଓ କ୍ରୀଡାର ଉପାଦେୟତା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ ସୂଚାରୁ ରୂପେ ସମ୍ପାଦନ କରିଥିଲେ ।

# ଗଜାନନଙ୍କ ଭସାଣି

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଟିବେଡ଼ା ଗ୍ରାମରେ ବିଘ୍ନ ବିନାଶନ ଶ୍ରୀ ଶ୍ରୀ ଗଣେଶ ମହାପ୍ରଭୁଙ୍କ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଟିବେଡ଼ା ଗ୍ରାମ ତଥା ସାହି ପଡ଼ିଶାର ଶ୍ରଦ୍ଧାଳୁମାନେ ଦୀର୍ଘ ପାଞ୍ଚ ଦିନ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀ ଗଣେଶ ଙ୍କୁ ଧୂପ ଦୀପ ଦେଇ ପୂଜା କରିବା ସହ ଗ୍ରାମର ଶୁଭ ମନାସିଥିଲେ ଏବଂ ଅତ୍ୟନ୍ତ ଆନନ୍ଦର ସହ ପୂଜା କାର୍ଯ୍ୟ କରିଥିଲେ । ଏହି ପୂଜାରେ ସାଧାରଣ ଲୋକଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମଧ୍ୟ କରାଯାଇଥିଲା । ଏହି ଗଣେଶ ପୂଜା କାର୍ଯ୍ୟକ୍ରମରେ ସଭାପତି ଭାବରେ ଜଗତ ପାଣ୍ଡେ, ଉପସଭାପତି ଭାବରେ ଶତୃଘ୍ନ ନାୟକ, କୋଷାଧକ୍ଷ ଭାବରେ ଲକ୍ଷ୍ମୀକାନ୍ତ ନାୟକ କାର୍ଯ୍ୟ ତୁଲେଇଥିବା ବେଳେ ଗ୍ରାମ ର ସମସ୍ତ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ ।

# ୨ କଲରାପତରିଆ ବାଘ ଚମଡ଼ା ଜବତ, ୪ ଗିରଫ




ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲା କୋଲନରା ଅଞ୍ଚଳରୁ ୨ଟି କଲରାପତରିଆ ବାଘ ଚମଡ଼ା ଜବତ ସହ ୪ ଜଣଙ୍କୁ ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ ରେଭିନ୍ୟୁ ଇଣ୍ଟେଲିଜେନ୍ସ ବିଭାଗ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ବ୍ୟକ୍ତିମାନେ ୨ ଜଣ ରାୟଗଡ଼ା ଜିଲାର ହୋଇଥିବା ବେଳେ ୨ ଜଣ ମହାରାଷ୍ଟ୍ର ରାଜ୍ୟର ବୋଲି ଜଣାପଡ଼ିଛି । ରାୟଗଡ଼ା ରେଞ୍ଜର କାମେଶ୍ୱର ଅଚାରୀଙ୍କ ସୂଚନାରୁ ଜଣାପଡ଼ିଛି ଗୁଣପୁର ବ୍ଲକ ପୁଟାସିଂ ଅଞ୍ଚଳର ଅଞ୍ଚରସିଂ ଗ୍ରାମର ଜିସୟ ଗମାଙ୍ଗ ଓ ମହେଶ ହୁଇକା ମାଛଖୁଣ୍ଟି ଅଞ୍ଚଳର ଅନ୍ୟ ୨ ଜଣ ବ୍ୟକ୍ତି ମହାରାଷ୍ଟ୍ର ରାଜ୍ୟର ମାତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜ କୁମାର ଗୁପ୍ତାଙ୍କୁ ଏହି ବାଘ ଚମଡ଼ାକୁ ବିକ୍ରି କରିବା ପାଇଁ ଡିଲ୍ ଚାଲିଥିଲା । କୌଣସି ସୂତ୍ରରୁ ଏହି ଚାଲାଣ ସମ୍ପର୍କରେ ଖବର ପାଇ ଡାଇରେକ୍ଟର ଅଫ୍ ରେଭିନ୍ୟୁ ବିଭାଗ ଅଭିଯୁକ୍ତମାନଙ୍କୁ ଟ୍ରାକ୍ କରିଥିଲେ । ଏନେଇ ଅଗଷ୍ଟ ୩୦ ତାରିଖରେ ରାୟଗଡ଼ା ବନ ବିଭାଗକୁ ସୂଚନା ଦେଇଥିଲେ । ସୂଚନା ଆଧାରରେ ଉଭୟ ବିଭାଗ ବାଘ ଚମଡ଼ା ବିକ୍ରି କରିବା ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ମାଡ଼ି ବସିଥିଲେ । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର କାମେଶ୍ୱର ଆଚାରୀ ସୂଚନା ଦେଇଛନ୍ତି । ଏହି କଲରାପତରିଆ ବାଘ ଚମଡ଼ାକୁ ଗଜପତି ଜିଲାରୁ ମହାରାଷ୍ଟ୍ର ଚାଲାଣ ପାଇଁ ଅଣାଯାଇଥିଲା ବୋଲି ସୂଚନାରୁ ଜଣାପଡ଼ିଛି ଓ ଉଭୟ ବାଘର ବୟସ ୫ରୁ ୭ ବର୍ଷ ମଧ୍ୟରେ ରହିଥିବା ଜଙ୍ଗଲ ବିଭାଗ ସୂଚନା ଦେଇଛି ଓ ଏହି ଘଟଣାରେ ତଦନ୍ତ ଚାଲିଛି ବୋଲି ଏସିଏଫ୍ ଅଶୋକ ପ୍ରଧାନ ପ୍ରକାଶ କରିଛନ୍ତି ।

# କାର୍ ସହ ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ପୁଲିସ ପେଟ୍ରୋଲିଂ ବେଳେ ଏକ କାରରୁ ୧୦୦ କେଜି ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ଦୁର୍ଗମ ଅଞ୍ଚଳର ଲାଲା ଯାଦବ (୧୯), ସୁକୁମା ଅଞ୍ଚଳର ଗୋଲକ ବିଶ୍ୱାସ (୩୩), ବିହାର ଅଞ୍ଚଳର ଲାଲାଜି ରାଜଭର(୨୬) । ଶନିବାର ସନ୍ଧ୍ୟାରେ ମାଲକାନଗିରି ଥାନା ସବଇନ୍ସପକ୍ଟର ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱରେ ମାଲକାନଗିରି ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ଚମ୍ପାଖାରୀ ପୁଲିସ ଚେକ ପୋଷ୍ଟ ନିକଟରେ ପାଟ୍ରୋଲିଂ କରୁଥିଲେ । ସେହି ରାସ୍ତାରେ ଏକ କାର ଦ୍ରୁତଗତିରେ ଯାଉଥିବାର ଦେଖି ଅଟକାଇ ଯାଞ୍ଚ କରିବାରୁ କାର ମଧ୍ୟରୁ ୪ଟି ଜରି ବସ୍ତାରେ ଗଞ୍ଜେଇ ଥିବାର ଦେଖିଥିଲେ । କାର ସହ ଗଞ୍ଜେଇ ଜବତ କରିବା ସହ ଦୁର୍ଗ ଅଞ୍ଚଳର ଲାଲା ଯାଦବ (୧୯), ସୁକୁମା ଅଞ୍ଚଳର ଗୋଲକ ବିଶ୍ୱାସ (୩୩), ବିହାର ଅଞ୍ଚଳର ଲାଲାଜି ରାଜଭର(୨୬)ଙ୍କୁ ଗିରଫ କରିଥିଲେ । ଏହି ତିନିଜଣ ଯୁବକ ମାଲକାନଗିରିରୁ ଗଞ୍ଜେଇ କ୍ରୟ କରି ଛତିଶଗଡ଼ ଦୁର୍ଗ ଅଞ୍ଚଳର ଜଣେ ପଣ୍ଡିତଙ୍କୁ ଗଞ୍ଜେଇ ବିକ୍ରୀ କରିବା ନିମନ୍ତେ ନେଉଥିଲେ । ପୁଲିସ ସେମାନଙ୍କ ନିକଟରୁ ଏକ କ୍ୱିଣ୍ଟାଲ ଗଞ୍ଜେଇ, କାର,୩ଟି ମୋବାଇଲ ଫୋନ ନଗଦ ୭ହଜାର ଟଙ୍କା ଜବତ କରିଛି । ମାଜିଷ୍ଟ୍ରେଟ ସହକାରି ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀଙ୍କ ଉପସ୍ଥିତି ରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା ।ଗିରଫ ହୋଇଥିବା ଯୁବକଙ୍କ ସୂଚନା ଅନୁଯାଇ ଗଞ୍ଜେଇ ବିକ୍ରୀ ଓ ଚାଲାଣ ରେ ସହଯୋଗ କରିଥିବା ଅନ୍ୟ ତିନିଜଣଙ୍କୁ ପୁଲିସ ଖୋଜୁଛି । ଖୁବ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କଟାମାଟେରୁ ନିକଟସ୍ଥ ସବେରୀ ନଦୀରେ ଫସିଥିଲା ଯୁବକ।ଦୀର୍ଘ ୨୪ ଘଣ୍ଟା ଧରି ଯୁବକ ଜଣକ ନଦୀ ମଝିରେ ଫସି ରହିଥିଲା। ଆଜି ସକାଳୁ ସ୍ଥାନୀୟ ବାସିନ୍ଦା ଖବର ପାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମାଲକାନଗିରି ଏବଂ ଛତିଶଗଡ଼ରର ଅଗ୍ନିଶମ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ନଦୀରେ ପାଣିର ସ୍ରୋତ ପ୍ରଖର ଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଥିଲା ଶେଷରେ ହେଲିକପ୍ଟର ଯୋଗେ ଯୁବକ କୁ ଉଦ୍ଧାର କରାଯାଇଛି। ଗତକାଲି କଟାମାଟେରୁ ଗ୍ରାମର ଇର୍ମା ସୋଡି ଏକ ଦେଶୀ ଡଙ୍ଗା ନେଇ ଛତିଶଗଡ଼ର ସୁକମା ଜିଲ୍ଲାର କୌଣସି ଏକ ଗ୍ରାମକୁ ଯାଇଥିଲେ। ଫେରିବା ସମୟରେ ପାଣିର ସ୍ରୋତ ବଢ଼ିବାରୁ ଡଙ୍ଗା ଭାରସାମ୍ୟ ହରାଇ ବୁଡି ଯାଇଥିଲା। ତେବେ ଇର୍ମା କୌଣସି ପ୍ରକାରେ ଏକ ଗଛ ଡାଳକୁ ଧରି ବଞ୍ଚିଯାଇଥିଲେ। ପରେ ସେ ଗୋଟିଏ ପଥର ଉପରେ ଛିଡା ହୋଇ ରହିଥିଲେ। ଇର୍ମାଙ୍କୁ ବଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ଓପେରସନ କରାଯାଇଥିଲା।

# ଏନ୍‌ସିଇଆରଟି ଭାରତର ଶିକ୍ଷା କ୍ଷେତ୍ରର ମଜବୁତ ସ୍ତମ୍ଭ: ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): ଏନସିଇଆରଟି ଦେଶର ଶିକ୍ଷାଗତ ଦୃଶ୍ୟପଟ୍ଟର ଏକ ମୂଳଭୂତ୍ ସ୍ତମ୍ଭ । ପ୍ରତିବଦ୍ଧତା ଏବଂ ସମର୍ପଣ ସହିତ ଲମ୍ବା ସମୟ ଧରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିବାରେ ଏନସିଇଆରଟିର ବଡ ଯୋଗଦାନ ରହିଛି ସୋମବାର ନୂଆଦିଲ୍ଲୀ ଠାରେ ଏନସିଇଆରଟିର ୬୫ତମ ପ୍ରତିଷ୍ଠା ଦିବସରେ ଯୋଗଦେବା ଅବସରରେ ଉଦବୋଧନ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ 'ଦୀକ୍ଷା ୨.୦' ସମେତ ବିଭିନ୍ନ ଶିକ୍ଷାଗତ ପଦକ୍ଷେପ ଗୁଡ଼ିକର ଉଦଘାଟନ ଏବଂ ଶୁଭାରମ୍ଭ କରିଥିଲେ । ଆଧୁନିକ ଓଡ଼ିଶାର ବିକାଶ ପାଇଁ ଅବଦାନ ଦେଇଥିବା ଏବଂ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ୧୦୦ ଜଣ ମହାନ ବ୍ୟକ୍ତିତ୍ୱଙ୍କ ଜୀବନ ଏବଂ ଅବଦାନ ସମ୍ବଳିତ ଏକ ପୁସ୍ତକ 'ଉତ୍କଳ ଜନନୀଙ୍କର ସୁଯୋଗ୍ୟ ସନ୍ତାନ' ଉନ୍ମୋଚନ କରିଥିଲେ ଶ୍ରୀ ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଗତ ୬୪ ବର୍ଷ ମଧ୍ୟରେ ରାଷ୍ଟ୍ର ଗଠନରେ ଏନସିଇଆରଟିର ଅବଦାନ ଉପରେ ଆଲୋକପାତ କରିଥିଲେ । ଗତ ତିନି ବର୍ଷ ମଧ୍ୟରେ ଏନସିଇଆରଟି ଦ୍ୱାରା ବିକଶିତ ନୂତନ ପାଠ୍ୟକ୍ରମ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ପାଠ୍ୟପୁସ୍ତକ ଏବଂ ଅନ୍ୟାନ୍ୟ ଶିକ୍ଷାଦାନ ସାମଗ୍ରୀ, ବିଶେଷତଃ ଯାଦୁଇ ପିଟାରାର ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ଏନସିଇଆରଟିକୁ ଭାରତୀୟ ଭାଷାରେ ଶିକ୍ଷା, ଗୁଣାତ୍ମକ ଡିଜିଟାଲ୍ ବିଷୟବସ୍ତୁର ବିକାଶ , ବିଜ୍ଞାନ ଏବଂ ଗଣିତରେ ଶିକ୍ଷା ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଏନସିଇଆରଟିକୁ ଏକ ଗବେଷଣା ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦ୍ୱାରା ଦେଶର ଶିକ୍ଷା କ୍ଷେତ୍ର ଅତ୍ୟନ୍ତ ଲାଭବାନ ହେବ ଏବଂ ଶିକ୍ଷାଗତ ଗବେଷଣାରେ ଏନସିଇଆରଟିକୁ ବିଶ୍ୱସ୍ତରୀୟ ଲିଡର ହେବାରେ ସାହାଯ୍ୟ କରିବ । ଶ୍ରୀ ପ୍ରଧାନ କହିଛନ୍ତି ଆମ ଦେଶର ଶିକ୍ଷା ବ୍ୟବସ୍ଥାର କେନ୍ଦ୍ରବିନ୍ଦୁରେ ଏକ ପ୍ରତୀକାତ୍ମକ ଅନୁଷ୍ଠାନ ହେଉଛି ଏନସିଇଆରଟି । ଏହା କେବଳ ଏକ ପ୍ରତିଷ୍ଠାନ ନୁହେଁ ବରଂ ଏହା ଏକ 'ଜ୍ଞାନ-କୁମ୍ଭ' । ପ୍ରତିଷ୍ଠା ଦିନଠାରୁ ଏହା ଶିକ୍ଷା ମାଧ୍ୟମରେ ବିଶେଷ ଭାବରେ ରାଷ୍ଟ୍ର ନିର୍ମାଣରେ ଏକ ଦୀର୍ଘ ଦୂରତା ଅତିକ୍ରମ କରିଛି । ଶ୍ରୀ ପ୍ରଧାନ ଏନସିଇଆରଟିକୁ ନୂଆ ଅବତାର ଭାବରେ ଅବତୀର୍ଣ୍ଣ ହେବା ତଥା ସଂସ୍କାର-ମୁଖୀ, ଟେକ୍ନୋଲୋଜି-ଚାଳିତ ଏବଂ ବିଶ୍ୱର ବେଷ୍ଟ ପ୍ରାକ୍ଟିସ୍ ଉପରେ ଧ୍ୟାନ ଦେଇ ଏକ ପରିବର୍ତ୍ତନକାରୀ ନେତୃତ୍ୱ ହେବା ପାଇଁ ସେ ପରାମର୍ଶ ଦେଇଥିଲେ । ସେ ଆହୁରି କହିଛନ୍ତି ଯେ ଆମକୁ ୨୦୪୭ ସୁଦ୍ଧା ଏକ ସମୃଦ୍ଧ ଭାରତ ଗଠନ କରିବାକୁ ପଡିବ । ସମୃଦ୍ଧ ଭାରତର ଲକ୍ଷ୍ୟ ସେତେବେଳେ ସାକାର ହେବ ଯେତେବେଳେ ଆମେ ଆମର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମାଲୋଚନାମୂଳକ ଏବଂ ସୃଜନଶୀଳ ଚିନ୍ତାଧାରା ବିକଶିତ କରିବା । 'ଅମୃତ ପିଢି'ରେ ଏନସିଇଆରଟିକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିଟିକାଲ ଥିଙ୍କିଂ ବିକଶିତ କରିବା ପାଇଁ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ପଡିବ । ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷାଦାନ ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିବା ସହ 'ଦୀକ୍ଷା ୨.୦' ଉପରେ କହିଥିଲେ ଯେ ଏହା ଏକ ଅପଗ୍ରେଡେଡ୍ ଡିଜିଟାଲ ପ୍ଲାଟଫର୍ମ, ଯାହା ପ୍ରତିକ୍ରିୟାଶୀଳ ଏବଂ ବହୁବିଧ ଡିଭାଇସ୍ ସହିତ ସୁସଙ୍ଗତ । ଏହା ଏହା ଷ୍ଟକଚର୍ଡ ଲେସନ ତଥା ସଂରଚିତ ପାଠ, ଅନୁକୂଳିତ ମୂଲ୍ୟାଙ୍କନ, ଏବଂ ଏଆଇ-ଚାଳିତ ଉପକରଣ ଯଥା ରିଡ୍ ଆଲାଉଡ୍ ଏବଂ ୧୨ଟି ଭାରତୀୟ ଭାଷାରେ ଟେକ୍ସଟ ଫାଇଲ୍ ଅନୁବାଦ ପ୍ରଦାନ କରିବ । ଦୀକ୍ଷା ଦ୍ୱାରା ଉପକୃତ ହେଉଥିବା ଛାତ୍ରଛାତ୍ରୀଙ୍କ ସହ ଶ୍ରୀ ପ୍ରଧାନ ଆଲୋଚନା ମଧ୍ୟ କରିଥିଲେ । ଏହି ଅବସରରେ ଶିକ୍ଷା ମନ୍ତ୍ରୀ ଏନସିଇଆରଟି କ୍ୟାମ୍ପସର ନବନିର୍ମିତ ପ୍ରବେଶ ଦ୍ୱାର କମ୍ପ୍ଲେକ୍ସ, ହିନ୍ଦୀ, ସଂସ୍କୃତ, ହୋ-ହିନ୍ଦୀ ଏବଂ କୋୟା ଭଳି ୪ଟି ଭାଷାରେ ପ୍ରାଇମର ପୁସ୍ତକ, ପିଏମଇ ବିଦ୍ୟା ମୋବାଇଲ୍ ଆପ୍ଲିକେସନ୍, ବାଲବାଟିକା ପାଇଁ ପିଏମ ଇବିଦ୍ୟା ଡିଟିଏଚ ଟିଭି ଚ୍ୟାନେଲ୍ ନମ୍ବର ୩୫,ଚାରୋଟି ଡିଏମ ସ୍କୁଲରେ ଭର୍ଚୁଆଲ୍ ରିଆଲିଟି ଲ୍ୟାବ୍, ପ୍ରଶସ୍ତ ୨.୦, କିତାବ୍ ଏକ ପଢେ ଆଦି ଅନେକ ଉପକ୍ରମ ଶୁଭାରମ୍ଭ କରିଥିଲେ । ପ୍ରତିଷ୍ଠା ଦିବସରେ ଶିକ୍ଷା ମନ୍ତ୍ରଣାଳୟର ସଚିବ ସଞ୍ଜୟ କୁମାର, ଭାରତୀୟ ଭାଷା ସମିତିର ଅଧ୍ୟକ୍ଷ ଶ୍ରୀ ଚାମୁ କୃଷ୍ଣ ଶାସ୍ତ୍ରୀ,ଏନସିଇଆରଟିର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନି, ୟୁଜିସିର ଅଧ୍ୟକ୍ଷ ପ୍ରଫେସର ଏମ୍. ଜଗଦେଶ କୁମାର, ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଏସ. ସୋମନାଥ ଏବଂ ଏନସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର, ଶିକ୍ଷା ମନ୍ତ୍ରଣାଳୟ ଏବଂ ଏନସିଇଆରଟିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶୃଙ୍ଖଳିତ ନୀତିକାନ୍ତି...

ପୁରୀ ସହରରେ ଅନେକ ସୁବିଧା ଉପଲବ୍ଧ କରାଯିବ। ପରିଚାଳନା କମିଟିର ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ (ସୁଆର ମହାସଭା), ରଘୁବୀର ଦାସ (ମଠାଧୀଶ), ରାମନାରାୟଣ ଗୋଛିକାର (ପ୍ରତିହାରୀ ନିଯୋଗ), ମଧୁସୂଦନ ସିଂହାରୀ (ପୁଷ୍ପାଳକ ନିଯୋଗ) ଏବଂ ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

### ଶିକ୍ଷକମାନଙ୍କ...

ପଦକ୍ଷେପ ବୋଲି ବିଚାର କରାଯାଉଛି। ଯେଉଁମାନେ ଟିଇଟିରେ ଉତ୍ତୀର୍ଣ୍ଣ ହେବେ ନାହିଁ ସେମାନେ ଚାକିରି ହରାଇବା ସୁନିଶ୍ଚିତ ବୋଲି କୁହାଯାଇଛି। ଏହି ରାୟ ତାମିଲନାଡୁ ଓ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରୁ ଆସିଥିବା ଟିଇଟିର ବାଧ୍ୟତାମୂଳକ ସଂପର୍କିତ ଆବେଦନଗୁଡ଼ିକ ଉପରେ ଦିଆଯାଇଛି। ୨୦୧୦ରେ ଜାତୀୟ ଶିକ୍ଷକ ଶିକ୍ଷାପରିଷଦ ପ୍ରଥମେ ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀ ପାଇଁ ଶିକ୍ଷକ ନିଯୁକ୍ତିର ନ୍ୟୂନତମ ଯୋଗ୍ୟତା ନିର୍ଦ୍ଧାରଣ କରିଥିଲା ଓ ପରେ ଟିଇଟି ପ୍ରବର୍ତ୍ତନ କରିଥିଲା। ଏହି ନିଷ୍ପତ୍ତି ସହ ସୁପ୍ରିମକୋର୍ଟ କହିଛନ୍ତି ଯେ ସର୍ବକାଳୀନ ଶ୍ରେଷ୍ଠ ଆବିଷ୍କାର ହେଉଛି ଜଣେ ବ୍ୟକ୍ତି କେବଳ ନିଜର ମନୋଭାବ ବଦଳାଇ ନିଜର ଭବିଷ୍ୟତ ମଧ୍ୟ ବଦଳାଇପାରେ।

### ଫୁଟିବନି...

ସିସିଟିଭି ଲଗାଇବା ବାଧ୍ୟତାମୂଳକ କରାଯାଇଛି। ଏହାସହିତ ମଣ୍ଡପରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ସେହିପରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଟ୍ରାଫିକ ଡିସିପି ସୂଚନା ଦେଇଥିଲେ। ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଆଇନଶୃଙ୍ଖଳା ନିୟନ୍ତ୍ରଣ ଦିଗରେ ପୋଲିସ ପୂଜା ସମୟରେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଭୁବନେଶ୍ୱର ଡିସିପିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ପୂଜା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।

### ୮୦୦ରୁ ଊର୍ଦ୍ଧ୍ୱ...

ବିଳମ୍ବିତ ରାତି ୧୧.୪୭ରେ ଏହି ଭୂକମ୍ପ ଝଟ୍‌କା ଲାଗିଥିଲା। ଏଥିପୂର୍ବରୁ ୨୦୨୩ ଅକ୍ଟୋବର ୭ରେ ଆଫଗାନିସ୍ତାନରେ ୬.୩ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୪ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହା ଆଫଗାନିସ୍ତାନର ସବୁଠୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଥିଲା। ଏଠାରେ ପ୍ରାୟ ସମୟରେ ଭୂକମ୍ପ ହୋଇଥାଏ। ଗତମାସରେ ମଧ୍ୟ ଆଫଗାନିସ୍ତାନରେ ୫ଥର ଭୂକମ୍ପ ଅନୁଭୂତ ହୋଇଥିଲା। ଏହା ପୂର୍ବରୁ ଅଗଷ୍ଟ ୨୭ରେ ୫.୪, ଅଗଷ୍ଟ ୧୭ରେ ୪.୯, ଅଗଷ୍ଟ ୧୩ରେ ୪.୨ ଓ ଅଗଷ୍ଟ ୮ରେ ୪.୩ ତୀବ୍ରତାର ଭୂମିକମ୍ପ ଝଟକା ଲାଗିଥିଲା। ତେବେ ଭୂକମ୍ପ ଝଟ୍‌କାବେଳେ ସମସ୍ତେ ଶୋଇ ପଡ଼ିଥିଲେ। ତେଣୁ ମୃତ୍ୟୁସଂଖ୍ୟା ଆଗକୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ଆଫଗାନିସ୍ତାନ ସରକାରଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଆଫଗାନିସ୍ତାନ ଭୂମିକମ୍ପରେ ୮୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାରୁ ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ସେ ଲେଖିଛନ୍ତି ଯେ ଆଫଗାନିସ୍ତାନରେ ଭୂମିକମ୍ପ ଯୋଗୁ ହୋଇଥିବା ଜୀବନହାନୀ ଜାଣି ମୁଁ ବିଶେଷ ମର୍ମାହତ। ଏହି କଷ୍ଟକର ସମୟରେ ଆମର ସମବେଦନା ଓ ପ୍ରାର୍ଥନା ଶୋକସନ୍ତପ୍ତ ପରିବାର ସହ ରହିଛି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ମଧ୍ୟ କାମନା କରୁଛୁ। ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ମାନବୀୟ ସହାୟତା ଓ ରିଲିଫ ଯୋଗାଇବା ପାଇଁ ଭାରତ ପ୍ରସ୍ତୁତ ଥିବା ମୋଦୀ ଉଲ୍ଲେଖ କରିଛନ୍ତି।

### ପହଲଗାମ...

ତିଆନଜିନରେ ଆୟୋଜିତ ଏସସିଓ ସମ୍ମିଳନୀ ପରେ ସୋମବାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଏକ ମିଳିତ ଘୋଷଣାପତ୍ର ଜାରି କରାଯାଇଛି। ଏଥିରେ ପହଲଗାମ ନରସଂହାରକୁ ଦୃଢଭାବେ ନିନ୍ଦା କରାଯାଇଛି। ଏହାକୁ ଭାରତର ଗୋଟିଏ ବଡ଼ କୂଟନୈତିକ ବିଜୟ ଭାବେ ବିବେଚନା କରାଯାଉଛି। ଘୋଷଣାପତ୍ରରେ କୁହାଯାଇଛି ଯେ ସମସ୍ତ ସଦସ୍ୟ ରାଷ୍ଟ୍ର ଦୃଢଭାବେ ଏପ୍ରିଲ ୨୨ ପହଲଗାମ ଆତଙ୍କବାଦୀ ହମଲାକୁ ନିନ୍ଦା କରିଛନ୍ତି। ହମଲାରେ ମୃତାହତମାନଙ୍କୁ ସଦସ୍ୟ ରାଷ୍ଟ୍ରମାନେ ସହାନୁଭୂତି ଜଣାଇବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ମଧ୍ୟ ଜଣାଇଛନ୍ତି। ଏପରି ହମଲା ପଛରେ ଥିବା ଅପରାଧୀ, ସଂଗଠନ ଓ ପ୍ରାୟୋଜକମାନଙ୍କୁ ଏଥିପାଇଁ ଦାୟୀ କରାଯିବା ଦରକାର ବୋଲି ମିଳିତ ଘୋଷଣାପତ୍ରରେ ଉଲ୍ଲେଖ କରାଯାଇଛି। ଏସସିଓ ରାଷ୍ଟ୍ରଗୁଡ଼ିକ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଉଗ୍ରବାଦ ବିରୋଧୀ ଲଢେଇ ପାଇଁ ପ୍ରସ୍ତୁତ ଥିବା ପ୍ରତିଶ୍ରୁତିବଦ୍ଧ। ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ ବିପଦକୁ ମୁକାବିଲା କରିବା କ୍ଷେତ୍ରରେ ରାଷ୍ଟ୍ରଗୁଡ଼ିକ ନେଉଥିବା ସବୁପ୍ରକାର ପଦକ୍ଷେପକୁ ସ୍ୱୀକୃତି ଦିଆଯାଇଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଆତଙ୍କବାଦର ସବୁପ୍ରକାର ରୂପକୁ ନିନ୍ଦାକରି ଆତଙ୍କବାଦ ଲଢେଇରେ ଦୋମୁହାଁ ନୀତି ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏହାସହ ଅନ୍ତର୍ଜାତୀୟ ସମୂହକୁ ଆତଙ୍କବାଦ ସୀମାପାର ଗତିବିଧି ସମେତ ଆତଙ୍କବାଦର ମୁକାବିଲା କରିବାକୁ ଆହ୍ୱାନ ମଧ୍ୟ ଦେଇଛନ୍ତି। ଆତଙ୍କବାଦ ପ୍ରସଙ୍ଗରେ ଭାରତ ରଖିଥିବା ଆଭିମୁଖ୍ୟ ଏସସିଓ ରାଷ୍ଟ୍ରଗୁଡ଼ିକ ମିଳିତ ଘୋଷଣାପତ୍ରରେ ଉଲ୍ଲେଖ କରିଛନ୍ତି। ତେଣୁ ଏହାକୁ ଭାରତର ବଡ଼ କୂଟନୈତିକ ବିଜୟ ଭାବେ ବିବେଚନା କରାଯାଉଛି। ଦୁଇମାସ ତଳେ ଚୀନ୍‌ର କୁଇଙ୍ଗ୍‌ଦାଓରେ ଏସସିଓ ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷା ମନ୍ତ୍ରୀମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଯୋଗ ଦେଇଥିଲେ। ତେବେ ଏସସିଓ ପ୍ରତିରକ୍ଷାମନ୍ତ୍ରୀଙ୍କ ମିଳିତ ଘୋଷଣାପତ୍ରରେ ପହଲଗାମ ଆତଙ୍କବାଦୀ ହମଲା ସଂପର୍କରେ କିଛି ବି କୁହାଯାଇ ନଥିଲା। ଏହାକୁ ବିରୋଧ କରି ଶ୍ରୀ ସିଂହ ମିଳିତ ଘୋଷଣାପତ୍ରରେ ଦସ୍ତଖତ କରିବାକୁ ମନା କରି ଦେଇଥିଲେ। ହେଲେ କୁଇଙ୍ଗଦାଓରେ ଆପତ୍ତି ଜଣାଇଥିବା ଭାରତକୁ ତିଆନଜିନରେ ବଡ଼ ସଫଳତା ମିଳିଛି।

### ଶାନ୍ତି ରାସ୍ତାରେ...

ଆତଙ୍କବାଦ ପ୍ରସଙ୍ଗରେ କୌଣସି ଡବଲ ଷ୍ଟାଣ୍ଡାର୍ଡ ଚାଲିବ ନାହିଁ। ମୋଦୀ ଆହୁରି କହିଥିଲେ ଯେ ଏସସିଓ ସମୟର ପରିବର୍ତ୍ତନ ସହିତ ବିକଶିତ ମଧ୍ୟ ହେଉଛି। ସଂଗଠିତ ଅପରାଧ, ନିଶା କାରବାର ଓ ସାଇବର ସୁରକ୍ଷାଭଳି ଚାଲେଞ୍ଜର ମୁକାବିଲା ପାଇଁ ୪ଟି ନୂଆ କେନ୍ଦ୍ର ସ୍ଥାପନ କରାଯାଉଛି। ଆଜି ଭାରତ ରିଫର୍ମ, ପର୍ଫମ ଓ ଟ୍ରାନ୍ସଫର୍ମ ମୂଳମନ୍ତ୍ରରେ ଆଗକୁ ବଢିବାରେ ଲାଗିଛି। ଏହି ଅଧିବେଶନରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଥିଲେ ଯେ ମୁଁ ଦ୍ୱିପାକ୍ଷିକ ବୈଠକ ସମୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ମୋର ଆଲାସ୍କା ସାକ୍ଷାତକାର ବିବରଣୀ ନେତାମାନଙ୍କୁ ଅବଗତ କରାଉଛି। ୟୁକ୍ରେନରେ ସଂକଟ ଆକ୍ରମଣ ଯୋଗୁ ହୋଇନାହିଁ, ବରଂ ୟୁକ୍ରେନର ପଶ୍ଚିମ ସହଯୋଗୀମାନଙ୍କ ଦ୍ୱାରା ସମର୍ଥିକ କିଭ୍‌ରେ ଏକ ବିଦ୍ରୋହର ଫଳସ୍ୱରୂପ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଆଲାସ୍କା ଶିଖର ସମ୍ମିଳନୀରେ ହୋଇଥିବା ବୁଝାମଣା ୟୁକ୍ରେନରେ ଶାନ୍ତିର ପଥ ଖୋଲିଛି ବୋଲି ସେ କହିଥିଲେ।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER,SUNDARGARH**
**TENDER FOR SUPPLY OF DRUGS,MEDICAL CONSUMABLES,SUTURE,SURGICALS & X-RAY ITEMS TO SUNDARGARH.**

E-355

No. 4824 DHH/SNG Date: 26.08.2025

The interested Agency/Firms are requested to submit Tender documents for **Supply of Drugs,Medical Consumables,Suture,Surgicals items & X-Ray Items to Sundargarh**. The Agency/Firms must be a registered licence for above work/ Valid GST/TAN/PAN/Experience of working in the related field for minimum of three years and other as per tender document. The proposal will be send through Speed Post/ Regd. Post in the address of CDM&PHO CUM DISTRICT MISSION DIRECTOR, SUNDERGARH which is to be submitted on or before dt 22.09.2025 at 5.30 PM The RFP must be superscribed in the envelop as "**Application for of Drugs,Medical Consumables,Suture,Surgicals items & X-Ray Items to Sundargarh**".The authority reserves right for cancellation / modifications of the selection without assigning any reason thereof.

Sd/-
Chief District Medical & Public Health Officer,
Sundargarh

OIPR 10100/11/0030/2526

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

IDFC FIRST Bank

**ଆପେଣ୍ଡିକ୍ସ ୪ (ରୁଲ୍ ୮(୧)**
**ପଜେସନ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୧୦.୦୫.୨୦୨୫**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ସୁନୀଲ କୁମାର ମହାରଣା,୨. ଅନୀଲ ମହାରଣା, ୩. ପ୍ରକାଶ ଚନ୍ଦ୍ର ମହାରଣା, ୪. ରୋମା ମହାରଣା** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୧୩,୧୦,୭୭୬.୭୧/-** (ତେର ଲକ୍ଷ ଦଶ ହଜାର ସାତଶହ ଛଅସ୍ତରୀ ଟଙ୍କା ଏବଂ ଏକସ୍ତରୀ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୦୯.୦୫.୨୦୨୫** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।

ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୨୫ ଅଗଷ୍ଟ ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।

ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୧୩,୧୦,୭୭୬.୭୧/-** (ତେର ଲକ୍ଷ ଦଶ ହଜାର ସାତଶହ ଛଅସ୍ତରୀ ଟଙ୍କା ଏବଂ ଏକସ୍ତରୀ ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।

ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।

**ବନ୍ଧକ ସମ୍ପତ୍ତିର ବିବରଣୀ**

ସମସ୍ତ ସମ୍ପତ୍ତିର ଅଂଶବିଶେଷ: ଖାତା ନଂ ୬୯୫/୧୮୭, ପ୍ଲଟ ନଂ. ୨୩୧୭/୪୦୬୩, ମୋଟ ଏରିଆ ଏ.୦.୦୩୦ ଡିସିମିଲ, ମୌଜା ଅବସ୍ଥିତି: ଗଙ୍ଗପୁର, ଏସଆରଓ/ ତହସିଲ- ବେଲଗୁଣ୍ଠା, ଜିଲ୍ଲା-ଗଞ୍ଜାମ, କର୍ଣ୍ଣାଟକ-୭୬୧୧୨୩, ଏବଂ ବାଉଣ୍ଡରୀ: ପୂର୍ବ- ପାହାଡ଼, ଉତ୍ତର- ମହନ୍ତ କୁମାର ଭୂୟାଁଙ୍କ ଜମି, ପଶ୍ଚିମ- ରାସ୍ତା, ଦକ୍ଷିଣ- ମୂଷା ବିଶୋୟୀଙ୍କ ଜମି।

ତାରିଖ : ୨୫.୦୮.୨୦୨୫
ସ୍ଥାନ : ଓଡ଼ିଶା
ଋଣ ଆକାଉଣ୍ଟ ନଂ - ୪୭୮୯୩୫୮୭ ଏବଂ ୮୭୬୮୮୪୬୬

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)

**AFFIDAVIT**

By virtue of an affidavit sworn before the Executive Magistrate, Banki, dated: 08.08.2025, I Prahallad Behera, Address: village-Samapurpatana, Po- Rajib, Ps- Baideswar, Dist- Cuttack, Odisha, PIN-754009, declare that I have changed my name from Brundaban Behera to Prahallad Behera. Henceforth, I shall be known as Prahallad Behera for all purposes.

**Sd/- Prahallad Behera**

**AFFIDAVIT**

By virtue of an affidavit sworn before the Executive Magistrate, Kujang, dated: 25.07.2025, I Anasuya Mangaraj, Address: At-Puranaodapada, Po-Puranaodapada, Ps-Raghunathpur, Dist-Jagatsinghpur, Odisha, PIN-754132, declare that I have changed my name from Anuswaya Mangaraj to Anasuya Mangaraj. Henceforth, I shall be known as Anasuya Mangaraj for all purposes.

**Sd/- Anasuya Mangaraj**

**AFFIDAVIT**

**I, Ranajit Mohanty, S/O-Late Amulya Krishna Mohanty, resident of 1215/1510, Khandagiribari, Bhubaneswar, Khurda, PIN: 751030, Odisha, India declare by this affidavit No. 73AA 328981 Dtd.-14/08/2025 that now onwards I shall be known as RANJIT MOHANTY for all future purposes.**

**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND) PIN: 828123**

**e-tender Notice -**
**BIT/11/2025-26/Struc/Civil2**
**Reference Number: BIT/11/2025-26/Struc/Civil2 Dated :- 30-08-2025**
**Tender ID: 2025_DHTE_104244_1**

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and installation of Laboratory Equipment of Structural Lab Civil Engineering Department BIT Sindri, Dhanbad, Jharkhand. |
| 3 | Document download start date | 02-09-2025 |
| 4 | Document download end date | 02-09-2025 |
| 5 | Bid submission end date | 23-09-2025 |
| 6 | Bid opening date | 24-09-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

Sd/-
Director,
B.I.T., Sindri

PR 361010 (Higher Education,Technical Education and Skill Development Department)25-26*D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, डालटनगंज।**

पत्रांक............ दिनांक..................

**प्रेष विज्ञप्ति**
**PR NO.-359900**

ग्रामीण कार्य विभाग, कार्य प्रमंडल, डालटनगंज के अधीन अल्पकालीन ई0 निविदा सूचना संख्या–13RI/2024–25/EE/RWD/DALTONGANJ, दिनांक 19.08.2025 के द्वारा आमंत्रित निविदा में अपरिहार्य कारणवश प्रकाशन, अंतिम तिथि एवं निविदा खोलने की तिथि में संशोधन किया जाता है जो निम्न है :–

1. बेवसाईट में निविदा प्रकाशन की तिथि : 25.08.2025 के स्थान पर 08.09.2025
2. ई–निविदा प्राप्ति की अंतिम तिथि एवं समय : 08.09.2025 up to 5.00 PM के स्थान पर 16.09.2025 होगा ।
3. निविदा खोलने की तिथि एवं समय 10.09.2025 पूर्वाह्न 3.30 बजे के स्थान पर 18.09.2025 होगा ।

शेष नियम एवं शर्तें यथावत रहेगा ।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, डालटनगंज।

PR 360954 (Rural Development) 25-26 (D)

AU SMALL FINANCE BANK
**Registered Office:**19-A Dhuleshwar Garden, Jaipur, Rajasthan, India, 302001.
**www.aubank.in**

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **09 SEPTEMBER 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 24660002522211 | **KUAKHIA** - 24660002555408
24660002524287 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
**Manager**
**AU Small Finance Bank Limited**

**GOVERNMENT OF ODISHA**
**DEPARTMENT OF WATER RESOURCES**
**'e' Procurement Notice No 02 (BGR) / 2025-26**

A-555

| | | |
|---|---|---|
| 1 | Name of work | Construction of Check Dam |
| 2 | Total No. of work | 28 (Twenty-Eight) |
| 3 | Estimated cost | Rs.37.05 Lakhs to 97.31 Lakhs |
| 4 | Period of completion | (05) Five calendar months |
| 5 | Date & time of availability of Bid Document in the portal | 10.00 hours of 02.09.2025 to 17.00 hours 11.09.2025 |
| 6 | Last date/ Time for receipt of Bids in the Portal | 11.09.2025 up to 17.00 hours |
| 7 | Date and place of opening of Technical Bid | Dt. 12.09.2025 at 11.00 Hours in the office of the Superintending Engineer, Minor Irrigation Division, Balangir |
| 8 | Date and place of opening of Financial Bid | 14.09.2025 |
| 9 | Date of lottery scheduled to be held (If required) | 19.09.2025 |
| 10 | Name and address of the O.I.T (Officer Inviting Tender) | Superintending Engineer, Minor Irrigation Division, Balangir. |

Further details can be seen from the e-Procurement Portal **"https://tendersodisha.gov.in"**

Sd/-
Superintending Engineer,
Minor Irrigation Division,
Balangir.

OIPR 32550/11/0005/2526

**OFFICE OF THE EXECUTIVE ENGINEER**
**Drinking Water and Sanitation Mechanical Division, Dhanbad**
**Short Notice Inviting e-Quotation**
**Notice No:-03/2025-26**

Government of Jharkhand through its Public Works Department (PWD) is engaged in framing/revision of Schedule of Rates and as part of this endeavor, quotations through e-tender are invited for "Material" **Supplying, Installation, Testing and Commissioning of Pump Set and allied works at Rural Water Supply Scheme Gawan** Works pertaining to drinking water supply from Reputed Manufacturers/Authorized Dealers for respective items conforming to the specifications for inclusion in the Schedule of Rates for Government of Jharkhand to be used in different Civil construction/ infrastructure works and repair works shall be submitted online in the website http://Jharkhandtenders.gov.in. Details and list of materials are available on the above e-tender portal. The quotationer may download the documents from the website and quote their firm item rate excluding taxes for the Materials online from 02.09.2025 at 02:30 hrs. to 12.09.2025 at 05:00 hrs. The quotation will be opened on 13.09.2025 at 02:00Hours.

The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

**Address for Communication:-**
Office of the Executive Engineer
Drinking Water & Sanitation Mechanical Division
Dhanbad.
Address : Near Kumar Fuels Opp. Water Tower Dhansar, Dhanbad- 828106.
Landline No : 0326-2308988 e-mail ID :ee.mechdivisiondhanbad003@gmail.com.

Executive Engineer,
D.W. & S. Mechanical Division
Dhanbad.

PR 360996 Drinking Water and Sanitation(25-26)D

**PANCHAYAT SAMITI OFFICE,NUAGADA, DIST- GAJAPATI**

E-mail ID -ori-nuagada@nic.in Tel No.9692366581

i-290

**TENDER CALL NOTICE**

Bid-Identification No-01/2025-26

The Block Development Officer, Nuagada on behalf of Government of Odisha inviting @ rate from eligible contractors for construction of building work detail in the table.

| | | | |
|---|---|---|---|
| 1 | Name of work | : | Building Works |
| 2 | Number of Work | : | 08 (Eight nos) |
| 3 | Tender Cost & EMD | : | As mentioned in DTCN |
| 4 | Class of Contractor | : | As mentioned in DTCN |
| 5 | Available Bid document in the District Website | : | From 01.09.2025 to 15.09.2025 up to 3.00 PM |
| 6 | Last Date/Time of receipt of the original bid documents | : | 15.09.2025 up to 3 PM (Speed Post) |
| 7 | Date of seeking clarification | : | 15.09.2025 |
| 8 | Date of Opening of Bid | : | 16.09.2025 at 11.00A.M. |
| 9 | Name and address of the Office | : | Office of the Panchayat Samiti, Nuagada |
| 10 | Further details can be seen from the Gajapati District Profile/Any addendum/Corrigendum/Cancellation of the tender from website Gajapati.odisha.gov.in | | |

OIPR 19317/11/0003/2526

Sd./BDO,Nuagada

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, JAJPUR**
**Letter No. 1860 / Dt. 26.08.2025**
**GOVERNMENT OF ODISHA e-Procurement Notice**
**Bid Identification No. on line SEMIDJAJ-03/2025-26**
**eemijajpur@gmail.com**

A-561

1.Name of work :- Improvement of MIP under M.I. Division Jajpur
2.Total Number of work :- 1 (one) no.
3.Estimated cost :- Rs.29.66 Lakhs
4.Tender paper Cost(Online) :- Rs.6000/-
5.Bid Security (*Online*) :- 1% of the estimated cost.
6.Period of Completion :- As per DTCN
7.Availability of Bid Document :- From 03.09.2025, 10.00 AM to 10.09.2025, 5.000 PM in website (www.tendersorissa.gov.in)
8.Last date & Time of receipt of Bid through online :- 10.09.2025 at 5.00 PM through online
9.Date of opening of Bid documents : - 11.09.2025 at 11.00 A.M in the office of the SE, M.I. Division, Jajpur
10.Date of Lottery, if required :- 16.09.2025 at 11.30 A.M.
11. Mode of Payment of Bid Cost & Bid Security :-Govt. of Odisha has introduced e-payment gateway in to the portal for payment of cost of Bid & Bid security/ EMD. The process of using e-payment gate is mentioned in the "Procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the e- procurement portal "https://tenderorissa.gov.in
12. :- The Authority reserves the right to cancel/reject any or all the tenders without assigning any reasons thereof.
13.Name and address of the OIT :- Superintending Engineer, M.I. Division, Jajpur At-Bhabaniganj, Near Hari Samantaray School, P.O :- Jajpur, Dist-Jajpur Phone :- 06728-222008 PINCODE :- 755001

Further details can be seen from the Government of Odisha Web-Sitewww.tendersorissa.gov.in

Sd/-Superintending Engineer
M.I.Division, Jajpur

OIPR 32280/11/0016/2526



ନୂଆଦିଲ୍ଲୀ: ଚୀନର ତିଆନଜିନ୍ ସହରରେ ବିଶ୍ୱର ଅନେକ ବଡ଼ ନେତା ଏସସିଓ ବୈଠକରେ ଏକାଠି ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଏହି ସମ୍ମିଳନୀରେ ସମଗ୍ର ବିଶ୍ୱର ନଜର ରହିଛି। ସେହି ସମୟରେ, ଚୀନ ରାଷ୍ଟ୍ରପତି ଏସସିଓ ମଞ୍ଚରୁ ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି। ସି ଜିନପିଙ୍ଗ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏବେ ଶୀତଳ ଯୁଦ୍ଧ କିମ୍ବା କୌଣସି ପ୍ରକାରର ଧମକକୁ ସହ୍ୟ କରାଯିବ ନାହିଁ। ସି ଜିନପିଙ୍ଗ ଏସସିଓର ସମସ୍ତ ସଦସ୍ୟଙ୍କୁ ପାରସ୍ପରିକ ଲାଭ ଉପରେ କାମ କରିବାକୁ ଅପିଲ କରିଛନ୍ତି। ସି ଜିନପିଙ୍ଗ କହିଛନ୍ତି- ଆମକୁ ଶୀତଳ ଯୁଦ୍ଧର ମାନସିକତାକୁ ବିରୋଧ କରିବାକୁ ପଡିବ। ଏଠାରେ ମୁକାବିଲା ଏବଂ ଧମକ ପାଇଁ କୌଣସି ସ୍ଥାନ ନାହିଁ।

# ଜୀବିକା ନିଧି ସାଖ ସହକାରୀ ସଂଘ ଲିମିଟେଡର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିହାର ରାଜ୍ୟ ଜୀବିକା ନିଧି ସାଖ ସହକାରୀ ସଂଘ ଲିମିଟେଡ୍‌ର ଶୁଭାରମ୍ଭ କରିବେ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ଅନୁଷ୍ଠାନର ବ୍ୟାଙ୍କ ଆକାଉଣ୍ଟରେ ୧୦୫ କୋଟି ଟଙ୍କା ମଧ୍ୟ ସ୍ଥାନାନ୍ତର କରିବେ। ଜୀବିକା ନିଧି ପ୍ରତିଷ୍ଠାର ଉଦ୍ଦେଶ୍ୟ ହେଉଛି ଜୀବିକା ସହିତ ଜଡିତ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସୁଲଭ ସୁଧ ହାରରେ ସହଜରେ ପାଣ୍ଠି ଉପଲବ୍ଧତା ପ୍ରଦାନ କରିବା। ଜୀବିକାର ସମସ୍ତ ପଞ୍ଜିକୃତ କ୍ଲଷ୍ଟର-ସ୍ତରୀୟ ଫେଡେରେସନଗୁଡିକ ସମାଜର ସଦସ୍ୟ ହେବେ। ଏହି ପ୍ରତିଷ୍ଠାନର ପରିଚାଳନା ପାଇଁ, ବିହାର ସରକାର ଏବଂ କେନ୍ଦ୍ର ସରକାର ଉଭୟ ପାଣ୍ଠି ଯୋଗଦାନ କରିବେ। ଗତ କିଛି ବର୍ଷ



ଧରି ଜୀବିକାର ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଜଡିତ ମହିଳାମାନଙ୍କ ମଧ୍ୟରେ ଉଦ୍ୟୋଗୀତା ବୃଦ୍ଧି ପାଇଛି, ଯାହା ଫଳରେ ଗ୍ରାମାଞ୍ଚଳରେ ଅନେକ କ୍ଷୁଦ୍ର ଉଦ୍ୟୋଗ ଏବଂ ଉତ୍ପାଦକ କମ୍ପାନୀ ପ୍ରତିଷ୍ଠା ହୋଇଛି। ତଥାପି, ମହିଳା ଉଦ୍ୟୋଗୀମାନେ ପ୍ରାୟତଃ ୧୮%-୨୪% ଉଚ୍ଚ ସୁଧ ହାରରେ ମାଇକ୍ରୋଫାଇନାନ୍ସ ସଂସ୍ଥା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଥିଲେ। ଏମ୍‌ଏଫ୍‌ଆଇ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ କମ ସୁଧ ହାରରେ ଅଧିକ ଋଣ ପରିମାଣର ସମୟୋଚିତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଜୀବିକା ନିଧିକୁ ଏକ ବିକଳ୍ପ ଆର୍ଥିକ ବ୍ୟବସ୍ଥା ଭାବରେ ପରିକଳ୍ପନା କରାଯାଇଛି। ଏହି ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଏକ ଡିଜିଟାଲ ପ୍ଲାଟଫର୍ମରେ କାର୍ଯ୍ୟ କରିବ, ଯାହା ଜୀବିକା ଦିଦିମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଦ୍ରୁତ ଏବଂ ଅଧିକ ସ୍ୱଚ୍ଛ ପାଣ୍ଠି ସ୍ଥାନାନ୍ତର ସୁନିଶ୍ଚିତ କରିବ। ଏହାକୁ ସହଜ କରିବା ପାଇଁ ୧୨,୦୦୦ ସମ୍ପ୍ରଦାୟ କାର୍ଯ୍ୟକର୍ତ୍ତାଙ୍କୁ ଟାବଲେଟ ଯୋଗାଇ ଦିଆଯାଇଛି। ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ଉଦ୍ୟୋଗୀ ବିକାଶକୁ ସୁଦୃଢ଼ କରିବ ଏବଂ ସମ୍ପ୍ରଦାୟ-ନେତୃତ୍ୱାଧୀନ ଉଦ୍ୟୋଗଗୁଡିକର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ବିହାର ରାଜ୍ୟରୁ ପ୍ରାୟ ୨୦ ଲକ୍ଷ ମହିଳା ଏହି କାର୍ଯ୍ୟକ୍ରମକୁ ଦେଖିବେ।

## 'ସେମିକନ୍ ଇଣ୍ଡିଆ-୨୦୨୫'ର ଉଦଘାଟନ କରିବେ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ନୂଆଦିଲ୍ଲୀର ଯଶୋଭୂମି ଠାରେ 'ସେମିକନ ଇଣ୍ଡିଆ - ୨୦୨୫'ର ଉଦ୍‌ଘାଟନ କରିବେ, ଯାହା ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌କୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର ୩ ସକାଳ ପ୍ରାୟ ୯:୩୦ ରେ ମଧ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରି ସିଇଓ ରାଉଣ୍ଡଟେବୁଲରେ ଅଂଶଗ୍ରହଣ କରିବେ। ୨ ରୁ ୪ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ତିନି ଦିନିଆ ସମ୍ମିଳନୀରେ ଭାରତରେ ଏକ ଦୃଢ଼, ସୁଦୃଢ଼ ଏବଂ ସ୍ଥାୟୀ ସେମିକଣ୍ଡକ୍ଟର ଇକୋ-ସିଷ୍ଟମକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବ। ଏଥିରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମର ଅଗ୍ରଗତି, ସେମିକଣ୍ଡକ୍ଟର ଫ୍ୟାବ୍ ଏବଂ ଉନ୍ନତ ପ୍ୟାକେଜିଂ ପ୍ରକଳ୍ପ, ଭିତ୍ତିଭୂମି ପ୍ରସ୍ତୁତି, ସ୍ମାର୍ଟ ଉତ୍ପାଦନ, ଗବେଷଣା ଏବଂ ବିକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ନବସୃଜନ, ନିବେଶ ସୁଯୋଗ, ରାଜ୍ୟସ୍ତରୀୟ ନୀତି କାର୍ଯ୍ୟାନ୍ୱୟନ ଇତ୍ୟାଦି ଉପରେ ଅଧିବେଶନ ହେବ। ଏହା ସହିତ, ଏହି କାର୍ଯ୍ୟକ୍ରମରେ ଡିଜାଇନ୍ ଲିଙ୍କ୍ଡ ଇନସେଣ୍ଟିଭ୍ (ଡିଏଲଆଇ) ଯୋଜନା ଅଧୀନରେ ପଦକ୍ଷେପ, ଷ୍ଟାର୍ଟଅପ୍ ଇକୋ-ସିଷ୍ଟମର ବିକାଶ, ଆନ୍ତର୍ଜାତୀୟ ସହଯୋଗ ଏବଂ ଭାରତର ସେମିକଣ୍ଡକ୍ଟର କ୍ଷେତ୍ର ପାଇଁ ଭବିଷ୍ୟତ ରୂପରେଖ ଉପରେ ବିଚାରବିମର୍ଷ କରାଯିବ। ଏଥିରେ ୪୮ରୁ ଅଧିକ ଦେଶର ପ୍ରାୟ ୨୫୦୦ରୁ ଅଧିକ ପ୍ରତିନିଧି, ୫୦ରୁ ଅଧିକ ବିଶ୍ୱ ବ୍ୟକ୍ତିତ୍ୱଙ୍କ ସହିତ ୧୫୦ରୁ ଅଧିକ ବକ୍ତା ଏବଂ ୩୫୦ରୁ ଅଧିକ ପ୍ରଦର୍ଶନକାରୀ ସମେତ ମୋଟ ୨୦,୭୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବେ। ଏଥିରେ ୬ଟି ରାଷ୍ଟ୍ରୀୟ ଗୋଲଟେବୁଲ ଆଲୋଚନା, କଣ୍ଟ୍ରି ପାଭିଲିୟନ ଏବଂ କର୍ମଶକ୍ତି ବିକାଶ ଏବଂ ଷ୍ଟାର୍ଟଅପ୍ ପାଇଁ ସମର୍ପିତ ପାଭିଲିୟନ ମଧ୍ୟ ଅନ୍ତର୍ଭୁକ୍ତ ହେବ। ବିଶ୍ୱବ୍ୟାପୀ ଆୟୋଜିତ ସେମିକନ ସମ୍ମିଳନୀଗୁଡ଼ିକ ସେମିକଣ୍ଡକ୍ଟର କ୍ଷେତ୍ରର ପ୍ରଯୁକ୍ତିବିଦ୍ୟା ଉନ୍ନତି ସହିତ ବିଭିନ୍ନ ଦେଶର ନୀତିଗୁଡ଼ିର ସର୍ବାଧିକ ପ୍ରସାର ଲାଗି ଲକ୍ଷ୍ୟ ରଖିଛି ଯାହା ସେମାନଙ୍କର ସେମିକଣ୍ଡକ୍ଟର ଇକୋ-ସିଷ୍ଟମକୁ ସୁଦୃଢ଼ କରିବ।

# କୃଷି କ୍ଷେତ୍ରର ସ୍ଥିତି ସମ୍ପର୍କରେ ମନ୍ତ୍ରୀଙ୍କ ସମୀକ୍ଷା



ନୂଆଦିଲ୍ଲୀ: କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ସୋମବାର ନୂଆଦିଲ୍ଲୀରେ ଏକ ବୈଠକ କରି ସାରା ଦେଶର କୃଷି କ୍ଷେତ୍ରର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏକ ଉଚ୍ଚସ୍ତରୀୟ ବୈଠକରେ ଶିବରାଜ ସିଂହ ବିଭିନ୍ନ ରାଜ୍ୟରେ ହେଉଥିବା ବର୍ଷା ବିଷୟରେ ତଥ୍ୟ ନେଇଛନ୍ତି। ସେ ପଞ୍ଜାବର କିଛି ଅଞ୍ଚଳରେ ହୋଇଥିବା ବନ୍ୟା ଏବଂ ଫସଲ ଉପରେ ଏହାର ପ୍ରଭାବ ବିଷୟରେ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଶିବରାଜ ସିଂହ କହିଛନ୍ତି ଯେ, ପଞ୍ଜାବର ଚାଷୀ ଭାଇ ଏବଂ ଭଉଣୀମାନେ ଆଦୌ ଚିନ୍ତିତ ହେବା ଉଚିତ୍ ନୁହେଁ, ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ର ସରକାର ପ୍ରଭାବିତ ଚାଷୀମାନଙ୍କ ସହିତ ଅଛନ୍ତି। ଆଗାମୀ ଦିନରେ ସେ ପରିସ୍ଥିତିର ସମୀକ୍ଷା ପାଇଁ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ ଏବଂ ପ୍ରଭାବିତ ଚାଷୀମାନଙ୍କୁ ଘଟଣାସ୍ଥଳରେ ଭେଟି ସେମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ କରିବାକୁ ଚେଷ୍ଟା କରିବେ ବୋଲି ଶିବରାଜ ସିଂହ କହିଛନ୍ତି। ବୈଠକରେ କେନ୍ଦ୍ର କୃଷି ସଚିବ ଡକ୍ଟର ଦେବେଶ ଚତୁର୍ବେଦୀଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହଙ୍କୁ ସାରା ଦେଶରେ କୃଷି କ୍ଷେତ୍ରର ସ୍ଥିତି ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ସମୟରେ, ଗତ ବର୍ଷ ତୁଳନାରେ ଖରିଫ ଚାଷ କ୍ଷେତ୍ରରେ ଆଶାଜନକ ବୃଦ୍ଧି ଘଟିଛି ବୋଲି ସେମାନେ କହିଥିଲେ। ଖାଦ୍ୟଶସ୍ୟ ସହିତ, ଉଦ୍ୟାନ କୃଷି କ୍ଷେତ୍ରର ଅଗ୍ରଗତି ବିଷୟରେ ମଧ୍ୟ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଚୌହାନ ପଚାରି ବୁଝିଥିଲେ। ସେ ବିଶେଷ କରି ଆଳୁ, ପିଆଜ ଏବଂ ଟମାଟୋର ଉତ୍ପାଦନ ସ୍ଥିତି ଏବଂ ମୂଲ୍ୟ ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ। ବୈଠକରେ, ଅଧିକାରୀମାନେ ବିଭିନ୍ନ ରାଜ୍ୟରେ ବର୍ଷା ଏବଂ ଜଳଭଣ୍ଡାରର ସ୍ଥିତି ବିଷୟରେ ମଧ୍ୟ ସୂଚନା ଦେଇଥିଲେ, ଯେଉଁଥିରେ ସେମାନେ କହିଥିଲେ ଯେ ଏହି ବର୍ଷ ଅନେକ ରାଜ୍ୟରେ ହାରାହାରି ଠାରୁ ଅଧିକ ବର୍ଷା ହୋଇଛି, ଯାହା ଫସଲ ପାଇଁ ଏକ ଲାଭଦାୟକ ସ୍ଥିତି। ଭଲ ବର୍ଷା ଯୋଗୁଁ ଜଳଭଣ୍ଡାରଗୁଡ଼ିକ ମଧ୍ୟ ପୂର୍ଣ୍ଣ ଅଛି। କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଚାଷୀମାନେ ଖାଦ୍ୟଶସ୍ୟ ସହିତ ଉଦ୍ୟାନ କୃଷି ସମେତ ସମନ୍ୱିତ କୃଷି ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରନ୍ତୁ, ଯାହା ଦ୍ୱାରା ଚାଷୀମାନଙ୍କୁ ଅଧିକ ଲାଭ ମିଳିବ।

# ଜାମ୍ମୁ-କାଶ୍ମୀର ସୁରକ୍ଷା ସ୍ଥିତିର ସମୀକ୍ଷା କଲେ ଶାହ




ନୂଆଦିଲ୍ଲୀ: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ସୋମବାର ଜାମ୍ମୁରେ ଆୟୋଜିତ ଏକ ବୈଠକରେ ଜାମ୍ମୁ-କାଶ୍ମୀରର ସୁରକ୍ଷା ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ବୈଠକରେ ଜାମ୍ମୁ-କାଶ୍ମୀରର ଉପରାଜ୍ୟପାଳ ଶ୍ରୀ ମନୋଜ ସିହ୍ନା, କେନ୍ଦ୍ର ଗୃହ ସଚିବ, ନିର୍ଦ୍ଦେଶକ (ଆଇବି), ଜାମ୍ମୁ-କାଶ୍ମୀରର ମୁଖ୍ୟ ସଚିବ ଏବଂ ଡିଜିପି, ସିଏପିଏଫ୍‌ର ମୁଖ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜାମ୍ମୁ-କାଶ୍ମୀରର ସୁରକ୍ଷା ସ୍ଥିତିର ସମୀକ୍ଷା କରିବା ସମୟରେ କେନ୍ଦ୍ର ଗୃହ ମନ୍ତ୍ରୀ ୨୦୨୫ ମସିହାରେ ଶ୍ରୀ ଅମରନାଥଜୀ ଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ କରିଥିବାରୁ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସମସ୍ତ ସୁରକ୍ଷା ସଂସ୍ଥାଗୁଡ଼ିକୁ ସତର୍କ ରହିବାକୁ ଏବଂ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ଜାମ୍ମୁ-କାଶ୍ମୀରର ଆକସ୍ମିକ ବନ୍ୟାରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ସମସ୍ତ ସୁରକ୍ଷା ବାହିନୀ ଦ୍ୱାରା ଗ୍ରହଣ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଶ୍ରୀ ଅମିତ ଶାହ ପ୍ରଶଂସା କରିଥିଲେ, ଯାହା ଅନେକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଛି। ସେ ଜାମ୍ମୁ-କାଶ୍ମୀରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ସିଏପିଏଫ୍‌ଗୁଡ଼ିକର ସମ୍ପୂର୍ଣ୍ଣ ସହାୟତା ପାଇଁ ଆଶ୍ୱାସନା ଦେଇଥିଲେ।

# ବସ୍ତର ବନ୍ୟାସ୍ଥିତିର ପରିଦର୍ଶନ କଲେ ବିଷ୍ଣୁଦେବ

ରାୟପୁର: ସୋମବାର ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ହେଲିକପ୍ଟର ଯୋଗେ ଦାନ୍ତେୱାଡା ଏବଂ ବସ୍ତର ଡିଭିଜନର ବସ୍ତରରେ ଦେଖାଦେଇଥିବା ବନ୍ୟା ସ୍ଥିତିର ପରିଦର୍ଶନ କରିବା ସହ ସମୀକ୍ଷା ମଧ୍ୟ କରିଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ନିର୍ଦ୍ଧାରିତ ସମୟରେଯୋଗାଇ ଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ବନ୍ୟା ପୀଡିତଙ୍କୁ ସହାୟତା କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏଥିସହ ସେ ଚୁରି ଟିକିରାପଡାରେ ବନ୍ୟା ପୀଡିତଙ୍କ ପାଇଁ ଖୋଲାଯାଇଥିବା ଆଶ୍ରୟସ୍ଥଳି ପରିଦର୍ଶନ କରିଥିଲେ ଏବଂ ସେଠାରେ ରହୁଥିବା ପୀଡିତଙ୍କ ପରିବାର ସହ କଥା ହୋଇ ସେମାନଙ୍କ ଅଭିଯୋଗ ଶୁଣିଥିଲେ। ଶ୍ରୀ ସାଏ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ବନ୍ୟାପୀଡିତଙ୍କ ସହ ରାଜ୍ୟ ସରକାର ରହିଛନ୍ତି ଏବଂ ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି। ପୀଡିତଙ୍କୁ ଆବଶ୍ୟକ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ନିରାପଦ ଆଶ୍ରୟସ୍ଥଳ ଯୋଗାଇ ଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ



ଖୁବ୍ ଶୀଘ୍ର କ୍ଷୟ କ୍ଷତିର ଆକଳନ କରାଯାଇ ପ୍ରାଥମିକତା ସ୍ୱରୂପ ସମସ୍ତ ସହାୟତା ରାଶି ଯୋଗାଇ ଦିଆଯିବ। ଏଥିସହ ପୀଡିତଙ୍କୁ ଆବଶ୍ୟକ ରାସନ, ବସ୍ତ୍ର, ରିଲିଫ କ୍ୟାମ୍ପରେ ଯୋଗାଇ ଦେବାକୁ ଅଧିକାରୀଙ୍କ କହିଥିଲେ। ଏଥିସହ ଯେଉଁମାନଙ୍କ ଘର ବନ୍ୟାରେ ଭାଙ୍ଗି ଯାଇଛି ସେଗୁଡିକୁ ମରାମତି ପାଇଁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେ ସ୍ଥାନୀୟ ଜିଲ୍ଲାପାଳ ଏବଂ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ କେତେ ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି, କେତେ ପଶୁଙ୍କର ମୃତ୍ୟୁ ଘଟିଛି ଏବଂ କେତେ କ୍ଷତି ହୋଇଛି ସେ ନେଇ ତଦାରଖ କରି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସାଏ ବନ୍ୟାର କ୍ଷତିଗ୍ରସ୍ତ ହୋଇଥିବା ପୋଲ, ଯୋଗାଯୋଗ ସଂପର୍କରେ ସମୀକ୍ଷା କରି ପୁନଃ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଥିଲେ। ରାସ୍ତା, ବିଦ୍ୟୁତ, ପାନୀୟ ଜଳ ପ୍ରଭାବିତ ଗାଁଗୁଡିକୁ ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଡାକ୍ତର ନିଯୋଜିତ କରିବାକୁ ପରାମର୍ଶ ଦେଇଥିଲେ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସାମଗ୍ରୀ ପୁନରୁଦ୍ଧାର ବିଭାଗ (ଏମଆରଡ଼ି), ୨୦୨୫ ଅଗଷ୍ଟ ମାସରେ ୧ ଲକ୍ଷ ଟନ ବିଓଏଫ ସ୍ଲାଗ୍ ନିଷ୍କାସନ ସହକାରେ ଏକ ପ୍ରମୁଖ ମାଇଲଖୁଣ୍ଟ ଅତିକ୍ରମ କରିଛି। ଅଗଷ୍ଟ ୨୮ ତାରିଖରେ ଏମଆରଡ଼ି ବିଭାଗ ରେକର୍ଡ ୨୦୧ ଟି ଟ୍ରିପ୍ ସହିତ ୫୬୨୦ ଟନ୍ ଓଜନର ସର୍ବାଧିକ ଏକ ଦିବସୀୟ ସ୍ଲାଗ ନିଷ୍କାସନ ହାସଲ ପୂର୍ବକ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲା। ଏଥିସହିତ ବିଭାଗ ଗତ ଅଗଷ୍ଟ ୨୩ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୧୯୬ ଟି ଟ୍ରିପ୍ ଓ ୫୪୭୩ ଟନ୍ ଓଜନର ସର୍ବାଧିକ ଏକ ଦିବସୀୟ ସ୍ଲାଗ ନିଷ୍କାସନ ରେକର୍ଡକୁ ଅତିକ୍ରମ କରିଛି। ଏହି ସଫଳତା କେବଳ ଏମଆରଡ଼ି ବିଭାଗର ଉଲ୍ଲେଖନୀୟ ଦକ୍ଷତାକୁ ପ୍ରତିଫଳିତ କରୁନାହିଁ ବରଂ ଗତ ସପ୍ତାହଗୁଡ଼ିକରେ ରେକର୍ଡ ପ୍ରଦର୍ଶନର ଏକ ଶୃଙ୍ଖଳ ସହିତ ଏହାର ବର୍ଦ୍ଧିତ ସ୍ଥିରତାକୁ ମଧ୍ୟ ପ୍ରଦର୍ଶିତ କରୁଛି। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ମାସରେ ଏମଆରଡ଼ି ବିଭାଗ ତିନିଟି ଏକ ଦିବସୀୟ ସ୍ଲାଗ ନିଷ୍କାସନ ରେକର୍ଡ ହାସଲ କରିଥିଲା ଏବଂ ଏହାର କାର୍ଯ୍ୟନିପୁଣତା ଓ ସଫଳ ଧାରାକୁ ପ୍ରଦର୍ଶିତ କରିଥିଲା।

# ଡିଜାଇନ କ୍ୟାଫେର ପ୍ରଥମ ଏକ୍ସପେରିଏନ୍ସ ସେଣ୍ଟରର ଶୁଭାରମ୍ଭ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭାରତର ଲୋକପ୍ରିୟ ହୋମ ଇଂଟେରିୟର ସଲ୍ୟୁଶନ୍ସ ବ୍ରାଣ୍ଡ ଡିଜାଇନକ୍ୟାଫେ ଭୁବନେଶ୍ୱରରେ ଏହାର ପ୍ରଥମ ଏକ୍ସପେରିଏନ୍ସ ସେଂଟରର ଶୁଭାରମ୍ଭ କରିଛି। ଯାହା ଏହାର ସର୍ବଭାରତୀୟ ସ୍ତରର ସମ୍ପ୍ରସାରଣ ଯୋଜନା ଏବଂ ଜାତୀୟସ୍ତରରେ ଏହାର ୧୯ତମ ଷ୍ଟୋରର ଉଦ୍‌ଘାଟନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ପୁରସ୍କାରପ୍ରାପ୍ତ ଆର୍କିଟେକ୍ଟ ଓ ସହପ୍ରତିଷ୍ଠାତା ଗୀତା ରାମନନ ଓ ସିଜାନ ଭୋଜାନିଙ୍କ ଦ୍ୱାରା ସ୍ଥାପିତ ଡିଜାଇନକ୍ୟାଫେ ଏକ ଡିଜାଇନ-ପ୍ରଥମ, ଟେକ୍ନୋଲୋଜି-ସକ୍ଷମ ଆଭିମୁଖ୍ୟ ସହିତ ହୋମ ଇଂଟେରିୟରକୁ ଗଣତାନ୍ତ୍ରିତ କରିବା ପାଇଁ ବ୍ୟାପକ ସ୍ତରରେ ଲୋକପ୍ରିୟ ଅଟେ। ୨୦୦୦ ବର୍ଗଫୁଟ ଅଂଚଳରେ ପରିବ୍ୟାପ୍ତ ଭୁବନେଶ୍ୱର ଏକ୍ସପେରିଏନ୍ସ ସେଂଟର ପର୍ସନାଲାଇଜ୍‌ଡ ହୋମ ଇଂଟେରିୟରର ଭବିଷ୍ୟତ ଦିଗରେ ଏକ ନିମଜ୍ଜିତ ଓ ଏକୀକୃତ ଯାତ୍ରା ପ୍ରଦାନ କରୁଛି, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ଏକ ସମ୍ପୂର୍ଣ୍ଣ ରୂପେ ଡିଜାଇନ ହୋଇଥିବା ୨ ବିଏଚକେ ସାମ୍ପଲ ଫ୍ଲାଟ, ମଡ୍ୟୁଲାର କିଚେନ, ୱାର୍ଡରୋବ, ବେଡରୁମ ଓ ଲିଭିଙ୍ଗ ଏରିଆ ପାଇଁ ଡିସ୍‌ପ୍ଲେ ଜୋନ, ୨୦% ଅଧିକ ସ୍ଥାନ ସହ ଡିଜାଇନ ସଲ୍ୟୁଶନ ଏବଂ ଡିଜାଇନକ୍ୟାଫେର ବିସ୍ତୃତ ରେର କଲେକ୍ସନରୁ ୪ଟି ମଡ୍ୟୁଲାର କିଚେନ ଯାହା ଭିନ୍ନ ଭିନ୍ନ ବଜେଟ ରେଞ୍ଜକୁ କଭର କରୁଛି। ଏହି ଷ୍ଟୋର ଶୁଭାରମ୍ଭ ସହିତ ଭୁବନେଶ୍ୱରର ବଢୁଥିବା ପରିବାର ଓ ନୂଆ ଘରମାଲିକମାନେ ଏବେ ୫୧,୦୪୦ରୁ ଅଧିକ ଡିଜାଇନ ସମ୍ଭାବନାକୁ ଅନ୍ୱେଷଣ କରିପାରିବେ, ଭାରତବ୍ୟାପୀ ୪୦୦ରୁ ଅଧିକ ବରିଷ୍ଠ, ଅତ୍ୟଧିକ ଦକ୍ଷ ଆର୍କିଟେକ୍ଟ ଓ ଇଂଟେରିୟର ଡିଜାଇନରଙ୍କ ଏକ ଟିମରୁ ଏକ୍ସପର୍ଟ ଡିଜାଇନରଙ୍କଠାରୁ ସିଧାସଳଖ ପରାମର୍ଶ ନେଇପାରିବେ ଏବଂ ପର୍ସନାଲାଇଜ୍‌ଡ ହୋମ ଇଂଟେରିୟର ସଲ୍ୟୁଶନ୍ସ ପାଇଁ ଡିଜାଇନକ୍ୟାଫେର ପ୍ରତିବଦ୍ଧତାକୁ ଅନୁଭବ କରିପାରିବେ ଯାହା ଓଡିଶାବାସୀଙ୍କ ସ୍ୱତନ୍ତ୍ର ଜୀବନଶୈଳୀ, ସଂସ୍କୃତି ଓ ମହତ୍ୱାକାଂକ୍ଷାକୁ ପ୍ରତିଫଳନ କରୁଛି। ହୋମ ଇଂଟେରିୟର ଶିଳ୍ପରେ ନୂଆ ମାନଦଣ୍ଡ ସ୍ଥିର କରିଥିବା ଡିଜାଇନକ୍ୟାଫେ ହେଉଛି ଏକମାତ୍ର ବ୍ରାଣ୍ଡ ଯାହା ଆଡଭାନ୍ସଡ ଜର୍ମାନ ମେସିନେରୀରେ ସୁସଜ୍ଜିତ ଏହାର ନିଜସ୍ୱ ୬୫୦୦୦ ବର୍ଗଫୁଟର ଅତ୍ୟାଧୁନିକ ଫ୍ୟାକ୍ଟ୍ରିର ପରିଚାଳନା କରୁଛି ଯାହା ତ୍ରୁଟିହୀନ ଫିନିଶ, ନିର'ର ଗୁଣବତା ଓ ୨୫ ବର୍ଷ ପର୍ଯ୍ୟନ୍ତ ୱାରେଂଟି ସୁନିଶ୍ଚିତ କରିଥାଏ। ପ୍ରତ୍ୟେକ ଘରର ୫୧ରୁ ଅଧିକ ଜଟିଳ ଗୁଣବତା ଯାଂଚ କରାଯାଇଥାଏ, ଏହା ଶୀର୍ଷ ସ୍ତରର ପାର୍ଟନରଙ୍କ ସାମଗ୍ରୀ ବ୍ୟବହାର କରିଥାଏ ଏବଂ ସ୍ପେଶ-ସେଭିଙ୍ଗ ଡିଜାଇନ ସଲ୍ୟୁଶନ ମାଧ୍ୟମରେ ୨୦% ଅଧିକ ସ୍ଥାନ ପ୍ରଦାନ କରିଥାଏ। ଏ ସମ୍ପର୍କରେ ସହ-ପ୍ରତିଷ୍ଠାତା ଗୀତା ରାମନନ ଓ ସିଜାନ ଭୋଜାନି କହିଛନ୍ତି, 'ଆମେ ଭାରତର ମନ୍ଦିରମାଳିନୀ ସହର ଏବଂ ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ଭୁବନେଶ୍ୱରକୁ ଡିଜାଇନକ୍ୟାଫେର ଡିଜାଇନ ଉଦ୍ଭାବନ ଓ ଗୁଣବତାର ସିଗ୍ନେଚର ମିଶ୍ରଣ ଆଣି ଗର୍ବିତ।'

# ୧୩.୪୨ କୋଟି ଟଙ୍କା ସଂଗ୍ରହ ଯୋଜନା କରୁଛି ଆବ୍ରିଲ ପେପର ଟେକ୍

ସୁରଟ: ସବଲାଇମେସନ ହିଟ ଟ୍ରାନ୍ସଫର ପେପରର ଏକ ଅଗ୍ରଣୀ ଉତ୍ପାଦନକାରୀ ଓ ଯୋଗାଣକାରୀ ସୁରଟସ୍ଥିତ ଆବ୍ରିଲ ପେପର ଟେକ ଲିମିଟେଡ ତାହାର ଏସଏମଇ ପବ୍ଲିକ ଇସ୍ୟୁରୁ ୧୩.୪୨ କୋଟି ଟଙ୍କା ସଂଗ୍ରହ ନିମନ୍ତେ ଯୋଜନା କରୁଛି। କମ୍ପାନୀ ବମ୍ବେ ଷ୍ଟକ ଏକ୍ସଚେର ଏସଏମଇ ପ୍ଲାଟଫର୍ମରେ ତାହାର ପବ୍ଲିକ ଇସ୍ୟୁ ଶୁଭାରମ୍ଭ କରିବା ନିମନ୍ତେ ଅନୁମୋଦନ ହାସଲ କରିଛି। ପ୍ରିନ୍ସ ଲାଠିୟାର, ବିପୁଲ ଦୋବାରିଆ ଏବଂ ଆଶିଶ୍ୱିନ ଲାଠିୟାଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଏହି କମ୍ପାନୀର ସବ×ଲାଇମେସନ ଓ ହିଟ ଟ୍ରାନ୍ସଫର ପେପର ସମାଧାନ କ୍ଷେତ୍ରରେ ଶିଳ୍ପରେ ୮ ବର୍ଷର ବିଶେଷ ଅଭିଜ୍ଞତା ରହିଛି। କମ୍ପାନୀ ୩୦, ୬୫, ୭୫ ଏବଂ ୯୦ ଆଦି ବହୁଧା ଜିଏସଏମ ବିଭାଗରେ ସବଲାଇମେସନ ହିଟ ଟ୍ରାନ୍ସଫର ପେପର କ୍ଷେତ୍ରରେ ବିଶେଷ ଅଭିଜ୍ଞତା ହାସଲ କରିଛି। ଏଥିସହିତ ଆବ୍ରିଲ ହିଟ ଟ୍ରାନ୍ସଫର ପେପର, ସ୍ପେଶାଲାଇଜଡ ଫ୍ରେମ ଏବଂ ପିପି ସିଟ ଆଦି ଉତ୍ପାଦନ ନିମନ୍ତେ କାରଖାନା ସ୍ଥାପନ ଦ୍ୱାରା ସମସ୍ତ ଆନୁଷଙ୍ଗିକ କ୍ଷେତ୍ରକୁ ସଂଯୁକ୍ତ କରିବା ଯୋଜନା କରିଛି, ଯେଉଁଥିରେ ରପ୍ତାନି ବଜାର ଉପରେ ଦୃଢ ଭାବରେ ଦୃଷ୍ଟିନିବଦ୍ଧ କରାଯାଉଛି। ଭାରତର ୧୭ଟି ରାଜ୍ୟରେ ଏହାର ମଜଭୁତ ବି୨ବି ଉପସ୍ଥିତି ସହିତ କେକ, ଏଫଏମସିଜି ପ୍ୟାକେଜିଂ ଏବଂ ରେଡିମେଡ ପୋଷାକ ନିମନ୍ତେ ଅଧିକ ଲାଭପ୍ରଦ ସୁଯୋଗର ଫାଇଦା ଉଠାଇବାକୁ ଆବ୍ରିଲ ଏହାର ବି୨ସି ଉପସ୍ଥିତିକୁ ଅନ୍‌ଲାଇନ ଏବଂ ଡିଲର ନେଟୱର୍କ ଜରିଆରେ ସୁଦୃଢ କରିବା ଯୋଜନା କରୁଛି। ଆଇପିଓ ସମ୍ପର୍କରେ ଉଲ୍ଲେଖ କରି ପ୍ରିନ୍ସ ଲାଠିୟା, ନନ-ଏକଜିକ୍ୟୁଟିଭ ଡାଇରେକ୍ଟର, ଆବ୍ରିଲ ପେପର ଟେକ ଲିମିଟେଡ କହିଥିଲେ, 'ଆମ ଅଭିବୃଦ୍ଧି ଯାତ୍ରାରେ ଆଇପିଓ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି। ସବଲାଇମେସନ ଏବଂ ହିଟ ଟ୍ରାନ୍ସଫର ପେପର ଶିଳ୍ପରେ ଆମେ ଏକ ମଜଭୁତ ମୂଳଦୁଆ ସ୍ଥାପନ କରିଛୁ ଏବଂ ସାନି ପାଣ୍ଠି ସଂଗ୍ରହ ଆମକୁ କ୍ଷମତା ସମ୍ପ୍ରସାରଣ, ପ୍ରଯୁକ୍ତିରେ ଉନ୍ନତି ସାଧନ ଏବଂ ଆମର ବଜାର ଉପସ୍ଥିତିକୁ ସୁଦୃଢ କରିବାରେ ସମର୍ଥ କରାଇବ। ଉଚ୍ଚ ଗୁଣାତ୍ମକ ମାନର ମୁଦ୍ରଣ ସମାଧାନ କ୍ଷେତ୍ରରେ ଏକ ବିଶ୍ୱସନୀୟ ନାମ ଭାବରେ ପ୍ରତିଷ୍ଠିତ ହେବା ଏବଂ ଆମର ସହଭାଗୀମାନଙ୍କୁ ନିର'ର ମୂଲ÷ ଯୋଗାଇବା ଆମର ଲକ୍ଷ ହୋଇଛି। ଏହି ଇସ୍ୟୁରୁ ବହୁବିଧ ଉଦ୍ଦେଶ୍ୟ ନିମନ୍ତେ ପାଣ୍ଠି ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ୫.୪୦ କୋଟି ଟଙ୍କାକୁ ଅଧିକ ୨ଟି ପୂର୍ଣ୍ଣ ସ୍ୱୟଂଚାଳିତ ସବ×ଲାଇମେସନ ପେପର କୋଟିଂ ଏବଂ ସ୍ଲିଟିଂ ମେସିନ ନିମନ୍ତେ ଉପଯୋଗ କରାଯିବ। ୫.୦୦ କୋଟି ଟଙ୍କା କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ପୂରଣ ନିମନ୍ତେ ଏବଂ ୨.୦୧ କୋଟି ଟଙ୍କା ସାଧାରଣ କମ୍ପାନୀ ପରିଚାଳନା ଉଦ୍ଦେଶ୍ୟରେ ବ୍ୟବହାର କରାଯିବାକୁ ରହିଥିବାବେଳେ ୧.୦୧ କୋଟି ଟଙ୍କା ଆଇପିଓ ବାବଦ ଖର୍ଚ୍ଚ ନିମନ୍ତେ ଉପଯୋଗ କରାଯିବ। ୧୩.୪୨ କୋଟି ଟଙ୍କାର ଇନିସିଆଲ ପବ୍ଲିକ ଅଫରିଂରେ ପ୍ରତ୍ୟେକ ୧୦ ଟଙ୍କା ଫେସ ଭାଲ୍ୟୁ ବିଶିଷ୍ଟ ସାନି ୨୨,୦୦,୦୦୦ ସେୟାର ଇସ୍ୟୁ ରହିଛି। କମ୍ପାନୀ ପବ୍ଲିକ ଇସ୍ୟୁ ନିମନ୍ତେ ଇକ୍ୱିଟି ସେୟାର ପିଛା ୬୧ ଟଙ୍କା ରଖିଛି। ମାର୍କେଟ ମେକରଙ୍କ ନିମନ୍ତେ ୧,୧୨,୦୦୦ ସେୟାର ଏବଂ ପବ୍ଲିକ ଅଫରିଂ ନିମନ୍ତେ ୨୦,୮୮,୦୦୦ ସେୟାର ରଖାଯାଇଛି। ଲଟ× ଆକାର ୨୦୦୦ ରହିଛି ଏବଂ ରିଟେଲ ନିବେଶକଙ୍କ ନିମନ୍ତେ ଲଟ ଆକାର ୨ଟି ଲଟ (୪୦୦୦ ସେୟାର) ରଖାଯାଇଛି। ଏଚଏନଆଇଙ୍କ ନିମନ୍ତେ ନିବେଶ ପାଇଁ ସର୍ବନିମ୍ନ ୩ ଲଟ (୬୦୦୦ ସେୟାର) ରଖାଯାଇଛି ଯାହାର ପରିମାଣ ୩,୬୬,୦୦୦ ଟଙ୍କା। ଇସ୍ୟୁ ପରବର୍ତ୍ତୀ ସମୟରେ ସେୟାର ହୋଲଡିଂ ୭୯,୮୧,୮୪୦ ସେୟାର ହେବ, ଯାହା ଆଜିସୁଦ୍ଧା ୫୭,୮୧,୮୪୦ ରହିଛି।

# ସପ୍ସିର 'ଦି ଗ୍ରାଣ୍ଡ ସପ୍ସି ମେଳା'

ନୂଆଦିଲ୍ଲୀ: ସପ୍ସି ବର୍ଷର ସବୁଠାରୁ ବୃହତର ସେଲ ସହିତ ସର୍ବାଦୃତ୍ ସପିଙ୍ଗ ପାଳନର ଉତ୍ସବ, ଦି ଗ୍ରାଣ୍ଡ ସପ୍ସି ମେଳା (ଜିଏସଏମ) ପୁଣି ଥରେ ନେଇ ଆସୁଅଛି। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୦୭ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଏହି କାର୍ଯ୍ୟକ୍ରମ ଅନେକଗୁଡ଼ିଏ ଅବିସ୍ମରଣୀୟ ଉତ୍ସାହ ସହିତ ଏହାର ପ୍ରସଙ୍ଗ ରହିଛି 'ୟୈସେ ଗିରେଙ୍ଗେ ଦାମ, ସପିଙ୍ଗ ହୋଗି ସୁବହ ଶାମ।' ଚଳିତବର୍ଷ, ଜିଏସଏମ ୧୪୯ ଟଙ୍କା ଭିତରେ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଉତ୍ପାଦନକୁ ସମଗ୍ର ଫ୍ୟାସନ, ଜୀବନଶୈଳୀ, ଘର ତଥା ସୌନ୍ଦର୍ଯ୍ୟକାରୀତାକୁ ନେଇ ବୃଦ୍ଧି କରିବା ସହିତ ଏକ ଚିନ୍ତାଶୀଳ ଗଠନମୂଳକ ମୂଲ୍ୟ ସଚେତନଯୁକ୍ତ ସପିଙ୍ଗ ପାଇଁ ଏହାକୁ ସଠିକ୍ ଭାବରେ ପ୍ରସ୍ତୁତ କରିପାରିଛି। ମିଲିୟନରୁ ଅଧିକ ୨, ୩ ଏବଂ ୪ ଶ୍ରେଣୀର ସହର ଗୁଡ଼ିକରେ ଜିଏସଏମ ଏହାର ଉତ୍ସବ ଋତୁର ବିକ୍ରୟ ସଂକେତ ପ୍ରଦାନ କରିବା ଆରମ୍ଭ କରିଛି ଯାହାକି ଅଧିକ ଆଦୃତ ଅତୁଳନୀୟ ଖୁସିର ସମ୍ଭାର ପ୍ରଦାନ କରିବ। ରହିଥିବା ଏହାର ବର୍ଦ୍ଧିତ ଯୋଗାଣ ଚେନ ସହିତ ପ୍ରସ୍ତୁତି ଏବଂ ଆକର୍ଷଣୀୟ ଅଫରକୁ ନେଇ ଏହା ପ୍ରତ୍ୟେକ ଉତ୍ସବର ଆବଶ୍ୟକତାକୁ ପରିପୂରଣ କରିବାକୁ ଯାଉଛି। ସପ୍ସି ଏହି ଋତୁର ସପିଙ୍ଗ ପ୍ରଣାଳୀର ପ୍ରସ୍ତୁତିକୁ ଅଧିକ ଆକର୍ଷଣୀୟ, ଗ୍ରହଣୀୟ, ମନମତାଣୀଆ କରିବା ସହିତ ପୂର୍ବଠାରୁ ଅଧିକ ଅନ୍ତର୍ଭୁକ୍ତିକରଣ ରଖିଛି। କପିଲ ଥିରାନୀ, ବିଜିନେସ ହେଡ଼, ସପ୍ସି ଏବଂ ଫ୍ଲିପକାର୍ଟ ମାର୍କେଟପ୍ଲେସ, ଫ୍ଲିପକାର୍ଟ, ମତବ୍ୟକ୍ତ କରି କହିଛନ୍ତି, 'ପର୍ବର ଋତୁ ଯେହେତୁ ବର୍ତ୍ତମାନ ପ୍ରତ୍ୟେକ କୋଣ ଅନୁକୋଣ ସହିତ ଆସିଯାଇଛି ଗ୍ରାଣ୍ଡ ସପ୍ସି ମେଳା ଏ ଦିଗରେ ଏକ ପ୍ରମୁଖ ମୂଲ୍ୟ ଅଗ୍ରଣୀ ସପିଙ୍ଗ ସକ୍ଷମକାରୀତାର ପ୍ରମୁଖ ଭାବରେ ବ୍ୟବସ୍ଥିତ ରୂପରେ ଭାରତକୁ ପ୍ରସ୍ତୁତ କରିବାକୁ ଯାଉଛି। ମହକଭରା ଅତୁଳନୀୟ ସକ୍ଷମକାରୀ ବର୍ଦ୍ଧିତ ଚୟନକାରୀତାର ଡ଼ିଜାଇନକୁ ନେଇ ଜିଏସଏମ ପ୍ରତ୍ୟେକ ପରିବାରକୁ କୌଣସି ବୁଝାମଣା ନ କରି ଏକ ବିକ୍ରୟ କ୍ଷମତା ପ୍ରଦାନ କରିବ।

# ନିରାପଦ ପୋଷଣ କ୍ଷେତ୍ରରେ ମାଇଲଖୁଣ୍ଟ ହାସଲ କଲା ଆମୱେ ଇଣ୍ଡିଆ

ନୂଆଦିଲ୍ଲୀ: ବଜାରରେ ସମ୍ପ୍ରତି ଉପଲବ୍ଧ ପୋଷଣୀୟ ଉତ୍ପାଦଗୁଡିକର ନିରାପଦ ଏବଂ ଶୁଦ୍ଧତାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ବର୍ଦ୍ଧିତ ଚିନ୍ତା ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରୁଥିବା ଅନ୍ୟତମ ଅଗ୍ରଣୀ କମ୍ପାନୀ ଆମୱେ ଇଣ୍ଡିଆ ନିକଟରେ ତାହାର ଅଗ୍ରଣୀ ନ୍ୟୁଟ୍ରିଲାଇଟ ବ୍ରାଣ୍ଡର ମୁଖ୍ୟ ସପ୍ଲିମେଣ୍ଟଗୁଡିକ ନିମନ୍ତେ ସମ୍ମାଜନକ ବିଶ୍ୱସନୀୟ ପ୍ରମାଣନ କାର୍ଯ୍ୟକ୍ରମ ଅଧୀନରେ ନ୍ୟାସନାଲ ଫରେନସିକ ସାଇନ୍ସେସ ୟୁନିଭରସିଟି (ଏନଏଫଏସୟୁ)-ନ୍ୟୁଟ୍ରିସନାଲ ସପ୍ଲିମେଣ୍ଟେସନ ଟେଷ୍ଟିଂ ଫର ସ୍ପୋର୍ଟସପର୍ସନ୍ସ (ଏନଏସଟିଏସ) ପରୀକ୍ଷଣ ପ୍ରାପ୍ତ ହୋଇଥିବା ଘୋଷଣା କରିଛି। ଏହି ସ୍ୱୀକୃତି ଉଚ୍ଚ ଗୁଣବତ୍ତା ସମ୍ପନ୍ନ, ନିରାପଦ ଏବଂ ବିଜ୍ଞାନ ଆଧାରରେ ସମର୍ଥିତ ପୋଷଣୀୟ ଉତ୍ପାଦଗୁଡିକ ଯୋଗାଇବା ନିମନ୍ତେ ଆମୱେର ଏକନିଷ୍ଠ ପ୍ରତିବଦ୍ଧତାକୁ ପୁନଃସୁଦୃଢ କରୁଛି। ଏହି ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ପ୍ରକାଶ କରି ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଥିଲେ, 'ଏକଦା ପୋଷଣୀୟ ସପ୍ଲିମେଣ୍ଟଗୁଡିକର ନିରାପଦ ଦିଗ ଓ ଶୁଦ୍ଧତାକୁ ନେଇ ଆଲୋଚନା ଜୋର ଧରୁଥିବାବେଳେ ଏହି ସ୍ୱୀକୃତି ଆମର ୯୦- ବର୍ଷର ପୁରାତନ ବ୍ରାଣ୍ଡ ନ୍ୟୁଟ୍ରିଲାଇଟ ଉପରେ ସ୍ୱଚ୍ଛତା ଏବଂ ଆସ୍ଥାକୁ ପୁନଃ ସୁଦୃଢ କରିବାରେ




ସହାୟକ ହେଉଛି। ପୁନଶ୍ଚ ଏହା ଏକ ବିଶ୍ୱସନୀୟ ପାରିବାରିକ ବ୍ରାଣ୍ଡ×ଭାବରେ ଆମର ସ୍ଥିତି ସୁଦୃଢ କରିବା ସହିତ ପ୍ରମାଣିତ ଗୁଣବତ୍ତା ଚାହୁଁଥିବା ଆଥଲେଟ ଏବଂ ଫିଟନେସ ଆକାଂକ୍ଷୀମାନଙ୍କ ପାଇଁ ଏହାର ପ୍ରାସଙ୍ଗିକତାକୁ ପରିବର୍ଦ୍ଧିତ କରୁଛି। ଆମୱେ ଇଣ୍ଡିଆରେ ଆମେ ସର୍ବଦା ଗୁଣବତ୍ତା, ନିରାପତ୍ତା ଏବଂ ସ୍ୱଚ୍ଛତାକୁ ଅଗ୍ରାଧିକାର ଦେଇଆସିଛୁ। ୮୦୦ରୁ ଅଧିକ ବୈଜ୍ଞାନିକ, ଇନିୟର ଏବଂ ଟେକନିସିଆନଙ୍କୁ ନେଇ ଆମର ବୈଶ୍ୱିକ ପରିବାର ବିଶ୍ୱ ଶ୍ରେଣୀର ଉତ୍ପାଦର ବିକାଶ ଏବଂ ତାହା ଆପଣମାନଙ୍କୁ ଯୋଗାଇଦେବାକୁ ନିରଳସ ଭାବରେ କାର୍ଯ୍ୟ କରୁଛନ୍ତି। କ୍ରୀଡା ପୋଷଣ ସପ୍ଲିମେଣ୍ଟ ପରୀକ୍ଷଣ ନିମନ୍ତେ ସରକାରୀ ସ୍ୱୀକୃତିପ୍ରାପ୍ତ ଗୁଜରାଟର ଏନଏଫଏସୟୁସ୍ଥିତ ଏକ ବ୍ୟବସ୍ଥା ନ୍ୟାସନାଲ ସପ୍ଲିମେଣ୍ଟ ଟେଷ୍ଟିଂ ଫର ସ୍ପୋର୍ଟସ ପର୍ସନସ (ସିଓଇ-ଏନଏସଟିଏସ) ଦ୍ୱାରା ବିଶ୍ୱସନୀୟତାର ସ୍ୱୀକୃତି ପ୍ରଦାନ କରାଯାଇଛି।



ନୂଆଦିଲ୍ଲୀ: କାରିବିଆନ୍ ପ୍ରିମିୟର ଲିଗ୍ ୨୦୨୫ରେ ବ୍ୟାଟ୍ସମ୍ୟାନ ଟିମ୍ ସେଫର୍ଟ ଏକ ବିସ୍ଫୋରକ ଏବଂ ଐତିହାସିକ ଇନିଂସ ଖେଳିଥିଲେ, ସେ ୪୦ ବଲରେ ଶତକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସିପିଏଲ ଇତିହାସରେ ଦ୍ରୁତତମ ଶତକ ହାସଲ କରିବାରେ ସେ ଆନ୍ଦ୍ରେ ରସେଲଙ୍କ ସମକକ୍ଷ ହୋଇଛନ୍ତି। ନ୍ୟୁଜିଲ୍ୟାଣ୍ଡର ଏହି ବିସ୍ଫୋରକ ଖେଳାଳି ସିପିଏଲରେ ସେଣ୍ଟ ଲୁସିଆ କିଙ୍ଗସ୍ ପାଇଁ ଖେଳୁଛନ୍ତି। ସେ ୩ଟି ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ଟିମ୍ ସେଫର୍ଟ ଏହି ଇନିଂସରେ କେବଳ ଛକା ଏବଂ ଚୌକା ମାଧ୍ୟମରେ ୯୪ ରନ କରିଥିଲେ। ସେ ୯ ଛକା (୫୪ ରନ) ଏବଂ ୧୦ ଚୌକା (୪୦ ରନ) ମାରିଥିଲେ। ସେଣ୍ଟ ଲୁସିଆ ଏହି ମ୍ୟାଚରେ ଆଣ୍ଟିଗୁଆ ଏବଂ ବାର୍ବୁଡା ଫାଲକନ୍ସକୁ ୬ ୱିକେଟରେ ପରାସ୍ତ କରିଥିଲା। ଟିମ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବିବାର ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଆଣ୍ଟିଗୁଆ ଏବଂ ବାର୍ବୁଡା ଫାଲକନ୍ସ ୨୦୪ ରନ କରିଥିଲେ। ଆମିର ଜାଙ୍ଗୁ ୫୬ ରନ, ସାକିବ ଅଲ୍ ହାସନ ୨୬ ବଲ୍ ରେ ୬୧ ରନ କରିଥିଲେ। ଫାବିଆନ୍ ଆଲେନ୍ ୧୭ ବଲ୍ ରେ ୩୮ ରନ କରିଥିଲେ। ସିପିଏଲ୍ ରେ ଦ୍ରୁତତମ ଶତକ ବ୍ୟତୀତ ସେ ଆଉ ୩ଟି ରେକର୍ଡ ଭାଙ୍ଗିଦେଇଥିଲେ। ଟିମ୍ ସେଫର୍ଟ ସେଣ୍ଟ ଲୁସିଆ କିଙ୍ଗସ୍ ପାଇଁ ଏକ ଇନିଂସରେ ସର୍ବାଧିକ ବାଉଣ୍ଡାରୀ ମାରିବାର ରେକର୍ଡ ଭାଙ୍ଗିଦେଇଛନ୍ତି । ସେ ଏହି ଇନିଂସରେ କେବଳ ଛକା ଏବଂ ଚୌକା ସାହାଯ୍ୟରେ ୯୪ ରନ୍ କରିଥିଲେ। ପୂର୍ବରୁ ଏହି ରେକର୍ଡ ଫାଫ୍ ଡୁ ପ୍ଲେସିସ୍ ଙ୍କ ନାମରେ ଥିଲା, ଯିଏ ବାଉଣ୍ଡାରୀରୁ ୮୨ ରନ୍ କରିଥିଲେ। ସେ ଏହି ଫ୍ରାଞ୍ଚାଇଜ୍ ପାଇଁ ସବୁଠାରୁ ବଡ଼ ଇନିଂସ ଖେଳିଥିବା ବ୍ୟାଟ୍ସମ୍ୟାନ୍ ମଧ୍ୟ ହୋଇଛନ୍ତି, ଏହି କ୍ଷେତ୍ରରେ ସେ ଡୁ ପ୍ଲେସିସ୍ (୧୨୦) ଙ୍କ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି।



### ମହିଳା ଦିନିକିଆ ବିଶ୍ୱକପ୍

# ବମ୍ପର ପୁରସ୍କାର ରାଶି ଘୋଷଣା କଲା ଆଇସିସି



ଲଣ୍ଡନ : ମହିଳା କ୍ରିକେଟର ଲୋକପ୍ରିୟତାକୁ ପ୍ରୋତ୍ସାହିତ କରିବା ଏବଂ ପୁରୁଷ କ୍ରିକେଟରଙ୍କ ପରି ସେମାନଙ୍କୁ ସମାନ ସମ୍ମାନ ଦେବା ପାଇଁ, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୨୦୨୫ ମହିଳା ଦିନିକିଆ ବିଶ୍ୱକପର ପୁରସ୍କାର ରାଶି ଉଲ୍ଲେଖନୀୟଭାବେ ବୃଦ୍ଧି କରିଛି। ଏବେ ଚାମ୍ପିଅନ୍ ଦଳକୁ ପ୍ରାୟ ୪୦ କୋଟି ଟଙ୍କା ଦିଆଯିବ। ୮ ଦଳ ବିଶିଷ୍ଟ ବିଶ୍ୱକପର ମୋଟ ପୁରସ୍କାର ରାଶିକୁ ୩ ଗୁଣା ବୃଦ୍ଧି କରାଯାଇଛି। ପୂରା ଟୁର୍ଣ୍ଣାମେଣ୍ଟରେ ପୁରସ୍କାର ବାବଦରେ ୧୩.୮୮ ମିଲିୟନ ଡଲାର ବା ୧୨୨.୫ କୋଟି ଟଙ୍କା ଦିଆଯିବ। ଗୋଟିଏ ଐତିହାସିକ ନିଷ୍ପତ୍ତିକ୍ରମେ ଆସନ୍ତା ମହିଳା ଦିନିକିଆ ବିଶ୍ୱକପ ପୂର୍ବରୁ ବମ୍ପର ପୁରସ୍କାର ରାଶି ଘୋଷଣା କରିଛି ଆଇସିସି। ଟୁର୍ଣ୍ଣାମେଣ୍ଟ ଇତିହାସରେ କେବେ ହେଲେ ପୂର୍ବରୁ ଯାହା ଘଟି ନଥିଲା, ଏଥର ସେମିତି ହେବ। ବିଜେତା ଦଳକୁ ମିଳିବ ରେକର୍ଡ ପରିମାଣର ଆର୍ଥିକ ପୁରସ୍କାର। ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ ହେବ ମହିଳା ଦିନିକିଆ ବିଶ୍ୱକପ। କ୍ରିକେଟର ଏହି ମହାକୁମ୍ଭକୁ ଅଧିକ ଚର୍ଚ୍ଚିତ କରିଛି ଆଇସିସିର ବର୍ଦ୍ଧିତ ପୁରସ୍କାର ରାଶି। ଏଥର ମହିଳା ଦିନିକିଆ ବିଶ୍ୱକପ ବିଜେତା ଦଳକୁ ମିଳିବ ରେକର୍ଡ ୪.୪୮ ମିଲିୟନ ଡଲାର ବା ୩୯.୫୫ କୋଟି ଟଙ୍କା। ପୂର୍ବ ସଂସ୍କରଣ ତୁଳନାରେ ଏହି ପୁରସ୍କାର ରାଶିରେ ୧.୩୨ ମିଲିୟନ ଡଲାର ବା ୧୧.୬୫ କୋଟି ଟଙ୍କା ଯୋଡ଼ା ଯାଇଛି। ଅର୍ଥାତ ବିଜେତା ଦଳ ଗତଥର ଅପେକ୍ଷା ଅଧିକ ୧୧.୬୫ କୋଟି ଟଙ୍କା ପାଇବ। ୮ ଦଳ ବିଶିଷ୍ଟ ବିଶ୍ୱକପର ମୋଟ ପୁରସ୍କାର ରାଶିକୁ ୩ ଗୁଣା ବୃଦ୍ଧି କରାଯାଇଛି। ପୂରା ଟୁର୍ଣ୍ଣାମେଣ୍ଟରେ ପୁରସ୍କାର ବାବଦରେ ୧୩.୮୮ ମିଲିୟନ ଡଲାର ବା ୧୨୨.୫ କୋଟି ଟଙ୍କା ଦିଆଯିବ। ୨୦୨୨ରେ ନ୍ୟୁଜିଲ୍ୟାଣ୍ଡରେ ମହିଳା ଦିନିକିଆ ବିଶ୍ୱକପ ଆୟୋଜନ ହୋଇଥିଲା। ଏଥିରେ ପୁରସ୍କାର ବାବଦରେ ମୋଟ ୩୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଏଥର ମୋଟ ପୁରସ୍କାର ରାଶି ୨୯୭% ବୃଦ୍ଧି ପାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, ୨୦୨୩ ପୁରୁଷ ଦିନିକିଆ ବିଶ୍ୱକପରେ ପୁରସ୍କାର ବାବଦରେ ମୋଟ ୧୦ ମିଲିୟନ ଡଲାର ବା ୮୮.୨୬ କୋଟି ଖର୍ଚ୍ଚ ହୋଇଥିଲା। ହେଲେ ଏହା ତୁଳନାରେ ମହିଳା ଦିନିକିଆ ବିଶ୍ୱକପରେ ଅଧିକ ଟଙ୍କା ଦିଆଯିବ। ମହିଳା ଦିନିକିଆ ବିଶ୍ୱକପର ବିଜେତା ଦଳ ୩୯.୫୫ କୋଟି ପାଇବାକୁ ଥିବା ବେଳେ ରନର୍ସ ଅପ ଦଳ ୨.୨୪ ମିଲିୟନ ଡଲାର ବା ୧୯.୭୭ କୋଟି ଟଙ୍କା ପାଇବ। ଗତ ସଂସ୍କରଣ ଅପେକ୍ଷା ଏହା ୨୭୩% ଅଧିକ। କାରଣ ଗତଥର ରନର୍ସ ଅପ ଦଳକୁ ୫.୩୦ କୋଟି ଟଙ୍କା ମିଳିଥିଲା। ସେମି ଫାଇନାଲରେ ହାରୁଥିବା ଦୁଇ ଦଳ ୧.୧୨ ମିଲିୟନ ଡଲାର ବା ୯.୮୯ କୋଟି ଲେଖାଏ ପୁରସ୍କାର ବାବଦରେ ପାଇବେ। ୨୦୨୨ରେ ୨.୬୫ କୋଟି ଲେଖାଏ ଦିଆଯାଇଥିଲା। ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ମ୍ୟାଚ୍ ଜିତିବା ଲାଗି ଦଳଗୁଡ଼ିକୁ ୩୦.୨୯ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ବିଶ୍ୱକପ ପଏଣ୍ଟ ଟେବୁଲର ୫ମ ଓ ୬ଷ୍ଠ ସ୍ଥାନରେ ଅଭିଯାନ ଶେଷ କରୁଥିବା ଦଳ ୬୨ ଲକ୍ଷ ଲେଖାଏ ଏବଂ ୭ମ ଓ ୮ମ ସ୍ଥାନରେ ରହୁଥିବା ଦୁଇ ଦଳକୁ ୨୪.୭୧ ଲକ୍ଷ ଟଙ୍କା ମିଳିବ ବୋଲି ଆଇସିସି କହିଛି। ପୁରୁଷ କ୍ରିକେଟ ଭଳି ମହିଳା କ୍ରିକେଟକୁ ଲୋକପ୍ରିୟ କରିବା ପାଇଁ ଆଇସିସି ଏପରି ପଦକ୍ଷେପ ନେଇଥିବା କହିଛି।

### ୧୪ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ

# ୨୦୩୬ ଅଲିମ୍ପିକ ପ୍ରସ୍ତୁତି ନିମନ୍ତେ କ୍ରୀଡାମନ୍ତ୍ରୀଙ୍କ ପ୍ରସ୍ତାବ





ଭୁବନେଶ୍ୱର (ଭାସ୍କର ନ୍ୟୁଜ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ୫୦ ମିଟର ଶୁଟିଂ ରେଞ୍ଜ ଠାରେ ୧୪ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଉର୍ଦ୍ଧ୍ୱ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଭାଗ ନେଉଛନ୍ତି। କଳିଙ୍ଗ ଷ୍ଟାଡିୟମ ଠାରେ ୫୦ ମିଟର ରାଇଫଲ ପ୍ରୋନ, ୫୦ ମିଟର ରାଇଫଲ ୩ପି, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟ୍ସ ପିସ୍ତଲ ଓ ୨୫ ମିଟର ସେନଟର ପିସ୍ତଲ ପ୍ରତିଯୋଗିତା ଏବଂ ଉତ୍କଳ କରାଟେ ସ୍କୁଲ ଠାରେ ୧୦ ମିଟର ଏୟାର ରାଇଫଲ ଓ ୧୦ ମିଟର ଏୟାର ପିସ୍ତଲ ଉଭୟ ଏନ୍ଆରଇ ଓ ଆଇଏସ୍ଏସ୍ଏଫ୍ ବିଭାଗରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ହେବ। ଉଦ୍‌ଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ଏବଂ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶି ସୂରଜ ଯୋଗଦେଇ ୨୦୩୬ ଅଲମ୍ପିକ ଭାରତରେ ହେବାକୁ ଥିବା କ୍ରିଡାରେ ଓଡିଶାକୁ ପ୍ରସ୍ତୁତ କରି ବନ୍ଧୁକ ଚାଳନାରେ ଓଡିଶା ନିମନ୍ତେ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ସଂଘର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ଉଦଘାଟନି ଉତ୍ସବରେ ସଂଘର ସଭାପତି ସୁଶ୍ରୀ ଗୌରି ମହାନ୍ତି, ଉପସଭାପତି ଇ ଚିତ୍ତ ରଞ୍ଜନ ଓ ରୋମୀଓ କାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ ତଥା କୋଷାଧକ୍ଷ ବଳଭଦ୍ର ଦାସ ଉପସ୍ଥିତ ଥିଲେ। ସଭାପତି ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ବ୍ଲକ୍ ସ୍ତରୀୟ ଥ୍ରୋ ବଲ ପ୍ରତିଯୋଗିତା

# ମହିଳା ଦଳ ଚାମ୍ପିଅନ୍



ବୋଲଗଡ (ଭାସ୍କର ନ୍ୟୁଜ୍) : ମହିଳା ମାନଙ୍କ ସଶକ୍ତି କରଣ ନିମନ୍ତେ ଈର୍ଷା ଫାଉଣ୍ଡେସନ ତରଫରୁ ଭାରତର ସର୍ବ ବୃହତ ଗ୍ରାମୀଣ କ୍ରୀଡା ଉତ୍ସବ କାର୍ଯ୍ୟକ୍ରମ ପ୍ରତି ବ୍ଲକରେ ବିଭିନ୍ନ ପ୍ରକାରର କ୍ରୀଡା ପ୍ରତିଯୋଗିତା କରାଯାଉଛି। ବୋଲଗଡ ବ୍ଲକ ସ୍ଥିତ ଗୋପାଳପୁର ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କ ଗ୍ରାମପଞ୍ଚାୟତର ନେତୃତ୍ୱରେ ତାଙ୍କ ପଞ୍ଚାୟତରୁ ଦୁଇଟିମହିଳା ଦଳ ଭୁବନେଶ୍ୱର ସ୍ଥିତ କଳିଙ୍ଗଷ୍ଟାଡିଅମରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକର ମହିଳାମାନଙ୍କୁ ନେଇ ଏକ ଥ୍ରୋବଲ ପ୍ରତିଯୋଗିତା ହୋଇଥିଲା। ଗୋପାଳପୁର ପଞ୍ଚାୟତର କ୍ୟାପଟେନ ଅନିତା ନାୟକଙ୍କ ପରାମର୍ଶ ଅନୁସାରେ ଶାନ୍ତିଲତା ଚମ୍ପତି, ଜ୍ୟୋସ୍ନାରାଣୀ ଚମ୍ପତି, ରଜନୀ ନାୟକ, ଯଶଶ୍ରୀ ପଟ୍ଟନାୟକ, ଅର୍ପିତା ପ୍ରିୟଦର୍ଶିନୀ ବାରିକ, ରିତାଞ୍ଜଳୀ ନାୟକଙ୍କ ମହିଳା ଦଳଟି କଳିଙ୍ଗ ଷ୍ଟାଡିଅମ ଠାରେ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ କ୍ଷ ବିଜୟ ହୋଇଥିବା ମହିଳା ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଗୋପାଳପୁର ପଞ୍ଚାୟତର ଥ୍ରୋ ବଲ ଟିମ ଚମ୍ପିୟାନ ହୋଇ ଦଶ ହଜାର ଟଙ୍କା ସହିତ ପ୍ରମାଣପତ୍ର ପାଇଥିବା ବେଳେ ସେହି ପଞ୍ଚାୟତର ଅନ୍ୟ ଏକ ଟିମ ମାହେଶ୍ୱରୀ ଥ୍ରୋ ବଲ ଟିମ ଚତୁର୍ଥ ସ୍ଥାନ ହାସଲ କରି ତିନି ହଜାର ଟଙ୍କା ସହ ପ୍ରମାଣ ପତ୍ର ପାଇଥିଲେ। ଆସନ୍ତା ୭ ତାରିଖରେ କିଟ କ୍ୟାମ୍ପସରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଏହି ଗୋପାଳପୁର ପୁର ପଞ୍ଚାୟତର ଦୁଇଟିଯାକ ମହିଳା ଦଳ ପୁରୀ ଓ କଟକ ଜିଲ୍ଲାର ମହିଳା ଦଳ ସହ ଖେଳିବେ ବୋଲି ଜଣାପଡିଛି। ବୋଲଗଡ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତି ପ୍ରତ୍ୟେକ୍ଷ ଭାବେ ଉପସ୍ଥିତ ରହି ସମସ୍ତ ଖେଳାଳିମାଙ୍କୁ ଉତ୍ସାହିତ କରିଥିଲ।

### ଜାତୀୟ କ୍ରୀଡା ଦିବସ ଅବସରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ କ୍ରିକେଟ ମ୍ୟାଚ

# ବ୍ୟାଙ୍କ ଅଫ୍ ଇଣ୍ଡିଆ ୮ୱିକେଟ୍‌ରେ ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଜାତୀୟ କ୍ରୀଡା ଦିବସ ଅବସରରେ ଶଙ୍କରପୁର ସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଏକାଦଶ ଓ ବ୍ୟାଙ୍କ ଅଫ ଇଣ୍ଡିଆ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଏକାଦଶ ପକ୍ଷରୁ କେନ୍ଦୁଝର ଅତିରିକ୍ତ ଜିଲାପାଳ କ୍ୟାପଟେନ ରହିଥିବା ବେଳେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଉପଜିଲାପାଳ ଉମାଶାଙ୍କର ଦଳେଇ, ଡେପୁଟି କଲେକ୍ଟର ମହମଦ ଫିରୋଜ ଖାଁ, ସଂଗ୍ରାମ କେଶରୀ ପରିଡା, ପ୍ରକାଶ ସେଠୀ,ରହିମ ଭୋଇ, ଜିଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଶୁଭ୍ରସ୍ନାତ ରାଉତ, କ୍ରୀଡା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ଭାଗ ନେଇଥିବା ବେଳେ, ବ୍ୟାଙ୍କ ଅଫ ଇଣ୍ଡିଆ ଏକାଦଶ ପକ୍ଷରୁ ଉପ ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରା, ବ୍ୟାଙ୍କ ଅଧିକାରୀ ଅଭିଲାଷ ମିଶ୍ର, ଜ୍ୟୋତିରଞ୍ଜନ ଦାସ, ଆଶୁତୋଷ ପଟ୍ଟନାୟକ, ରାଜେଶ ଜେନା, ଚନ୍ଦନ କୁମାର ପ୍ରଧାନ, ସିଦ୍ଧାର୍ଥ ବେହେରା, ମନୋଜ କୁମାର ପ୍ରଧାନ, ତୁଷାର କାନ୍ତି ପଲେଇ, ଦେବ ଜୈଶ୍ୱାଲ, ଲୀପୁନ ସାହୁ ପ୍ରମୁଖ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଜୋନାଲ ମ୍ୟାନେଜର ଅମିତ କୁମାର ପାଲ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କ ଉତ୍ସାହ ବଢ଼ାଇଥିଲେ। ଏହି ପ୍ରତିଯୋଗିତାରେ ବ୍ୟାଙ୍କ ଅଫ ଇଣ୍ଡିଆ ବିଜୟଲାଭ କରିଥିବା ବେଳେ ବ୍ୟାଙ୍କ ଅଫ ଇଣ୍ଡିଆର ଅଧିକାରୀ ତୁଷାର କାନ୍ତି ପଲେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିବା ବେଳେ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଆଶୁତୋଷ ପଟ୍ଟନାୟକ ୩୪ ରନ କରିଥିବା ବେଳେ ବେଷ୍ଟ ବୋଲର ଭାବେ ସଂଗ୍ରାମ କେଶରୀ ପରିଡା ୨ଟି ୱିକେଟ ଅକ୍ତିଆର କରିଥିଲେ। ବେଷ୍ଟ ଫିଲ୍ଡର ଭାବେ ଉପଜିଲାପାଳ ଉମାଶଙ୍କର ଦଳେଇ ସମ୍ମାନିତ ହୋଇଥିଲେ। ଜିଲାପାଳ ଏକାଦଶ ୧୮.୧ ଓଭର ଖେଳି ୭୬ ରନ କରି ଅଲଆଉଟ ହୋଇ ଯାଇଥିବା ବେଳେ, ବ୍ୟାଙ୍କ ଅଫ ଇଣ୍ଡିଆ ଏକାଦଶ ୧୦.୫ ଓଭର ଖେଳି ଦୁଇ ଉଇକେଟ ହରାଇ ୮୧ ରନ ସଂଗ୍ରହ କରି ବିଜୟ ହୋଇଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଅମିତ ପାଲ, ଅତିରିକ୍ତ ଜିଲାପାଳ ଶ୍ରୀ ମନ୍ଦରଧର ମାହାଳିକ ଓ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ବିଜୟୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ଆସିକା (ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲା ଆସିକା ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଦୀର୍ଘ ତିନି ଦିନ ଧରି ଚାଲିଥିବା ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଉଦ୍‌ଯାପିତ ହୋଇଯାଇଛି। ମେନସ ସିଙ୍ଗଲ, ମେନସ ଡବଲ, ମାଷ୍ଟର ୪୦ ପ୍ଲସ ପରି ବିଭିନ୍ନ କ୍ରେଟୋ କେରିର ୬୦ ଟିମକୁ ନେଇ ଏହି ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଖେଳାଳି ମାନେ ନିଜ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ବେଳେ ମେନସ୍ ଡବଲ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅବିନାଶ ମୁନି ଓ ପ୍ରତୀକ ବେହେରା ଚାମ୍ପିଅନ ସାଇନାଥ ମହାନନ୍ଦ ଓ ଗୁପ୍ତେଶ୍ୱର ପାତ୍ର ରନରସ୍ ଅପ୍ ହୋଇଥିଲେ। ସେହିପରି ମେନସ ସିଙ୍ଗଲ ବ୍ୟାଟମିଣ୍ଟନ ପ୍ରତିଯୋଗିତାରେ ଅବିନାଶ ମୁନି ଚମ୍ପିୟାନ ହୋଇଥିବା ବେଳେ ରୁଦ୍ର ସାମନ୍ତ ରନରସ୍ ଅଫ ଭାବେ ବିଜେତା ହୋଇଥିଲେ କ୍ଷ ସେହିପରି ମାଷ୍ଟର ୪୦ ପ୍ଲସ ଡବଲ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ କେଶବ ବେହେରା ଓ ଶିବ ପ୍ରସାଦ ପାଢ଼ୀ ଚମ୍ପିୟାନ ହୋଇଥିବା ବେଳେ ସାଗର କୁମାର ସାବତ ଓ ରବୀନ୍ଦ୍ର ସେଠୀ ରନରସ ଅପ୍ ଭାବେ ବିଜେତା ହୋଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବ୍ୟାଡମିଣ୍ଟନ କ୍ରୀଡାବିତ୍ ସୁଜିତ୍ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଆସିକା ବିଧାୟକ ପ୍ରତିନିଧି ସଂନ୍ଦୀପ ପାଢ଼ୀ, ଆର. ଚିଦାନନ୍ଦ ଆଚରି, ଉଦ୍ୟକ୍ତା ସନ୍ତୋଷ



ପଣ୍ଡିତ, ବରିଷ୍ଠ ଖେଳାଳି ସାଗର ସାବତ ପ୍ରମୁଖ ଉପସ୍ଥିତ ରହି ବିଜେତା ଖେଳାଳି ମାନଙ୍କୁ ମାନପତ୍ର ସହ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିା ବେଳେ ଆସିକା ବ୍ୟାଡମିଣ୍ଟନ କ୍ଲବ ର ସମସ୍ତ ଖେଳାଳି ସହଯୋଗ କରିଥିଲେ।

# ଜାତୀୟ କ୍ରୀଡ଼ା ଦିବସରେ ସାଇକେଲ ଶୋଭାଯାତ୍ରା



କେନ୍ଦୁଝର (ଭାସ୍କର ନ୍ୟୁଜ): ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ କେନ୍ଦୁଝରଠାରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ, ଅଧିକାରୀ ଓ ସାଧାରଣ ଜନତା ସାଇକେଲ ଚଳାଇ ସହର ପରିକ୍ରମା କରି ସୁସ୍ଥ ଜୀବନଯାପନ ପାଇଁ କ୍ରୀଡ଼ା ଓ ଖେଳକୁଦକୁ ନିଜ ଜୀବନରେ ସାମିଲ କରିବାକୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଆରମ୍ଭ ହୋଇଛି। ପ୍ରଧାନଶିକ୍ଷୟତ୍ରୀ ତଟିନୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ରାଷ୍ଟ୍ରପତିପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଓଷ୍ଟା ଜିଲ୍ଲା ସଭାପତି ଶଶିଶେଖର କରଶର୍ମା ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ସରପଞ୍ଚ ସୁଜାତା ସାହୁ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ନାୟକ, ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ ଜେନା, ପ୍ରଧାନ ଶିକ୍ଷକ ଅଜୟ କୁମାର ନନ୍ଦ, ରତିକାନ୍ତ ବେହେରା ଓ ରବିନ୍ଦ୍ର କୁମାର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାଇକେଲ ଚାଳନା ବିଭାଗର ଜାତୀୟ ପ୍ରତିଯୋଗୀ ତଥା ବାରିକପୁର ହାଇସ୍କୁଲ ଛାତ୍ର ସତ୍ୟଜିତ ଗୋଛାୟତ ଓ ଚିଙ୍ଗୁଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ନେହା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ମିଶ୍ର ଅତିଥି ପରିଚୟ ଓ କ୍ରୀଡା ଶିକ୍ଷକ ଦେବଶିଷ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ଦିବସରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭିନ୍ନ ବିଦ୍ୟାଳୟରୁ ୩୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖୋଖୋ, ବ୍ୟାଡମିଣ୍ଟନ, ହ୍ୟାଣ୍ଡବଲ ଓ ଯୋଗ ଆଦି ବିଭାଗରେ କ୍ରୀଡା ଅନୁଷ୍ଠିତ ହୋଇଥିଲା। ବ୍ଲକ କ୍ରୀଡା ସମ୍ପାଦକ ଜିତେନ୍ଦ୍ର ସାହୁ, ବରିଷ୍ଠ କ୍ରୀଡା ଶିକ୍ଷୟିତ୍ରୀ ବିକଶି ସାହୁଙ୍କ ସମେତ ୨୫ଟି ବିଦ୍ୟାଳୟର କ୍ରୀଡା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ କ୍ରୀଡା ପ୍ରତିଯୋଗୀତା ପରିଚାଳନା କରିଥିଲେ।

# ସାରା ଓଡିଶାରେ ଜାତୀୟ କ୍ରୀଡା ଦିବସ ପାଳନ କଲା ଏସ୍‌ବିଆଇ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକକୁ ସମ୍ମାନ ଜଣାଇ ଜାତୀୟ କ୍ରିଡା ଦିବସକୁ ମହା ଆଡମ୍ବରରେ ପାଳନ କରିଅଛି। ଏହି ପରିପେକ୍ଷିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ବିଭିନ୍ନ କେନ୍ଦ୍ରରେ ୩ କିଲୋମିଟର ଚାଲିବା, ଟଣା ଓଟରା, ସ୍କିପିଂ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆୟୋଜନ କରାଯାଇଥିଲା। ବ୍ରହ୍ମପୁର କେନ୍ଦ୍ରର ୧୩୦ ରୁ ଅଧିକ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଇନଡ଼ୋର ଷ୍ଟାଡିୟମରେ ଏକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ୪୪ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।




କ୍ରିଡା ସମାରୋହ ଏବଂ କ୍ରୀଡାବିତ ମାନଙ୍କୁ ସମ୍ମାନିତ କରିଥିଲା। ଏସ୍‌ବିଆଇ ପକ୍ଷରୁ ବିଭିନ୍ନ ଜାଗାରେ ଏହା ପାଳନ କରାଯାଇଛି। ରାଉରକେଲାର ପାନପୋଷ ହକି ଷ୍ଟାଡିୟମରେ ଲାକ୍ରା କ୍ଲବ ଏବଂ ଏସ୍‌ବିଆଇ ମଧ୍ୟରେ ଏକ ହକି ମ୍ୟାଚ୍ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୭ ରୁ ଅଧିକ ହକି ଖେଳାଳି ଅଂଶଗ୍ରହଣ କରିଥିଲେ। ସେହିପରି ସତ୍ୟବ୍ରତ ଷ୍ଟାଡିୟମ କଟକରେ ଷ୍ଟାଫ୍ ଓ ବରିଷ୍ଠ ନାଗରିକ ମିଶାଇ ୨୩୯ ଜଣ ଅଂଶଗ୍ରହଣକାରୀ ଯୋଗ, ଜୁମ୍ବା, ୧୦୦ ମିଟର ଦୌଡ଼, ଅନ୍ୟପକ୍ଷରେ ୟୁନିଟ୍-୧ ଭୁବନେଶ୍ୱରର ପ୍ରଶାସନିକ କାର୍ଯ୍ୟାଳୟରେ ଏସ୍‌ବିଆଇର ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ବକ୍ସ କ୍ରିକେଟ୍, ବ୍ୟାଡମିଣ୍ଟନ୍ ଇତ୍ୟାଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ଡିଜିଏମ୍ ପ୍ରଶାନ୍ତ କୁମାର ଭୁବନେଶ୍ୱରର ପ୍ରଶାସନିକ କାର୍ଯ୍ୟାଳୟରେ ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଖେଳ କ୍ଷେତ୍ରର ଉଦଘାଟନ କରିଥିଲେ। ସେହିପରି ବ୍ରହ୍ମପୁରର ବ୍ରହ୍ମନଗର ପ୍ରଶାସନିକ କାର୍ଯ୍ୟାଳୟରେ ବ୍ୟାଡମିଣ୍ଟନ, ଟେବୁଲ ଟେନସିସ୍, ଚେସ୍, କ୍ୟାରମ୍ ଇତ୍ୟାଦି କାର୍ଯ୍ୟକ୍ରମ ଆସ୍କା ଷ୍ଟାଡିୟମରେ ଏକ କ୍ରିକେଟ ମ୍ୟାଚ୍ ଟୁର୍ଣ୍ଣାମେଣ୍ଟରେ ୫୦ ରୁ ଅଧିକ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ଷ୍ଟାଡିୟମ ପୁରୀରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୬୦ ରୁ ଅଧିକ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଭାରତ ଚରଣ ସାହୁ, ଆଞ୍ଚଳିକ ପରିଚାଳକ, ପୁରୀ ରମେଶ ଚନ୍ଦ୍ର ସାହୁଙ୍କୁ ଜାତୀୟ ଖୋ ଖୋ ଖେଳାଳିଙ୍କୁ ସମ୍ମାନିତ କରିଛନ୍ତି। ଏହି ପଦକ୍ଷେପ କ୍ରୀଡା ଏବଂ ଫିଟନେସ୍ କାର୍ଯ୍ୟକଳାପରେ ବ୍ୟାପକ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲା ।

# ତ୍ରିରଙ୍ଗା କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ: କମାଣ୍ଡୋ ଏକାଦଶ ଚାମ୍ପିଅନ୍

ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ପଡିଆରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ତ୍ରିରଙ୍ଗା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ଓ ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚରେ କମାଣ୍ଡୋ ଏକାଦଶ ରାଇଜିଂ ଷ୍ଟାର୍ସକୁ ୬ ଉଇକେଟରେ ପରାସ୍ତ କରି ଚମ୍ପିୟାନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟାର୍ସ ୮ ଓଭରରେ ୪ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଦିପ୍ତିପ୍ରକାଶ ୫୨, ସ୍ୱାଭିମ ଦାସ ୪୭ ଓ ମେରି ଲୋକନାଥ ୧୫ ରନ କରିଥିଲେ ଓ ଉତ୍ତରରେ କମାଣ୍ଡୋ ଏକାଦଶ ୬.୧ ଓଭରରେ ୪ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ଆଦିତ୍ୟ ବସା ୩୪, ସୁବାଶିଷ ଧୀର ୩୧ ଓ ପ୍ରିତମ ବେହେରା ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ସ୍ୱରୂପ ବେହେରା ଓ ମେରି ଲୋକନାଥ ୨ ଟି ଲେଖାଏଁ ଉଇକେଟ ହାସଲ କରିଥିଲେ ଓ ମନମୋହନ ମୁର୍ମୁ ଓ ମୃତ୍ୟୁଞ୍ଜୟ ଘୋଷାଲ ଖେଳ ପରିଚାଳନା କରିଥିବା ବେଳେ ଦୀନକୃଷ୍ଣ ନାୟକ ସ୍କୋରିଂ ଏବଂ ମାନସ ଧାରବିବରଣୀରେ ସହାୟତା କରିଥିଲେ ଓ ଚମ୍ପିୟାନ ଦଳକୁ ୭୦୦୦ ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୫୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ଓ ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ବ୍ୟାଟ୍ସମେନ ଓ ମ୍ୟାନ ଅଫ ଦି ସିରିଜ ଭାବେ ଆଦିତ୍ୟ ବସା, ଶ୍ରେଷ୍ଠ ବୋଲର ଭାବେ ସ୍ୱରୂପ ଦାସ ଓ ଶ୍ରେଷ୍ଠ ଫିଲଡର ଭାବେ ସୁବାଶିଷ ଧୀର ପୁରସ୍କୃତ ହୋଇଥିଲେ ଓ ଅତିଥି ଭାବେ ଯୋଗଦେଇ ଏମ ସି ସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ତ୍ରିରଙ୍ଗା କ୍ଲବର ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି ଓ ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ ପୁରସ୍କାର ବିତରଣ କରିଥିଲେ ଓ କ୍ଲବର ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ପରିଚାଳନାରେ ସ୍ୱାଭିମ ଦାସ, ଓମ ପ୍ରକାଶ ମହାନ୍ତ, ଦୀପ୍ତି ପ୍ରକାଶ ମହାନ୍ତ, ଦୀନକୃଷ୍ଣ ନାୟକ, ସନ୍ଦୀପ କୁମାର ସାମଲ, ସଂଜୀବ ମାରାଣ୍ଡି ଓ ଗୌତମ ବେହେରା ସହଯୋଗ କରିଥିଲେ।



ଅଧିକାଂଶ ସମୟରେ ଘରେ କଳହ ଓ ଅଶାନ୍ତି କାରଣରୁ ସଭିଏଁ ଚିନ୍ତିତ ରହିଥାନ୍ତି । କିଛି ବ୍ୟକ୍ତି ବିଶେଷଙ୍କ ଘରେ ନିୟମିତ ଅଯଥାରେ ମଧ୍ୟ କଳହ ହୋଇଥାଏ । ଜାତକରେ ଚତୁର୍ଥ ଭାଗରେ କୌଣସି ସମସ୍ୟା ଥିଲେ ଏଭଳି ସମସ୍ୟା ହୋଇଥାଏ । ଜାତକରେ ଚନ୍ଦ୍ରମା ଦୁର୍ବଳ ଥିଲେ, କଳହ ଅଧିକ ହୋଇଥାଏ । ଜ୍ୟୋତିଷ ଶାସ୍ତ୍ରରେ ଏପରି କିଛି ସରଳ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହା ଆପଣାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ.. ଘରେ ନିୟମିତ କର୍ପୂର ଜଳାନ୍ତୁ । ଏହାଦ୍ୱାରା ଘରେ ସର୍ବଦା ଶାନ୍ତି ରହିଥାଏ । ଘିଅରେ ମିଶାଇ ମଧ୍ୟ କର୍ପୂର ଲଗାଇପାରିବେ । ପତି-ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲେ, ତକିଆ ତଳେ ଏକ କର୍ପୂର ରଖନ୍ତୁ । କିଛି ଦିନ ନିୟମିତ କରନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ । ଘରେ ନିୟମିତ କଳହ ହେଉଥିଲେ ଅଶ୍ୱତ୍ଥ ବୃକ୍ଷକୁ ପୂଜା କରନ୍ତୁ । ଏକ ଅଶ୍ୱତ୍ଥ ବୃକ୍ଷ ଲଗାଇ ଏହାର ଯତ୍ନ ନିଅନ୍ତୁ । ରବିବାର କର୍ପୂର, ଘିଅ ଓ ଗୁଡ ମିଶାଇ ଘରେ ଜଳାଇବା ଦ୍ୱାରା ଘରୁ ନକରାତ୍ମକ ଶକ୍ତି ଦୂର ହୋଇଥାଏ । ମଙ୍ଗଳବାର ପ୍ରଭୁ ହନୁମାନଙ୍କ ନିକଟରେ ପଞ୍ଚମୁଖୀ ଦୀପ ଲଗାନ୍ତୁ । ପରିବାରରେ ହସଖୁସି ବାତାବରଣ ରହିଥାଏ ।

## ମୁହଁରେ ବ୍ରଣ ହେଉଛି କି ?

## କେଉଁ ଭିଟାମିନ୍‌ର ଅଭାବ ରହିଛି ଜାଣନ୍ତୁ...



*ସଫା, ଚମକପ୍ରଦ ଓ ଦାଗହୀନ ତ୍ୱଚା ପାଇଁ ସଭିଁଙ୍କ ଇଚ୍ଛା । ମାତ୍ର ତ୍ୱଚାରେ ବ୍ରଣ ସହ ବିଭିନ୍ନ ଦାଗ ସୃଷ୍ଟି ହେଲେ ଏହା ସଭିଁଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥାଏ । ଏଥିପାଇଁ ଯୁବକ ହୁଅନ୍ତୁ ଅଥବା ଯୁବତୀ ବିଭିନ୍ନ କ୍ରିମ୍ ? ବ୍ୟବହାର କରିବା ସହ ଅନ୍ୟାନ୍ୟ ଘରୋଇ ଉପାୟ ମଧ୍ୟ ଆପଣାଇ ଥାନ୍ତି । ମାତ୍ର ତ୍ୱଚାରେ କେଉଁ କାରଣରୁ ବ୍ରଣ ଓ ଦାଗ ସୃଷ୍ଟି ହୁଏ ଜାଣନ୍ତୁ । ଏଭଳି କିଛି ଭିଟାମିନ୍‌ରହିଛି, ଯାହାର ଅଭାବ ହେବା ଦ୍ୱାରା ତ୍ୱଚାରେ ବ୍ରଣ ଓ ଦାଗ ହୋଇଥାଏ ....*

■ ଶରୀରରେ ଭିଟାମିନ୍ ସି ଅଭାବ ହେବା ଦ୍ୱାରା ତ୍ୱଚାରେ ବ୍ରଣ ସୃଷ୍ଟି ହୋଇଥାଏ । ଭିଟାମିନ୍ ସିର ସେବନ ଦ୍ୱାରା ତ୍ୱଚା ନରମ, ଉଜ୍ଜ୍ୱଳ ଓ ଦାଗହୀନ ହୋଇଥାଏ । ଶରୀରରେ ଭିଟାମିନ୍‌ସି ଅଭାବ ପୂରଣ କରିବା ପାଇଁ କମଳା, ଅଁଳା, ମୋସମ୍ବୀ, ଲେମ୍ବୁ ଆ । ଦ ସେବନ କରନ୍ତୁ ।

■ ଭିଟାମିନ୍ ଏ ତ୍ୱଚାକୁ ସୁସ୍ଥ ରଖିଥାଏ । ଭିଟାମିନ୍ ଏ ଅଭାବ ହେଲେ ମଧ୍ୟ ତ୍ୱଚାରେ ଦାନା ଦାନା ଭଳି ସୃଷ୍ଟି ହେବା ସହ ବ୍ରଣ ହୋଇଥାଏ । ଭିଟାମିନ୍ ଏର ଅଭାବ ଦୂର ପାଇଁ ଗାଜର, ବିଟ୍, ପାଳଙ୍ଗ ଆଦି ସେବନ କରନ୍ତୁ ।

■ ସୁସ୍ଥ ତ୍ୱଚା ପାଇଁ ଭିଟାମିନ୍ ଡି ମଧ୍ୟ ଜରୁରୀ । ଭିଟାମିନ୍ ଡି ଅଭାବ ଦୂର ପାଇଁ କ୍ଷୀର, ମାଛ, ଅଣ୍ଡା, ଛତୁ ଆଦି ନିଜ ଖାଦ୍ୟରେ ସାମିଲ କରନ୍ତୁ ।

■ ସେହିପରି ଭିଟାମିନ୍ ଇ ତ୍ୱଚାକୁ ଦାଗହୀନ ଓ ଚମକ ବୃଦ୍ଧି କରିଥାଏ । ବାଦାମ ସହ ବିଭିନ୍ନ ପ୍ରକାର ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଭିଟାମିନ୍ ଇ ଅଭାବ ଦୂର ହୋଇଥାଏ।

■ ଭିଟାମିନ୍ ବି ମଧ୍ୟ ତ୍ୱଚା ପାଇଁ ଜରୁରୀ। ତେଣୁ ଡାଲି, ଭାତ ଆଦି ଖାଇବା ଦ୍ୱାରା ଭିଟାମିନ୍ ବି ଅଭାବ ଦୂର ହୋଇଥାଏ।



## ସବୁଠୁ ପତଳା କାର୍



ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ବେଶ୍ ଅଜବ ଜିନିଷ ସବୁ ଭାଇରାଲ ହୋଇଥାଏ। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଏକ କାରର ଫଟୋ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚା ସାଉଁଟୁଛି । ତେବେ ଏହାର ଡିଜାଇନ୍ ଏଭଳି ଭାବେ କରାଯାଇଛି ଯେ, ଏହାକୁ ବିଶ୍ୱର ସବୁଠୁ ପତଳା କାର ବୋଲି କୁହାଯାଉଛି । ଏହାର ଚଉଡ଼ା ମାତ୍ର ୧୯ ଇଞ୍ଚ । ଏହି ମଡେଲର ନାଁ ପାଏ ରଖାଯାଇଛି । ହାଲୁକା ନୀଳ ରଙ୍ଗର ଏହି କାର୍ ଏତେ ପତଳା ଯେ, ଏହା ଦେଖିବାକୁ କାର୍ଟୁନ ଭଳି ଏହାର ସାମ୍ନାରେ ଗୋଟିଏ ହେଲାଇଟ୍ ଏବଂ ଏହାର ଦୁଇ ପାର୍ଶ୍ୱରେ ଦୁଇଟି ଛୋଟ ଇଣ୍ଡିକେଟର ଲାଇଟ୍ ଅଛି । କାର୍‌ଟିର ଚାରିଟି ଚକ ରହିଛି । ଏହାର ଚକ ମଧ୍ୟ ଖୁବ୍ ପତଳା । ଏହି କାରରେ ଗୋଟିଏ ପ୍ରଶ୍ନ ସିଟ୍ ଅଛି। ଏହା ପଛରେ ଅତିରିକ୍ତ ସିଟ୍‌ଟିଏ ଅଛି। ଏହିପ୍ରକାରେ ଉକ୍ତ ଅଜବ କାର୍‌ର ଦୁଇଟି ସିଟ୍ ହୋଇଯାଉଛି। ଅନ୍ୟପଟେ ଡ୍ରାଇଭର ସିଟ୍ ପାଖରେ କାରର ଗୋଟିଏ ହୋଇ ଅଛି । ଯିଏ ହିଁ ପଛରେ ବସିବାକୁ ଚାହିଁବେ, ଏହି ଡୋର୍ ଦେଇ ଯିବାକୁ ହେବ। ଅବଶ୍ୟ ପଛ ସିଟ୍ କେବଳ ଜଣେ ଛୋଟ ପିଲା ପାଇଁ ପର୍ଯ୍ୟାପ୍ତ କହିଲେ ଭୁଲ ହେବ ନାହିଁ । କାରର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ କାଟିକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି ଏବଂ ଏଥିରେ ବେଶ୍ ମଜାଳିଆ ପ୍ରତିକ୍ରିୟା ବି ଦେଉଛନ୍ତି ।

## ତାରା -ବୀରଙ୍କ ରିଲେଶନସିପ୍ କନ୍‌ଫର୍ମ

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ଅଭିନେତା । ବର୍ତ୍ତମାନ ତାଙ୍କ ପର୍ସନାଲ ଲାଇଫକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଆଦର ଜୈନଙ୍କ ସହ ବ୍ରେକଅପ ପରେ ବୀର ପହରିୟାଙ୍କୁ ଡେଟ୍ କରୁଥିବା ନେଇ ଖବର ଆସିଥିଲା। ଯାହା ପରେ ଦୁହିଙ୍କୁ ପ୍ରାୟତଃ ଏକ ଫ୍ୟାସନ ଶୋରେ ଏକାଠି ଦେଖିବାକୁ ମିଳିଥିଲ । ତାରା ସେଠାରେ ବୀରଙ୍କୁ ଫ୍ଲାଇଂ କିସ୍ ଦେଇଥିଲେ। ଏଥିରୁ ଜଣାପଡିଥିଲା କି ଦୁହେଁ ଦୁହିଁଙ୍କ ପ୍ରେମରେ ପଡିଛନ୍ତି। ହେଲେ ଏବେ ତାରା ଇନ୍‌ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ସେମାନଙ୍କ ସଂପର୍କକୁ ଅଫିସିଆଲ କରିଥିବା କୁହାଯାଉଛି । ଗଣେଶ ପୂଜାର କିଛି ଫଟୋକୁ ସେ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ । ସେଥିମଧ୍ୟରୁ ଗୋଟିଏ ଫଟୋରେ ତାଙ୍କୁ ବୀରଙ୍କ ସହ ରୋମାଣ୍ଟିକ୍ ଅନ୍ଦାଜରେ ପୋଜ୍ ଦେଇଥିବା ଦେଖିବାକୁ ମିଳୁଛି । କ୍ୟାପସନ୍‌ରେ ତାରା ଲେଖିଛନ୍ତି, 'ଭକ୍ତି, ବିଶ୍ୱାସ ଏବଂ ଉତ୍ସବ ପାଳନ... ଗଣପତି ବାପ୍ପା ମୋରୟା ।' ସେହି ଫଟୋଟି ଦେଖିବା ପରେ କପଲ ସେମାନଙ୍କ ପ୍ରେମକୁ ସାର୍ବଜନୀନ କରିଥିବା ନେଇ ଚର୍ଚ୍ଚା ହେଉଛି। ଫଟୋରେ ତାରା ଏମ୍ବ୍ରୋଡୋରୀ ହୋଇଥିବା ଏକ ଅଫ୍ ହ୍ୱାଇଟ୍ ଶାଢ଼ି ଓ ପାରମ୍ପରିକ କୁନ୍ଦନ ଗହଣା ପିନ୍ଧିଛନ୍ତି । କେଶରେ ସେ ଧଳା ରଙ୍ଗର ଫୁଲ ଲଗାଇଛନ୍ତି । ବୀର ତାଙ୍କ ସହ ମ୍ୟାଚିଂ କରି ଧଳା ପୋଷାକ ପିନ୍ଧିଛନ୍ତି । ତାରା ପିନ୍ଧିଥିବା ଶାଢ଼ିର ଦାମ୍ ପ୍ରାୟ ୪ ଲକ୍ଷ ହେବ ବୋଲି କୁହାଯାଉଛି । ଏହା ପୂର୍ବରୁ ଚଳିତବର୍ଷ ଏକ ଫ୍ୟାଶନ୍ ଶୋ' ସହ ଅନେକ କାର୍ଯ୍ୟକ୍ରମରେ ଉଭୟଙ୍କୁ ଏକତ୍ର ଦେଖିବାକୁ ମିଳିଥିଲା । ସେମାନେ ପରସ୍ପରର ସୋସିଆଲ୍ ମିଡିଆ ପୋଷ୍ଟ ଉପରେ ମଧ୍ୟ ପ୍ରଶଂସାଜନକ ଟିପ୍ପଣୀ ରଖୁଥିଲେ । ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ତାରା ଏବେ କନ୍ନଡ଼ ଓ ଇଂରାଜୀ ଭାଷାରେ ରିଲିଜ୍ ହେବାକୁ ଥିବା ଏକ ଫିଲ୍ମ ଲାଗି ସୁଟିଂ କରୁଛନ୍ତି । ତାର ଶିରୋନାମା ରହିଛି 'ଟକ୍ସିକ୍: ଏ ଫେୟାରି ଟେଲ୍ ଫର୍ ଗ୍ରୋନ୍ ଅପ୍‌ସ' । ଆସନ୍ତାବର୍ଷ ଫିଲ୍ମଟି ରିଲିଜ୍ ହେବ ।



## ନୂଆ ଲୁକ୍‌ରେ ଭାଇଜାନ

ବଲିଉଡ୍ ସୁପରଷ୍ଟାର ସଲ୍‌ମାନ୍ ଖାନ୍‌ଙ୍କ ନୂଆ ଲୁକ୍ ଆପଣ ଦେଖିଲେଣି ସେ ଆଗ ଅପେକ୍ଷା ବେଶ୍ ପତଳା ଦିଶୁଛନ୍ତି। ଢେର ଦିନର କସରତ ଓ ବ୍ୟାୟାମ ପରେ ସେ ଏଇ ଚେହେରା ପାଇଛନ୍ତି । କେବଳ ସେତିକି ନୁହେଁ, ସଲ୍‌ମାନ୍ ଫାଷ୍ଟ୍‌ଫୁଡ୍ ଭଳି ଅଧିକ ତେଲ ଓ ଚର୍ବିଯୁକ୍ତ ଖାଦ୍ୟରୁ ବି ଦୂରେଇ ଯାଇଛନ୍ତି । ତାଙ୍କର ଆଗାମୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍' ପାଇଁ ଏଭଳି ପ୍ରସ୍ତୁତି କରିଛନ୍ତି ସେ । ଏହି ଫିଲ୍ମର ସୁଟିଂ ଲେହ୍-ଲଦାଖ୍ ଭଳି ଥଣ୍ଡା ଓ ସୁଉଚ୍ଚ ସ୍ଥାନରେ ହେଉଥିବାରୁ ଶାରୀରିକ ଫିଟ୍‌ନେସ୍ ବଜାୟ ରଖିବା ପାଇଁ ସଲ୍‌ମାନ୍ ଖୁବ୍ ପରିଶ୍ରମ କରିଛନ୍ତି। ଏଥିପାଇଁ ଜଣେ ସ୍ୱତନ୍ତ୍ର ଟ୍ରେନରଙ୍କୁ ମଧ୍ୟ ନିଯୁକ୍ତ କରାଯାଇଥିଲା। ଅପୂର୍ବ ଲାଖିୟାଙ୍କ ନିର୍ଦ୍ଦେଶିତ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍'ର ଟିଜର ଆସିବା ପରଠାରୁ ପ୍ରଶଂସକମାନେ ସଲ୍‌ମାନ୍‌ଙ୍କୁ ପୁଣିଥରେ ଆକ୍‌ସନ୍ ରୋଲ୍‌ରେ ପରଦାରେ ଦେଖିବା ପାଇଁ ଉତ୍ସାହିତ ହୋଇପଡ଼ିଛନ୍ତି। ଭାରତ ଓ ଚୀନ୍ ସେନା ମଧ୍ୟରେ ଗଲ୍‌ୱାନ୍ ଘାଟିରେ ହୋଇଥିବା ସମ୍ମୁଖ ଲଢ଼େଇ ଉପରେ ଆଧାରିତ ଏହି ଫିଲ୍ମରେ ସଲ୍‌ମାନ୍ ମୁଖ୍ୟ ଭୂମିକାରେ ଅଛନ୍ତି। ପୂର୍ବରୁ ଫିଲ୍ମର ସୁଟିଂ ବାତିଲ୍ ହୋଇଥିବା ନେଇ ଖବର ଆସିଥିଲା। ହେଲେ ଏବେ ସଲ୍‌ମାନ୍ ଫିଲ୍ମ ପାଇଁ ସୁଟିଂ ଆରମ୍ଭ କରିଦେଇଛନ୍ତି। ଏବେ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍'ର ପୂରା ଟିମ୍ ଲଦାଖ୍‌ରେ କ୍ୟାମ୍ପ୍ କରିଛନ୍ତି। ନିର୍ଦ୍ଦେଶକ ଲାଖିୟା ଇନ୍‌ଷ୍ଟାରେ ପକାଇଥିବା ଏକ ଭିଡିଓରୁ ଏହା ଜଣାପଡ଼ିଛି। ଯଦିଓ ଫିଲ୍ମର ସୁଟିଂ ଆରମ୍ଭ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ କୌଣସି ଆଧିକାରୀକ ସୂଚନା ଦିଆଯାଇନାହିଁ, କିନ୍ତୁ ସାମାଜିକ ଗଣମାଧ୍ୟମରେ ଭାଇରାଲ୍‌ହେଉଥିବା ଏକ ଫଟୋରୁ ଏହି ସୂଚନା ମିଳିଛି। ଏହି ଫଟୋରେ ସଲ୍‌ମାନ୍ ଜିନ୍ସ ଓ ନୀଳ ସାର୍ଟ ପିନ୍ଧି କ୍ୟାମେରାମ୍ୟାନ୍‌ମାନଙ୍କ ସାମ୍ନାରେ ଠିଆ ହୋଇଥିବା ଦେଖାଯାଇଛି।





## ମେଘନାଙ୍କୁ ପ୍ରେମ କରୁଛନ୍ତି ଈଷା ଦେଓଲଙ୍କ ପୂର୍ବ-ସ୍ୱାମୀ

ଅଭିନେତା ଧର୍ମେନ୍ଦ୍ର ଏବଂ ହେମା ମାଳିନୀ ଝିଅ ଈଶା ଦେଓଲ। ଈଶାଙ୍କ ପୂର୍ବତନ ସ୍ୱାମୀ ଭାରତ ତଖତାନିଙ୍କୁ ପୁଣି ଥରେ ତାଙ୍କ ପ୍ରେମ ମିଳିବା ନେଇ ଚର୍ଚ୍ଚା ଚାଲିଛି। ଛାଡପତ୍ରର ପ୍ରାୟ ଦୁଇ ବର୍ଷ ପରେ ସେ ଲଭ ଆଫେୟାର୍ସକୁ ନେଇ ଚର୍ଚ୍ଚାରେ ଅଛନ୍ତି। ବ୍ୟବସାୟୀ ମେଘନା ଲଖାନି ତଲରେଜାଙ୍କ ସହ ଏକ ଫଟୋ ସେୟାର କରିବା ପରେ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ଯାହାର କ୍ୟାପସନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେ ଲେଖିଛନ୍ତି, 'ମୋ ପରିବାରକୁ ସ୍ୱାଗତ।' ତାଙ୍କ ନୂତନ ପ୍ରେମିକାଙ୍କ ସହ ଭାରତ ତଖତାନିଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଦୁବାଇରେ ରହୁଥିବା ମେଘନା ଜଣେ ବ୍ୟବସାୟୀ ଏବଂ ୱାନ୍ ମଡର୍ଣ୍ଣ ୱାର୍ଲ୍ଡର ପ୍ରତିଷ୍ଠାତା। ତାଙ୍କ ବ୍ରାଣ୍ଡ କମ୍ପାନୀଗୁଡ଼ିକୁ ଦୀର୍ଘସ୍ଥାୟୀ ପ୍ରିମିୟମ୍ ପ୍ରଡକ୍ଟ ଏବଂ ପ୍ୟାକେଜିଂ ପରାମର୍ଶ ସେବା ବିକ୍ରି କରେ। ମେଘନାଙ୍କ ଲିଙ୍କଡିନ୍ ପ୍ରୋଫାଇଲ୍ ଅନୁଯାୟୀ, ସେ ୧୫ ବର୍ଷ ଧରି ବିଶ୍ୱ ଶିଳ୍ପରେ କାମ କରିଛନ୍ତି। ୱାନ୍ ମଡର୍ଣ୍ଣ ୱାର୍ଲ୍ଡ ବ୍ୟତୀତ, ସେ ଏମ୍‌ଏଲ୍‌ଟି ଏବଂ ଓପ୍‌ଟାସ୍ ଆପ୍ ଷ୍ଟାର୍ଟଅପ୍ସର ପ୍ରତିଷ୍ଠାତା ମଧ୍ୟ। ସେ ଦି ଲେଡି ବସ୍ ଡାଏରିଜ୍ ନାମକ ଏକ ଇନଷ୍ଟାଗ୍ରାମ୍ ପେଜ୍ ମଧ୍ୟ ଚଲାନ୍ତି । ଯାହା ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି। ୨୦୧୨ ମସିହାରେ ମୁମ୍ବାଇର ଇସ୍କନ୍ ମନ୍ଦିରରେ ଦୁହେଁ ବିବାହ କରିଥିଲେ। ଯେଉଁଥିରେ ସେମାନଙ୍କ ପରିବାର ଏବଂ ନିକଟତମ ବନ୍ଧୁମାନେ ଉପସ୍ଥିତ ଥିଲେ। କିନ୍ତୁ, ୨୦୨୪ ମସିହାରେ ସେମାନଙ୍କର ବିବାହ ଭାଙ୍ଗି ଯାଇଥିଲା। ଅକ୍ଟୋବର ୨୦୧୭ରେ ସେମାନଙ୍କର ପ୍ରଥମ ଝିଅ ରାଧାକୁ ସ୍ୱାଗତ କରିଥିଲେ ଏବଂ ୨୦୧୯ରେ ସେମାନେ ପୁଣି ଦ୍ୱିତୀୟ ଝିଅ ମିରାୟାକୁ ସ୍ୱାଗତ କରିଥିଲେ।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବାରିପଦା:(ଭାସ୍କର ନ୍ୟୁଜ):ସ୍ଥାନୀୟ ଭଂଜପୁର ସ୍ଥିତ ଦୁର୍ଗା ମଣ୍ଡପରେ ଭଂଜପୁର ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ବରିଷ୍ଠ ସଦସ୍ୟ ଜ୍ଞାନେନ୍ଦ୍ର ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ଓ ଦର୍ପନାରାୟଣ ପାଲଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ କ୍ଷ ଦର୍ପନାରାୟଣ ପାଲ ଗତବର୍ଷର ଆୟ ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ ଓ ତାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା ଓ ମା'ଙ୍କ ୭୩ତମ ପୂଜା ଅବସରରେ ଆୟୋଜିତ ହେବାକୁ ଥିବା ୩୧ତମ ମେଳାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ନୂତନ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ପୂଜା କମିଟି ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ମେଳା କମିଟି ଅଧ୍ୟକ୍ଷ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣନନ୍ଦ ମହାନ୍ତି, ପୂଜା ଉପାଧ୍ୟକ୍ଷ ଜ୍ଞାନେନ୍ଦ୍ର ପ୍ରସାଦ ଦାଶ, ମେଳା ଉପାଧ୍ୟକ୍ଷ କଳିଙ୍ଗ କେଶରୀ ଜେନା, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ପୂଜା ସାଧାରଣ ସମ୍ପାଦକ ରସିକାନନ୍ଦ ମିଶ୍ର, ମେଳା ସାଧାରଣ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ପୂଜା ସମ୍ପାଦକ ପ୍ରମୋଦ ମହାନ୍ତି, ମେଳା ସମ୍ପାଦକ ରଜତ ସାହୁ, ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ ଓ ସହ ସମ୍ପାଦକ ଅବିନାଶ ରଥ ଓ ସତ୍ୟବ୍ରତ ଧଳ, ଷ୍ଟୋଲ ସମ୍ପାଦକ ସପନ ପଣ୍ଡା, ଅଫିସ ସମ୍ପାଦକ ଦୁର୍ଯ୍ୟୋତି ଦାସ, କୋଷାଧ୍ୟକ୍ଷ ସୁବ୍ରତ ଦାସ ଏବଂ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଅକ୍ଟୋବର ୩୦ ତାରିଖରେ ମା'ଙ୍କ ପୂଜାବିଧି ଆରମ୍ଭ ହେବ ଏବଂ ଏହି ଅବସରରେ ନଭେମ୍ବର ୩ ରୁ ୧୪ ତାରିଖ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ଶ୍ରୀ ସିଂହ ଜଣାଇଛନ୍ତି।

# ଲବାଣୀ ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ମରଣଯନ୍ତା



କନ୍ଧମାଳ, (ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ସଦର ମହକୁମା କହୁଥିବା ଫୁଲବାଣୀ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାଟି ଜନସାଧାରଣଙ୍କୁ ମରଣଯନ୍ତା ଆଡକୁ ଠେଲି ଦେଇଅଛି।ଏହା ପାଇଁ ପ୍ରତିଦିନ ସାଇକେଲ, ମଟର ସାଇକେଲ, ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଛୋଟ ବଡ ଦୃଘଟଣା ର ସମ୍ମୁଖିନ ହେଉଥିବାର ଦେଖାଯାଇଛି। କିନ୍ତୁ ଏକ ବର୍ଷ ହେଲାଣି ନୂତନ ଭାବରେ ଆସିଥିବା ପୂର୍ତ୍ତ ବିଭାଗ ନିରୀକ୍ଷକ ଯନ୍ତ୍ରୀ,ଜିଲ୍ଲା ପ୍ରଶାସନ ସବୁ ଜାଣି ନିରବ ରହୁଛନ୍ତି କାହିଁକି।ଦୀର୍ଘ ଦିନ ହେଲାଣି କୌଣସି ଉନ୍ନତି ମୂଳକ କାର୍ଯ୍ୟ ଓ ଠିକ ଭାବରେ ରାସ୍ତା ତିଆରି କରିବା ପ୍ରତି ଧ୍ୟାନ ନ ଦେଇ ଅଧିକାରୀ ଜଣକ ନିଜର ବାବୁ ତରିକାରେ ରହି ମାସ ଶେଷ ହୋଇଗଲେ ସରକାରଙ୍କ ଦରମା ଟଙ୍କା ପାଇଯାଉଛନ୍ତି କିନ୍ତୁ ଫୁଲବାଣୀ ସହରର ମୁଖ୍ୟ ରାସ୍ତା ଘାଟ ଉନ୍ନତି ହେଲେ କେତେ, କାହାର ଯାଏସ କେତେ ଏହି ନୀତିରେ କାର୍ଯ୍ୟ ହେଉଛି। ଯେଉଁଠି ଭଲ ଲାଭ ଅଛି ଯଥା ବିଲ୍ଡିଂ,ପାଚେରୀ ରପେରିଙ୍ଗ କାର୍ଯ୍ୟ କରି ଗେରୁଆ ରଙ୍ଗ ମାରି କିଛି ଠିକାଦାରଙ୍କୁ ଲାଭବାନ କରାଇ ନିଜେ ମଧ୍ୟ ଲାଭବାନ ହେଉଥିବାର ବେଶ ଏବେ ଚର୍ଚ୍ଚା ଧରିଛି। କିନ୍ତୁ ମୁଖ୍ୟ ଜଗନ୍ନାଥ ସଡକ ମନ୍ଦିର ଠାରୁ ବିସିପଡା ରାସ୍ତାର ଅବସ୍ଥା ଏତେ ଶୋଚନୀୟ ଯେ ରାସ୍ତା ଉପରେ ବଡ ବଡ ଗାତ ସୃଷ୍ଟି ହୋଇଥିବା ବେଳେ ଛୋଟ ବଡ଼ ଗୁଡ଼ି ଉଠି ଧୂଳିଧୁସର ହୋଇ ପଡିଛି। ଏହି ମୁଖ୍ୟ ସଡକକୁ ପ୍ରତି ବର୍ଷ ଏହି ମୁଖ୍ୟ ରାସ୍ତା ରେ ଏମିତି ଠିକାଦାରଙ୍କୁ ପିଚୁ ପକାଇବା କାମ ଦିଆଯାଉଛି ଯେ କିଛି ମାସ ଗଲା ପରେ ପିଚୁ ଉଠି ଖାଲି ଗୁଡି ବିଛେଇ ହୋଇ ପଡିବା ସହିତ ଗାତରେ ସୃଷ୍ଟି ହେଇଛି ମୁଖ୍ୟ ରାସ୍ତା। ଏଥିରୁ ଜଣାପଡେ ନିରୀକ୍ଷକ ଯନ୍ତ୍ରୀର ଲାଭ ନା ଠିକାଦାରଙ୍କ ଲାଭ ହେଉଛି। କିନ୍ତୁ ଆଜି ସୁଦ୍ଧା ଠିକାଦାର ଉପରେ କୌଣସି ଦୃଢ଼ ପଦକ୍ଷେପ ନାହିଁ କି ରାସ୍ତା ମରାମତି ମଧ୍ୟ କରାଯାଉନାହିଁ। ଏଥି ପ୍ରତି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଓ ସହର ଉନ୍ନୟନ ମନ୍ତ୍ରୀ ତୁରନ୍ତ ଦୃଷ୍ଟି ଦେବା ସହିତ ଅଧିକାରୀ, ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଜନସାଧାରଣ ସରକାରଙ୍କ ଉତ୍ତମ ସେବା ପାଇପାରିବେ।

# ଦାଦନ ଖଟିବାକୁ ତେଲଙ୍ଗାନା ଯାଉଥିବା ବେଳେ ୧୮ ଯୁବତୀ ଉଦ୍ଧାର




ମାଲକାନଗିରି, (ଭାସ୍କର ନ୍ୟୁଜ) : ଦାଦନ ଖଟିବାକୁ ତେଲଙ୍ଗାନା ଯାଉଥିବା ବେଳେ ଜିଲ୍ଲା ପ୍ରଶାସନ ତରଫରୁ ବସ୍‌ଷ୍ଟାଣ୍ଡରୁ ୧୮ ଯୁବତୀଙ୍କୁ ଶ୍ରମ ବିଭାଗ ଓ ପୋଲିସ୍ ପକ୍ଷରୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ଯୁବତୀଙ୍କ ବୟସ ୧୮ ବର୍ଷରୁ ଅଧିକ। ଏହି କାରବାରରେ ଗଞ୍ଜାମ ଥାନା ଅଞ୍ଚଳର ଶ୍ରମିକ ଦଲାଲ ସନ୍ତୋଷ ନାହାକକୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ପୋଲିସ୍ ସୂଚନା ଦେଇଛି। ଅନ୍ୟପକ୍ଷରେ ଶ୍ରମ ବିଭାଗ ତରଫରୁ ସନ୍ତୋଷ ନାହାକ ପାଖରେ ଶ୍ରମିକ ଚାଲାଣ ଲାଇସେନ୍ସ ନଥିବାରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଏହାର ତଦନ୍ତ କରିବାକୁ ପୋଲିସ୍‌କୁ ପରାମର୍ଶ ଦିଆଯାଇଛି। ପୋଲିସ୍ ସୂଚନା ଅନୁଯାୟୀ, ସନ୍ତୋଷ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୮ଜଣ ଯୁବତୀଙ୍କୁ ତେଲେଙ୍ଗାନାରେ କାମ କରିବା ପାଇଁ ନେଉଥିଲେ। ବସ୍‌ଷ୍ଟାଣ୍ଡରେ ଗୋଟିଏ ସ୍ଥାନରେ ୧୮ଜଣ ଯୁବତୀ ବସିଥିବା ଦେଖିଥିଲେ ଜଣେ ଆଇନଜୀବୀ ଓ ସମାଜସେବୀ। ପାଖକୁ ଯାଇ ସେମାନଙ୍କୁ କୁଆଡ଼େ ଯିବ ବୋଲି ପଚାରିଥିଲେ। ସେମାନେ କହିଥିଲେ, ତେଲେଙ୍ଗାନାରେ କାମ କରିବାକୁ ଯାଉଛୁ। ଯୁବତୀଙ୍କ କଥା ଶୁଣି ସନ୍ଦେହ ହେବାରୁ ସେମାନେ ଥାନା ଓ ଶ୍ରମ ବିଭାଗକୁ ଫୋନ୍ କରି ଜଣାଇଥିଲେ। ସଙ୍ଗେ ସଙ୍ଗେ ପୋଲିସ୍ ଓ ଶ୍ରମ ଅଧିକାରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚି ୧୮ ଯୁବତୀଙ୍କୁ ଉଦ୍ଧାର କରିବା ସହ ସନ୍ତୋଷକୁ କାବୁ କରି ଥାନାକୁ ନେଇଥିଲେ। କାଉନସେଲିଂ ବେଳେ ଯୁବତୀମାନେ କାମ କରିବାକୁ ତେଲେଙ୍ଗାନା ଯାଉଥିଲେ। ଏଠାରେ ହାଇଦ୍ରାବାଦ ବସ୍‌କୁ ଅପେକ୍ଷା କରିଥିବା ଭାରପ୍ରାପ୍ତ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକାଙ୍କ ଆଗରେ ସ୍ୱୀକାର କରିଥିଲେ। ଅନ୍ୟପକ୍ଷରେ ସନ୍ତୋଷକୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା କଥା କହିଛନ୍ତି ଥାନା ଅଧିକାରୀ ରିଗାନ କିଣ୍ଡୋ।

# ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ



ସାରସକଣା, (ଭାସ୍କର ନ୍ୟୁଜ୍) : ସେପ୍ଟେମ୍ବର ୧କୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ରୂପେ ପାଳନ କରାଯାଏ। ଆଜିର ଦିନରେ ସାରସକଣା ବ୍ଲକର ଡ୍ରାଇଭର ଭାଇ ମାନେ ଏହି ଦିବସ ପାଳନର ସଫଳ ରୂପାୟନ କରିଛନ୍ତି। ଏହି ମହାସଂଘର ସାରସକଣା ବ୍ଲକ ଉପଦେଷ୍ଟା ଅଶୋକ ମାଲ୍, ସହ ଉପଦେଷ୍ଟା ସିଂରାୟ ମାହାଲି, ବ୍ଲକ୍ ସଭାପତି ବିଷ୍ଣୁ ପ୍ରସାଦ ମଣ୍ଡଳ, ଉପସଭାପତି ଜିତେନ୍ଦ୍ର ନାଥ ବୈଠା , ସମ୍ପାଦକ ବ୍ରଜ ସୁନ୍ଦର ବାସୋରି , ସହ ସମ୍ପାଦକ କମଲ ପାତ୍ର, ଏମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଚେଷ୍ଟା ଫଳରେ ଝାରପୋଖରିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ବିଶାଳ ରାଲିରେ ବଜାର ପରିକ୍ରମା କରାଯାଇ ଏକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ବିଷ୍ଣୁ ପ୍ରସାଦ ମଣ୍ଡଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପୋଲିସ ବିଭାଗ ପକ୍ଷରୁ ମହାନ୍ତି ସାର୍‌ଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରା ଯାଇଥିଲା। ମହାନ୍ତି ସାର ନିଜ ବକ୍ତବ୍ୟ ରଖିଥିଲେ ସେ କହିଲେ ନିଶା ପାନ କରି ଗାଡ଼ି ଚଳାଇବା ଏକ ଅପରାଧ। ସାମ୍ବାଦିକ ମାନଙ୍କ ମଧ୍ୟରେ ସୁଧୀର କୁମାର ମହାନ୍ତ, ମଳୟ କୁମାର ନାୟକ, ବାସୁଦେବ ପାତ୍ର, ଦେବାଶିଷ ଶତପଥୀ, ରାଜେଶ କଲିଆ, କ୍ଷୀରୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଡ୍ରାଇଭର ଭାଇ ମାନେ ଶପଥ ପାଠ କଲେ ଯେ ଗାଡ଼ି ଚଳାଇବା ସମୟରେ ମଦ୍ୟ ପାନ କରି ଗାଡି ଚଳାଇବେ ନାହିଁ। ସେମାନଙ୍କର ବଡ଼ ନିଷ୍ପତି ଅନୁଯାୟୀ କାର୍ଯ୍ୟରତ ଥିବା ବେଳେ ମୃତ ଡ୍ରାଇଭରକୁ ନିଜ ସଂଘ ପକ୍ଷରୁ ତିରିଶ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସଭାପତି ଉଲ୍ଲେଖ କରିଥିଲେ। ପରିଶେଷରେ ସମସ୍ତ ସାମ୍ବାଦିକ ଓ ମହାନ୍ତି ସାରଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ସମ୍ପାଦକ ଶ୍ରୀ ବାସୋରି। ସମସ୍ତଙ୍କୁ ମିଷ୍ଟାନ୍ନ ପ୍ରଦାନ କରାଯାଇଥିଲା ଓ ସଭା କାର୍ଯ୍ୟ ସାଙ୍ଗ କରାଯାଇଥିଲା।

# ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପରଲୋକ



ଗୁଣପୁର (ଭାସ୍କର ନ୍ୟୁଜ୍) : ଗୁଣପୁର ଉପକଣ୍ଠ ବିକ୍ରମପୁର ନିବାସୀ ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ହରିଶ୍ଚନ୍ଦ୍ର ପଣ୍ଡାଙ୍କର ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ରବିବାର ବିଳମ୍ବିତ ରାତ୍ରରେ ଚିକିତ୍ସାଧିନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ କାରଣରୁ କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ସେ ଜଣେ ଆଧାତ୍ମବାଦୀ, ପରପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ଭାବେ ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ତିନି ପୁତ୍ର ରହିତ, ରାମକୃଷ୍ଣ, ପାର୍ଥ, ଝିଅ କଳ୍ପନା, ଜ୍ୱାଇଁ ଶ୍ୟାମ ପଣ୍ଡା ଓ ପୁତୁରା ବରିଷ୍ଠ ଆଇନଜୀବୀ ଗଣେଷ ପଣ୍ଡା ଉପସ୍ଥିତ ଥିଲେ। ତାଙ୍କ ବିୟଗରେ ବରିଷ୍ଟ ବିଜେଡି ନେତା ଜୟଦେବ ପରିଡା, ପୂର୍ବତନ ବିଜେଡି ରାଜ୍ୟ ସଂଗଠନ ସଂପାଦକ ବବି ଦାସ, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଜିଆଇଇଟି ବିଶ୍ୱବିଦ୍ୟାଳୟ ସଭାପତି ଡ ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା,ବିଜେଡି ନେତା ସୁଧିର ଦାସ, ବିଟସ କଲେଜ ଉପଦେଷ୍ଟା ଏଲ ଗପାଲ ରାଓ, କଂଗ୍ରେସ ନେତା ବିଜୟ ଗମାଙ୍ଗ ଗଭୀର ଶକ ପ୍ରକାଶ କରିବା ହହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସୋମବାର ଦିନ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଗୁଣୁପୁର କଲେଜ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା




ଗୁଣୁପୁର, (ଭାସ୍କର ନ୍ୟୁଜ୍): ଗୁଣୁପୁରର କଲେଜ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତିଙ୍କ ସମ୍ମାନରେ ଏକ କଲେଜ ପରିସରରେ ଏକ ବିଦାୟ ସମାରୋହର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଗନ୍ନାଥ ଦୀପ ସ୍ୱାଗତ ଭାଷଣ ଦେଇଥିଲେ, ଏହା ପରେ କର୍ମଚାରୀମାନଙ୍କ ଦ୍ୱାରା ଅଭିଭାଷଣ ଦିଆଯାଇଥିଲା। ଯେଉଁଥିରେ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷ କାର୍ଯ୍ୟକାଳକୁ ପ୍ରଶଂସା କରାଯାଇଥିଲା। ଏକ ଭିଡିଓ ପ୍ଲେ ମଧ୍ୟ କାର୍ଯ୍ୟକ୍ରମର ଏକ ଅଂଶ ଥିଲା, ଯାହା ସମ୍ଭବତଃ ଅଧ୍ୟକ୍ଷ ମହାନ୍ତିଙ୍କ କାର୍ଯ୍ୟକାଳର ପ୍ରମୁଖ ମୁହୂର୍ତ୍ତଗୁଡ଼ିକୁ ଉଜ୍ଜ୍ୱଳ କରିଥିଲା। ପ୍ରଧାପିକା କଳ୍ପନା ବେହେରା, ପ୍ରାଧାପକ ଡକ୍ଟର ଜୱାହାରଲାଲ୍ ଚୌଧୁରୀ, ଅଧାପକ ସତୀଶ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ମିଶ୍ର, ଅଧାପିକା ଦୀପିକା ପଟ୍ଟନାୟକ, ଡକ୍ଟର ସତ୍ୟବାନ୍ ଗରଡ଼ା, ଅଧାପକ ତାମିଲା ପରାସେଠ ପ୍ରମୁଖ ଓ ଅନ୍ୟମାନେ ସଭାରେ ଉପସ୍ଥିତ ରହି ତାଙ୍କର ଅବସରକାଳିନ ଜୀବନ ସୁଖମୟ କାମନା କରିବା ସହ ସେ ଯେଉଁ ନିଷ୍ଠାର ସହ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରୁଥିଲେ ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଗୁଣୁପୁର କଲେଜରେ ଶ୍ରୀ ମହାନ୍ତିଙ୍କ ଅବଦାନକୁ ସ୍ୱୀକାର କରି ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ମହାନ୍ତି ନିଜେ ସମାବେଶକୁ ସମ୍ବୋଧିତ କରିଥିଲେ। ଅନୁଷ୍ଠାନରେ ତାଙ୍କ ସମୟର ଚିନ୍ତାଧାରା ଏବଂ ଅଭିଜ୍ଞତା ବାଣ୍ଟିଥିଲେ। ସେହିପରି ନିଜର ଶିକ୍ଷା ଗୁରୁଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜ୍ଞାପନ କରିବା ପୂର୍ବକ ବହୁ ଦୂରଦୂରାନ୍ତରରୁ ରସାୟନ ବିଜ୍ଞାନ ବିଭାଗର ବହୁ ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଆସି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସଭାରେ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉପ-ସଭାପତି ଡକ୍ଟର ଚନ୍ଦ୍ରଧ୍ୱଜ ପଣ୍ଡା ସଭାପତିତ୍ୱ କରି ଅଧ୍ୟକ୍ଷଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାକ୍ତନ ଛାତ୍ର ସଭା ପରିଚାଳନାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏହା ସହିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମଧ୍ୟ ମାନପତ୍ର ସହିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମୁଖ୍ୟ ଉମାଶଙ୍କର ଦାଶ, ଲକ୍ଷ୍ମୀ ମହାକୁଡ଼ ପ୍ରମୁଖ ସଭାରେ ଉପସ୍ଥିତ ରହି ଅଧ୍ୟକ୍ଷଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିବା ସହ ଅବସର ପରବର୍ତ୍ତୀ ଜୀବନର ଶୁଭ ମନାସିଥିଲେ। ଏହି ଶୁଭ ଅବସରରେ ମହାବିଦ୍ୟାଳୟ ପରିସର ମଧ୍ୟରେ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

# ଏମ୍‌ବିବିଏସ୍ ପଢିବେ ଚିନ୍ମୟୀ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ) : ଆଜି କୁଓ୍ୱି ଉନ୍ନୟନ ସମାଜ ଲକ୍ଷ୍ମୀପୁର ତରଫରୁ ଚଳିତ ବର୍ଷ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମ୍‌ବିବିଏସ ପାଠ ପଢିବା ପାଇଁ ମନୋନୀତ ହୋଇଥିବା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଏକମାତ୍ର ଆଦିବାସୀ ଝିଅ ଚିନ୍ମୟୀ ସାଉଁନ୍ତାଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କର୍ଯ୍ୟକ୍ରମ କୁଓ୍ୱି ଉନ୍ନୟନ ସମାଜ ଲକ୍ଷ୍ମୀପୁର ସଭାପତି ଲୁଦ୍ର ସାଉଁନ୍ତାଙ୍କ ନେତୃତ୍ୱରେ ଉପ ସଭାପତି ବସନ୍ତ ମିଣ୍ୟାକା, ସାଧାରଣ ସମ୍ପାଦକ ଶ୍ରୀଧର ଜାନୀ, କୋଷାଧ୍ୟକ୍ଷ ରାମଚନ୍ଦ୍ର ଜାନୀ ସମେତ ଜିଲ୍ଲାସ୍ତରୀୟ କୁଓ୍ୱି ଉନୟନ ସମାଜ କୋରାପୁଟ ଉପସଭାପତି ନିରଞ୍ଜନ ଜାନୀ, କୁଓ୍ୱି ଉନ୍ନୟନ ସମାଜ ଲକ୍ଷ୍ମୀପୁରର ସଦସ୍ୟ ପୂର୍ଣ୍ଣ ହିକକା, ରାଶି ହିକକା ଏବଂ କୁଓ୍ୱି ଉନ୍ନୟନ ସମାଜ ଲକ୍ଷ୍ମୀପୁରର ସଙ୍କର ସାଉଁନ୍ତା ସମସ୍ତ କର୍ମକର୍ତ୍ତା ଚିନ୍ମୟୀଙ୍କ ନିଜ ବାସଭବନ କାକିରିଗୁମା ଠାରେ ଯାଇ ସମ୍ବର୍ଦ୍ଧିତ କରିବା ସହ ଚିନ୍ମୟୀଙ୍କୁ ଏହି ଐତିହାସିକ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସମୟରେ ଚିନ୍ମୟୀଙ୍କ ମାଆ ଏବଂ ବାପା ଶିକ୍ଷକ ଗୋପାଳ ସାଉଁନ୍ତା ଉପସ୍ଥିତ ରହି ଝିଅକୁ କିପରି ପରାମର୍ଶ ଦେଇ ସଫଳତା ପାଇଁ ମାର୍ଗ ଦର୍ଶନ କରିଥିଲେ ସେ ଉପସ୍ଥାପନ କରିଥିଲେ। ଶେଷରେ ଚିନ୍ମୟୀ ଏମବିବିଏସ କରି କୋରାପୁଟ ଜିଲ୍ଲା ତଥା ଓଡ଼ିଶାର ଆଦିବାସୀ ସମାଜର ପ୍ରେରଣା ହୋଇ ଗରିବ ପରିବାରର ରୋଗୀଙ୍କୁ ସେବା ଯୋଗାଇବି ବୋଲି କହିଥିଲେ। ଚିନ୍ମୟୀ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତାଙ୍କ ଦାଦା ଝିଅ ଭଉଣୀ ବୋଲି ଜଣା ପଡିଛି।

# ରାଜସ୍ୱ ଆଦାୟରେ କୋରାପୁଟ ମ୍ୟୁନିସିପାଲଟିକୁ ଶ୍ରେଷ୍ଠ ପୁରସ୍କାର

କୋରାପୁଟ, (ଭାସ୍କର ନ୍ୟୁଜ) : ରାଜ୍ୟସ୍ତରୀୟ ସ୍ୱାୟତ ଶାସନ ଦିବସ ଅବସରରେ ଉଲ୍ଲେଖନୀୟ ରାଜସ୍ୱ ଆଦାୟ ପାଇଁ କୋରାପୁଟ ମ୍ୟୁନିସିପାଲଟିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରସ୍କୃତ କରିଛନ୍ତି । କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରନ ସେଠୀ ଏବଂ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଏହି ପୁରସ୍କାର ସହ ୩କୋଟି ଟଙ୍କାର ପ୍ରୋତ୍ସାହନ ରାଶି ଚେକ୍ ଗ୍ରହଣ କରିଥିଲେ । ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩କୋଟି ୬୪ଲକ୍ଷ ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଚଳିତ ଆର୍ଥିକ ବର୍ଷ ଏପ୍ରିଲ ମାସରୁ ବର୍ତ୍ତମାନ ସୁଦ୍ଧା କୋରାପୁଟ ପୌର ପରିଷଦ ଟ୍ରେଡ ଲାଇସେନ୍ସ, ୟୁଜର ଫି, ଦୋକାନ ଭଡା ଆଦାୟ, ଟାଉନ ହଲ, କଲ୍ୟାଣ ମଣ୍ଡପ, ଅଡିଟରିୟମ ଭଡା, ଦୈନିକ ବଜାରରୁ ଆଦାୟ, ଗୃହ ନିର୍ମାଣ ପ୍ଲାନ, ଟେଣ୍ଡର ପେପର ବିକ୍ରି, ମ୍ୟୁଟେସନ ଓ ମିସିଲାନ୍ସ ଆଦିରୁ ୧କୋଟି ୬୭ଲକ୍ଷ ୭୯ ହଜାର ଟଙ୍କା ଅର୍ଥାତ୍ ୪୬.୦୯ ପ୍ରତିଶତ ଆଦାୟ କରିଥିବାରୁ ଏହି ପୁରସ୍କାର ପାଇଥିବା ମ୍ୟୁନିସିପାଲଟି ପକ୍ଷରୁ କୁହାଯାଇଛି ।



# ଡାକ୍ତର ଛାତ୍ର ଶିବମଙ୍କୁ ଶିଶୁ ମନ୍ଦିର ତରଫରୁ ସମ୍ବର୍ଦ୍ଧନା



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳଗୁମାର ଛାତ୍ର ସର୍ବ ଭାରତୀୟ ନିଟ ପରୀକ୍ଷାରେ ୨୬ ନମ୍ବର ର୍ୟାଙ୍କ ରଖି ସଫଳତା ପାଇ ଥିବା ଛାତ୍ରଙ୍କୁ ଅଞ୍ଚଳଗୁମା ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଶିବମ ଓ ତାଙ୍କ ବାପା ମାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପଟ୍ଟନାୟକ ଶିବମଙ୍କ ପ୍ରାରମ୍ଭିକ ଶିକ୍ଷା ଠାରୁ ବର୍ତ୍ତମାନର ସଫଳତାର ଯାତ୍ରା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ ଏବଂ ଏହିପରି ଜଣେ ଛାତ୍ରଙ୍କ ସଫଳତା ପାଇବା ଶିଶୁମନ୍ଦିର ପାଇଁ ଗୌରବ ଆଣି ଅନ୍ୟ ମାନଙ୍କ ପାଇଁ ପ୍ରେରଣା ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟ ପକ୍ଷରେ ଶିବମ ମଧ୍ୟ ତାଙ୍କ ସଫଳତା ପାଇଁ ବାପା ମା ଓ ସମସ୍ତ ଗୁରୁଜୀ ଗୁରୁମାଙ୍କୁ ଶ୍ରେୟ ଦେଇଥିଲେ ଓ ପିଲା ବେଳର ଶିଶୁମନ୍ଦିରର ସ୍ମୃତିକୁ ମନେ ପକେଇ ନିଜ ବକ୍ତବ୍ୟ ରଖିଥିଲେ। ପ୍ରକାଶ ଥାଉକି ଶିବମଙ୍କ ବାପା ପବିତ୍ର ମୋହନ ନାୟକ ଜଣେ ଶିକ୍ଷକ ଓ ମା ସସ୍ମିତା ନାୟକ ଗୃହିଣୀ। ଶିବମ୍ ତାଙ୍କ ପ୍ରାଥମିକ ଶିକ୍ଷା ଅଞ୍ଚଳ ଗୁମା ସରସ୍ୱତୀ ଶିଶୁ ମନ୍ଦିର ଠାରେ ପଞ୍ଚମ ଶ୍ରେଣୀ ଯାଏଁ ପଢ଼ି ଥିଲେ ।ଏହା ପରେ ତେନ୍ତୁଳି ଖୁଣ୍ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଠା ପଢ଼ିଥିଲେ। ମ୍ୟାଟ୍ରିକ ପରେ ସେ ଯୁକ୍ତ ୨ ଭୁବନେଶ୍ୱର ଆଇକୋନିକରେ ପାଠ ପଢିଲା ବେଳେ ଭୁବନେଶ୍ୱରରେ କୋଚିଂ ନେଇ ସମୁଦାୟ ୭୨୦ ମାର୍କରୁ ୪୩୩ ମାର୍କ ରଖି ବର୍ତ୍ତମାନ ସେ ନିଟରେ ସଫଳତା ପାଇଛନ୍ତି। ଶିବମ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମସ୍ତଙ୍କ ପାଇଁ ଗୌରବ ଆଣିବା ସହ ଉଦାହରଣ ପାଲଟିଛନ୍ତି। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଏବଂ ଆପ୍ରାଣ ଉଦ୍ୟମ ବଳରେ ଶିବମଙ୍କୁ ଏହି ସଫଳତା ମିଳିଛି। ଯାହାକି ଶିଶୁମନ୍ଦିରର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ଉଦାହରଣ ହୋଇଛି। ଶିବମ ତାଙ୍କର ଏହି ସଫଳତାର ଶ୍ରେୟ ବାପା ମାଁ ସହ ନିଜ ଗ୍ରାମ ଅଞ୍ଚଳଗୁମା ସ୍ଥିତ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦେଇଛନ୍ତି। ଶିବମଙ୍କ ଏହି ସଫଳତା ପାଇଁ ଶିଶୁ ମନ୍ଦିର ର ବରିଷ୍ଠ ଗୁରୁଜୀ ଶ୍ରୀରଙ୍ଗା ଚରଣ ବିଷୋୟୀ, ମହେଶ୍ୱର ସାହୁ, ଜିତେନ୍ଦ୍ର କୁମାର ନାୟକ, ମକୁନ୍ଦ ଜାନି, ବନମାଳୀ ହରିଜନ, ଚନ୍ଦ୍ରଭାନୁ ଗୌଡ଼, ପାଉଡରି ବେହେରା, ତ୍ରିନାଥ ଭତ୍ରା, ରଶ୍ମିତା ପୂଜାରୀ, ଶାରଳା ଭତ୍ରା, ଜମ୍ବୁବତୀ ହରିଜନ, ଲଛମନ ମୁଦୁଲି ଓ ବୁଦ୍ଧ ମୋହନ ପ୍ରଧାନୀ ପ୍ରମୁଖ ଗୁରୁଜୀ ଗୁରୁମା ଶୁଭେଚ୍ଛା ଜଣାଇଥିଲେ।

# ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘର ଜରୁରୀକାଳୀନ ବୈଠକ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଜିଲ୍ଲା କର୍ମଚାରୀ ସଂଘର ଜରୁରୀକାଳୀନ ବୈଠକ କାର୍ଯ୍ୟାଳୟ ପରିସରରେ ରାଜ୍ୟ କମିଟିର ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅକ୍ଷୟ କୁମାର ତ୍ରିପାଠୀ, ଗଗନ କୁମାର ସ୍ୱାଇଁ, ଜେ. ରାମା ରାଜୁ, ମଳୟ କୁମାର ପଟନାୟକ, ଦୀନବନ୍ଧୁ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ବିଭିନ୍ନ ସମସ୍ୟା ଓ ଠିକା ଶ୍ରମିକମାନେ କିପରି ଭାବରେ ଚାକିରିରେ ନିୟମିତ ହୋଇ ପାରିବେ, କର୍ମଚାରୀଙ୍କୁ ଠିକା ସଂସ୍ଥା ଦ୍ୱାରା ଶୋଷଣ, ସେମାନେ କାମ କରୁଥିବା ବେଳେ ମୃତ୍ୟୁବରଣ କଲେ ଉପଯୁକ୍ତ ପେନସନ ବ୍ୟବସ୍ଥା, ବୀମା ବ୍ୟବସ୍ଥା, ନିୟମିତ କର୍ମଚାରୀମାନଙ୍କ ପାଇଁ ଦୁର୍ଗମ ଅଞ୍ଚଳ ଭତ୍ତା ଏବଂ କିଛି ନିୟମିତ କର୍ମଚାରୀଙ୍କ ବଦଳି, ପଦୋନ୍ନତି ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସୁନୀଲ ସାବତ, ଗୌରହରୀ ସାମଲ, ତ୍ରିଲୋଚନ ସାହୁ, ସୁଶାନ୍ତ କର, ଜଜନ ପ୍ରସାଦ ସିଂ, ପି ପ୍ରଶାନ୍ତ କୁମାର, ଆଜିର ବୈଠକରେ ମାଲକାନାଗିରି ଡିଭିଜନର ବହୁ ସଂଖ୍ୟାରେ ସଭ୍ୟଙ୍କ ସହ ସୁଦୂର ପଡ଼ିଆ, କାଲିମେଳା, ଏମ୍‌ଭି ୭୯, ଚିତ୍ରକୋଣ୍ଡା, ଗୋବିନ୍ଦପାଲି, ମାଥିଲି କମିଟିର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ସ୍ୱାୟତ୍ତ ଶାସନ ପାଳନ ଅବସରରେ ଚକ୍ଷୁ ପରୀକ୍ଷା ଶିବିର



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝରଗଡ଼ ପୌରପାଳିକାର ସ୍ୱାୟତ ଶାସନ ପାଳନ ଅବସରରେ ଗତକାଲି ନଗର ଭବନଠାରେ ଚକ୍ଷୁ ପରୀକ୍ଷା ଓ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝର ଓ କେନ୍ଦୁଝରଗଡ଼ ପୌରପାଳିକାର ମିଳିତ ସହଯୋଗରେ ବିଶାଳ ଚକ୍ଷୁ ପରୀକ୍ଷା ଶିବିରକୁ ପୌରାଧକ୍ଷା ନିକୁ ସାହୁ, ଉପାଧକ୍ଷ ବରଦା ପ୍ରସନ୍ନ ଦାସ ଓ ସମାଜସେବୀ ଭକ୍ତ ବତ୍ସଳ ମହାନ୍ତି ଉଦ୍ଘାଟନ କରିଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟର ଜୋନାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନାଙ୍କ ମାର୍ଗଦର୍ଶନରେ ହସ୍ପିଟାଲ ମ୍ୟାନେଜର ରଣଜିତ କୁମାର ପଣ୍ଡା, ଅପଟମ ସୟନ ସୁନ୍ଦର ମାଇତି, ବରିଷ୍ଠ ସ୍ୱାସ୍ଥ୍ୟସେବିକା ଅନିତା ରାଉଳ, ଭବସ୍ମିତା ପାତ୍ର, ଜସମିନ ମହାରଣା, ଭିଜନ ଟେକନିସିଆନ୍ ପୂଜାରାଣୀ ମହାନ୍ତ, ସୁପରିଟେଣ୍ଡେଣ୍ଟ ଡାକ୍ତର ପ୍ରଦୀପ କୁମାର ବାରିକ ଚକ୍ଷୁ ପରୀକ୍ଷା କରିଥିଲେ। ପୌରପାଳିକାର ୨୧ଗୋଟି ୱାର୍ଡ ଅନ୍ତର୍ଗତ ୮୨ଟି ବସ୍ତିରୁ ୨୮୪ ଜଣ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇ ପ୍ରାଥମିକ ସେବା ଯୋଗାଇ ଦିଆଯାଇଛି। ସମସ୍ତ ରୋଗୀଙ୍କୁ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ତରଫରୁ ମାଗଣା ଔଷଧ ବଣ୍ଟନ କରାଯାଇଛି। ୫୫ ଜଣ ବରିଷ୍ଠ ନାଗରିକଙ୍କୁ ପରୀକ୍ଷା କରାଯାଇ ଚାଳିସିଆ ଚଷମା ବଣ୍ଟନ କରାଯାଇଛି। ଶିବିର ଚାଲିଥିବା ସମୟରେ କେନ୍ଦୁଝରଗଡ ପୌରପାଳିକା ତରଫରୁ ଟିଫିନ ଓ ପାନୀୟ ଜଳ ବଂଟନ କରାଯାଇଥିଲା। ୨୨ ଜଣ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଛି ଏବଂ ଅସ୍ତ୍ର ଉପଚାର ପାଇଁ ମନୋନୀତ କରାଯାଇଛି। ଭୂମିକା ଚକ୍ଷୁ ଚିକିତ୍ସାଳୟର ବରିଷ୍ଠ କର୍ମୀ ବଳରାମ ମଲ୍ଲିକ, କ୍ଷେତ୍ରୀୟ ସଂଗଠକ ହିମାଂଶୁ କୁମାର ପାତ୍ର, ମଣ୍ଟୁ ନାୟକ, ସମସ୍ତ କାଉନସିଲର, ସ୍ୱଚ୍ଛ ସାଥି, ସୁପରଭାଇଜର, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା ଶିବିର ପରିଚାଳନା କରିଥିଲେ। ଟ୍ରଷ୍ଟର ଅଧକ୍ଷା ଅଧିବକ୍ତା ଜଗଜିତା ଦାସ ଅନ୍ଧତ୍ୱମୁକ୍ତ ଅଭିଯାନ ଜାରି ରହିବ ବୋଲି ଜଣାଇଛନ୍ତି।

# ଅଧ୍ୟାପକ ଗୋପାଳ ମହାରଣାଙ୍କ ନାଟକ ମଞ୍ଚସ୍ଥ



ରାଇଘର/ଉମରକୋଟ, (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ 'ଭାରତୀ କଳା ନିକେତନ' ଉମରକୋଟ ଦ୍ୱାରା ଆୟୋଜିତ ଚାରି ଦିବସୀୟ ନାଟକ ଓ ସାଂସ୍କୃତିକ ମହୋତ୍ସବ-୨୦୨୫ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଂପାଦକ ଗୋପାଳ ମହାରଣାଙ୍କ ପ୍ରଚେଷ୍ଟାରେ ଉପାନ୍ତ ଅଞ୍ଚଳରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକଙ୍କ ଉତ୍କଣ୍ଠା ବଢୁଛି। ଚଳିତବର୍ଷ ଅନୁଷ୍ଠାନ ନିଜର ଊନବିଂଶତମ ବାର୍ଷିକ ଉତ୍ସବ ସହିତ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ପାଳନ ଅବସରରେ ଅଧ୍ୟାପକ ଗୋପାଳ ମହାରଣାଙ୍କ ଚାରିଗୋଟି ନାଟକ ପରିବେଷଣ କରିବା ନିଷ୍ପତ୍ତି ନେଇଛି। ପ୍ରଥମ ସଂନ୍ଧ୍ୟାରେ ଅନୁଷ୍ଠାନର କଳାକାର ମାନେ ନାଟକ'ନିଶା'ପରିବେଷଣ କରିଥିଲେ। ଦ୍ୱିତୀୟ ସଂନ୍ଧ୍ୟାରେ ରାଉରକେଲାର 'ପରିଚୟ' ଅନୁଷ୍ଠାନ ଦ୍ୱାରା ପ୍ରଯୋଜିତ ନାଟକ 'ପାନ୍ଥଶାଳାର ପଥିକ'। ତୃତୀୟ ସନ୍ଧ୍ୟାରେ ଗୁରୁନାଥ ସାଂସ୍କୃତିକ ପରିଷଦ, ଲୁଦୁଲୁଦି, ଘୁମୁସର, ଗଞ୍ଜାମର ପ୍ରଯୋଜିତ ନାଟକ 'ସେମାନେ ଆସିବେ' ଏବଂ ଶେଷ ସନ୍ଧ୍ୟାରେ ଭାରତୀ କଳା ନିକେତନ ପ୍ରଯୋଜିତ ନାଟକ 'ପଞ୍ଚମ ବେଦ' ପରିବେଷଣ କରାଯାଇଥିଲା। ଶୃଙ୍ଖଳାର ପାଞ୍ଚଟି ନିୟମ ଯଥା-ସତ୍ୟ, ଧର୍ମ, ନ୍ୟାୟ, ଅହିଂସା ଓ ପ୍ରେମ ହିଁ ପଞ୍ଚମ ବେଦ। ନାଟକ ଏତେ ହୃଦୟସ୍ପର୍ଶୀ ଯେ, ଦର୍ଶକ ମଞ୍ଚନାଟକ ପ୍ରତି ସ୍ୱତଃ ଆକର୍ଷିତ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଉମରକୋଟ ପରି ଏକ ଉପାନ୍ତ ଅଞ୍ଚଳରେ ଏପରି ନାଟକ ମହୋତ୍ସବ ଆୟୋଜନ କରୁଥିବାରୁ ଭାରତୀ କଳା ନିକେତନର ନାଟ୍ୟ ଦମ୍ପତ୍ତି ଅଧ୍ୟାପକ ଗୋପାଳ ମହାରଣା ଓ ମଧୁସ୍ମିତା ମହାରଣାଙ୍କୁ ଦର୍ଶକ ସାଧୁବାଦ ଜଣାଇଥିଲେ। ମଞ୍ଚ ନାଟକର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଭାରତୀ କଳା ନିକେତନ ଯେ ଇତିହାସ ସୃଷ୍ଟି କରିଛି ଏହା ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ କହିବା ସହିତ ଭାରତୀ କଳା ନିକେତନର ପ୍ରତିଷ୍ଠାତାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ନାଟକ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲାର ପଞ୍ଚାନନ ପାତ୍ର, ଘୁମୁସର, ଗଞ୍ଜାମର ବିଜୟ କୁମାର ପାତ୍ର, ଉମରକୋଟର ବରିଷ୍ଠ ଅଭିନେତ୍ରୀ ଶାନ୍ତିଲତା ମହାନ୍ତିଙ୍କୁ ଚଳିତ ବର୍ଷ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ମାଆ ରାଧାଦେବୀ କଳାଶ୍ରୀ ସମ୍ମାନ-୨୦୨୫'ପ୍ରଦାନ କରାଯାଇଛି। ଅନରୂପ ଭାବେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରୁ ବହୁବାର ଶ୍ରେଷ୍ଠ ଶିଶୁ କଳାକାର ପାଇଥିବା 'ସାଇ ଅନୁଷ୍କା ମହାରଣା'ଙ୍କୁ 'ଭାରତୀ ଶିଶୁ ପ୍ରତିଭା ସମ୍ମାନ-୨୦୨୫'ଏବଂ ବହୁବାର ଶ୍ରେଷ୍ଠ ଅଭିନେତ୍ରୀ ରୂପେ ସମ୍ମାନିତା ଦୀପଶିଖା ନାୟକଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଏବଂ ଏମ୍ ମାଧବ ପାତ୍ରଙ୍କୁ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ସମ୍ମାନ ପ୍ରଦାନ, ରବୀନ୍ଦ୍ରନାଥ ମହାରଣାଙ୍କୁ 'ଶ୍ରେଷ୍ଠ ମଞ୍ଚ ନିର୍ଦ୍ଦେଶକ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟକ କାର୍ଯ୍ୟକ୍ରମ ସହିତ ଅନୁଷ୍ଠାନ ଆୟୋଜନ କରିଥିଲା ନୃତ୍ୟ ପ୍ରତିଯୋଗିତା। ନାଟକ ମହୋତ୍ସବର ତୃତୀୟ ଦିବସରେ ଆୟୋଜିତ ହୋଇଥିଲା 'କବି ସମ୍ମେଳନୀ' ଏଥିରେ ବହୁ କବି କଳା ଓ ସଂସ୍କୃତି ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରତି କବିଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ସ୍ମୃତିଫଳକ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।



ଭଦ୍ରକ, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ସଭାଗୃହ ଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ (ରାଜସ୍ୱ)ଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦଶ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସୁଧାରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମିତ ମାଝୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜ୍ଞାନରଞ୍ଜନ ସାହୁ, ତହସିଲଦାର ସଂଗ୍ରାମ କେଶରୀ ଖୁଣ୍ଟିଆ, ଭଦ୍ରକ ଓ ଅନ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣି ଶିବିରରେ ମୋଟ ୧୫୮ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୩୩ ଟି ବ୍ୟକ୍ତିଗତ ଥିଲାବେଳେ, ୧୬ଟି ସାମୂହିକ ଥିଲା। ୧୮ଟିର ସମାଧାନ ସଙ୍ଗେ ସଙ୍ଗେ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଓ ରେଡକ୍ରସରୁ ୬ ଜଣଙ୍କୁ ମୋଟ ୭୦୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣିରେ ମୁଖ୍ୟତଃ ରେସନ କାର୍ଡ, ମଧୁବାବୁ ପେନସନ, ପି.ଏମ ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ ଅଭିଯୋଗ ଦାଖଲ ହୋଇଥିଲା।



# ମୁଖ୍ୟ ଚିକିତ୍ସାଳୟ ଡାଏଲିସିସ୍ କେନ୍ଦ୍ରରେ ଅବ୍ୟବସ୍ଥା




କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାଏଲିସିସ୍ କେନ୍ଦ୍ର ଅବ୍ୟବସ୍ଥାରେ ଚାଲିଥିବା ଅଭିଯୋଗ ହୋଇଛି। ଶନିବାର ସକାଳ ୮ଟାରେ ଡାଏଲିସିସ୍ ହେବାକୁ ଆସିଥିବା ରୋଗୀମାନେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ହଇରାଣ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଆଇ କେୟାର ସଂସ୍ଥା ଡାଏଲିସିସ୍ ପାଇଁ ବ୍ୟବହାର ହେଉଥିବା ଗ୍ଲୋଭସ, ହେପାରିନ,ତଷର ଆଦି ସାମଗ୍ରୀ ଯୋଗାଉଛି। ତେବେ ସୋମବାର ରୋଗୀମାନେ ସକାଳ ୮ଟାବେଳେ କେନ୍ଦ୍ରରେ ଡାଏଲିସିସ୍ ହେବାକୁ ଆସିଥିବା ବେଳେ ଏ ସବୁ ଜିନିଷ ନାହିଁ ଆଜି ଡାଏଲିସିସ୍ ହୋଇ ପାରିବ ନାହିଁ ବୋଲି ଦାୟିତ୍ୱରେ ଥିବା କର୍ମଚାରୀ କହିଥିଲେ। ଫଳରେ ରୋଗୀ ଙ୍କ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିପିନ୍ ବିହାରୀ ମିଶ୍ରଙ୍କୁ ଭେଟିବା ପରେ ସେ ଘଟଣାସ୍ଥଳରେ ପହଞ୍ଚି ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ଆଇକେୟାର ସହିତ ଆଲୋଚନା କରି ଡାଏଲିସିସ୍ ସେବା ଆରମ୍ଭ କରାଇଥିଲେ। ଅବହେଳା ନେଇ ନେଇ ମିଶ୍ର ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଦିଆଯିବ ବୋଲି କହିଛନ୍ତି। ତେବେ ଏହି କେନ୍ଦ୍ର ସଫାସୁତୁରା ନଥିବା ବେଳେ ରୋଗୀଙ୍କୁ ମାଗଣାରେ ମିଳିବାକୁ ଥିବା ବିଭିନ୍ନ ଔଷଧ ଓ ଇଞ୍ଜେକ୍ସନ ମିଳୁନାହିଁ। ଉପଯୁକ୍ତ କର୍ମଚାରୀ ଅଭାବ ଯୋଗୁଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସୁଥିବା ରୋଗୀମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ରୋଗୀଙ୍କୁ ପୂର୍ବରୁ ୬ମାସରେ ଇଞ୍ଜେକ୍ସନ, ଭାକମାଇସନ, ତଷର ଆସି ମାଗଣାରେ ମିଳୁଥିଲା। ଏବେ ଏହା ମିଳୁନଥିବାରୁ ରୋଗୀମାନେ ବାହାରୁ କିଣି ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି। ଅନେକ ଦିନରୁ ଏହି କେନ୍ଦ୍ରକୁ ଡାଏଲିସିସ୍ କରିବାକୁ ଆସୁଥିବା ରୋଗୀ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ରାଜ୍ୟ ମହିଳା କମିଶନ ଅଧକ୍ଷାଙ୍କୁ ସମ୍ବର୍ଦ୍ଧନା



ଜଲେଶ୍ୱର, (ଭାସ୍କର ନ୍ୟୁଜ): ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କୁ ଜଲେଶ୍ୱର ବିଜେପିର ପଦାଧିକାରୀ, କର୍ମକର୍ତ୍ତା, ଆଇନଜୀବୀ ଓ ଜନସାଧାରଣଙ୍କ ଦ୍ୱାରା ସମ୍ବର୍ଦ୍ଧନା କରା ଯାଇଥିଲା। ସୂଚନା ଅନୁସାରେ ରବିବାର ଦିବା ୧୨.୩୦ ମିନିଟ ସମୟରେ ଜଲେଶ୍ୱର ସହର ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କ ଜଲେଶ୍ୱର ପ୍ରଥମ ଗସ୍ତ ଅବସରରେ ଜଲେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଶ୍ରୀମତୀ ମହାନ୍ତିଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ମହିଳାଙ୍କ ପ୍ରତି ଦିନକୁ ଦିନ ବଢ଼ୁଥିବା ଅତ୍ୟାଚାର, ଶୋଷଣ ଓ ଦୁର୍ବ୍ୟବହାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ବରଦାସ୍ତ କରାଯିବ ନାହିଁ ଏବଂ ମହିଳା ମାନଙ୍କ ସୁରକ୍ଷା ଓ ନ୍ୟାୟ ମିଳିବା ଦିଗକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଅଧକ୍ଷା ମହାନ୍ତି ସ୍ପଷ୍ଟ ଭାବେ ସୂଚନା ଦେଇଥିଲେ। ସମ୍ବର୍ଦ୍ଧନା ସମୟରେ ପ୍ରତି ବ୍ରଜ ମୋହନ ପ୍ରଧାନ, ରାଜ୍ୟ ପରିଷଦ ସଭ୍ୟା ସୁମତି ଦେ, ସମୀର କୁମାର ପାତ୍ର, ଫାଲଗୁନି ପାଣିଗ୍ରାହୀ, ଶାନ୍ତନୁ ପଟ୍ଟନାୟକ, କାଳିଚରଣ ଦାସ, ରାଜେଶ ଖଟୁଆ, ଶିବାନାରାୟଣ ମହାପାତ୍ର, ସତ୍ୟ କର, ପାର୍ଥସାରଥୀ କର, ଆଇନଜୀବୀ ଶ୍ରୀକୃଷ୍ଣ ଗୁପ୍ତା, ସନ୍ଦୀପ ମହାନ୍ତି, ଇନ୍ଦ୍ରଜିତ ଗିରି, ଦେବଯାନୀ ବିଶ୍ୱାଳ, ସୁମତି ରଣା, ମଧୁସୂଦନ ଦଣ୍ଡ, ତାପସ ପାଣିଗ୍ରାହୀ, ବିପ୍ଳବ କୁମାର ପ୍ରଧାନ, ନିମାଇଁ ପ୍ରଧାନ, ବିଶ୍ୱଭୂଷଣ ଦାସ, ସୁଶାନ୍ତ କୋୟାଲ ପ୍ରମୁଖ ବହୁ ଦଳୀୟ ନେତୃତ୍ୱ ଉପସ୍ଥିତ ଥିଲେ।

# କାଁପଡ଼ା ବାସୁଳି ନୋଡାଲ ହାଇସ୍କୁଲରେ ଶିକ୍ଷକ ଅଭାବ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତର ବାସୁଳି ନୋଡାଲ ହାଇସ୍କୁଲରେ ଶିକ୍ଷକ ଅଭାବ ରହିଛି। ଯାହା ଫଳରେ ସ୍କୁଲର ଶିକ୍ଷାଦାନରେ ବାଧାପ୍ରାପ୍ତ ହୋଇଥିବାରୁ ଅଭିଭାବକ ଓ ଶିକ୍ଷା ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ସକାଳେ ସ୍କୁଲର ଗେଟ ତାଲା ପକାଇ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଶିକ୍ଷକ ପଦବୀ ପୂରଣ ଦାବିରେ ଧାରଣାରେ ବସିଥିଲେ। ବାସୁଳି ନୋଡାଲ ସ୍କୁଲରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୪୧ ଏବଂ ନବମ ଓ ୧୦ମ ଶ୍ରେଣୀରେ ୩୪୩ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଥିପାଇଁ ୨୨ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ମାତ୍ର ୧୨ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଶିକ୍ଷକ ପଦବୀ ପୂରଣ କରିବାକୁ ବିଭିନ୍ନ ସମୟରେ ପରିଚାଳନା କମିଟି ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଅଥଚ ହଠାତ୍ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଥିବାରୁ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନ ହେବ ସ୍କୁଲରେ ସଂସ୍କୃତ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଯାହାକୁ ନେଇ ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ଧାରଣାରେ ବସିବାକୁ ବାଧ୍ୟ ହୋଇଥିଲେ। ଖବର ପାଇ ସରପଞ୍ଚ କୁନ୍ତଳା ମଳିକ ସ୍କୁଲରେ ପହଞ୍ଚି ଶିକ୍ଷକ ପଦବୀ ପୂରଣ ନେଇ ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କ ସହିତ ଟେଲିଫୋନରେ ଆଲୋଚନା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି ୧ ସପ୍ତାହ ପୂର୍ବରୁ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପଦବୀ ପୂରଣ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ସରପଞ୍ଚ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଇଥିଲେ। ମନ୍ତ୍ରୀ ସୂରଜ ଖୁବ୍ ଶୀଘ୍ର ୩ଜଣ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ବ୍ଲକ ଶିକ୍ଷାଧିକାରୀ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ ଓ ସିଆରସିସି ଶନିଶ୍ଚର ମହାଳିକ ସ୍କୁଲରେ ପହଞ୍ଚି ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନଥିଲା। ଶେଷରେ ମଧ୍ୟାହ୍ନ ୧ଟାରେ ଛାତ୍ରଛାତ୍ରୀମାନେ ଘରକୁ ଫେରି ଯାଇଥିଲେ। ସନ୍ଧ୍ୟାରେ ସ୍କୁଲ ପରିଚାଳନା କମିଟି ଓ ବାସୁଳି କମିଟିର ବୈଠକ ବସିବ। ବୈଠକରେ ଯାହା ନିଷ୍ପତ୍ତି ହେବ ପୁଣି ସେହି ଅନୁସାରେ ଅଭିଭାବକ ଓ ପରିଚାଳନା କମଟି ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିଆଯିବ ବୋଲି ସୂଚନା ଦିଆଯାଇଛି। ପରିଚାଳନା କମିଟି ସଭାପତି ଲମ୍ବୋଦର ଦାସ, ଉପସଭାପତି ବନଲତା ଦାସ, ସଭ୍ୟା ଶକୁନ୍ତଳା ମଳିକ, ରୀନାରାଣୀ ମଳିକ, ବସନ୍ତ କୁମାର ଦାସ, ଅନାଦି ଚରଣ ମଳିକ, ପ୍ରମିଳା ମଳିକ, ସୁଧୀର ମଳିକ, ମାନସୀ ମଳିକ ପ୍ରମୁଖଙ୍କ ସହିତ ବହୁ ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣାରେ ସାମିଲ ହୋଇଥିବା ବେଳେ ପୂର୍ବତନ ଜିଲାପରିଷଦ ସଭ୍ୟ କମଳାକାନ୍ତ ଦାସ, ରମାକାନ୍ତ ଦାସ, ସୁବାସ ଚନ୍ଦ୍ର ଦାସ, ବାସୁଦେବ ଦାସ, ସୋମନାଥ ମଳିକ, ଦୁଃଖିରାମ ଦାସ, ମାର୍କଣ୍ଡ ମଳିକ ପ୍ରମୁଖଙ୍କ ସହ ଅନ୍ୟ କେତେକ ଗ୍ରାମବାସୀ ଧାରଣାର ନେତୃତ୍ୱ ନେଇଥିଲେ।

## ନିରାଶ୍ରୟ ମହିଳାଙ୍କୁ ଆଇନ ସହାୟତା

ରାୟଗଡ଼ା, (ଭାସ୍କର ନ୍ୟୁଜ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପାରା ଲିଗାଲ୍ ଭଲ୍ୟୁଣ୍ଟିର କୁମାରୀ ବାଡତ୍ୟା ଜଣେ ନିରାଶ୍ରୟ ମହିଳା କୁମାରୀ ନାଏକ, ସ୍ୱାମୀ-ଜନସେନ ନାୟକ, ନୂଆ ସାହି, ଜେ.ଏସ୍.କୋ, ରାୟଗଡାଙ୍କୁ ଠାବ କରି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣଙ୍କର ହସ୍ତଗତ କରିଥିଲେ ଓ ଉକ୍ତ ମହିଳା ଜଣକ ନିଜର ରହିବା, ଖାଇବା ଓ ନିଜର ଅସୁବିଧା କଥା ଲେଖି ଜଣାଇବା ସହିତ ସ୍ନେହା ସ୍ୱଧାର ଗୃହରେ ତାଙ୍କୁ ରହିବାର ବ୍ୟବସ୍ଥା କରାଇ ଦିଆଗଲେ ସେ ସୁରକ୍ଷିତ ମନେ କରିବେ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବଙ୍କୁ କହିଥିଲେ। ଏହାପରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କର ନିର୍ଦ୍ଦେଶକ୍ରମେ ପାରା ଲିଗାଲ୍ ଭଲ୍ୟୁଣ୍ଟିର କୁମାରୀ ବଡତ୍ୟାଙ୍କ ସହାୟତାରେ



ଉକ୍ତ ମହିଳାଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାୟଗଡା ସ୍ଥିତ ସ୍ନେହା ସ୍ୱଧାର ଗୃହରେ ଅବସ୍ଥାପିତ କରାଯାଇଛି।

# କରାଟେ ଚାମ୍ପିଅନସିପ୍‌ରେ ବେଦାନ୍ତ ମାର୍ଶାଲ୍ ଆର୍ଟସ୍ ଛାତ୍ରଛାତ୍ରୀଙ୍କର ଉତ୍କୃଷ୍ଟ ପ୍ରଦର୍ଶନ




ଝାରସୁଗୁଡ଼ା, (ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଏହାର ଝାରସୁଗୁଡ଼ା ସ୍ଥିତ ବେଦାନ୍ତ ମାର୍ଶାଲ୍ ଆର୍ଟସ୍ ତାଲିମ କେନ୍ଦ୍ରର ଛାତ୍ରମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ଦେଖାଇଛନ୍ତି, ଯେଉଁମାନେ ପଶ୍ଚିମବଙ୍ଗର ବୀରଭୂମ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ କରାଟେ ଫେଡେରେସନ୍ (ଏନକେଏଫ), ପୂର୍ବ ଜୋନ୍ କରାଟେ ଚାମ୍ପିଅନସିପ୍ ୨୦୨୫ ରେ ଚମକ ଆଣିଛନ୍ତି। ଦୃଢ଼ ଶୃଙ୍ଖଳା ଏବଂ କ୍ରୀଡା ଉତ୍କର୍ଷତା ପ୍ରଦର୍ଶନ କରି, ଯୁବ ଖେଳାଳିମାନେ ୭ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୩ ବ୍ରୋଞ୍ଜ ପଦକ ସମେତ ୧୨ ପଦକ ହାସଲ କରିଛନ୍ତି, ଯାହା ଫଳରେ ବେଦାନ୍ତ ମାର୍ଶାଲ୍ ଆର୍ଟସ୍ ସେଣ୍ଟରର ଏହି ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କାରୀଙ୍କ ମଧ୍ୟରେ ସ୍ଥାନ ପାଇଛି। ଏନକେଏଫ ଦ୍ୱାରା ଆୟୋଜିତ, ଏହି ଉଚ୍ଚସ୍ତରୀୟ ଟୁର୍ଣ୍ଣାମେଂଟକୁ ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ସହିତ ମିଳିତ ଭାବରେ ଫିଜିକାଲ୍ ଏଜୁକେସନ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ଦ୍ୱାରା ସମର୍ଥିତ କରାଯାଇଥିଲା। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବିହାର ସମେତ ପୂର୍ବ ଭାରତର ଯୁବ ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ବେଦାନ୍ତ ମାର୍ଶାଲ ଆର୍ଟସ୍ ତାଲିମ କେନ୍ଦ୍ରର ପଦକ ବିଜେତାମାନଙ୍କ ମଧ୍ୟରେ ଇଶ୍ମିତ ସିଂହ (୧୧) କାଟାରେ ୧ ସ୍ୱର୍ଣ୍ଣ ଏବଂ କୁମିତେରେ ୧ କାଂସ୍ୟ, ମୁକ୍ତିକାନ୍ତ ନାୟକ (୧୬) କାଟା, କୁମିତେ ଏବଂ ଟିମ୍ କାଟା ବର୍ଗରେ ୩ ସ୍ୱର୍ଣ୍ଣ ପଦକ, ଦୀପ୍ତେଶ ସାହୁ (୧୯) କୁମିତେରେ ୨ ସ୍ୱର୍ଣ୍ଣ ଏବଂ ଟିମ୍ କାଟା ସହିତ କାଟାରେ ଏକ ରୌପ୍ୟ ପଦକ, ସୌରଭ ଦାସ (୧୬)କାଟାରେ ଏକ ରୌପ୍ୟ ପଦକ ଏବଂ କୁମିତେରେ ଏକ କାଂସ୍ୟ ପଦକ ଏବଂ ରେଡ୍ଡୀ କମଲେଶ ପ୍ରଧାନ (୯) କାଟାରେ ଏକ ରୌପ୍ୟ ଏବଂ କୁମିତେରେ ଏକ କାଂସ୍ୟ ପଦକ ଜିତିଥିଲେ। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇ, ବେଦାନ୍ତ ଆଲୁମିନିୟମ - ଝାରସୁଗୁଡାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି.ଚନ୍ଦ୍ରୁ କହିଛନ୍ତି, “ବେଦାନ୍ତ ଆଲୁମିନିୟମରେ, ଆମେ ଯୁବପିଢ଼ିଙ୍କ ସାମଗ୍ରିକ ବିକାଶରେ ବିଶ୍ୱାସ କରୁ, କାରଣ ସେମାନେ ଆଗାମୀ ଦିନର ସ୍ଥପତି। ଆମେ ସେମାନଙ୍କୁ ଶିକ୍ଷା ଏବଂ ଦକ୍ଷତା ନିର୍ମାଣ ଠାରୁ ଆରମ୍ଭ କରି କ୍ରୀଡା ଏବଂ ସୁସ୍ଥତା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସଶକ୍ତ କରିବାକୁ ଚେଷ୍ଟା କରୁ। କ୍ରୀଡା ଉତ୍କର୍ଷତା କ୍ଷେତ୍ରରେ, ବେଦାନ୍ତ ମାର୍ସିଆଲ୍ ଆର୍ଟସ୍ ତାଲିମ କେନ୍ଦ୍ରର ଆମର ଛାତ୍ରଛାତ୍ରୀମାନେ ପୂର୍ବ ଜୋନ୍ କରାଟେ ଚାମ୍ପିଅନସିପରେ ସେମାନଙ୍କର ଚମତ୍କାର ପ୍ରଦର୍ଶନ ସହିତ ଆମକୁ ଅତ୍ୟନ୍ତ ଗର୍ବିତ କରିଛନ୍ତି। ସେମାନଙ୍କ ସଫଳତା ପ୍ରତିଫଳିତ କରେ ଯେ କ୍ରୀଡା କିପରି ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସ୍ଥିରତା ଏବଂ ଶୃଙ୍ଖଳା ଗଠନରେ ସାହାଯ୍ୟ କରେ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ଯାହା ଭାରତର ଅଧାରୁ ଅଧିକ ଆଲୁମିନିୟମ ଅର୍ଥାତ୍ ଆର୍ଥିକ ବର୍ଷ ୨୫ ରେ ୨.୪୨ ନିୟୁତ ଟନ୍ ଉତ୍ପାଦନ କରେ। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦରେ ଏକ ନେତା ଯାହା ମୂଳ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ପାଏ। ଆଲୁମିନିୟମ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୪ ବିଶ୍ୱ ର୍ୟାଂକିରେ ବେଦାନ୍ତ ଆଲୁମିନିୟମ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ଅଗ୍ରଣୀ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ‘ଭବିଷ୍ୟତର ଧାତୁ’ ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ପୂରଣ କରୁଛି।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର

ନବରଙ୍ଗପୁର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ



୫୮ଜଣ ଆବେଦନ କାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୫୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା।

# ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାନଯାଇ ଦମକଳ କେନ୍ଦ୍ର ଉଦ୍‌ଘାଟିତ

କଣାସ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳେର ଅବସ୍ଥାପିତ ହୋଇଥିବା ବେଳେ ରାସ୍ତାଘାଟର ସୁବିଧା ନ ଥିବାରୁ କଣାସ ବ୍ଲକର କୌଣସି ଗ୍ରାମେର ଅଗ୍ନିକାଣ୍ଡ ଘଟିଲେ ପୁରୀ କିମ୍ବା ଜଟଣି, ଟାଙ୍ଗି-ଚାନ୍ଦପୁର ଦୀର୍ଘ ୪୦କିମି ଦୂରରୁ ଦମକଳ ଆସି ବହୁ ବିଳମ୍ବରେ ପହଞ୍ଚି ଥିବାରୁ କଣାସ ଅଂଚଳବାସୀ କଣାସ ଠାରେ ଦମକଳ କେନ୍ଦ୍ର ଖୋଲିବା ପାଇଁ ବାରମ୍ବାର ଦାବି କରିବା ପରେ ପୂର୍ବ ବିଜେଡ଼ି ସରକାର ୧୨.୦୨.୨୦୧୩ ମସିହାରେ କଣାସ ପଞ୍ଚାୟତ ସମିତି ନିକଟ ବରଗଛ ତଳେ ଅସ୍ଥାୟୀ ଭାବେ ଦମକଳ କେନ୍ଦ୍ର ଖୋଲି ପର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସ୍ଥାୟୀ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ ଗୃହ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ହେଲା ସରିଥିଲେ ମଧ୍ୟ ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ୧୨ବର୍ଷ ହେଲା ସେହି ବରଗଛ ତଳେ



ଅସ୍ଥାୟୀ ଭାବେ ଦମକଳ କେନ୍ଦ୍ର ଚାଲିଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ୦୨.୦୪.୨୦୨୪ ଏବଂ ୨୧.୦୫.୨୦୨୪ ଓ ୦୨.୦୮.୨୦୨୫ରେ ତିନୋଟି ପତ୍ର ପୁରୀ ଜିଲ୍ଲାପାଳ ଗ୍ରାମ୍ୟ ଜଳଯୋଗାଣ ଅଧିକ୍ଷଣ ଯନ୍ତ୍ରୀଙ୍କୁ କଣାସ ଦମକଳ ବାହୀନିର ଅଧିକାରୀ ପାନୀୟଜଳ ଯୋଗ ଦେବାପାଇଁ ବାରମ୍ବାର ଦାବିପତ୍ର ଦିଇ ଆସିଥିଲେ ମଧ୍ୟ ସେଥିପ୍ରତି ଅଧିକାରୀମାନେ କର୍ଣ୍ଣପାତ କରି ନଥିବା ଜଣାପଡିଛି। ଏ ସମ୍ପର୍କରେ କଣାସ ଗ୍ରାମ୍ୟ ଜଳେଯାଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଂଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ମେଗା ପାଇପ୍ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି ଆଉ କିଛି ଦିନ ପେର ପାନୀୟଜଳ ଯୋଗାଇବା ସମ୍ଭବ ହେବ।

# ଗଣେଷ ପୂଜା ଉପଲକ୍ଷେ ରାସୋଳ ଉତ୍ସବ ମୁଖର

ବୋଲଗଡ, (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ସ୍ଥିତ ରାସୋଳ ଗ୍ରାମରେ ଗଣେଷ ପୂଜା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିଛି। ଗଣେଷଙ୍କପୂଜା ଦିନ ଠାରୁ ଭାଗବତ ଠାରୁ ଆରମ୍ଭ କରି ସଂକୀର୍ତ୍ତନ ପରିବେଷଣ ହୋଇଛି। ଗତକାଲି ରାସୋଳ ବଡ଼ ସାହି ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ସାମ୍ବାଦିକ ସତ୍ୟନାରାୟଣ ବାରିକ,ଗ୍ରାମ କମିଟି ସଭାପତି ପ୍ରଦୀପ ପାଲଟାସିଂହ, ସମ୍ପାଦକ ଗଙ୍ଗାଧର ଦଳେଇ, ଗୋପବନ୍ଧୁ ଯୁବକ ସଂଘର ସଭାପତି ବ୍ରହ୍ମାନନ୍ଦ ସାହୁ ଓ ସମ୍ପାଦକ ରମାକାନ୍ତ ପରିଡା ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମର ଏକତା ବଜାୟ ରହେ ବୋଲି ସରପଞ୍ଚ ସ୍ୱାଇଁ କହିଥିଲେ। ଯୁବକମାନଙ୍କ ପ୍ରୟାସରେ ଗ୍ରାମର ଉନ୍ନତି ଓ ବିକାଶ ହୋଇପାରିବ ବୋଲି ସମିତି ସଭ୍ୟ ମହାପାତ୍ର କହିଥିଲେ। ଯୁବଗୋଷ୍ଠୀ ଏକତାରେ ଦେଶର ଉର୍ନ୍ନତି ହୋଇପାରିବ ବୋଲି ସାମ୍ବାଦିକ ବାରିକ ମତ ପ୍ରକାଶ କରିଥିଲେ। ଅରବିନ୍ଦ ବଳିୟାରସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ସଂଘର ଯୁବଗୋଷ୍ଠୀ ଆନନ୍ଦ, ଅରବିନ୍ଦ, ଦିଲୁ, ସିଲୁ,



ମିଲୁ, ସୋନୁ, ବିକାଶ, ବାଙ୍କ, ସିତୁ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ସମସ୍ତଙ୍କୁ ସାମ୍ବାଦିକ ସତ୍ୟନାରାୟଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ସକାଳ ୧୦ଘଟିକା ସମୟରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଗୁଡ଼ାମେଟା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସରପଞ୍ଚ ମାଧବ ମାଡ଼ିଙ୍କ ଅଧକ୍ଷତାରେ ଏହି ଶିବିର ପରିଚାଳିତ ହୋଇଥିଲା। ନାୟବ ସରପଞ୍ଚ ସବିତା ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରାରାମ ଭୂମିଆ, କୋରୁକୋଣ୍ଡା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗରକର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଶିବିରକୁ ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଲୋକ ମାନେ ପ୍ରଥମେ ସେମାନଙ୍କର ନାମ ଓ ଠିକଣା ପଞ୍ଜିକରଣ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ପ୍ରାୟ ୧୩ ଅଭିଯୋଗ ସହିତ ୨ଜଣ ସ୍ଥାନୀୟ ବାସୀଙ୍କ ଆଧାର ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ। ଅନ୍ୟ ସମସ୍ତଙ୍କ ଅଭିଯୋଗ ଗୁଡିକ ତୁରନ୍ତ ଏ ଦିଗରେ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ଲକ କର୍ତ୍ତୃପକ୍ଷ କହିଛନ୍ତି।

# ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକରେ ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ସୋମବାର ସକାଳ ୭ ଘଣ୍ଟା ସମୟରେ ସାନସରପଲ୍ଲୀ ଡ୍ରାଇଭର ମହାସଂଘ କାର୍ଯ୍ୟାଳୟରେ ଶତାଧିକ ଡ୍ରାଇଭର ଉପସ୍ଥିତ ରହିଥିଲେ। ଡ୍ରାଇଭର ମହାସଂଘର ସଭାପତି ଲକ୍ଷ୍ମୀକାନ୍ତ ମାଝିଙ୍କ ଦ୍ୱାରା ପତକା ଉତ୍ତୋଳନ କରାଯାଇଥିଲା। ଉପସଭାପତି ସନ୍ତୋଷ ନାଗ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ ଅବସରରେ ଆଜକୁ ୪ ବର୍ଷ ହେଉଛି ପାଳନ କରିଆସୁଛୁ। ନିଜ କର୍ମମୟ ସମୟରେ ପୋଷାକ ପିନ୍ଧି ଗାଡ଼ି ଚଳାଇବା, ଏଥି ସହିତ ବ୍ଲକରେ ଆଜିପର୍ଯ୍ୟନ୍ତ ଅନେକ ନୂତନ ଡ୍ରାଇଭର ମାନଙ୍କୁ ମହାସଂଘରେ ସାମିଲ କରିବା, ସଂଘ ଆମକୁ ବଳ ଦେଇଥାଏ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରିୟରଞ୍ଜନ ରାୟ, ହେଚ ଯାମ୍ପା ଓ ଅନ୍ୟମାନଙ୍କ ଉପସ୍ଥିତିରେ ସାପ୍ତାହିକ ହାଟ ଥିବାରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ ପାଇଁ ପଦଯାତ୍ରା କରି ଲୋକଙ୍କୁ ଅବଗତ କରିଥିଲେ।

## ଟ୍ରକ ସହ କାରର ମୁହାଁମୁହିଁ ଧକ୍କା ଜଣେ ମୃତ, ୪ ଗୁରୁତର

ମାଲକାନଗିରି, (ଭାସ୍କର ନ୍ୟୁଜ): ସୀମାନ୍ତ ଛତିଶଗଡ ରାଜ୍ୟର କୋଣ୍ଟା ଥାନା ଅନ୍ତର୍ଗତ ଫନ୍ଦିଗୁଡା ନିକଟସ୍ଥ ମୁଖ୍ୟ ସଡକରେ ଆଜି ସକାଳ ସମୟ ପାଖାପାଖି ୯.୩୦ଟା ବେଳେ ଏକ ବାର ଚକିଆ ଟ୍ରକ ସହ ଏକ କାରର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା କୁହାଯାଉଛି। ମୃତକ ଜଣଙ୍କ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଭେଜାଙ୍ଗିୱାଡା ଗ୍ରାମର କିଶୋର ନାମକ ଯୁବକ ବୋଲି କୁହାଯାଉଥିବା ବେଳେ ତାଙ୍କ ଧର୍ମପତ୍ନୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ସମସ୍ତ ଗମ୍ଭୀର ଭାବେ ଆହାତ ବ୍ୟକ୍ତିଙ୍କୁ ଉନ୍ନତ ଚିକିତ୍ସା ନିମନ୍ତେ ଭଦ୍ରାଚଳମ ମୁଖ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। କୋଣ୍ଟା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# କରଞ୍ଜିଆ ଏନ୍‌ଏସିକୁ ଦ୍ୱିତୀୟ ଥର ପାଇଁ ମ୍ୟୁନିସିପାଲଟି ଘୋଷଣା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର ଦିନ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ପ୍ରାୟ ୪ ଘଟିକା ସମୟରେ ରାମଧୁନ ଓ ସକାଳ ୮ ଘଟିକା ସମୟରେ କାର୍ଯ୍ୟାଳୟ ଠାରେ ଅଧ୍ୟକ୍ଷା ପପି ପୃଷ୍ଟିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଗୁଡିକରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ଯୋଗଦେଇ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷ ଓ ଗୋଲେଇ ସ୍ଥିତ ମୟୂରଭଞ୍ଜ ମହାରାଜାଙ୍କ ପ୍ରତିମୂର୍ତ୍ତି ସ୍ଥଳୀଠାରେ ମାଲ୍ୟାର୍ପଣ ଏବଂ ପୂଜ୍ୟପୂଜା କରିବା ପରେ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ତେବେ ଏହି ସମୟରେ ସଫେଇ କାର୍ଯ୍ୟ ସଠିକ୍ ହୋଇନଥିବା ଦେଖି ବିଧାୟକ କ୍ଷୋଭ ପ୍ରକାଶ କରିବା ସହିତ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସତର୍କ କରିଥିଲେ। ସକାଳ ପ୍ରାୟ ୯ ଘଟିକା ସମୟରେ କରଞ୍ଜିଆ ସଂଗୀତ ମହାବିଦ୍ୟାଳୟ ପରିସରରେ ଏକ ସାଧାରଣସଭା ଏନଏସି ଅଧ୍ୟକ୍ଷା ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ହାଇବ୍ରୁରୁ, ସମ୍ମାନିତ ଅତିଥି ଭାବେ ପାଞ୍ଚପୀଢ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଯୋଗଦାନ କରିଥିଲେ। ଅନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା, କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ,ବରିଷ୍ଠ ୱାର୍ଡ କାଉନସିଲର ବିଶ୍ୱଜିତ୍ ଚୌଧୁରୀଙ୍କ ସମେତ କାଉନସିଲର ବୃନ୍ଦ ଯୋଗଦେଇଥିଲେ। ଅଧ୍ୟକ୍ଷା ପୃଷ୍ଟି ସ୍ୱାଗତ ଅଭିଭାଷଣ ରଖିବା ସହିତ ବିଜ୍ଞାପିତ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ରାଜ୍ୟ ସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହର ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ଭର୍ଚୁଆଲ ମୋଡରେ ନୂତନ ଭାବେ ନିର୍ମିତ ହୋଇଥିବା କଲ୍ୟାଣ ମଣ୍ଡପର ଶୁଭ ଉଦଘାଟନ ହେବା ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ୨୬ ଗୋଟି ନୂତନ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ, ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ, ଉତ୍ତମ କାର୍ଯ୍ୟ ଲାଗି ସଫେଇ କର୍ମଚାରୀ ଓ ସ୍ୱଚ୍ଛ ସାଥୀଙ୍କୁ ପୁରସ୍କାର ବଣ୍ଟନ,ଫୁଟବଲ ଟୁର୍ଣ୍ଣାମେଣ୍ଟର ବିଜୟୀ ଦଳ ଗୁଡ଼ିକୁ ପୁରସ୍କାର ବଣ୍ଟନ କରାଯାଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସୌଭାଗ୍ୟ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ କର୍ମଚାରୀ ବୃନ୍ଦ ସହଯୋଗ ପ୍ରଦାନ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କରଞ୍ଜିଆ ଏନଏସିକୁ ମ୍ୟୁନିସିପାଲଟି ଭାବେ ଘୋଷଣା କରିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିଲା। ଏହି ଘୋଷଣା ପରେ ବିଧାୟକ ହାଇବ୍ରୁରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ବିଶେଷ କୃତଜ୍ଞତା ଜଣାଇଥିଲେ। ଏହି ପଦକ୍ଷେପକୁ ଅଧ୍ୟକ୍ଷା ଶ୍ରୀମତୀ ପୃଷ୍ଟି, ଉପାଧ୍ୟକ୍ଷ ପରିଜାଙ୍କ ସମେତ ୱାର୍ଡ କାଉନସିଲର ବୃନ୍ଦ ସ୍ୱାଗତ ଜଣାଇଛନ୍ତି। ସେହିପରି ସ୍ଥାନୀୟ ବିଜେପି କାର୍ଯ୍ୟକର୍ତ୍ତା, କରଞ୍ଜିଆ ଓକିଲ ସଂଘ, ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ବଣିକସଂଘ, ସାମ୍ବାଦିକ ସଂଘ, ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀମାନେ ମଧ୍ୟ ଏହାକୁ ସ୍ୱାଗତ ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ସୂଚନା ଥାଉକି ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କରଞ୍ଜିଆ ଏନଏସିକୁ ମ୍ୟୁନିସିପାଲଟି ଭାବେ ଘୋଷଣା କରିଥିଲେ। ଯାହାକୁ ସେତେବେଳେ ମଧ୍ୟ ସାଧାରଣରେ ସ୍ୱାଗତ ଜଣାଯାଇଥିଲା।

## ବିଭିନ୍ନ ସ୍ଥାନରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ରାମଧୂନ ସହ ମଶାଲ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମାପନ








**ଭବାନୀପାଟଣା, (ଭାସ୍କର ନ୍ୟୁଜ୍):** ସ୍ଥାନୀୟ ପୌରପାଳିକା ପକ୍ଷରୁ ଆନନ୍ଦ ଉଲ୍ଲାସ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ଦିନ ପ୍ରାତଃ ଘ. ୪. ୩୦ମି. ସମୟରେ ରାମଧୂନ ପରିବେଷଣ କରାଯିବା ପରେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସକାଳ ଘ. ୮ ଷ୍ଟା ସମୟରେ ପୌର ପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ନଗରପାଳ ବିଷ୍ଣୁ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେପରେ ମାଆ ମାଣିକେଶ୍ୱରୀଙ୍କ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବାସହ ସ୍ଥାନୀୟ ଟାଉନହଲ ଠାରେ ପହଞ୍ଚିଥିଲା। ସନ୍ଧ୍ୟା ଘ.୬. ୩୦ମି. ଟାଉନହଲରେ ଏକ ସାଧାରଣ ସଭା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୌରପାଳିକାର ଅଧକ୍ଷ ବିଷ୍ଣୁ ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲପାଳ ତନ୍ମୟ କୁମାର ଦରଓ୍ୱାନ ଓ ଅନ୍ୟତମ ସମ୍ମାନିତ ଅତିଥି ରୂପେ ପ୍ରବେସନରେ ଥିବା ଆଇଏଏସ୍ ଅଧିକାରୀ ଅନିମେଷ ପ୍ରଧାନ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା ଓ କୁସୁମଖୁଣ୍ଟିର ସ୍ୱତନ୍ତ୍ର ଭୂ-ଅଧିଗ୍ରହଣ ଅଧିକାରୀ ଚିନ୍ମୟ କୁମାର ନାୟକ, ପୌର ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ଏବଂ ୧୭ ଟି ଓ୍ୱାର୍ଡର କାଉନସିଲର ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୌରାଧକ୍ଷ ଶ୍ରୀ ପ୍ରଧାନ ଅତିଥି ଓ ଉପସ୍ଥିତ ସହରବାସୀଙ୍କୁ ଏହି ଦିବସ ଉପଲକ୍ଷେ ସ୍ୱାଗତ ଓ ଶୁଭେଚ୍ଛା ଜଣାଇବା ସହ ସହରକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବାପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ଓ କାଉନସିଲର ମାନେ ଆହୁରି ଅଧିକ କ୍ରିୟାଶୀଳ ହେବାପାଇଁ ଅନୁରୋଧ କରିଥିଲେ। ମୁଖ୍ୟ ଅତିଥି ସାଂସଦ ମାଳବିକା ଦେବୀ ତାଙ୍କ ଅଭିଭାଷଣରେ ଭବାନୀପାଟଣା ସହରକୁ ସ୍ୱଚ୍ଛ ରଖିବାରେ ପୌର କର୍ମଚାରୀମାନଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ ଓ ଭବାନୀପାଟଣା ପୌର ପରିଷଦକୁ ଖୁବଶୀଘ୍ର ଛଅ ଗୋଟି ହାଇମାକ୍ସ ଲାଇଟ ଯୋଗାଇ ଦେବାପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହି ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିବାବେଳେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକ ମାନଙ୍କୁ ଅଭିଭୂତ କରିଥିଲେ। ସମସ୍ତ ମଞ୍ଚ କାର୍ଯ୍ୟକ୍ରମକୁ ବିଶିଷ୍ଟ ଆଇନଜୀବୀ ସଂଜୀବ କୁମାର ସିଂ ପରିଚାଳନା କରିଥିଲେ। ଶେଷରେ କାଉନସିଲର କ୍ଷୀରସିନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ପୌର ପରିଷଦର ସମସ୍ତ ସଭ୍ୟସଭ୍ୟା, ଅଧିକାରୀ ତଥା କର୍ମଚାରୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

**ଧର୍ମଗଡ (ଭାସ୍କର ନ୍ୟୁଜ) :** କଳାହାଣ୍ଡି ଜିଲ୍ଲା ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଏନ୍ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ନଗରପାଳ ଅଶୋକ ମହାନ୍ତି, ଉପାଧକ୍ଷା ମନୀଷା ମିଶ୍ର, ସମାଜସେବୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲ,କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ର, ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ଅବସରରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱାୟତ୍ତ ଶାସନ ଦିବସର ଲୋକାର୍ପଣ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ସିଧାପ୍ରସାରଣ ଦେଖିଲେ ଧର୍ମଗଡ ବିଧାୟକ ସମେତ ଏନଏସିର ସମସ୍ତ କର୍ମଚାରୀ, ଓ ସାଧାରଣ ଜନତା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଧର୍ମଗଡ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ଭେଣ୍ଡିଙ୍ଗ ଜୋନ ଏବଂ ଏନ୍ଏସି ସଭାଗୃହକୁ ଧର୍ମଗଡ ବିଧାୟକ ଉଦ୍‌ଘାଟନ କରିଥିଲେ।

**କେସିଙ୍ଗା,(ଭାସ୍କର ନ୍ୟୁଜ) :** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ଏସିରେ ମହା ଆଡ଼ମ୍ବରରେ ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇଯାଇଛି। ଏଥିପାଇଁ ଏନ୍ଏସି ନିକଟସ୍ଥ କଲ୍ୟାଣ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସକାଳ ସମୟରେ ସହରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧକ୍ଷଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ପରେ ପରିଷଦ ବୃନ୍ଦ,ଏନ୍ଏସି କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସଚେତନତାର ବାର୍ତ୍ତା ନେଇ ସହର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ପରେ ସହରରେ କେସିଙ୍ଗା ଏନ୍ଏସି ପକ୍ଷରୁ ବିଭିନ୍ନ ଓ୍ୱାର୍ଡରେ ନବନିର୍ମିତ ପ୍ରକଳ୍ପ ଗୁଡ଼ିକର ଯଥା କଂସେଇ ଖାନା, ଗୋଷ୍ଠୀ କେନ୍ଦ୍ର, ମିଶନ ଶକ୍ତି ଗୃହ ଉଦ୍ଘାଟନ କରାଯାଇ ଅଞ୍ଚଳବାସୀଙ୍କୁ ଉତ୍ସର୍ଗୀଗତ କରାଯାଇଥିଲା ଏବଂ ଶେଷରେ କଲ୍ୟାଣ ମଣ୍ଡପ ଠାରେ ଅଧକ୍ଷ ନୃପ ରାଜ ଯାଦବଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଅଧକ୍ଷ ନିଜ ଅଭିଭାଷଣରେ କେସିଙ୍ଗା ଏନ୍ଏସି ପକ୍ଷରୁ ଉନ୍ନତି ମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ଏନ୍ଏସି ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନକୁ ପୁରସ୍କାର ବଣ୍ଟନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ।

## ମ.ରାମପୁରକୁ ଏନ୍ଏସି ମାନ୍ୟତା ନ ମିଳିବାରୁ ଜନଅସନ୍ତୋଷ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ଏନ୍ଏସି ତାଲିକାରେ ମ. ରାମପୁର ସହର ମାନ୍ୟତାରୁ ବାଦ୍ ପଡ଼ିଛି। ଯାହାକୁ ନେଇ ଉକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ମ.ରାମପୁର ସଚେତନ ନାଗରିକ ମଞ୍ଚ ତରଫରୁ ସ୍ଥାନୀୟ ଡାକ ବଙ୍ଗଳା ଓ ବସ୍ ଷ୍ଟାଣ୍ଡ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ସମାଜସେବୀ ସତ୍ୟ ନାରାୟଣ ସାହୁ, ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ ସାମନ୍ତରା, ବିକାଶ ରଞ୍ଜନ ସିଂହଦେଓ, ମ.ରାମପୁର ଜନଜାଗରଣ ମଞ୍ଚ ସଭାପତି ଚମରା ବଗର୍ତ୍ତ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ପାତରଅନ୍ତର ନୀତିକୁ ଦୃଢ଼ ନିନ୍ଦା କରିଥିଲେ। ଯଦିଓ ମ.ରାମପୁର ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ନ କରନ୍ତି ତେବେ ଆଗାମୀ ଦିନରେ ଉକ୍ତ ଅଞ୍ଚଳର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ସହ ବିଧାନସଭା ସମ୍ମୁଖରେ ଧାରଣା ଦେବା ନେଇ ଚେତାବନୀ ଦେଇଛନ୍ତି।

## ୧୦ରେ ଯାଦବ ସମାଜର ନୂଆଁଖାଇ ଭେଟଘାଟ

ନର୍ଲା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜ ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ନୂଆଖାଇ ଭେଟଘାଟ। ରୁପ୍ରାରୋଡ଼ ଲକ୍ଷ୍ମୀ ପୂଜା ମଣ୍ଡପ ଠାରେ ଆସନ୍ତା ସେପ୍ଟେମ୍ବର ୧୦ ତାରିଖ ବୁଧବାର ଦିନ ଏନେଇ ଭବ୍ୟ କାର୍ଯ୍ୟକ୍ରମ ହେବ ବୋଲି ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜର ସଭାପତି ତ୍ରିଲୋଚନ ଗଉଡ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯାଦବ ସଂସ୍କୃତିର ମହାନ ବିଭବ ବାଡ଼ିଖେଳ ପ୍ରଦର୍ଶିତ ହେବା ସହ ମଶାଲ ଯାତ୍ରା, ସାମାଜିକ ସଭା ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଅତିଥି ଭାବେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ। ଚୁଡାନ୍ତ ପ୍ରସ୍ତୁତି ବୈଠକରେ ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜର ସଭାପତି ତ୍ରିଲୋଚନ ଗଉଡ, ଉପସଭାପତି ପିତାମ୍ବର ଖୁଣ୍ଟିଆ, ସାଧାରଣ ସମ୍ପାଦକ ଲକ୍ଷ୍ମଣ କରୁଆଁ, ଯୁଗ୍ମ ସମ୍ପାଦକ ସୁବାଶ ଗହୀର, କୋଷାଧକ୍ଷ ଅର୍ଜୁନ ଭୋଇ, ପାତ୍ର ବାଗ, ନରେଶ ଗଉଡ, ନିରାକାର ଗଉଡ, ଜନକ ପୋଢ, ପୂର୍ଣ୍ଣଚନ୍ଦ୍ର କରୁଆଁ, ଅଶୋକ ହଂସ, ସନ୍ତୋଷ ସେଲମା ପ୍ରମୁଖଙ୍କ ସହ ଅନେକ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

## ୫୦ ଲିଟର ମଦ ସହ ବାଇକ ଜବତ, ଜଣେ ଗିରଫ

ଧର୍ମଗଡ, (ଭାସ୍କର ନ୍ୟୁଜ୍) : ଧର୍ମଗଡ ଅବକାରୀ ବିଭାଗ ପକ୍ଷରୁ ଆଜି ୫୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲାରୁ କଳାହାଣ୍ଡିର ବେହେରା ଅଞ୍ଚଳକୁ ଦେଶୀ ମଦ ଚାଲାଣ ହେଉଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥି ସହ ମଦ ଚାଲାଣରେ ବ୍ୟବହୃତ ବାଇକ ନଂ ସିଜି ୦୫-୯୧୨୧କୁ ମଧ୍ୟ ଜବତ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ନବରଙ୍ଗପୁର ଜିଲ୍ଲାର ଚଞ୍ଚା ଗାଁର ରାଏଧର୍ ଗଉଡ (୨୧) ପି: ଧନୁର୍ଜୟ ଗୌଡ। ବିଭାଗ ପକ୍ଷରୁ କେସ ନଂ ୯୭/୨୫ରେ ଏକ ମାମଲା ରୁଜୁ କରା ଯାଇ ଥିବା ଅବକାରୀ ଏସ ଆଇ ପ୍ରତିମା ବେହେରାଙ୍କ ଠାରୁ ପ୍ରକାଶ ।

## ଏନ୍ଏସି ମାନ୍ୟତା ପାଇବା ପରେ ଖୁସିର ଲହରୀ

ଜୟପାଟଣା, (ଭାସ୍କର ନ୍ୟୁଜ୍): ସାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡିର ଜୟପାଟଣା ଏନ୍ଏସି ଘୋଷଣା କରିବା ପରେ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇଛନ୍ତି ଜନତା। ପୂର୍ବ ବିଜେଡ଼ି ସରକାର ସମୟରେ ଜୟପାଟଣାକୁ ଏନ୍ଏସି ଘୋଷଣା ହୋଇଥିଲା କିନ୍ତୁ ସରକାର ବଦଳିବା ପରେ ନିକଟରେ ବର୍ତ୍ତମାନର ବିଜେପି ସରକାର ୧୨ ଗୋଟି ଅଞ୍ଚଳକୁ ଏନ୍ଏସି ଘୋଷଣା କରିଥିଲେ। ଏଥିରେ ଜୟପାଟଣାକୁ ବାଦ ଦିଆଯାଇଥିବା ବେଳେ ବିଜେଡ଼ି ପକ୍ଷରୁ ୬ ଘଣ୍ଟିଆ ବନ୍ଦ ଡାକରା ଦେଇ ଜୟପାଟଣାକୁ ଏନ୍ଏସି ଘୋଷଣା କରିବା ପାଇଁ ଦାବି କରାଯାଇଥିଲା। ବର୍ତ୍ତମାନ ବହୁ ପ୍ରତୀକ୍ଷିତ ଜୟପାଟଣା ଏନ୍ଏସି ପାଇଁ ଅଞ୍ଚଳରେ ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।

## ମୋଦୀଜୀଙ୍କ ମାତାଙ୍କ ପ୍ରତି ଅପଶବ୍ଦ ବ୍ୟବହାରକୁ ବିରୋଧ

# ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡଗେଙ୍କ କୁଶପୁତ୍ତଳିକା ଦାହ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ବିହାରର ଦରଭଙ୍ଗା ଠାରେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ପକ୍ଷରୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀ ଜୀ ଓ ମୋଦୀଜୀଙ୍କ ମାତାଙ୍କ ପ୍ରତି ବ୍ୟବହାର କରିଥିବା ଅଶ୍ଳୀଳ ଅପଶବ୍ଦ ଓ କଂଗ୍ରେସର ହୀନ ରାଜନୀତିକୁ ବିରୋଧ କରି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଧର୍ମଗଡ଼ ସହର ପରିକ୍ରମା କରି ଚାରିଛକ ଠାରେ ବିରୋଧି ଦଳର ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ବିଗତ କିଛି ଦିନ ହେବ ବିହାର ନିର୍ବାଚନ ପୂର୍ବରୁ ସାଧାରଣ ଜନତାଙ୍କ ମନରେ ବିଭ୍ରାନ୍ତ ସୃଷ୍ଟି କରିବା ପାଇଁ କଂଗ୍ରେସ ନେତା ଓ କଂଗ୍ରେସର ସହଯୋଗୀ ଦଳ ଗୁଡିକ ନିର୍ବାଚନ କମିଶନ୍ ଦ୍ୱାରା ଲାଗୁ ହୋଇଥିବା ଏସ୍‌ଆଇଆର୍ ବିରୋଧରେ ରାଲି ଓ ଜନସଭାର ଆୟୋଜନ କରି ଭୋଟରଙ୍କୁ ବିଭ୍ରାନ୍ତ କରିବା ପାଇଁ ଅପଚେଷ୍ଟା ଚଳାଇଥିବା ବେଳେ ବିହାର ଜନତାଙ୍କ ସମର୍ଥନ ମିଳୁ ନ ଥିବା କାରଣରୁ ହତାଶା ଓ ନିରାଶା ହୋଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶେଷରେ ନିଜ ମର୍ଯ୍ୟାଦାର ସୀମା ଉଲଂଘନ କରି ଦେଶର ପ୍ରଧାନମନ୍ତ୍ରୀ ଓ ତାଙ୍କ ମାତାଙ୍କ ଉପରେ ଅଶାଳୀନ ମନ୍ତବ୍ୟ ଓ ଅସଭ୍ୟ ଭାଷାର ପ୍ରୟୋଗ କରୁଥିବା ସମସ୍ତ ଗଣମାଧ୍ୟମ ଓ ସମ୍ବାଦ ପତ୍ରରେ ପ୍ରକାଶିତ ହେଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏହି ଘୃଣ୍ୟ କାର୍ଯ୍ୟକୁ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ପ୍ରକାଶ କରିଥିଲେ। ଧର୍ମଗଡ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଷୀ, ନଗର ପାଳ ଅଶୋକ କୁମାର ମହାନ୍ତି, ବରିଷ୍ଠ ନେତା ଧନଞ୍ଜୟ ପାତ୍ର, ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଅପ୍ରେସ ସ୍ୱାଇଁ, ଜଗବନ୍ଧୁ ମିଶ୍ର, ଆଚାର୍ଯ୍ୟ ହୃଷୀକେଶ ମିଶ୍ର, ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ମଣ୍ଡଳ ସଭାପତି ଚତୁର୍ଭୁଜ ତାଣ୍ଡି, ନଗର ସଭାପତି ସୌରଭ ମିତ୍ତଲ, ହେମନ୍ତ କୁମାର ମାଝୀ,ନାରୀ ନେତ୍ରୀ ମମତା କାଶ୍ୟପ ସମେତ ଶତାଧିକ ବିଜେପି କର୍ମୀ ଏଥିରେ ଯୋଗ ଦେଇଥିଲେ।

# ନୂଆଁଖାଇ ପରେ ଆରମ୍ଭ ହେଲା ବନ୍ଧୁ ଭେଟ୍



କୋକସରା, (ଭାସ୍କର ନ୍ୟୁଜ) : ନୂଆଁଖାଇ ପରେ ପରେ ଏକ ନିଆରା ପରମ୍ପରା କୋକସରା ସମେତ କଳାହାଣ୍ଡିରେ ଦେଖିବାକୁ ମିଳିଛି। ଏହା ହେଉଛି 'ବନ୍ଧୁ ଭେଟ୍'। ଗୁରୁବାର ଦିନ କୋକସରା ବ୍ଲକର ପ୍ରାୟ ପ୍ରତ୍ୟେକ ଗାଁରେ ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଥିଲା ନୂଆଖାଇ। ଶୁକ୍ରବାର ନୂଆଖାଇ ବାସୀ ଓ ଶନିବାର ତିଆସୀ ପର୍ବ ପରେ ରବିବାର ଠାରୁ ଆରମ୍ଭ ହୋଇଛି ବନ୍ଧୁ ଭେଟ୍। ଲୋକେ ଝିଅ ଜ୍ୱାଇଁ ଓ ବନ୍ଧୁବାନ୍ଧବ ଘରକୁ ଯିବା ଆରମ୍ଭ କରି ଦେଇଛନ୍ତି। ପ୍ରାଚୀନ କାଳରୁ ଆଦି ସଂସ୍କୃତିର ଧାରାକୁ ନେଇ ପରିପୁଷ୍ଟ ହୋଇଥିବା ମହାପାର୍ବଣ ନୂଆଖାଇର ଏକ ବିଶିଷ୍ଟ ତଥା ଅନ୍ତିମ ପର୍ଯ୍ୟାୟ ହେଉଛି ବନ୍ଧୁ ଭେଟ୍। ପାରିବାରିକ ଓ ସାମାଜିକ ବନ୍ଧନ ଦୃଢ଼ କରିବାରେ ଏହି ପାର୍ବଣ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ନୂଆଁଖାଇ ପର୍ବ ଭାଇ, ପାଖ ପଡିଶା, ଗାଁର ବନ୍ଧୁ ଆଦିଙ୍କୁ ଏକତା ସୂତ୍ରରେ ବାନ୍ଧିଥାଏ। ଗୃହକର୍ତ୍ତାମାନେ ଗୌଣ୍ଟିଆ, ଜାନୀ, ଝାଙ୍କର, ଗଣା ଆଦିଙ୍କୁ ମଧ ସାଧ ମୁତାବକ ଭାଡିଆ ପ୍ରଦାନ କରିଥାନ୍ତି। ନୂଆଁଖାଇ ସନ୍ଧ୍ୟାରେ ହଳିଆ ତୁଲିଆ ଓ ବୟୋବୃଦ୍ଧମାନେ ଗ୍ରାମର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଘରକୁ ଯାଇ ନୂଆଖାଇ ଟଙ୍କା ଆଣି ମଦ ପିଇଥାନ୍ତି। ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବୟସ୍କ ବ୍ୟକ୍ତିମାନେ ତାସ୍ ଖେଳିବା ସହ ଢାପ୍, ଘୁଡ଼କା, ବାଡିଖେଳ, ଘୁମୁରା ଆଦି ମନୋରଞ୍ଜନଧର୍ମୀ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥାନ୍ତି। ନୂଆଁଖାଇ ପରଦିନକୁ ବାସି ଭାବେ ପାଳନ କରାଯାଏ। ଏହା ହେଉଛି ମଉଜ ମଜଲିସର ଦିନ। ଘରେ ଘରେ ମାଂସ ରନ୍ଧାଯାଇ ସମସ୍ତେ ଖୁସି ମନରେ ଖାଇଥାନ୍ତି। ଚାଷୀ, ଖଟିଖିଆ ଓ ବିଭିନ୍ନ କର୍ମଜୀବୀ ଏହି ଅବସରରେ ସମସ୍ତ ଦୁଃଖ କଷ୍ଟ ଭୁଲି ଯାଇଥାନ୍ତି। ନୂଆଁଖାଇର ସପ୍ତାହେ ମଧ୍ୟରେ ଗୃହକର୍ତ୍ତା କିମ୍ବା ପରିବାରର ସଦସ୍ୟମାନେ ଝିଅଜ୍ୱାଇଁ, ବନ୍ଧୁବାନ୍ଧବ ଘରକୁ ବୁଲିଯିବାର ପରମ୍ପରା ରହିଛି। ନୂଆଖାଇ ପରେ ଘରକୁ କୁଣିଆ ଆସିଲେ ତାଙ୍କୁ ପରିବାର ପକ୍ଷରୁ ବିଶେଷ ଭାବେ ଚର୍ଚ୍ଚା କରାଯାଏ। ଲୋକେ ଏହି ସମୟରେ ଝିଅ ଜ୍ୱାଇଁଙ୍କ ଘରେ ଅତି କମରେ ଦୁଇ ତିନି ଦିନ ବିତାଇ ନିଜ ଘରକୁ ଫେରିଥାନ୍ତି। ଏହାପରେ ଝିଅ ଜ୍ୱାଇଁ ସମୁଦି ସମୁଦୁଣି ମଧ ଆସି ଦୁଇ ତିନି ଦିନରୁ ଆରମ୍ଭ କରି ସପ୍ତାହେ ପର୍ଯ୍ୟନ୍ତ କଟାଇଥାନ୍ତି। କେଉଁ ଏକ ଆବାହମାନ କାଳରୁ ଚଳିଆସିଥିବା ନୂଆଁଖାଇ ପାର୍ବଣ ମାଧ୍ୟମରେ ସମାଜରେ ଏକ ସୁସ୍ଥ ବାତାବରଣ ତିଆରି ହୋଇଥାଏ। ପାରିବାରିକ ଓ ସାମାଜିକ ବନ୍ଧନ ଦୃଢ଼ କରିବାରେ ଏହି ପାର୍ବଣ ମୁଖ୍ୟ ଭୂମିକା ନିର୍ବାହ କରିଥାଏ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋକସରା, (ଭାସ୍କର ନ୍ୟୁଜ) : କୋକସରା ବ୍ଲକ ତେନ୍ତୁଳିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ନାଗଙ୍କ ଉଦ୍ଦେଶ୍ୟରେ ରବିବାର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ ଜୟନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କୋକସରା ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସିଆର୍‌ସିସି ବୈକୁଣ୍ଠ ଜାଲ ମୁଖ୍ୟବକ୍ତା, ସିଆର୍‌ସିସି ଫାଲଗୁନି ବାଣୁଆ, ସଭାପତି (ଏନପିଏସ୍) ସି.ଏମ୍ ପୁଝାରୀ, ସଭାପତି ଏକ୍ସକେଡର ଗଗନ ପଟ୍ଟନାୟକ, କୁଲେରଗୁଡା ସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜିବ ପାଢ଼ୀ, ମହାଜନଗୁଡା ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ବାଣୁଆ, ନାଏକପଡା ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନାଗଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବଂ ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରାଯାଇଥିଲା। ଶିକ୍ଷକ ଇଶ୍ୱରୀ ପ୍ରସାଦ ଅଗସ୍ତି ମାନପତ୍ର ପଠନ କରିଥିଲେ। ମଞ୍ଚକୁ ଚିତ୍ତରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ ଶିକ୍ଷକ ଭାଗ୍ୟବାନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ


**ମଙ୍ଗଳବାର, ୦୨ ସେପ୍ଟେମ୍ବର ୨୦୨୫**



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ପରିବାର ସହିତ ଦିନଟି ଖୁସିରେ ବିତାଇବେ। ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ। ବ୍ୟବସାୟ ଭଲ ହେବ। ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। କ୍ରନିକ ରୋଗ ଦେଖାଦେଇପାରେ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଏହା ବହୁତ ଲାଭଦାୟକ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ।



**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଦିନଟି ଭଲ ରହିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗରେ ପ୍ରବେଶ କରନ୍ତୁ।



**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** କିଛି ବଡ ଅସୁବିଧା ଆସିପାରେ। ତାହା ଅଧିକ ଦ୍ରୁତ ଗତିରେ ଆସିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। କ୍ରନିକ ରୋଗ ଦେଖାଦେଇପାରେ। ଆପଣଙ୍କର ଗୁରୁଙ୍କଠାରୁ ଆଶୀର୍ବାଦ ନିଅନ୍ତୁ, ପାରିବାରିକ ଜୀବନ ସୁଖଦ ହେବ।




**ଧନୁ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ପିକନିକ୍ ଉପଭୋଗ କରାଯିବ। ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।



**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଆସିପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ। ବ୍ୟବସାୟ ଲାଭଦାୟକ ହେବ। ଅନେକ ଲୋକଙ୍କ ପାଇଁ ଆଜିର ରୋମାଣ୍ଟିକ୍ ସନ୍ଧ୍ୟା ସୁନ୍ଦର ଉପହାର ଏବଂ ଫୁଲରେ ପରିପୂର୍ଣ୍ଣ ହେବ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ।



ଜ୍ୟୋତିଷ ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯